# ସମାରୋହ

ଡିସେମ୍ବର ୨୦୨୪ www.samaroha.in



# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

torrent
ADVERTISERS

R.Shed No.37,Rasulgarh Ind. Estate
Bhubaneswar - 751010, Odisha


Mob - 9437021015
Email - torrentadv1 @gmail.com

Branch Office
Cuttack, Sambalpur, Rourkela, Behrampur, Puri

- Deals In -
Hoarding, Bulletin, Kiosks, Backlit, Mobile Van
Hi-tech Bus Shelters

SABURI®
PLYWOOD

www.saburiply.com
✆ 1800 313 666 000


Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 3**
**December - 2024**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*

## ସୂଚୀପତ୍ର

### ପ୍ରବନ୍ଧ

**ମହାପ୍ରଭୁଙ୍କ ଦେବ ଦୀପାବଳୀ ଓ ଶ୍ରାଦ୍ଧ ବେଶ**
ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ............. ୭

### କଥା ଓ କାହାଣୀ

**ଅମାନବିକ ଜୀବନଛାୟା**
ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ........ ୯
**ବିଚାରୀ ଅନୁ** ବିଷ୍ଣୁ ଚରଣ ଚୌଧୁରୀ.................... ୧୩
**ନୀରବ ପ୍ରତିଶୋଧ** ଆଭା ମିଶ୍ର............................... ୧୭
**ବଡ୍‌କା** ଲେଖିକା - ଜ୍ୟୋସ୍ନା ସିଂହ
ଅନୁବାଦ - ସୁବାସିନୀ ରଥ............... ୨୪
**ସୀମାରେଖାର ସୀମା** ଶ୍ରୀମତୀ ଆଶାପୂର୍ଣ୍ଣାଦେବୀ
ଅନୁବାଦ: ବିଜୟା ମିଶ୍ର................... ୨୭
**ମହାନ୍ ଯୋଗାତ୍ମା ଚୈତନ୍ୟ ପ୍ରଜ୍ଞ**
ଅନୁବାଦ: ଶ୍ରୀମତୀ ନିରୁପମା ମିଶ୍ର..........୩୨
**ପୂର୍ଣ୍ଣିମୀ ଜହ୍ନର ତମିସ୍ରା**
ବୀରେଶ୍ୱର ମହାନ୍ତି........................ ୩୫

### ଧାରାବାହିକ ଉପନ୍ୟାସ

**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା...................୩୮

### କବିତା

**ନଈବଂଧ** ଡକ୍ଟର ନାରାୟଣ ପଣ୍ଡା..................... ୪୫
**ମୁଁ ଚଢ଼େଇ କହୁଚି** ଡ. ସୁଷମା ମିଶ୍ର........................... ୪୫
**ବରଷା** ଡା଼ଃ ମନୋରଞ୍ଜନ ଦାଶ.................... ୪୬
**କଂସେଇର କଦର୍ଥନା** କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ....................... ୪୬
**ମୁଖା** ସୁଶୀଲ କୁମାର ପାଣିଗ୍ରାହୀ.................. ୪୭
**ସପନର ବେପାର** ସ୍ୱୟଂପ୍ରଭା ରଥ............................୪୮
**ମାଟି ହାଣ୍ଡି** ଡାକ୍ତର କୃଷ୍ଣ ଚନ୍ଦ୍ର ରଥ..................... ୪୯
**ତୁମେ ଆସିବା ପରେ** ଗୋପାଳ ଚନ୍ଦ୍ର ମିଶ୍ର............. ୪୯
**ତୁମେ ତ ଆସିଲା ପରେ !!** ରାହାସ କୁମାର ବେହେରା...... ୫୦
**ନାରୀ, ବେଗମତୀ ନଈ** ସୁଜିତ କୁମାର ମିଶ୍ର............ ୫୧
**ଉପାନ୍ତର ଅନ୍ତଃଚିତ୍ର** ଜ୍ୟୋତି ପ୍ରକାଶ କର...................... ୫୨

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**
- **ଶ୍ରୀ ଦେବ ପଟ୍ଟନାୟକ**
- **ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
- **ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
- **ଡା. ଅମରେନ୍ଦ୍ରନାଥ ଦାସ**


## ତନ୍ମାତ୍ର

**ଆଉଥରେ ସିଂହମ୍**.................................................. ୫୩

## ଖେଳ ଓ ଖେଳାଳୀ

**ବିଶ୍ୱ ଟେଷ୍ଟ ଚାମ୍ପିୟାନସିପ୍**..................................... ୫୪

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୫୫



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com


| | | |
|---|---|---|
| **ସମାରୋହର ଦେୟ** | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂପାଦକୀୟ

## ହେଳା କଲେ ଭେଳା ବୁଡ଼େ

ସକାଳର ସୂର୍ଯ୍ୟୋଦୟକୁ ଯିଏ ଦର୍ଶନ କରିପାରେ ନାହିଁ, ସନ୍ଧ୍ୟାର ସୂର୍ଯ୍ୟାସ୍ତକୁ ଦେଖିବା ମଧ୍ୟ ତା ପକ୍ଷେ ସମ୍ଭବ ହୁଏ ନାହିଁ। ପ୍ରଧାନ କାରଣ ହେଲା ଆଳସ୍ୟ। ଆଳସ୍ୟ ପରାୟଣ ମନୋବୃତ୍ତି କୌଣସି କାର୍ଯ୍ୟ ସଠିକ୍ ରୂପେ କରିପାରିବା ସମ୍ଭବ ହୁଏ ନାହିଁ। ସେମାନେ ହେଲେ "ତମ ଗୁଣ" ରେ ସମ୍ପୂର୍ଣ୍ଣ ନିମଗ୍ନ। ଆଉ ଯେଉଁମାନେ "ରଜୋ ଗୁଣ" ରେ ସମ୍ପୂର୍ଣ୍ଣ ନିମଗ୍ନ ତାଙ୍କର କାର୍ଯ୍ୟ ସବୁ 'ଧୋ ଧଡ଼୍କା' ହୋଇ ଚାଲିଥାଏ। ସେଥିରେ ସନ୍ତୁଳନା ନଥାଏ କିମ୍ବା ସମନ୍ୱୟ ନଥାଏ। ପ୍ରକୃତ ଶକ୍ତି ଅଟେ "ସାତ୍ତ୍ୱିକ" ଶକ୍ତି। ସେହି ଶକ୍ତିକୁ ଆଧାର କରି ଯେଉଁ ବ୍ୟକ୍ତି ବା ସମାଜ କାର୍ଯ୍ୟକରେ ସେ କାର୍ଯ୍ୟ ସବୁରି ଏପରିକି ପୃଥିବୀର ମଙ୍ଗଳ କରିବାରେ ମଧ୍ୟ ସହାୟକ ହୋଇଥାଏ। ବର୍ତ୍ତମାନର ଏହି ବହୁପ୍ରକାରର ପ୍ରଦୂଷଣ ଯୁଗରେ ସାତ୍ତ୍ୱିକ ବ୍ୟକ୍ତି ରୂପଧରି କେହି ପ୍ରତିଷ୍ଠିତ ହେବା ସମ୍ଭବ ହୁଏ ନାହିଁ। କାରଣ ଚତୁର୍ଦ୍ଦିଗର ଦୁର୍ଗନ୍ଧ ବାୟୁ ଆଖି, କାନ, ନାକ ପଥ ଦେଇ ମୁଖ ଗହ୍ୱରକୁ ପ୍ରବେଶ କରେ ଏବଂ ସେଥିରେ ଯାହା ନିର୍ଗତ ହେବା କଥା ହୁଏ। ନିକଟରେ ନିର୍ବାଚନରେ କିଏ ଜିତିଲା କିଏ ହାରିଲା କୌଣସି ପ୍ରଭେଦ ରହିଲା ନାହିଁ। ସମସ୍ତେ ଗୋଟିଏ ସୁଅରେ ଭାସି ଚାଲିଛନ୍ତି। ବିପରୀତ ଦିଗରେ ଯିବା ପାଇଁ ଶକ୍ତି କାହାରି ନାହିଁ। ତେଣୁ ଦଳ-ମତ-ମାନସିକତା ସବୁକିଛି ଗୋଟିଏ ପଦ୍ଧତିରେ ଚାଲୁ ରହିଛି। ବରଂ ପ୍ରତି କଥାରେ ଅନ୍ୟକୁ ଆକ୍ରୋଶ କରିବାର ଶକ୍ତି ଓ ସାମର୍ଥ୍ୟ ବୃଦ୍ଧି ପାଇଛି। ଯାହା ଖବରକାଗଜ ମାନଙ୍କରୁ ଅନୁମାନ କରିହୁଏ। ବାସି ପିଠାକୁ ନୂଆ ନାଁ ଦେଇ ତା ଉପରେ ଚିନି ଓ ଗୁଆଘିଅର ଆସ୍ତରଣ ଦେଲେ- ଭିତରର ଖଟା ଟି ଲୁଚିଯାଏ ସିନା, ରହିଥାଏ ଗୁପ୍ତ ହୋଇ। ସେ ଅନ୍ତଃବୁଜୁଳାକୁ କୋରି କୋରି ଖାଇଥାଏ। ମନ୍ଦିର, ମସ୍‌ଜିଦ, ମାର୍କେଟ, ମଧୁ ଚନ୍ଦ୍ରିକା ସ୍ଥଳୀ ସବୁଠାରେ ତା'ର ପ୍ରାଦୁର୍ଭାବ ଅନୁଭବ ହୁଏ।

ଦୁଇହଜାର ଚବିଶ ମସିହାର ଶେଷ ସୂର୍ଯ୍ୟ ବୁଡ଼ିବାକୁ ଆଉ ଠିକ୍ ଗୋଟିଏ ମାସ ରହିଲା। ଉଣେଇଶହ ଛତିଶ ମସିହାରେ ପ୍ରାପ୍ତ ଓଡ଼ିଶା ପ୍ରଦେଶ ପୁଣି ଶତ ବର୍ଷର ଉଜ୍ଜ୍ୱଳତାରେ ପୂର୍ଣ୍ଣ ହୋଇ ଚିର ହାସ୍ୟମୟୀ-ଚିର ଲାସ୍ୟମୟୀ ହେବାର ନିମନ୍ତେ କାହାରି ଆନ୍ତରିକତା ତ୍ୟାଗ, ନିଷ୍ଠା, ତପସ୍ୟା ହେବାର ସାଧାରଣ ସୂତ୍ରପାତ ହେଉଥିବା ମନେହୁଏ ନାହିଁ। କାରଣ ହେଲା ପ୍ରତିଦିନ ଖବରକାଗଜରେ ବାହାରୁଥିବା ଘଟଣା ସମୂହ। କେତେ ଗୁଡ଼ିଏ ଘଟଣା ଲେଖିବାକୁ ଚେଷ୍ଟା କରୁଛି- ଲିଙ୍ଗରାଜଙ୍କ ଓଢ଼ଣ ଷଷ୍ଠୀ ଯାତ୍ରା ବିଭ୍ରାଟ ଆଶଙ୍କା। ତୁଟୁନି ମୁଆଁ କୋରା ଭୋଗ ବିବାଦ।

- ନବ ଜାତକକୁ ବିକିଲେ ମାଆ ବୁର୍ଲା ହସପିଟାଲରେ। ଥରକୁ ଥର ଏହି ଖବର ବାହାରି ଚାଲିଛି।

- ପୁଅ ବୋହୂଙ୍କୁ ପେଟ୍ରୋଲ ଢାଳି ଜାଳିଦେବା ଏହି ଯୁଗରେ ସମ୍ଭବ ହେଲା।

- ଚର୍ଚ୍ଚାରେ ମୋଦିଙ୍କ ଭିଜନ ୨୦୩୬। ବଦଳି ପଛରେ ନ ଗୋଡ଼ାଇ ଲୋକଙ୍କ କାମରେ ମନଦିଅ।

ବାଂଲାଦେଶରେ ଆଉ ଜଣେ ଇସ୍‌କନ୍ ସାଧୁ ଗିରଫ। ଦେଶବ୍ୟାପୀ ଇସ୍‌କନ୍ ତରଫରୁ ପ୍ରାର୍ଥନା ସଭା ଆଜି।

ବାଂଲାଦେଶୀ ରୋଗୀଙ୍କ ଚିକିତ୍ସା କରିବାକୁ ମନା କଲା ଡାକ୍ତରଖାନା (ଜେ. ଏନ୍. ରାଏ ହସ୍‌ପିଟାଲ)। ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଆକ୍ରମଣ। ମନ୍ଦିର ଭଙ୍ଗା ରୁଜା ଓ ଭାରତୀୟ ଜାତୀୟ ପତାକାକୁ ଅସମ୍ମାନ ପ୍ରଦର୍ଶନକୁ ବିରୋଧ କରି ଜେ. ଏନ୍. ରାଏ ଡାକ୍ତରଖାନାର ଏହି ନିଷ୍ପତ୍ତି ହୋଇଛି ବୋଲି ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ସହନଶୀଳତା କାହିଁ? ଯେଉଁମାନେ ଡାକ୍ତର ହୁଅନ୍ତି ସେମାନେ ଶପଥ ନିଅନ୍ତି ସମସ୍ତିଙ୍କୁ ସମାନ ସେବା ଦେବେ ମିତ୍ର ହୁଅନ୍ତୁ ବା ଶତ୍ରୁ ହୁଅନ୍ତୁ।

ଆଉ ଗୋଟିଏ ଘଟଣା Fq ଧାନକୁ ନେଇ ଟଣା ଓଟରା। ବର୍ଷା ଆଣିଲାଣି ବିପ୍ରାତ। ଏବେ ଯମୁନା, ସୋନା ସବୁ ଅଯୋଗ୍ୟ।

ଝୁମର ଲାଇଟ୍ ଯୋଗାଣ ନାଆଁରେ ବ୍ୟବସାୟୀଙ୍କୁ ଠକେଇ ଉଦ୍ୟମ। ଉଣେଇଶ ଲକ୍ଷ ନକଲି ନୋଟ୍ ଜବତ। ଦୁଇ ଅଟକ।

ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବ "ଉତ୍ସାହ" ଉଦ୍‌ଘାଟିତ। ମୁଖ୍ୟମନ୍ତ୍ରୀ କହିଲେ ବଡ଼ ହେବା ପାଇଁ ଦେଖ ବଡ଼ ସ୍ୱପ୍ନ।

ସର୍ବ ଭାରତୀୟ ଡି.ଜି., ଆଇ.ଜି. ସମ୍ମିଳନୀ ଓଡ଼ିଶାରେ ହୋଇଯାଇଛି। ବୋଧହୁଏ ସବୁ ସୁରୁଖୁରୁରେ ସମାଧାନ

ହୋଇଥିବ । ରେଭେନ୍‌ସାରେ ବୀର୍ସାମୁଣ୍ଡା ଜୟନ୍ତୀ ପାଳନକୁ ନେଇ ବିବାଦ । ତିନିଦିନରେ ସାରିଦେଲେ ଏକ ଲକ୍ଷ ଏକୋଇଶି କୋଟି । ତଦନ୍ତ କରିବ ପାଞ୍ଚ ଜଣିଆ କମିଟି । କାହା ନିର୍ଦ୍ଦେଶରେ ହୋଇଥିଲା ପାଳନ । ପ୍ରାପ୍ତ ପତ୍ରରେ ବାହାରିଥିଲା ବରିଷ୍ଠ ନାଗରିକଙ୍କ ଆତ୍ମହତ୍ୟା ଘଟଣା ବୃଦ୍ଧି ଚିନ୍ତାଜନକ । ଦୋଷ ଉଭୟଙ୍କର । ବରିଷ୍ଠମାନେ ସହନଶୀଳ ନୁହଁନ୍ତି କନିଷ୍ଠମାନେ ସେବାକାରୀ ନୁହଁନ୍ତି । ଗିରଫ ହେଲେ କୋଟିପତି ଖଣି ଅଧିକାରୀ କେନ୍ଦୁଝରରେ । ଅଧିକା ଲେଖିବି ନାହିଁ । ଖବରକାଗଜରେ ବାହାରିଥିଲା ଲୋକେ ପଢ଼ିଥିବେ । ରାଜ୍ୟରେ ଦୁଇହଜାର ଶହେ, ତିନି ହାତୀ, ବଢ଼ିଲେ ପାଞ୍ଚ ଓ ମଲେ ଅଠରଚାଳିଶ । ହାତୀ ମାରଣ ଅର୍ଥ ଯୋଗର ଉପାୟ ହୋଇଛି । ଆଜମିର୍ ଦରଘାକୁ ନେଇ ହିନ୍ଦୁ ସଂଗଠନର ଦାବି । ଖବର ହେଲା ଶିବ ମନ୍ଦିର ଭାଙ୍ଗି ମସ୍‌ଜିଦ୍ ନିର୍ମିତ ହୋଇଛି । ସେସବୁ ବିଷୟକୁ ଆଜି ଆଉ ଆଲୋଚନା କରିବା ଦରକାର ନାହିଁ । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ୍‌ଶାହାଙ୍କ ଓଡ଼ିଶା ଗସ୍ତ ଓଡ଼ିଶା ସ୍ୱାର୍ଥ ସମ୍ପର୍କିତ ନୁହେଁ । ସର୍ବଭାରତୀୟ ନିରାପତ୍ତା ସମ୍ମିଳନୀରେ ଏମାନେ ଯୋଗ ଦେବେ । ତେଣୁ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଗସ୍ତରେ କୌଣସି ପ୍ରକାର ଓଡ଼ିଶାର ମଙ୍ଗଳ ହେବନାହିଁ । ତେଣୁ ଯୁବ କଂଗ୍ରେସ ବିରୋଧ କରିଥିଲା । ଗୋଆ ରାଜ୍ୟପାଳଙ୍କ କ୍ଷୁଦ୍ରଗଳ୍ପ ସଂକଳନର ଓଡ଼ିଆ ଅନୁବାଦ ଉନ୍ମୋଚିତ । ଅନୁବାଦ ଦ୍ୱାରା ସମାଜର ସାମୁହିକ ଚେତନା ସମୃଦ୍ଧ ହୋଇପାରିବ ବୋଲି ରାଜ୍ୟପାଳ ରଘୁବୀର ଦାଶ କହିଛନ୍ତି । ଓଡ଼ିଆ ଭାଷାରେ ଅନୁବାଦ ପୁସ୍ତକ "ଆଶାର ଆଲୋକକୁ" ରାଜ୍ୟପାଳ ଉନ୍ମୋଚନ କରିଛନ୍ତି ।

ଡିସେମ୍ବର ମାସ ପାଇଁ ଏତିକି । ଏଣିକି ୨୦୨୫ ମସିହାର ପ୍ରଥମ ମାସରେ ନୂତନ ଆଶାର ଆଲୋ ନେଇ ଦେଶ ସହିତ ଜଗତରେ ସୁଖ-ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠିତ ହେଉ- ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ।

ହରିଓଁ ତତ୍‌ସତ୍

ବ୍ରହ୍ମାର୍ପଣମସ୍ତୁ

ସୌଦାମିନୀ ମିଶ୍ର

ପ୍ରବନ୍ଧ

# ମହାପ୍ରଭୁଙ୍କ ଦେବ ଦୀପାବଳୀ ଓ ଶ୍ରାଦ୍ଧ ବେଶ

**ଇଂ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ**

ତ୍ୟାଗ, ତପସ୍ୟା, ଜ୍ଞାନ, ଧର୍ମ, ସତ୍ୟ ଓ ସେବା ଇତ୍ୟାଦିର ପ୍ରୟୋଗଶାଳା ତଥା ଦେବଭୂମି ଭାରତବର୍ଷରେ ଚାରି ଆଲୋକସ୍ତମ୍ଭ ସଦୃଶ ଥିବା ଚାରିଧାମ ମଧ୍ୟରୁ ଶ୍ରୀକ୍ଷେତ୍ର ହିଁ ଶ୍ରେଷ୍ଠଧାମ। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ଉଜ୍ଜ୍ୱଳ ଉଦାହରଣ ଶ୍ରୀଜଗନ୍ନାଥ ଓ ତାଙ୍କର ବିଧିବିଧାନ ସମୂହ। ଶ୍ରୀଜଗନ୍ନାଥ ଓଡ଼ିଆ ଜାତି ଓ ଜନମାନସର ପ୍ରାଣକେନ୍ଦ୍ର। ସେ ଆମର ଆଧ୍ୟାତ୍ମିକ, ସାମାଜିକ, ଧାର୍ମିକ ଓ ମାନସିକ ଭାବଧାରାକୁ ଅନାଦିକାଳରୁ ଆଚ୍ଛନ୍ନ କରି ରଖିଛନ୍ତି। ସେ ଏକାଧାରାରେ ପରମ ଭାଗବତ ସତ୍ତାର ପରିପୂର୍ଣ୍ଣ ପରିପ୍ରକାଶ ଏବଂ ପରିବାରର ଅନ୍ତରଙ୍ଗ ସଦସ୍ୟ ମଧ୍ୟ। ବିବିଧତା ମଧ୍ୟରେ ଏକତା ଯଦି ଭାରତର ବୈଶିଷ୍ଟ୍ୟ ହୁଏ ତେବେ ତାହାର ଆଦ୍ୟ ପ୍ରକାଶ ଶ୍ରୀଜଗନ୍ନାଥ।

ଅନନ୍ତକୋଟି ବ୍ରହ୍ମାଣ୍ଡର ନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାସସ୍ଥାନ ହେଉଛି ଏହି ପବିତ୍ର ଉତ୍କଳ ଭୂଇଁ। ଶ୍ରୀଜଗନ୍ନାଥ ଉତ୍କଳର ଓ ସସାଗରା ଜଗତର ଆରାଧ୍ୟ ଦେବତା। ସମଗ୍ର ଓଡ଼ିଆ ଜାତିର ସେ ମଉଡ଼ମଣି। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ବିଷୟରେ ଯେ ପ୍ରତ୍ୟେକ ଓଡ଼ିଆ ଗୌରବାନିତ୍ୱ ଏଥିରେ କୌଣସି ଦ୍ୱିମତ ନାହିଁ। ତାଙ୍କୁ କେନ୍ଦ୍ରକରି ଯେତେ ରଚନା, ବିଶ୍ଳେଷଣ, ଅନୁଭବର ବ୍ୟାଖ୍ୟା, ତାଙ୍କ ପର୍ବପର୍ବାଣୀର ଚର୍ଚ୍ଚା, ଦୈନନ୍ଦିନ ଜୀବନଶୈଳୀର ଅନୁଶୀଳନ ଇତ୍ୟାଦି ଯୁଗାନୁକ୍ରମେ ଚାଲିଛି। ମାତ୍ର ଜୀବନଶୈଳୀର ତୀକ୍ଷ୍ଣ ଅନୁଧ୍ୟାନ କଲେ ଜଣେ ସାଧାରଣ ଓଡ଼ିଆକୁ ହିଁ ଭେଟିହୁଏ। ପରିବାରର ମୁରବୀ ଭାବେ ଆସ୍ଥା ଓ ଓଡ଼ିଆ ବିଶ୍ୱାସର କେନ୍ଦ୍ର ହୋଇ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିରର ରତ୍ନସିଂହାସନରେ ଅଧିଷ୍ଠିତ ହୋଇଛନ୍ତି ଅନାଦି କାଳରୁ। କଳିଯୁଗରେ ବିଶ୍ୱ ଭ୍ରାତୃତ୍ୱ, ମାନବ କଲ୍ୟାଣ, ଜଗତକଲ୍ୟାଣ ଓ ଜୀବୋଦ୍ଧାର (ପତିତପାବନ) ନିମନ୍ତେ ସଚରାଚର ଜଗତର ହିତ ପାଇଁ ପ୍ରାକଟ୍ୟ ଦର୍ଶନ ପ୍ରଦାନ କରି ମୁକ୍ତି କୈବଲ୍ୟ ବାଣ୍ଟି ଚାଲିଛନ୍ତି। ତାର ମୂକସାକ୍ଷୀ କେବଳ ସମୟ। ସେ ଦେଖି ଦେଖାନ୍ତି ସର୍ବଙ୍କୁ, ଦୃଷ୍ଟିର ଦୃଷ୍ଟି ବୋଲି ତାଙ୍କୁ। ମହାପ୍ରଭୁଙ୍କ ଚିନ୍ତନ, ମନନ ଓ ଦର୍ଶନରେ ପ୍ରତି ଭକ୍ତଙ୍କ ହୃଦୟ ଆନ୍ଦୋଳିତ ହୋଇଉଠେ। ସତେ ଯେମିତି ଶରୀରରୁ କ୍ଷୁଧା, ତୃଷା, କ୍ଳାନ୍ତି, ଅବସାଦ, ଦୁଃଖ, ଭୟ, ଶୋକ, କ୍ରୋଧ ସବୁକିଛି ଦୂର ହୋଇଥାଏ।

ଉତ୍କଳୀୟ ସଂସ୍କୃତି ହିଁ ଜଗନ୍ନାଥ ସଂସ୍କୃତି ଯାହା ସନାତନ ଧର୍ମର ଶ୍ରେଷ୍ଠ ନିଦର୍ଶନ। ଏହା ପୂର୍ଣ୍ଣତାର ପରିଭାଷା। ଜଗନ୍ନାଥ ସଂସ୍କୃତିର ପରିଚୟ ଆମ ଭାଷା, ସାହିତ୍ୟ, ସଂସ୍କୃତି, ସଙ୍ଗୀତ, ସାମାଜିକ ଜୀବନ, ଯାନିଯାତ୍ରା, ଚାଲିଚଳଣି, ପରମ୍ପରା, ବେଶ, ବିନ୍ୟାସ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ ଓ ପୂର୍ଣ୍ଣ ପ୍ରତିଫଳିତ। ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତ୍‌ମୟ, ସାର୍ବଜନୀନ ଏବଂ ଅଭିନ୍ନତାର ଶ୍ରେଷ୍ଠ ପରିଚୟ। ଏକ ପରିବ୍ୟାପ୍ତ ଚେତନାର ପ୍ରତୀକ। ସକଳ ବିଶ୍ୱରେ ସେ ହେଉଛନ୍ତି ତ୍ରାଣକର୍ତ୍ତା। ସେ ଜଗତର। ଜଗତ ବି ତାଙ୍କର। ଅନ୍ୟ ଭାବରେ କହିଲେ ସେ ସ୍ୱୟଂ ଭଗବାନ। ଭକ୍ତର ଭଗବାନ। ମହାପ୍ରଭୁ ଭକ୍ତବସ୍ଚଳ – ଏହା ହିଁ ଜଗନ୍ନାଥଙ୍କ ସ୍ୱାତନ୍ତ୍ର୍ୟ ଓ ମୌଳିକତା।

କାରଣ କାଳେକାଳେ ଭକ୍ତ ହିଁ ଭକ୍ତିର ପରାକାଷ୍ଠା ବଳରେ ଭଗବାନଙ୍କୁ ବାନ୍ଧିରଖି ପାରିଛି। ସେଠି ତତ୍ତ୍ୱ ବଡ଼ ହୁଏ ନାହିଁ ଭାବ ହୁଏ ବଡ଼। ଏହି ଭାବ ବନ୍ଧନରେ ବନ୍ଦୀ ମଣିଷ ଭଳି ଭଗବାନ ବି ପିତୃଶ୍ରାଦ୍ଧ ଦିଅନ୍ତି – ସାଧାରଣ ଗୃହସ୍ଥ ଭଳି। ନିଜର ନିତ୍ୟନିବାସ ଶ୍ରୀକ୍ଷେତ୍ରରେ ଏହା ପ୍ରଭୁଙ୍କ ମାନବୀୟ ଲୀଳା।

କାର୍ତ୍ତିକ ମାସର ପଞ୍ଚଦଶ ଦିବସ ତଥା କାର୍ତ୍ତିକ ଅମାବାସ୍ୟା ହିଁ ମାନବ ସଭ୍ୟତାର ଆଲୋକ ଓ ଆନନ୍ଦର ପର୍ବ ଦୀପାବଳୀ ରୂପେ ପାଳନ କରାଯାଏ। ଏହିଦିନ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ। ଠିକ୍ ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ମାନବଲୀଳା ଆଚରଣ ଅନୁସାରେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଶ୍ରାଦ୍ଧ ତର୍ପଣାଦି ସହ ଦୀପଦାନ କରିଥାନ୍ତି। ଯାହା 'ଦେବ ଦୀପାବଳୀ' ଭାବେ ଖ୍ୟାତ। କୃଷ୍ଣ ଚତୁର୍ଦ୍ଦଶୀ ଦିନ ମହାପ୍ରଭୁ ସତ୍ୟଯୁଗର ବାମନ ଅବତାରରେ ପିତା ଋଷି କାଶ୍ୟପ ଓ ମାତା ଅଦିତିଙ୍କ ଉଦ୍ଦେଶ୍ୟରେ ପୁତ୍ରଧର୍ମ ପାଳନ କରି ଶ୍ରାଦ୍ଧ ଦେଇଥାନ୍ତି। "ଯାବତ୍ ପୃଥ୍ୱୀ ପର୍ବତାଶ୍ଚ ଯାବତ୍ ଶ୍ଚନ୍ଦ୍ରାର୍କ ତାରକାଃ ତାବତ୍ ଲିଳୟା ତିଷ୍ଟ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରାଃ" (ବାୟୁପୁରାଣ)। ଅମାବାସ୍ୟା ତିଥିରେ ଦ୍ୱାପର ଯୁଗର ପିତାମାତା ନନ୍ଦ ଯଶୋଦା, ବସୁଦେବ ଦେବକୀ, ଦଶରଥ

କୌଶଲ୍ୟା ଓ ପ୍ରତିପଦା ଦିନ ନିଃସନ୍ତାନ ବରପ୍ରାପ୍ତ ହୋଇଥିବା ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇ ଦୀପଦାନ କରିଥାନ୍ତି। ଏହି ନୀତି ସମୟରେ ଏକ ସ୍ୱତନ୍ତ୍ର ଧରଣର ବେଶ ଅନୁଷ୍ଠିତ ହୋଇଥାଏ ତାହା ମହାପ୍ରଭୁଙ୍କ ଚବିଶ ବେଶ ମଧ୍ୟରୁ "ଶ୍ରାଦ୍ଧ ବେଶ" ଭାବେ ପରିଚିତ। ଏହି ବେଶରେ ଶ୍ରୀବିଗ୍ରହମାନେ କାଶୀଧଡ଼ିଆ ନାଗପୁରୀ ଶାଢ଼ି ଚାଦରରେ ଆଭୂଷିତ ହୋଇଥାନ୍ତି। ଏଥିରେ ବିଗ୍ରହମାନେ ଧଳାବସ୍ତ୍ରରେ ସଜ୍ଜିତ ହେଲେ ହେଁ ଧଡ଼ିଗୁଡ଼ିକ ଭିନ୍ନ ରଙ୍ଗର ହୋଇଥାଏ। ବଡ଼ଠାକୁର ଶ୍ରୀ ବଳଭଦ୍ର କଳାରଙ୍ଗର ଶ୍ରୀଜଗନ୍ନାଥ ନାଲିରଙ୍ଗର ଓ ମା ସୁଭଦ୍ରା ହଳଦିଆ ରଙ୍ଗର କୁମ୍ଭ ଧଡ଼ିଥିବା ଲୁଗା ପରିଧାନ କରିଥାନ୍ତି। ଏହା ବ୍ୟତୀତ ଶ୍ରୀବିଗ୍ରହମାନଙ୍କ କଳେବର ଗୋଟିଏ ଗୋଟିଏ ଚାଦରରେ ମଣ୍ଡନ ହୋଇଥାଏ। ଶ୍ରୀବିଗ୍ରହମାନଙ୍କ ମସ୍ତକ ସୁତାବସ୍ତ୍ରର ଶ୍ରୀକପଡ଼ାରେ ଶୋଭା ପାଇଥାଏ। ଏହି ବେଶରେ ଠାକୁରମାନେ ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳ, ଆଡ଼କାନି, ଓଢ଼ଣୀ, ନନ୍ଦିଭୂଜ, ହରିଡ଼ାମାଳ, ଅଷ୍ଟାକମର ପଟି ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାରରେ ଆଭୂଷିତ ହୋଇ ଅତ୍ୟନ୍ତ ମନୋମୁଗ୍ଧକର ଓ ଚିତ୍ତାକର୍ଷକ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି।

ଶ୍ରୀମନ୍ଦିରର ଏହି ଦେବ ଦୀପାବଳୀରେ ସନ୍ଧ୍ୟାଧୂପ ପରେ ପ୍ରଥମେ ରତ୍ନସିଂହାସନ ତଳେ (ମହାପ୍ରଭୁଙ୍କ ପାଇଁ ୧୦ଟି, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କର ପ୍ରତ୍ୟେକେ ୯ଗୋଟି ଏହିପରି ୨୮ଟି) ରାଶିତେଲର ପ୍ରଦୀପ ଭଣ୍ଡାରମେକାପଙ୍କ ଦ୍ୱାରା ଚାଉଳରେ ଗଛ ତିଆରି କରାଯାଇ ଭଣ୍ଡାରମେକାପଙ୍କ ଦ୍ୱାରା ସଂସ୍କାରିତ ହୋଇ ପ୍ରଜ୍ୱଳନ କରାଯାଇଥାଏ। ତା ପରେ ମହାପ୍ରଭୁଙ୍କର ଆଳତି, ଦୀପ ନେଇ ଚୁନରା ସେବକମାନେ ଶ୍ରୀବସ୍ତ୍ର, ଖଣ୍ଡଶାଳା, ବଡ଼ଦେଉଳ, ନାଟ୍ୟମଣ୍ଡପ, ଭୋଗମଣ୍ଡପ ଓ ଜଗମୋହନରେ ପ୍ରଦୀପ ପ୍ରଜ୍ୱଳନ କରିଥାନ୍ତି। ଅଁଳାବେଢ଼ାର ତଳେ ଥିବା ଗରୁଡ଼, ସିଂହ ଓ କପିଧ୍ୱଜ ହନୁମାନଙ୍କ ନିକଟରେ ବଡ଼ବଡ଼ ରାଶିତେଲ ଦୀପ ଲଗାଇଥାନ୍ତି ଓ ଅଁଳାବେଢ଼ାରେ ଚଡ଼ଚଡ଼ି ଓ ଫୁଲଝରି ବାଣ ମରାଯାଇଥାଏ। ହରିବୋଲ ଡାକ ଦିଆଯାଇଥାଏ। ଏହି ଦୁର୍ଲଭ ଦୃଶ୍ୟ ଦେଖିବା ପାଇଁ ଶ୍ରୀମନ୍ଦିର ବେଢ଼ା ଓ ବଡ଼ଦାଣ୍ଡରେ ଭକ୍ତମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ।

ଦେବ ଦୀପାବଳୀରେ ଶ୍ରୀମନ୍ଦିର, ବଡ଼ଦାଣ୍ଡ ଲକ୍ଷଲକ୍ଷ ଦୀପମାଳରେ ସୁସଜ୍ଜିତ କରାଯାଇଥାଏ। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତବୃନ୍ଦ ଏହି ମନୋହର ଦୃଶ୍ୟ ଓ ଶ୍ରାଦ୍ଧବେଶ ଦେଖି ଆତ୍ମତୃପ୍ତି ଲାଭ କରିଥାନ୍ତି।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ପରଂବ୍ରହ୍ମ ପରମାତ୍ମା ପରମେଶ୍ୱର ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ବା ନାମ ନାହିଁ। ସିଏ ସର୍ବସ୍ୱରୂପ ଓ ସର୍ବନାମ। ସେ ପରମଜ୍ୟୋତି ଓ ଜ୍ୟୋତିସ୍ୱରୂପ। ଜ୍ୟୋତି ଯାହା ସଦା ଭାସ୍ୱର, ଜାଜ୍ୱଲ୍ୟମାନ। ଅନିର୍ବାଣ, ଅଖଣ୍ଡ, ଅନାହତ। ପ୍ରତ୍ୟେକ ସୃଷ୍ଟି ଭିତରେ ଯାହା ନିହିତ ଅଛି। ଭାରତୀୟ ଧାର୍ମିକ ଶୃଙ୍ଖଳାରେ ଜ୍ୟୋତିର ଏକ ସ୍ୱତନ୍ତ୍ର ପରମ ଗୁରୁତ୍ୱ ରହିଛି। ଏଣୁ ଦୀପାବଳି ପାଳନ ଏକ ପ୍ରାଚୀନ ନିର୍ଣ୍ଣୟ। ପରମାତ୍ମାଙ୍କ ଆନନ୍ଦମୟ ଇଚ୍ଛା ପ୍ରକଟ ହେଉଛନ୍ତି ଏ ସଚରାଚର ଦୃଶ୍ୟମାନ ଜଗତ। ବିନା ଆଲୋକରେ ଦୃଶ୍ୟ ଦ୍ରଷ୍ଟାର ବୋଧଗମ୍ୟ ନୁହେଁ। ଏଣୁ ଜ୍ୟୋତି ଓ ଧାରକ ଦୀପ ଉଭୟ ମହତ୍ତ୍ୱପୂର୍ଣ୍ଣ।

ଏହି ମହା ଉଜ୍ଜ୍ୱଳତାର ସମାହାର ପରମାତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା "ତମସୋ ମାଂ ଜ୍ୟୋତିର୍ଗମୟ।" ଆମ ସଂସ୍କୃତି ଓ ବିଶ୍ୱାସରେ ହିଂସା, ଦ୍ୱେଷ, ଅନୀତି, ପାପ, ଅଧର୍ମ, ଅନ୍ୟାୟ ଇତ୍ୟାଦି ଘୋର ଅନ୍ଧକାର ଭଳି କଳା। ଏ ସମସ୍ତ କଳଙ୍କ ଭଳି କଳାକୁ ମାନବଜାତି ଠାରୁ ଅପସାରିତ କରି ଆଲୋକ ସଦୃଶ ଜ୍ଞାନାଗ୍ନି ପ୍ରଜ୍ୱଳନ ଏହାର ମୂଳକଥା। ସେଇଥିପାଇଁ ତ ଅନ୍ଧାର ଭଳି କଳା ଆମ ପ୍ରଭୁ ଶ୍ରୀଜଗନ୍ନାଥ। କିନ୍ତୁ ତାଙ୍କ ଅଧରର ନାଲି ହିଁ ଆଲୋକର ରଙ୍ଗ, ପ୍ରେମର ରଙ୍ଗ, ଅଫୁରନ୍ତ ଆନନ୍ଦର ରଙ୍ଗ। ମହାପ୍ରଭୁଙ୍କ ଦେହର ରଙ୍ଗ କଳା, ବୋଧହୁଏ ଏହା ଏକ ପ୍ରତୀକ। କେଉଁ ଅଜଣା ସମୟରୁ ମହାପ୍ରଭୁ ପ୍ରତୀକାତ୍ମକ ଭାବେ ଘୋଷଣା କରିଚାଲିଛନ୍ତି, ହେ ପ୍ରାଣୀଗଣ, ନିଜ ପାଖରେ ଥିବା ଅନ୍ୟାୟ, ଅଧର୍ମ, ପାପାଦି କଳା କଳଙ୍କକୁ ମୋ ଦେହରେ ବୋଳିଦିଅ। ମୋ ଓଠର ଲାଲିମା ହସ ନେଇ ସୁଖି ହୁଅ। ସଦା ହସୁଥାଅ। ଏହି ପର୍ବରେ ପ୍ରଭୁଙ୍କ ପ୍ରତୀକାତ୍ମକ ଶ୍ରାଦ୍ଧ ଉଭୟ ଜୀବଲୋକ ଓ ପ୍ରେତଲୋକ ପାଇଁ ଅଭିପ୍ରେତ। ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଯେଉଁ ସଂସ୍କୃତି ଗଢ଼ିଉଠିଛି ତାହା ଧର୍ମଦୃଷ୍ଟିରୁ କେବଳ ନୁହେଁ ବରଂ ଏକ ସତ୍ୟନିଷ୍ଠ ବିଚାରବାଦୀ କଳାତ୍ମକ ଅଭିବ୍ୟକ୍ତି। ଏହାହିଁ ମୂଳକଥା।

*ଜ୍ୟୋତ୍ସ୍ନା, ଏଚଆଇଜି-୨୧୮, ପ୍ରଜ୍ଞାବିହାର, ବରମୁଣ୍ଡା*

କଥା ଓ କାହାଣୀ

# ଅମାନବିକ ଜୀବନଛାୟା

## ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

ସେଦିନ ଯାଜପୁର ବାରୁଣୀ ମେଳାରେ ମିହିର ବାବୁଙ୍କ ସହିତ ଶ୍ୱେତାଲିନାର ହଠାତ୍ ସାକ୍ଷାତ ହୋଇଗଲା । ହସିଉଠି ଶ୍ୱେତାଲୀନା ମିହିରବାବୁଙ୍କ ପାଦ ଛୁଇଁ ପ୍ରଣାମ ଜଣାଇଲା ଏବଂ କହି ଉଠିଲା - ବଡ଼ବାପା ଆପଣ କ'ଣ ବାରୁଣୀଯାତ୍ରା ଦେଖିବା ଉଦ୍ଦେଶ୍ୟରେ ଆସିଥିଲେ ନା ଯାଜପୁରରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ଆସିଥିଲେ ? ବଡ଼ବୋଉ ଆସିଛନ୍ତି କି ? ଶ୍ୱେତାଲୀନା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ସୁନ୍ଦର ସୌମ୍ୟ ଯୁବକ ମଧ୍ୟ ମିହିରବାବୁଙ୍କ ପାଦ ଛୁଇଁଲା । ମିହିର ବାବୁ ଜାଣିପାରିଲେ ଯେ ସେ ଯୁବକଟି ନିଶ୍ଚୟ ତାର ସ୍ୱାମୀ । ମିହିରବାବୁ ନିଜ ଝିଆରୀ ଶ୍ୱେତାଲୀନାର ହସହସ ମୁଖମଣ୍ଡଳକୁ ଚାହିଁ ରହିଲେ କିଛିକ୍ଷଣ ପାଇଁ । ତା'ପରେ ତା' ପ୍ରଶ୍ନର ଉତ୍ତର ଦେଇ କହିଲେ - ନା, ତୋ ବଡ଼ ବୋଉ କିମ୍ବା ଅନ୍ୟ କେହି ପିଲା ଆସିନାହାନ୍ତି । ମୋର ଏକ ଜରୁରୀ କାମ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଥିଲା, ମୁଁ ସେଥିପାଇଁ ଯାଜପୁର ଆସିଥିଲି । ଯାଜପୁର ଜିଲ୍ଲାପାଳ ମୋର ଜଣେ ସାହିତ୍ୟିକ ବଂଧୁ । ଜିଲ୍ଲାପାଳ ସୁଧୀର ରଂଜନ ମୋତେ ପଚାରିଲେ- ତୁମ କାମ ତ ହୋଇଗଲା - ଚାଲ ଆମ ଘରେ ମଧ୍ୟାହ୍ନ ଭୋଜନ ସାରି ଯିବ । ମୁଁ ତାଙ୍କ ଘରେ ମଧ୍ୟାହ୍ନ ଭୋଜନ ସାରିଲା ପରେ ପୁଣି ପଚାରିଲେ - ଏବେ ତ ବାରୁଣୀ ମେଳା ଚାଲିଛି । ଆସିଛ ଯେତେବେଳେ ଦେଖି ଦେଇଯାଆ । ବାରୁଣୀ ଯାତ୍ରା କଥା ଶୁଣି ମୋର ବାରୁଣୀ ମେଳାକୁ ଯିବାକୁ ପ୍ରବଳ ଇଚ୍ଛା ହେଲା । ମୁଁ ଛାତ୍ର ଥିଲାବେଳେ ଅନେକବାର ଏହି ବାରୁଣୀ ଯାତ୍ରା ଦେଖିବାକୁ ଆସିଛି । କେବେ ପିଲାବେଳେ ମୋ ବୋଉ ସାଙ୍ଗରେ ଆସିଛି ତ କେବେ ମୋ ଭାଇ ଯାଜପୁର ଟାଉନ୍ ହାଇସ୍କୁଲରେ ପଢୁଥିଲାବେଳେ ତାଙ୍କ ସାଙ୍ଗରେ ଆସୁଥିଲି । ପିଲାବେଳର ସେ ବାରୁଣୀ ଯାତ୍ରା ଦେଖିବାର ସ୍ମୃତି ସବୁ ଗୋଟି ଗୋଟି ହୋଇ ଆଖି ଆଗରେ ନାଚି ଯାଉଥିଲା । ତା'ପରେ ମିହିରବାବୁ ଶ୍ୱେତାଲୀନାକୁ ପଚାରିଲେ - ଇଏ ଆମ ଜ୍ୱାଇଁ ନିଶ୍ଚୟ ।

ଯୁବକଟି ହସିଲା,

ଶ୍ୱେତାଲୀନା ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲା । ମିହିରବାବୁ କହିଲେ - ହଁ ତୋ ବାହାଘର କଥା ଶୁଣିଥିଲି । କିନ୍ତୁ ତୋ ବାହାଘରକୁ ତ ତୋ ବାପା ମୋତେ ଡାକି ନଥିଲା । ତେଣୁ ମୁଁ ଆସିପାରିନଥିଲି ।

ତା'ପରେ କିଛି ସମୟ ନୀରବ ରହି ମିହିରବାବୁ ପୁଣି ଆରମ୍ଭ କଲେ - ମୁଁ ତାକୁ ପଚାରିଲାରୁ ତା'ମୁହଁକୁ ବିଷର୍ଣ୍ଣ କରି ମୋତେ କହିଲା - ମୋ ଝିଅ ତ ପ୍ରେମ ବିବାହ କରି ଚାଲିଗଲା । ମୁଁ ଆଉ କେଉଁ ସରାଗରେ ଡାକିଥାନ୍ତି ।

ମୁଁ ତା'ର ଏପ୍ରକାର ସଂକୀର୍ଣ୍ଣତା ଭରା ଉତ୍ତର ଶୁଣି ଆଉ ବେଶି ନ କହି ଫେରି ଯାଇଥିଲି ।

ଶ୍ୱେତାଲୀନା ସହିତ ତା' ବାହାଘର ବିଷୟରେ ବେଶୀ କିଛି ଆଲୋଚନା ନକରି ପ୍ରସଙ୍ଗଟିକୁ ଏଡ଼ାଇ ଦେଇ ମୁଁ ଅନ୍ୟ ପ୍ରସଙ୍ଗକୁ ଆସିଲି । ହସିହସି ତାକୁ ପଚାରିଲି ମୁଁ ତୋ ପ୍ରସନ୍ନତାରୁ ଅନୁଭବ କରୁଛି ଯେ ତୁ ଖୁବ୍ ଆନନ୍ଦରେ ଅଛୁ । ଆମର ଏ ଜ୍ୱାଇଁ ତୋତେ ଖୁବ୍ ଖୁସିରେ ରଖିଛନ୍ତି ନିଶ୍ଚୟ ।

ମୋ କଥାରେ ହସି ଉଠିଲେ ସେ ଦୁହେଁ । ଶ୍ୱେତାଲୀନା ଓ ତା'ର ବର ।

ଶ୍ୱେତାଲୀନା ମୁହଁ ଶୁଖାଇ କହିଲା - ବଡ଼ ବାପା ! ଆପଣ ତ ସବୁ ଜାଣିଛନ୍ତି । ମୋ ବାପାଙ୍କର ରୀତିନୀତି ସବୁ ଆପଣଙ୍କୁ ଜଣା । ମୋ ବାପା ଆପଣଙ୍କଠାରୁ ବୟସରେ ସାମାନ୍ୟ ସାନ ହେଲେ ମଧ୍ୟ ସେ ଆପଣଙ୍କର ସାଙ୍ଗ । ଆପଣଙ୍କର ସହପାଠୀ । ତାଙ୍କ ବିଷୟରେ ଆପଣଙ୍କୁ ଆଉ କ'ଣ ବା କହିବି ?

ମିହିର ବାବୁ ଶ୍ୱେତାଲୀନାର ମୁଣ୍ଡ ଆଉଁସି କହିଲେ - ମୁଁ ସବୁ ଜାଣେ । ତୁ ସେସବୁକୁ ଭୁଲିଯା । ଭଗବାନଙ୍କ ଦୟାରୁ ତୋ ଭାଗ୍ୟଟି ଭଲ ଯେ ତୁ ଏପରି ଏକ ସୁନ୍ଦର ଭଦ୍ର ପିଲାଟିଏର ହାତ ଧରିଛୁ । ତୋ ଜୀବନ ସୁରୁଖୁରୁରେ ବିତୁ । ତୁମ ଦୁହିଁଙ୍କ ଉପରେ ଫୁଲ ଚନ୍ଦନ ବର୍ଷୁଥାଉ, ମୋର ଈଶ୍ୱରଙ୍କଠାରେ ଏତକ ପ୍ରାର୍ଥନା ।

ଶ୍ୱେତାଲୀନାର ମନ ଆକାଶରେ ଜମି ଆସୁଥିବା ଦୁଃଖର ବାଦଲକୁ

ଏଡ଼େଇ ଦେବାକୁ ନାନାଦି ଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିଥିଲେ ମିହିରବାବୁ ଏବଂ ସେ ଦୁହିଁଙ୍କୁ ନେଇ ଏକ ଜଳଖିଆ ଦୋକାନରେ ମିଠା ଖୁଆଇଥିଲେ।

ଶ୍ୱେତାଲୀନା ଓ ତା'ର ନବ ବିବାହିତା ସ୍ୱାମୀ ସହିତ ଆଉ କେତୋଟି ମୁହୂର୍ତ୍ତ ବିତାଇ ସେମାନଙ୍କଠାରୁ ବିଦାୟ ନେଇଥିଲେ ମହିରବାବୁ।

ମିହିରବାବୁ ଆଉ କିଛି ସମୟ ସେ ବାରୁଣୀ ଯାତ୍ରାରେ ବୁଲି ପିଲାଦିନର ଭୁଲିଯାଇଥିବା ଅତୀତର ସ୍ମୃତିକୁ ମନେ ପକାଇ ଆନନ୍ଦ ମନରେ ଆସି କାର୍‌ରେ ବସିଲେ।

ଗାଡ଼ି ଚାଲିଲା ଭୁବନେଶ୍ୱର ଅଭିମୁଖେ।

ମିହିର ବାବୁଙ୍କ କାର୍‌ର ଡ୍ରାଇଭର ତ୍ରିନାଥ ଜଣେ ଅଭିଜ୍ଞ ଗାଡ଼ି ଚାଳକ। ତା' ଗାଡ଼ି ଚଳାଇବା ଉପରେ ମହିରବାବୁଙ୍କ ଅଗାଧ ବିଶ୍ୱାସ। ସେ କାର୍ ଚଲେଇଲେ ମିହିରବାବୁ ନିଶ୍ଚିନ୍ତରେ ବସିଥାଆନ୍ତି। ତ୍ରିନାଥ ଗାଡ଼ିରେ ମିହିରବାବୁଙ୍କୁ ବସାଇ ଯାଜପୁର କିଆନୀଳା କୂଳ ଛକ ଅତିକ୍ରମ କରି ରାସ୍ତାକୁ ଆସିଲା। ତାପରେ ଆଙ୍କୁଲାଛକ। ପିରିଜିପୁର, ସୁନ୍ଦରପୁର, ମାଳହାଟ, ରୁଢ଼ିଆ, ମୂଳାପାଳଛକ ଅତିକ୍ରମ କରି ଆସି ଷଠୀପୁର ଛକ ଦେଇ ଆସି ପହଞ୍ଚିଗଲେ ପାଣିକୋଇଲି ଛକରେ।

ପାଣିକୋଇଲି ଏକ ସୁପରିଚିତ ସ୍ଥାନ। ଏହି ଛକରୁ ଗୋଟାଏ ରାସ୍ତା କଟକ ଭୁବନେଶ୍ୱରକୁ ଯାଇଥିବାବେଳେ ତା'ର ବିପରୀତ ଦିଗରେ ଭଦ୍ରକ, ବାଲେଶ୍ୱର, ବାରିପଦା ଆଡ଼କୁ ଯାଇଛି। ଆଉ ଏକ ରାସ୍ତା ଯାଇଛି ଯାଜପୁର ରୋଡ଼, କେନ୍ଦୁଝର ଆଡ଼କୁ।

ପାଣିକୋଇଲି ଛକରେ ଗାଡ଼ି ରଖିବାକୁ ତ୍ରିନାଥକୁ କହିଲେ ମିହିରବାବୁ।

ଗାଡ଼ି ରଖି ଯାଇ ଚା' ପାନ କଲେ ସେ।

ଡ୍ରାଇଭର ତ୍ରିନାଥର ଆଖି ମାଡ଼ି ଆସୁଥିଲା। ସେ ବି ଚା' ଖାଇ ପାନ ଦୁଇ ଖଣ୍ଡ ଆଣି ଖଣ୍ଡେ ପାଟିରେ ଭରିଲା।

ତ୍ରିନାଥ ଅନେକ କଡ଼ା ପାନ ଖାଏ। ଏତେ କଡ଼ା ପାନ ନଖାଇବାକୁ ତାକୁ ମିହିରବାବୁ ଯେତେ ବାରେଣ କଲେ ମଧ୍ୟ ସେ ପାନଖିଆ ଛାଡ଼ି ପାରୁନଥାଏ।

ଗାଡ଼ିରେ ବସିଲେ ମିହିରବାବୁ। ତ୍ରିନାଥ ଗାଡ଼ି ଚଳାଇଲା ଭୁବନେଶ୍ୱର ଅଭିମୁଖେ।

ଗାଡ଼ିରେ ବସି କେତେକ'ଣ ଭାବି ଚାଲିଛନ୍ତି ମିହିରବାବୁ। ବିଶେଷ କରି ବାରୁଣୀ ଯାତ୍ରାରେ ଭେଟି ଆସିଥିବା ଶ୍ୱେତାଲୀନାର ଜୀବନ କାହାଣୀ କଥା ତୁହାଇ ତୁହାଇ ଭାବି ଚାଲିଥାନ୍ତି ମିହିରବାବୁ।

ଶ୍ୱେତାଲୀନାର ଜନ୍ମଦାତା କେଦାର ହେଉଛି ମିହିରିବାବୁଙ୍କ ଅନ୍ୟତମ ପିଉସୀପୁଅ ଭାଇ। ସେ ମିହିରବାବୁଙ୍କଠାରୁ ଚାରିମାସ ସାନ। ସାନ ହେଲେ ହେଁ ସେ ଥିଲା ମିହିରବାବୁଙ୍କର ସହପାଠୀ। ସାଙ୍ଗ ହୋଇ ଦୁହେଁ ଯାକ ଶିଶୁଶ୍ରେଣୀରୁ ଏକାଦଶ ଶ୍ରେଣୀ ପାସ୍ କରିବା ଯାଏ ପାଠ ପଢ଼ିଥିଲେ।

ମିହିରବାବୁ ଥିଲେ ଖୁବ୍ ମେଧାବୀ।

ମାଟ୍ରିକ ପାସ୍ କରିବା ପରେ ମିହିର ବାବୁ କଟକ ରେଭେନ୍ସା କଲେଜରେ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଥିବା ବେଳେ କେଦାର ଯାଜପୁର ଏନ.ସି.କଲେଜରେ କଳା ଶ୍ରେଣୀରେ ନାମ ଲେଖାଇଥିଲା।

ମିହିର ବାବୁ ଶ୍ରେଣୀ ପରେ ଶ୍ରେଣୀ କୃତିତ୍ୱର ସହ ପ୍ରଥମ ଶ୍ରେଣୀରେ ପାସ କରି ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶେଷ କରି ସରକାରୀ କଲେଜରେ ଅଧ୍ୟାପନା ଆରମ୍ଭ କଲେ। କିନ୍ତୁ କେଦାର ଆଇ.ଏ ବି ପାସ୍ କରି ପାରିଲା ନାହିଁ। ଶେଷକୁ ସୌଭାଗ୍ୟକ୍ରମେ ଗାଁ ନିକଟସ୍ଥ ବ୍ଲକ ଅଫିସରେ କିରାଣୀ ଚାକିରିଟାଏ ପାଇଗଲା।

କେଦାର ଅତ୍ୟନ୍ତ ମିତବ୍ୟୟୀ। ମିତବ୍ୟୟୀ ତ ନୁହେଁ, କୃପଣ ବୋଲି କହିଲେ ଅତ୍ୟୁକ୍ତ ହେବନାହିଁ। ଭଲରେ ଗଣ୍ଡେ ନଖାଇ ଅତ୍ୟନ୍ତ କମ ଖର୍ଚ୍ଚରେ ଚଳି ଟଙ୍କା ସଂଚୟ କରେ କେଦାର।

ଚାକିରି ସହିତ ନିଜ ହାତରେ ଜମି ଚାଷ, ଛେଳି ଓ କୁକୁଡ଼ା ପାଳନ ସହିତ ଟଙ୍କା କରଜ ଦେଇ ସୁଧ ଆଦାୟ କରି କେଦାର କ୍ରମଶଃ ତାଙ୍କ ଅଞ୍ଚଳରେ ଏକ ଧନାବନ୍ ଲୋକ ଭାବେ ପରିଗଣିତ ହୋଇଗଲା।

କେଦାର ଭାରି ବୁଦ୍ଧିମାନ ଥିଲା। ଏତେ ଟଙ୍କା ଉପାର୍ଜନ କରିବା ପରେ ଆହୁରି ଅଧିକ ଧନଶାଳୀ ହେବାର ନିଶା ତାକୁ ଘାରିବାକୁ ଲାଗିଲା। ତା' ସ୍ତ୍ରୀ ମଧ୍ୟ ଥିଲା ବିଶେଷ ବୁଦ୍ଧିମତୀ।

ପତିପତ୍ନୀ ଦୁହେଁ ଚିନ୍ତା କଲେ ଗାଁରେ ଟଙ୍କା ରଖି କିଛି ଲାଭ ନାହିଁ। ଗ୍ରାମ ପାଖ ସହର ଯାଜପୁର, ଭଦ୍ରକ ଆଦି ସହରରେ କୋଠାଘର ତୋଳାଇ ଭଡ଼ା ଲଗେଇଲେ ଯଥେଷ୍ଟ ଟଙ୍କା ହାତକୁ ଆସିବ।

ପତିପତ୍ନୀଙ୍କ ଯୋଜନା ସାକାର ହେଲା। ସତକୁ ସତ ସେମାନେ ଯାଜପୁର ଓ ଭଦ୍ରକରେ ଜମି କିଣି ଘର ତୋଳାଇ ଭଡା ଲଗାଇଲେ। ଯାଜପୁରରେ ତିନି ତାଲା କୋଠାକୁ ଭଦ୍ରକରେ ତିନି ତାଲା କୋଠା। ମାସକୁ ଲକ୍ଷାଧିକ ଟଙ୍କା ଭଡା ହାତକୁ ଆସିଲା।

କେଦାରର ଏତେ କୋଠାବାଡ଼ି, ଧନ ଅର୍ଜନ କଥା ମିହିରିବାବୁ ଶୁଣି ଆନନ୍ଦିତ ହୁଅନ୍ତି ଏବଂ କେଦାରର ବୁଦ୍ଧି ଓ ପାରିଲା ପଣିଆକୁ ତାରିଫ୍ କରନ୍ତି।

କେଦାରର ଧନଗର୍ବ ନଥିଲେ ମଧ୍ୟ ଲୋଭଶୂନ୍ୟ ହୋଇ ପାରୁନଥିଲା।

କେଦାରର ଝିଅ ଥିଲା ତା'ର ସବୁ ପିଲାଙ୍କଠାରୁ ବଡ଼। ପୁଅ ତିନିହେଁ ଝିଅ ଶ୍ୱେତାଲୀନାଠାରୁ ସାନ। ପିଲାଙ୍କୁ ସାଧାରଣ ଭାବେ ପାଠ ପଢ଼େଇଥିଲା କେଦାର। ଝିଅଟି ଘରୋଇ ଭାବେ ଏମ.ଏ. ପାସ୍ କରି ଥିଲେ ମଧ୍ୟ ତିନି ପୁଅ ଯାକ କେହିବି ବି.ଏ. ପାସ କରି ପାରିନଥିଲେ।

ଗାଁ, ସାହିର ଲୋକମାନଙ୍କଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ପର୍ଯ୍ୟନ୍ତ ସମସ୍ତେ ଭାବିଥିଲେ କେଦାର ନିଶ୍ଚୟ ତା'ର ଝିଅ ବାହାଘର ପ୍ରଥମେ ଜାକଜମକରେ କରିବ ସମସ୍ତଙ୍କୁ ବାହାଘରରେ ଭୁରିଭୋଜନ ଖୁଆଇବ।

କିନ୍ତୁ ତାହା ହେଲା ନାହିଁ।

କେଦାରର ଝିଅ ଶ୍ୱେତାଲୀନା ଥିଲା ଦେଖିବାକୁ ବେଶ୍ ସୁନ୍ଦରୀ ଏବଂ ବୁଦ୍ଧିମତୀ। ତାକୁ ବିବାହ କରିବାକୁ କୌଣସି ପାତ୍ର ଅରାଜି ହେବା

କଥା ନୁହେଁ। କିନ୍ତୁ ଯେତେ ଯେତେ ପ୍ରସ୍ତାବ ମଧ୍ୟସ୍ଥିମାନେ ଆଣି ଦେଲେ, ସବୁ ପ୍ରସ୍ତାବ କେଦାର ଦ୍ୱାରା କାଟ ଖାଇ ଯାଉଥିଲା। କେଉଁଠି ଜାତିର ଦ୍ୱାହି ଦେଇ ବାହାଘର ଭାଙ୍ଗି ଦେଉଥିଲାତ କେଉଁଠି ଏତେ ଅଧିକ ଯୌତୁକ ଦେବା ସଂଭବ ନୁହେଁ ବୋଲି କହି ନିଜେ କେଦାର ପ୍ରସ୍ତାବମାନ ଭାଙ୍ଗି ଦେଉଥିଲା। ଏହିପରି ପ୍ରସ୍ତାବ ଭଂଗ ଭିତରେ ଶ୍ୱେତାଲୀନାର ବିବାହ ହୋଇପାରୁନଥିଲା। ଏଣେ ଦିନ ଗଡ଼ି ଚାଲିଥିଲା। ଶ୍ୱେତାଲୀନାର ବୟସ ବଢ଼ି ବଢ଼ି ଚାଲିଥିଲା। ଏପରିକି ସାଧାରଣ ଭାବରେ ଆମ ସମାଜରେ ଝିଅ ବାହାଘରର ବୟସ ସୀମାରୁ ଅନେକ ଅଧିକ ହେବାକୁ ଆରମ୍ଭ କଲା ଶ୍ୱେତାଲୀନାର।

ଶ୍ୱେତାଲୀନାର ବିବାହ ହୋଇ ସାରିଲା ପରେ ସାନ ତିନି ପୁତ୍ରଙ୍କର ବିବାହ ହେବାର କଥା। କ୍ରମେ ପୁଅମାନଙ୍କର ମଧ୍ୟ ବିବାହ ବୟସ ଅତିକ୍ରାନ୍ତ ହେବାକୁ ଲାଗିଲା।

ସେଥର ପୂଜା ଛୁଟିରେ ଗାଁକୁ ଆସିଥିଲେ ମିହିର ବାବୁ। ଉଦ୍ଦେଶ୍ୟମୂଳକ ଭାବେ କେବଳ ଶ୍ୱେତାଲୀନାର ବିଳମ୍ବିତ ବିବାହ ବିଷୟରେ ମିହିରବାବୁ କେଦାର ସହିତ କଥାହେବାକୁ ସେ ଯୋଜନା କରିଥିଲେ। ତାକୁ ଏକାନ୍ତରେ ସେଦିନ ନଈକୂଳ ପଳାଶବଣକୁ ଡାକିନେଇ ଶ୍ୱେତାଲୀନାର ବିବାହ ପ୍ରସଙ୍ଗ ଉଠାନ୍ତେ କେଦାର ବିଷର୍ଣ୍ଣ ମୁଖରେ କହିଥିଲା– ତା'ର ବାହାହେବା ଯୋଗ ଘଟିନି ବୋଲି ଜ୍ୟୋତିଷ କହୁଛି। ମୁଁ କ'ଣ କରିପାରିବି ? ଯେଉଁଠି ବିବାହ ପ୍ରସ୍ତାବ ପଡୁଛି ନାନାଦି କାରଣରୁ ଭାଙ୍ଗି ଯାଉଛି। ତା'ର ଯଦି ଯୋଗ ନଥିବ – ସେ ବାହାହେବ ନାହିଁ। ମୁଁ କ'ଣ କରିବି। ପୁଅଙ୍କ ବାହା ବୟସ ବି ଗଡ଼ିଯାଉଛି। ମୁଁ ଭାବୁଛି ଏବେ ପୁଅ ବାହାଘର ଆରମ୍ଭ କରିବି। କେଦାରଠାରୁ ଏ ପ୍ରକାର ଦାୟିତ୍ୱଶୂନ୍ୟ ଉତ୍ତର ଶୁଣି ମିହିରବାବୁ ଉତ୍ତ୍ୟକ୍ତ ହୋଇ କହିଥିଲେ – ତୁ ଏମିତି ଗୋଟାଏ ବୁଦ୍ଧିଶୁଦ୍ଧି ନଥିବା ଦାୟିତ୍ୱହୀନ ଭଳି କ'ଣ କଥାବାର୍ତ୍ତା କରୁଛୁ ? ଶ୍ୱେତାଲୀନା ତୋରି ଝିଅ। ତା'ର ମଙ୍ଗଳ ଚିନ୍ତାକରି ତାକୁ ବିବାହ ଦେବା ତୋ ଦାୟିତ୍ୱ। ତୁ ତାହା ନ କରି କହୁଛୁ – ମୁଁ କ'ଣ କରିବି ? ତୋତେ ଲାଜ ଲାଗୁନାହିଁ ?

ମିହିରବାବୁଙ୍କ ଆକ୍ଷେପ ଓ ରୋଷ କଷାୟିତ ବାକ୍ୟବାଣ ମଧ୍ୟ କେଦାର ଉପରେ ରେଖାପାତ କଲା ନାହିଁ।

ମନ ଖରାପ କରି ଭାଗ୍ୟହୀନା ଶ୍ୱେତାଲୀନାର ଏ ପ୍ରକାର ଦୁର୍ଦ୍ଦଶା ନିମନ୍ତେ କେଦାରର ଅପାରଗତା ଦାୟୀ ବୋଲି ମନେ କରି ସେଦିନ ଭୁବନେଶ୍ୱର ଫେରି ଆସିଥିଲେ ମିହିରବାବୁ।

କେଦାର ଶ୍ୱେତାଲୀନା ବାହାଘରକୁ ପଛକୁ ରଖି ଗୋଟିକ ପରେ ଗୋଟିଏ ପୁଅଙ୍କ ବାହାଘର ଆରମ୍ଭ କଲା। ନିଜେ ବିପୁଳ ଧନ ଠୁଳେଇଥିଲେ ମଧ୍ୟ ସେ କନ୍ୟା ପିତାମାନଙ୍କଠାରୁ ପ୍ରଚୁର ଯୌତୁକ ଦାବି କରି ଆଣିଥିଲା।

ଗୋଟିକ ପରେ ଗୋଟିଏ ପୁଅର ବାହାଘର କରି ତିନିଟିଯାକ ପୁଅଙ୍କ ବାହାଘର ସାରିଦେଲା କେଦାର। ଶ୍ୱେତାଲୀନା ନୀରବିତ ହୋଇଯାଇଥିଲା। ନିଜ କଥା ନିଜେ ଅନେକ ସମୟରେ ଚିନ୍ତା କରୁଥିଲେ ମଧ୍ୟ ତା' ହାତରେ କିଛି କରିବାର କର୍ତ୍ତବ୍ୟ ନଥିଲା। ଗାଁରେ ତାରି ସାଙ୍ଗମାନେ ସବୁ ବାହାହୋଇ ସେତେବେଳକୁ ତିନି ତିନିଟା ସନ୍ତାନର ଜନନୀ ହୋଇ ସାରିଥିଲେ।

ଶ୍ୱେତାଲୀନା କେଦାରର ଘର ଓ ପରିବାର ପାଇଁ ଅନେକ କିଛି କରିପାରିଥିଲା। ତା'ର ସାନଭାଉଜମାନେ ଆସିବା ପୂର୍ବରୁ ସେ ଘରର ରନ୍ଧାବଢ଼ାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସବୁ କାର୍ଯ୍ୟ ହିଁ କରୁଥିଲା। ଭାଇମାନଙ୍କ ବିବାହ ପରେ ବି ଘର କାମରେ ଶ୍ୱେତାଲୀନାର ବିରାମ ନଥିଲା। କ୍ରମଶଃ ଅଭିଆଡୀ ଭଉଣୀ ଶ୍ୱେତାଲୀନାକୁ କେନ୍ଦ୍ରକରି କେଦାରର ପୁତ୍ର ଓ ପୁତ୍ରବଧୂମାନଙ୍କ ମଧ୍ୟରେ ମଧ୍ୟ ନାନାଦି ଜଟିଳ ପ୍ରସଙ୍ଗ ଉତ୍ଥାପିତ ହେଉଥିଲା।

ଶ୍ୱେତାଲୀନା ସବୁକିଛି ଅନୁଭବ କରୁଥିଲା ସତ, କିନ୍ତୁ ତା'ର କିଛି କହିବାର ଜ୍ଞ ନଥିଲା। କାହାକୁ କିଛି ନକହି ଯେମିତି ସେ କ୍ରମଶଃ ମୂକ ପାଲଟି ଯାଉଥିଲା।

ଦିନ ଗଡ଼ି ଚାଲିଥିଲା। ନିଜ ଅଭିଆଡୀ ଝିଅକୁ କେମିତି ବିବାହ ଦେଇ ହାତକୁ ଦି' ହାତ କରିବ, ଚିନ୍ତା କରିବାର ଅବସର ନଥିଲା କେଦାରର। ମୁହଁରେ ନହେଲେ ବି ପଛରେ ଗାଁ ଲୋକେ କେଦାରକୁ ନାନାଦି ଆକ୍ଷେପ କରୁଥିଲେ।

ଯୌତୁକ ଦେବାକୁ କାହିଁକି ଯେ ଏତେ ପଶ୍ଚାତପଦ ହେଉଥିଲା କେଦାର, ମିହିରବାବୁ ବୁଝି ପାରୁନଥିଲେ।

ମଣିଷ ଏତେ କୃପଣ ହୋଇଯାଏ କେମିତି ?

ସମାଜରେ ବାସ କରି ସମାଜର ରୀତିନୀତିକୁ ଅବହେଳା କରିହେବ ବା କେମିତି ?

କେଦାରର ସମାଜକୁ ଭୃକ୍ଷେପ ନଥିଲା।

ସାନ ଭାଇ ଭାଉଜଙ୍କର ତା' ପ୍ରତି ଅସମ୍ମାନବୋଧ, ତା' ପ୍ରତି ବାପା ଭାଇମାନଙ୍କର ଚରମ ଅବହେଳାରେ ଶ୍ୱେତାଲୀନା ଯେମିତି କ୍ରମଶଃ ଦଗ୍ଧୀଭୂତ ହେଉଥିଲା। ସାରା ଜୀବନ ଅବିବାହିତା ରହି କେମିତି ଏମାନଙ୍କ ପାଖରେ ଜୀବନ ବିତେଇବ, ଭାବି ପାରୁନଥିଲା ସେ।

ଦିନ ଗଡ଼ି ଚାଲିଥିଲା।

ଭଗବାନଙ୍କ ଦୟାରୁ ଶ୍ୱେତାଲୀନା ନଦୀ ସ୍ରୋତରେ ନାବଟିଏ ଠାବ କରିବାର ସୁଯୋଗ ପାଇଲା।

ପ୍ରେମାଞ୍ଜନ ନାମକ ଏକ ପିତୃମାତୃହୀନ ଯୁବକ ଆସି ଗାଁ ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ ଯୋଗଦାନ କରି କେଦାରର ବାଡ଼ି ପାଖ ଏକ ଘର ଭଡା ସୂତ୍ରରେ ନେଇ ରହିଲା।

ପ୍ରେମାଞ୍ଜନ ଅତ୍ୟନ୍ତ ଭଦ୍ର, ସରଳ ଏବଂ ଅମାୟିକ ଥିଲା। ସେ କିଛିଦିନ ରହିବା ପରେ କେମିତି ନା କେମିତି ପ୍ରେମାଞ୍ଜନ ଓ ଶ୍ୱେତାଲୀନା ମଧ୍ୟରେ ଏକ ମଧୁମୟ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରେମାଞ୍ଜନ ଶ୍ୱେତାଲୀନାଠାରୁ ବୟସରେ ସାନ ହେଲେ ମଧ୍ୟ ସେ ଶ୍ୱେତାଲୀନାକୁ ବିବାହ କରିବାକୁ ଆଗ୍ରହ ପ୍ରକାଶ କରିଥିଲା।

ପ୍ରସ୍ତାବଟି କେଦାର କାନକୁ ଗଲା।

ବିନା ଯୌତୁକରେ ସେ ବିବାହ କରିବ ବୋଲି ସୂଚନା ଦେଲେ ମଧ୍ୟ କେଦାର ଏ ପ୍ରସ୍ତାବରେ ରାଜି ହୋଇନଥିଲା । ବରଂ ରୋଷ କଷାୟିତ କଣ୍ଠରେ କହିଥିଲା -ପୁଅଟା ଝିଅଠାରୁ ସାନ ଯେତେବେଳେ ଏ ବାହାଘର ମଙ୍ଗଳକର ନୁହେଁ ।

ଏପରି ଏକ ବିବାହ ପ୍ରସ୍ତାବକୁ କେଦାର ଗ୍ରହଣ କରିନେବା ପରିବର୍ତ୍ତେ ଭୀଷଣ ଅସମ୍ମତି ପ୍ରକାଶ କିରବାରୁ ପ୍ରେମାଞ୍ଜନ ଓ ଶ୍ୱେତାଲୀନା ଦିନେ ରାତିରେ ଘରୁ ଚାଲିଯାଇ ପରଦିନ ପ୍ରଭାତରେ ଏକ ମନ୍ଦିରରେ ମାଳା ବଦଳ କରି ବିବାହ କରିଥିବା ସମ୍ବାଦ ମିହିରବାବୁ ଜାଣିବାକୁ ପାଇଥିଲେ ।

ଏହି ବିବାହରେ କେଦାର ଖୁସିଥିଲା କି ଦୁଃଖ ପ୍ରକାଶ କରୁଥିଲା - ତାହାର ସ୍ୱଷ୍ଟ ସୂଚନା ନ ମିଳୁଥିଲେ ମଧ୍ୟ ତାକୁ ତା'ର କନ୍ୟା ବିବାହ ନିମନ୍ତେ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡ଼ିଲା ନାହିଁ, ଏଥିରେ ନିଶ୍ଚୟ ମନେମନେ ସେ ଖୁସି ହୋଇଥିବ ।

ସେହି ଶ୍ୱେତାଲୀନାକୁ ଆଜି ଭେଟିବା ପରେ ମିହିରବାବୁ ଖୁବ୍ ଆନନ୍ଦିତ ହୋଇଥିଲେ ।

ଏହାର କିଛି ଦିନ ପରେ ମିହରିବାବୁ ଶୁଣିବାକୁ ପାଇଲେ ଯେ କେଦାରର ସ୍ୱାସ୍ଥ୍ୟ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ହୃଦ୍‌ଘାତ ହୋଇ କଟକ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜରେ ଚିକିତ୍ସିତ ହେଉଛି ।

ମିହିରବାବୁ ଏ ସମ୍ବାଦ ପାଇ ଭୁବନେଶ୍ୱରରୁ କଟକ କେଦାରକୁ ଦେଖିବାକୁ ଆସି ଦେଖିଲେ ଯେ କେଦାର ଭୀଷଣ ଅସୁସ୍ଥ ଓ ଦୁର୍ବଳ ଦିଶୁଛି । ପାଖରେ ତା'ର ପୁଅମାନେ କେହି ନାହାନ୍ତି । ସେମାନେ ପ୍ରଥମେ ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି କରିଦେଇ ଚାଲି ଯାଇଛନ୍ତି । କେଦାରର ସମସ୍ତ ଯତ୍ନ ନେଉଛନ୍ତି ଓ ରାତି ଅନିଦ୍ରା ହୋଇ ଜଗି ରହିଛନ୍ତି ଶ୍ୱେତାଲୀନା ଓ ତା'ର ସ୍ୱାମୀ ପ୍ରେମାଞ୍ଜନ ।

କେଦାରର ଏପରି ଅବସ୍ଥା ଦେଖି ଏବଂ ତା' ପୁତ୍ର ପୁତ୍ରବଧୂମାନଙ୍କର କେଦାର ପ୍ରତି ଅନାସ୍ଥାଭାବ ଲକ୍ଷ୍ୟ କରି ମିହିରବାବୁ ମ୍ରିୟମାଣ ହୋଇପଡ଼ିଲେ ।

ସମାଜର ଏ ପ୍ରକାର ଅବସ୍ଥାରେ ହତଭଂବ ହୋଇ ପଡୁଥିଲେ ମିହିର ବାବୁ ।

ସ୍ୱାର୍ଥପରତାର ବଶବର୍ତ୍ତୀ ହୋଇ ମଣିଷ କିପରି ଦାୟିତ୍ୱହୀନ ହୋଇପାରେ ଓ କର୍ତ୍ତବ୍ୟରେ ଅବହେଳା କରେ, ଭାବି ପାରୁନଥିଲେ ମିହିରବାବୁ ।

ଅନେକ ସମୟ କେଦାର ପାଖରେ ରହି ଶ୍ୱେତାଲୀନା ଓ ପ୍ରେମାଞ୍ଜନକୁ ଶତ ଆଶୀର୍ବାଦ କରି ଭୁବନେଶ୍ୱର ଫେରି ଆସିଥିଲେ ସେ ।

*ଚିତ୍ରକଳା, ଏଲ-୧୦୨ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,*
*ଭୁବନେଶ୍ୱର-୩*
*ମୋ: ୬୩୭୦୨୪୪୮୦୯*

**ପ୍ରକାଶ ପାଇଲା !**

କବି **ପ୍ରଫେସର ଉପେନ୍ଦ୍ର ନାୟକ** ଙ୍କ

# ଛନ୍ଦକାବ୍ୟ ସମଗ୍ର
## (ପ୍ରଥମ ଭାଗ)

ପ୍ରକାଶକ - ଗାୟତ୍ରୀ, ଭୁବନେଶ୍ୱର
ମୂଲ୍ୟ - ସାତଶହ ଟଙ୍କା ମାତ୍ର

# ବିଚାରୀ ଅନୁ

ବିଷ୍ଣୁ ଚରଣ ଚୌଧୁରୀ

ଆଜି ଅଂଶୁର ଜନ୍ମଦିନ। ପ୍ରଥମ ଜନ୍ମ ବାର୍ଷିକୀ। ଜନ୍ମଦିନ ପାଳନ ହେଉଛି ଖୁବ୍ ଧୂମଧାମ୍‌ରେ। ଜନ୍ମଦିନଟିକୁ ଉତ୍ସବମୁଖର କରିବା ପାଇଁ ଅନେକ ଆଗରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସହରର ଏକ ନାମିଦାମୀ ମଣ୍ଡପ ବୁକିଂ ହୋଇଛି। ଭୋଜି ଭାତର ଦାୟିତ୍ୱ ଦିଆଯାଇଛି ଜଣାଶୁଣା କ୍ୟାଟେରିଂ ବାଲାକୁ। ବିବାହର ଦୀର୍ଘ ଦଶ ବର୍ଷ ପରେ ପୁତ୍ର ସନ୍ତାନଟିଏ ପିତାମାତାଙ୍କ କୋଳମଣ୍ଡନ କରିଥିବାରୁ ପରିବାର ତଥା ବନ୍ଧୁବାନ୍ଧବଙ୍କ ମନରେ ଖୁସିର ଲହରି ଭାଙ୍ଗୁଥାଏ। ପରିବାର କହିଲେ ଶୁଭ୍ରାଂଶୁ, ପତ୍ନୀ ଅନୁ ଆଉ ଅଂଶୁ ଛଡା ଏତେ ବଡ଼ ଘରଟାରେ ଏବେ ଆଉ କେହି ସବୁଦିନିଆ ସଦସ୍ୟ ନାହାନ୍ତି। ଦିନେ ଏଇ ଘର ସକାଳୁ ବିଳମ୍ବିତ ରାତିଯାଏ ଗହଳି ଚହଳିରେ ଫାଟି ପଡୁଥିଲା। ଶାଶୁ, ଶ୍ୱଶୁର ଥିବା ଯାଏ ଗହଳି ଚହଳି ଲାଗି ରହୁଥିଲା ଅଧିକାଂଶ ଦିନ।

ଅନେକ ବର୍ଷ ପରେ ଆଜି ପୁଣି ସେଇ ଗହଳି। ଆତ୍ମୀୟ ସ୍ୱଜନ ଏବଂ କୁଣିଆ ମଇତ୍ର ଏକତ୍ରିତ ହୋଇଛନ୍ତି ଏଇ ଘରେ। ପରସ୍ପର କୋଳାକୋଳି, ସମ୍ଭାଷଣ, ଶୁଭେଚ୍ଛା ଜ୍ଞାପନ ଏବଂ ଭାବ ବିନିମୟର ପର୍ବ ଚାଲୁ ରହିଥିଲା ଅନେକ ବେଳଯାଏ। ଘର ସାରାଆଜି ଖୁସିର ମାହୋଲ। ସନ୍ଧ୍ୟା ପୂର୍ବରୁ ଘରେ ରୁଣ୍ଡ ହୋଇଥିବା ଆତ୍ମୀୟଙ୍କ ସହ ପତ୍ନୀ ଅନୁ ଏବଂ ପୁଅ ଅଂଶୁକୁ ମଣ୍ଡପକୁ ପଠାଇ ନିଜେ ସୁଚିସ୍ମିତା ଏବଂ ଦୁଇଜଣ ପୁରୁଷ ବନ୍ଧୁଙ୍କ ସହ ଗୋଟିଏ କାର୍‌ରେ ବାହାରି ଆସିଥିଲେ ଶୁଭ୍ରାଂଶୁ। ରଙ୍ଗ ବେରଙ୍ଗର ଆଲୋକମାଳାରେ ସଜେଇ ହୋଇଥିଲା ମଣ୍ଡପଟି ନବବଧୂ ଭଳି। ମାଳ ମାଳ ବେଲୁନ ଝୁଲୁଥିଲା ସାରା ମଣ୍ଡପରେ। ଅତିଥିମାନଙ୍କର ଆଗମନ ବଢ଼ି ଚାଲିଥିଲା। ସାଥିରେ ଆସିଥିବା କୁନି କୁନି ପିଲାଙ୍କର ଖୁସି କହିଲେ ନସରେ। ହାତ ପାହାନ୍ତରେ ଝୁଲୁଥିବା ବେଲୁନ୍‌କୁ ହାତରେ ଧରି ଖୁସି ମନାଉଥାନ୍ତି। ଖୁସି ମନାଇଥାନ୍ତି ସମବେତ ଅତିଥିମାନେ। ପରିଚିତ ଲୋକମାନଙ୍କ ସହ ଫଟୋ ଉଠାଇବାରେ। ମଞ୍ଚ ଉପରେ ପରିବାର ସଦସ୍ୟଙ୍କ ସହ ଫଟୋ ଉଠାଇବା ଲାଗି କ୍ୟାମେରା ତଥା ଭିଡିଓ ଗ୍ରାଫରଙ୍କ ଲେନସ ସାମ୍ନାକୁ କିଛି ଅତିଥିଙ୍କୁ ଆମନ୍ତ୍ରଣ କରି ପରିଚୟ କରାଇ ଦେଉଥାନ୍ତି ଶୁଭ୍ରାଂଶୁ।

ଜନ୍ମ ଦିନର କେକ୍ ସଜେଇବା, କେକ୍ କାଟିବା, ଅତିଥିମାନଙ୍କୁ ଧାଡ଼ିରେ ଛିଡ଼ା କରାଇ ଫଟୋ ଉଠାଇବାର ବ୍ୟବସ୍ଥା କରିବା ଆଦି କ୍ଷେତ୍ରରେ ସୁଚିସ୍ମିତା ବେଶ୍ ଆଗଭର ଥିଲା। ଶୁଭ୍ରାଂଶୁଙ୍କ ପାଖେ ପାଖେ ରହିଥାଏ। ବେଳେବେଳେ ଅଂଶୁକୁ କୋଳକୁ ଟାଣି ଆଣି ଗେହ୍ଲା କରୁଥାଏ। ଅଂଶୁ କିନ୍ତୁ ତା ପାଖରେ ରହୁନଥିଲା। ଠୁକୁ ଠୁକୁ ହୋଇ ଚାଲୁଥିବା ଅନ୍ୟ ପିଲାମାନଙ୍କ ପଛେ ପଛେ। ବେଳେବେଳେ ମାଆ ପାଖକୁ ଚାଲି ଆସି କୋଳରେ ଗୁଞ୍ଜି ହୋଇ ଯାଉଥିଲା ତ ପୁଣି କେତେବେଳେ ଟଙ୍ଗା ହୋଇଥିବା ବେଲୁନ୍‌କୁ ଟଣାଓଟରା କରୁଥିଲା। ନୂଆ ପ୍ୟାଣ୍ଟ, ସାର୍ଟପିନ୍ଧି ଖୁସି ମନଉଥିଲା। ଅତିଥିମାନଙ୍କର ସମାଗମ ବଢ଼ି ଚାଲିଥିଲା। ହାଲୋ ହାଏ, କରମର୍ଦ୍ଦନ ଏବଂ ହସ ଖୁସିର ଲହଡ଼ି ଖେଳି ବୁଲୁଥିଲା ସମଗ୍ର ପରିବେଶ ମଧ୍ୟରେ। ସଂଗୀତ, ଷ୍ଟାଟରଏବଂ ଭୋଜି ଭାତର ମଜା ନେଉଥିଲେ ସମବେତ ଅତିଥିଗଣ। ରାତି ବଢ଼ିବା ସଙ୍ଗେ ସଙ୍ଗେ ଗହଳି କମି ଆସୁଥିଲା। ନିଜ ନିଜର ଘରକୁ ଫେରି ଯାଇଥିଲେ ନିମନ୍ତ୍ରିତ ଅତିଥିମାନେ ଶୁଭ୍ରାଂଶୁଙ୍କଠାରୁ ବିଦାୟ ନେଇ। ଶୁଭ୍ରାଂଶୁଙ୍କ ପାଖେ ପାଖେ ରହିଥାଏ ସୁଚିସ୍ମିତା। ସୁଚିସ୍ମିତାର ଉପସ୍ଥିତି ଏବଂ ଶୁଭ୍ରାଂଶୁ ସହ ତାର ସଂପର୍କକୁ ନେଇ ଅନେକ ଭ୍ରମରେ ପଡ଼ିଥିଲେ।

ଭ୍ରମରେ ପଡ଼ିଥିଲା ଅନୁ। ସୁଚିସ୍ମିତାକୁ ସେ ଆଗରୁ କେବେ ଦେଖିନଥିଲା କି ତା ସଂପର୍କରେ କିଛି ଜାଣିନଥିଲା କାହାରିଠୁ। ଶୁଭ୍ରାଂଶୁ କିମ୍ବା ପରିବାରର ଅନ୍ୟମାନଙ୍କଠୁ କିଛି ଶୁଣିବାକୁ ପାଇନଥିଲା। ଏଇ ଘରକୁ ଆସିବାର ଦୀର୍ଘ ଦଶବର୍ଷ ମଧ୍ୟରେ କୌଣସି ବଢ଼ିଲା ଝିଅ ସହିତ ଯେ ଶୁଭ୍ରାଂଶୁ ସଂପର୍କ ରଖି ପାରନ୍ତି ଏହା ତାର ଚିନ୍ତାର ବାହାରେ ଥିଲା। କିଛି ବଦ ଖର୍ଚ୍ଚ ନଥିଲା ତାଙ୍କର। ଶାଶୁ, ଶ୍ୱଶୁର ବଞ୍ଚିଥିବା ବେଳେ କେବେ କେବେ ତାଙ୍କ ତୁଣ୍ଡରୁ ଶୁଭ ଅଯଥାରେ ଅନେକ ଟଙ୍କା ବରବାଦ କରିଥିବା ଶୁଣିବାକୁ ପାଇଥିଲା ହେଲେ ତାଙ୍କ କଥା ଉପରେ ଏତେଟା ଗୁରୁତ୍ୱ ଦେଇନଥିଲା।

ଶାଶୁ,ଶ୍ୱଶୁରଙ୍କ ଏଇ କଥାର ମର୍ମ ବୁଝିବାର ବୟସ ହୋଇନଥିଲା ତାର। ଦୁନିଆର ରୀତି ନୀତି, ଭଲମନ୍ଦ, ବିଚାରଧାରା ଉପରେ ଜ୍ଞାନ

ନଥିଲା ତାର। ଦୁନିଆଁକୁ ଜାଣିବା, ବୁଝିବାର ବୟସ ହେବା ଆଗରୁ ବିବାହ ହୋଇ ଯାଇଥିଲା। ବାହା ହୋଇ ଘରସଂସାର କରିବା, ନିଜ ଘର ଛାଡ଼ି ଅନ୍ୟ କାହା ଘରକୁ ଯିବା, ଆପଣାର ଲୋକମାନଙ୍କ ପାଖରୁ ଦୂରେଇ ଯାଇ ପର ଲୋକମାନଙ୍କ ପାଖରେ ରହି ସେମାନଙ୍କୁ ଆପଣାର କରିବାକୁ ପଡ଼ିବ ବୋଲି କେବେ ଭାବିନଥିଲା।

ଗାଁ ମାଟି, ପାଣି, ପବନ, ଗାଁ ସ୍କୁଲ, ସାଙ୍ଗସାଥି, ଚିହ୍ନାମଣିଷ, ବାପା, ବୋଉ ଏବଂ ପରିବାରର ମଣିଷମାନଙ୍କୁ ଛାଡ଼ି କଲେଜରେ ପଢ଼ିବାକୁ ନୂଆ କରି ସହରକୁ ଆସିବା ପାଇଁ ବି ମନ ଚାହୁଁନଥିଲା। ଦିନେ ଦୁଇଦିନ କଲେଜ ଛୁଟି ହେଲେ ଘରକୁ ଚାଲିଆସେ। ହସ, ଖୁସିରେ କଟେ ଦିନ। ଛୁଟି ସରିଗଲେ ମନରୁ ଲିଭିଯାଏ ସରାଗ। ମନରେ କୁନ୍ଥୁ କୁନ୍ଥୁ ଭାବ। ଆଉ ଦିନେ ଅଧେ ଘରେ ରହିବା ପାଇଁ ଇଚ୍ଛା ହୁଏ। ବୋଉକୁ ଜଣାଇ ଥାଏ ମନର କଥା। ହେଲେ ବାପା ଛୁଟି ଖୋଲିବାର ପୂର୍ବଦିନ ରାତିରେ ତା' ଡ୍ରେସ ପଟା, ବହିପତ୍ର ଏବଂ ଜଳଖିଆ ଆଦି ବ୍ୟାଗ୍‌ରେ ସଜାଡ଼ି ଦିଅନ୍ତି। ସକାଳୁ ତରବର କରାନ୍ତି ବାହାରିବା ପାଇଁ। ବାପାଙ୍କ ଆଗରେ ବୋଉ କିଛି କହିପାରେନା। ଅଗତ୍ୟା ବାଧ ହୋଇ ଘରୁ ବାହାରିବାକୁ ପଡ଼ିଥାଏ ମନ ଦୁଃଖରେ। ବାପା ଆଗେ ଆଗେ ଚାଲିଥାନ୍ତି ବ୍ୟାଗ୍ ଧରି। ବୋଉ ଦାଣ୍ଡ ଦୁଆର ମୁହଁରେ ଠିଆ ହୋଇ ଚାହିଁ ରହିଥାଏ। ବୋଉକୁ ଚାହିଁ ଚାହିଁ ଲୁହ ଟଳମଳ ଆଖିରେ ବାପାଙ୍କ ପଛେ ପଛେ ଚାଲିଥାଏ। ତିନି, ଚାରି କି.ମି ଚାଲି ଚାଲି ବସ୍‌ଷ୍ଟାଣ୍ଡ ଯାଏ ଆସିବାକୁ ପଡ଼େ। ସେ ବସ୍‌ରେ ବସିବା ପରେ ବାପା ଘରକୁ ଫେରିଥାନ୍ତି।

ନୂଆ ହୋଇ ସହରକୁ ଆସିବା, ଅପରିଚିତ ପିଲାମାନଙ୍କ ସାଥିରେ ସାଙ୍ଗ ହୋଇ ପଢ଼ିବା, ରହିବା ଏବଂ ସମୟ କାଟିବାର କୌଶଳ ଜଣା ନଥିଲା ତାକୁ। ବର୍ଷେ ଦୁଇଟା କଲେଜରେ ପଢ଼ି ସହରୀ ଜୀବନକୁ ଠିକ୍ ଭାବେ ଆପଣେଇବା ଆଗରୁ ତାର ବିବାହ ଠିକ୍ ହୋଇଯାଇଥିଲା ଏଇ ସହରର ଏକ ଆଭିଜାତ୍ୟ ପରିବାରରେ। ତା ପୁଣି ଏକ ଗହଳି ପରିବାରରେ। ପାଞ୍ଚ ପାଞ୍ଚଟି ନଣନ୍ଦ, ଶାଶୁ, ଶ୍ୱଶୁର ଥିବା ଏକ ଘର। ସବୁ ନଣନ୍ଦଙ୍କର ଅବଶ୍ୟ ବିବାହ ସରିଥିଲା। ବିବାହ ସରିଥିଲେ ମଧ ଅବାଧ ପ୍ରବେଶ ଥିଲା ଏଇ ଘରକୁ ସେମାନଙ୍କର ଯେତେବେଳେ ସେତେବେଳେ। ପ୍ରାୟ ପ୍ରତିଦିନ ଜଣେ, ଦୁଇଜଣ ନଣନ୍ଦ ସେମାନଙ୍କ ସ୍ୱାମୀ ପିଲାମାନଙ୍କ ସହ ଆସି ପହଞ୍ଚିଥାନ୍ତି।

ନିପଟ ମଫସଲରୁ ନୂଆ କରି ସହରକୁ ପଢ଼ିବାକୁ ଆସି ସାଙ୍ଗସାଥିମାନଙ୍କ ମେଳରେ ସମୟ କଟାଇବାକୁ ସହଜ ମନେ କରୁଥିବା ବେଳେ ଶାଶୁ ଘର ସଂପୂର୍ଣ୍ଣ ଅପରିଚିତ ମଣିଷମାନଙ୍କୁ ନେଇ ଜୀବନ ଜିଇବାର ଚିନ୍ତାରେ ଭାଙ୍ଗି ପଡ଼ିଥିଲା। ପରିବାର, ଆତ୍ମୀୟସ୍ୱଜନ ଏବଂ ସାଙ୍ଗସାଥିମାନଙ୍କ ସହ ହସ ଖୁସିରେ ଦିନ ବିତୁଥିବା ତାର ଏଇ ଘର, ଗାଁକୁ ସବୁଦିନ ପାଇଁ ଛାଡ଼ିବାକୁ ପଡ଼ିବ ବୋଲି କେବେ ଭାବିନଥିଲା। ଭାବିନଥିଲା ଆପଣାର ଲୋକମାନେ ଦିନେ ତାକୁ ପର କରିଦେବେ। ଯେଉଁ ଘରକୁ ସେ ଆଜି ପର୍ଯ୍ୟନ୍ତ ନୀଜ ଘର ବୋଲି ଭାବୁଥିଲା ସେଇ ଘର ଯେ ତାର ନୁହେଁ ଏହା ବିଶ୍ୱାସ କରିପାରୁନଥିଲା। ଇଚ୍ଛା ହେଉଥିଲା ବାପା, ବୋଉଙ୍କ ନିକଟରେ ପ୍ରତିବାଦ କରିବାକୁ। ପ୍ରତିବାଦ କରିବା ତ ଦୂରର କଥା ହେତୁ ପାଇବା ଦିନରୁ ବାପାଙ୍କ ସାମ୍ନାରେ ଠିଆ ହୋଇ କେବେ ଅଳି ଅର୍ଦ୍ଦଳି କରିନି ଅନ୍ୟ ଭାଇଭଉଣୀଙ୍କ ଭଳି। ମନ କଥା ମନରେ ମାରି ଦୁଃଖ, ଅସହାୟ ବୋଧ ଏବଂ ଅନୁଶୋଚନାରେ ଭାଙ୍ଗି ପଡ଼ିଥିଲା। କେହି ବୁଝି ନଥିଲେ କି ବୁଝିବାକୁ ଚେଷ୍ଟା କରିନଥିଲେ ତା'ମନକଥା। ଏଇ ବିବାହରେ ତା ମତାମତ ଜାଣିବାର ଆବଶ୍ୟକତା ନଥିଲା ବାପା ଏବଂ ଅନ୍ୟ ଗୁରୁଜନମାନଙ୍କ ପାଇଁ।

ଅନ୍ୟମାନଙ୍କଠୁ ବୋଉ ଥିଲା ନିଆରା। କିଛି ନ କହିଲେ ବି ମାଆ ଜାଣେ ପିଲାଙ୍କ ମନ କଥା। ତା ମନ କଥା ଜାଣି ନିରୋଳାରେ କଥା ହୋଇଥିଲା। ଏଇ ପ୍ରସ୍ତାବରେ ବୋଉ ରାଜି ନଥିଲା। ଝିଅ ଜନମ ପର ଘରକୁ ବୋଲି ବୁଝେଇଥିଲେ ମଧ ଗୋଟିକିଆ ପୁଅ ଘରକୁ ଝିଅ ଦେବା ପାଇଁ ରାଜି ନଥିଲା। ଗୋଟିକିଆ ଘରେ କେତେ ଯେ ଖଟଣି, ଦଡ଼ମଡ଼ି ଅଙ୍ଗେ ଲିଭେଇଥିଲା। ଏଇ ଘରକୁ ବୋହୂ ହୋଇ ଆସିବା ଦିନରୁ ଦିନଟିଏ ବି ଫୁରସତ୍ ମିଳିନି କାମରୁ। ଭୋରରୁ ଶେଯ ଛାଡ଼ିବା ପରଠୁ ରାତିରେ ଶେଯ ଧରିବା ଯାଏ ଖାଲି କାମ ହିଁ କାମ। ନୂଆ ନୂଆ ଇଚ୍ଛା ହେଉଥାଏ ଟିକେ ଶେଯରେ ଗଡ଼ି ପଡ଼ିବା ପାଇଁ ଦିନ ତମାମ ଖଟି ଖଟି ହାଲିଆ ଲାଗିଲେ। ହେଲେ ସୁଯୋଗ ମିଳେନି। ପଛକୁ ପଛ କାମ ଜୁଟେଇ ଦିଅନ୍ତି ଶାଶୁ। ଶାଶୁ, ଶ୍ୱଶୁରଙ୍କ ସେବା ସାଙ୍ଗକୁ ରନ୍ଧାବଢ଼ା, ବାସନ ମଜା, ଧାନଉଁସା, ଶୁଖା ଏବଂ ଘରର ଅନ୍ୟାନ୍ୟ କାମ ଯୋଡ଼ି ହୋଇ ରହିଥାଏ ପଛକୁ ପଛ। କାହାର କେଉଁଥିରେ ସାମାନ୍ୟ ଉଣା ହେଲେ ବାରକଥା ଶୁଣିବାକୁ ପଡ଼ିଥାଏ। ଏତେ ସବୁ କାମ ସତ୍ତ୍ୱେ ଦିନଟିଏ ବି କଟିନି ଯେଉଁ ଦିନ ତା ଇଚ୍ଛା ତା ଭାବନାକୁ ଏଇ ଘରେ କେହି ସମ୍ମାନ ଦେଇଛନ୍ତି। ସମ୍ମାନ ଦେବା ତ ଦୂରର କଥା କେହି ବୁଝିବାକୁ ଚାହିଁନାହାନ୍ତି।

ବୋଉର ଇଚ୍ଛା ନଥିଲା ସେମିତି ଘରେ ତାଙ୍କୁ ବିବାହ ଦେବା ପାଇଁ। ତାରି ଭଳି ଅବସ୍ଥା ଭୋଗିବାକୁ ପଡ଼ିବ ତା' ଝିଅର। ତା ଛଡ଼ା ପାଠପଢ଼ା ଅଧାରୁ ବିବାହ ଦେବାକୁ ଚାହୁଁନଥିଲା। ପାଠପଢ଼ି ଚାକିରି କରିବା ପରେ ବିବାହ ଦେବାକୁ ଚାହୁଁଥିଲା। ହେଲେ ବାପାଙ୍କର ଏକ ଜିଦ୍ ସେଇ ଘରେ ତାର ବିବାହ ଦେବାକୁ। ଗୋଟିଏ ବୋଲି ପୁଅ। ଘରୁଆ ଲୋକ ପୁଣି ସମ୍ପତ୍ତି ବାଡ଼ି କାହିଁରେ କ'ଣ। ପୁଅ ଦେଖିବାକୁ ସୁନ୍ଦର। ପାଠପଢ଼ି ଚାକିରି ବି କରିଛି। ଏତେ ସବୁ ସତ୍ତ୍ୱେ ଡିମାଣ୍ଡ ନଥିଲା ପୁଅ ଘର ପକ୍ଷରୁ। ଯେଉଁଥିପାଇଁ ବାପା ଖୁବ୍ ଆଗ୍ରହୀ ଥିଲେ ତାଙ୍କ ଘରେ ବିବାହ ଦେବାକୁ। ଶାଶୁ,ଶ୍ୱଶୁର ଚାହୁଁଥିଲେ ତା' ଭଳି ବୋହୂଟିଏ ଯିଏ ଘରର କାମଧନ୍ଦା ସମ୍ଭାଳି ପାରିବ। ବାପା ବି ଚାହୁଁଥିଲେ ଯୌତୁକରୁ ମୁକ୍ତି। ସେଇଥିପାଇଁ ତରବର ହୋଇ ତା'ର ବିବାହ କରାଇଦେଲେ। ବୋଉ ଯେତେ ଯାହା କହିଲେ ବି ବାପା ଶୁଣିନଥିଲେ। ବୋଉ କଥାକୁ କେବେ ବୁଝିବାକୁ ଚେଷ୍ଟା କରନ୍ତିନି କି ଗୁରୁତ୍ୱ ଦିଅନ୍ତିନି। ଶାଶୁ, ଶ୍ୱଶୁର ବଞ୍ଚିଥିବା ବେଳେ

ଯେମିତି ତାଙ୍କର ହୁକୁମ ପାଳନ କରୁଥିଲା, ସେମାନଙ୍କ ଅବର୍ତ୍ତମାନରେ ବି ସେମିତି ବାପାଙ୍କର ଅଦଉତି ସହି ସହି ସବୁ ଦିନ ପାଇଁ ସଂସାର ଛାଡ଼ି ଚାଲିଗଲା।

ବୋଉର ଦେହମୁଣ୍ଡହେଲେ ଅଣଦେଖା ହୋଇ ପଡ଼ିରହେ ଘରଟା ଭିତରେ। ଆହା ପଦ କହିବାକୁ କେହି ନଥାନ୍ତି ପାଖରେ। ଦେହ ପୀଡ଼ା ଦେହରେ ମାରି ଘରର କାମଧନ୍ଦା କରିବାକୁ ପଡ଼େ। ବୋଉର କଷ୍ଟ, ଯନ୍ତ୍ରଣା ପଚାରି ବୁଝିବା ତ ଦୂରର କଥା ଡାକ୍ତରଙ୍କ ପାଖକୁ ନେଇ ବୋଉକୁ ଦେଖେଇବା କି ତା' ପାଇଁ ଔଷଧ ଆଣିବାର ଗୁରୁତ୍ୱ ନଥାଏ। ସମୟ ନାହିଁ କହି ଚାଲି ଯାଆନ୍ତି ବାପା। ଘରେ ଥିବା ସମୟରେ ରେଡ଼ିଓରୁ କ୍ରିକେଟ ମ୍ୟାଚର କମେଣ୍ଟ୍ରି ଏକ ଲୟରେ ଶୁଣି ଥାଆନ୍ତି ଅଥଚ ବୋଉ ରୋଗରେ ଅସ୍ତବ୍ୟସ୍ତ ହେଉଥିଲେ ବି ଟିକେ ପାଖରେ ବସି ଶାନ୍ତ୍ୱନା ଦେବା ସମ୍ଭବ ହୁଏନି। ଯନ୍ତ୍ରଣାରେ କଲବଲ ହେଉଥିଲେ ବି ପଡ଼ି ରହିଥାଏ ଘରଟା ଭିତରେ। ବୋଉର କଷ୍ଟ ଦେଖି ଆମେ ତିନି ଭାଇ ଭଉଣୀ ତା' ପାଖରେ ବସି ରହି ଆଖିରୁ ଲୁହ ଗଡ଼େଇଥାଉ। ବୋଉ ତା' ଦେହ କଷ୍ଟ ଦେହରେ ମାରି ଆମ ଆଖିରୁ ଲୁହ ପୋଛି ସାନ୍ତ୍ୱନା ଦିଏ। ଦେହ ଭଲ ହୋଇଯିବ କହି ମୁହଁରେ ଯନ୍ତ୍ରଣାକୁ ଲୁଚେଇବାର ଅପଚେଷ୍ଟା କରିଥାଏ।

ବୋଉର କଷ୍ଟ ସହିନପାରି କେବେ କେବେ ଆମ ଭାଇଭଉଣୀଙ୍କ ମଧ୍ୟରୁ କେହି ବାପାଙ୍କୁ ଡାକିବାକୁ ଗଲେ ଗାଳି ଶୁଣିବାକୁ ପଡ଼େ। ରାଗ ତମତମ ହୋଇ କେତେ କ'ଣ କହି ଯାଆନ୍ତି। ଦିନେ କ୍ରିକେଟ କମେଣ୍ଟ୍ରି ଶୁଣୁଥିବାବେଳେ ବୋଉର କଷ୍ଟ ଦେଖି ସାନଭାଇ ବାପାଙ୍କୁ ଡାକିବାକୁ ଯାଇ ବାପାଙ୍କଠୁ ଦୁଇ ଚଟକଣି ଖାଇ କାନ୍ଦି କାନ୍ଦି ଫେରି ଆସିଥିଲା। ବିଷେଇ ଯାଇଥିଲା ତା' ମନ। 'ବାପା ଭଲ ନୁହଁ' କହି ଫେରାଦ ହୋଇଥିଲା ମୋ ଆଗରେ। ଚାରି ବର୍ଷର ପିଲାଟି ମନରୁ ବାପାଙ୍କ ପ୍ରତି ସୃଷ୍ଟି ହୋଇଥିବା ଖରାପ ଭାବନା ଦୂରେଇବାକୁ କେତେକ'ଣ ବୁଝେଇବାକୁ ପଡ଼ିଥିଲା। ବାପା ତାଙ୍କୁ ଗେଲରେ ମାରିଥିବା କହିବାରୁ ପ୍ରତିବାଦ କରି ସେ କହିଥିଲା – "ବାପା କେବେ ଗେଲରେ ମାରନ୍ତିନି, ବୋଉ ହିଁ ଗେଲରେ ମାରିଥାଏ।"

ଅନୁ ଭାବୁଥିଲା ସତରେ କ'ଣ ସବୁ ପୁରୁଷମାନେ ଏମିତି। ପତିପତ୍ନୀର ସଂସାରରେ ପତ୍ନୀମାନେ ହିଁ ସବୁବେଳେ ସବୁଠି ଅଲୋଡ଼ା ଅଖୋଜା। ସୁଖ,ଦୁଃଖ, ଭଲ ମନ୍ଦ, ନୀତିଗତ ଅଧିକାର ଭଳି କୌଣସି କାର୍ଯ୍ୟରେ ସ୍ୱାଧୀନ ମତାମତ ଦେବାର ଅଧିକାର କ'ଣ ସେମାନଙ୍କର ନାହିଁ ? ଠିକ୍, ଭୁଲ ବିଚାର କରିବାର ଶକ୍ତି ସେମାନଙ୍କର ନାହିଁ ? ଏଇ ଧାରଣାଟା ବୋଧେ କାହିଁ କେଉଁ କାଳରୁ ପ୍ରଚଳିତ ହୋଇ ଆସୁଛି ଆମ ସମାଜରେ। ଯେଉଁଥିପାଇଁ ସେଦିନ ବୋଉ କଥାକୁ ହେୟ ମନେ କରି ତା'ର ବିବାହ ଦେଇଥିଲେ ଏଇ ଘରେ ବାପା। ବୋଉର ଇଚ୍ଛା ବିରୁଦ୍ଧରେ ବିବାହ ସମ୍ପନ୍ନ ହେବାରୁ ଖୁବ୍ ମନସ୍ତାପ କରିଥିଲା ସେ। ଶେଷ ପର୍ଯ୍ୟନ୍ତ ଅଶାନ୍ତି ଭିତରେ ଦିନ କଟିଥିଲା ବୋଉର। ବିଚରା ଅନେକ କଷ୍ଟ ସହିଛି। କଷ୍ଟ ପାଇଛି ଝିଅ ଘର ଶାଶୁ ଘରେ ଭଲରେ ନଥିବା ଜାଣି।

ବୋଉର ବାରଣ ସତ୍ତ୍ୱେ ପାଠପଢ଼ା ଅଧାରୁ ତା'ର ବିବାହ ହୋଇଥିଲା ଏଇ ଘରେ। ବଡ଼ ଲୋକ ଘରେ ବିବାହ ଦେବାପାଇଁ ବାପାଙ୍କ ଜିଦ୍ ଆଗରେ ହାର୍ ମାନିଥିଲା ବୋଉ। ପିଲାଟି ଦିନରୁ ସେ ଦେଖି ଆସିଛି ବାପାଙ୍କ ଯିଦ ଆଗରେ ବୋଉ ମୁଣ୍ଡ ନୁଆଁଇ ଥାଏ। ବାପାଙ୍କ ଦେହ ମୁଣ୍ଡ ଖରାପ ହେଲେ ସବୁ କାମଧନ୍ଦା, ବୋଉ ତା'ର ଖିଆପିଆ ଛାଡ଼ି ଲାଗିଥାଏ ତାଙ୍କ ସେବାରେ। ଅଥଚ ବୋଉ ଦେହ ମୁଣ୍ଡ ଖରାପ ହେଲେ ଏକଲା ପଡ଼ି ରହିଥାଏ ଘରେ। ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ପାଖ ମାଡନ୍ତିନି ବାପା। ବରଂ ଚିଡି ଚିଡି ହୁଅନ୍ତି। ବାପା ରାଗିଲେ ଆମେ ପିଲାମାନେ ଲୁଚି ଲୁଚି କାନ୍ଦିଥାଉ। ଆମ୍ଭମାନଙ୍କ କାନ୍ଦ ଦେଖି ବୋଉ ତା'ର ଦୁଃଖ କଷ୍ଟ ଭୁଲି ଆମକୁ କୋଳେଇ ନେଇ ଆଶ୍ୱାସନା ଦିଏ। ବାପାଙ୍କ କ୍ରୋଧ ଆଗରେ ସମସ୍ତେ ନରମି ଯାଉଥିଲି। ପାଠପଢ଼ା ଅଧାରୁ ଛାଡ଼ି କେଉଁ ଅଜଣା ଅଶୁଣା ପୁଅର ହାତ ଧରି ଅଜଣା ରାଇଜକୁ ଚାଲି ଆସିଥିଲି ସବୁଦିନ ପାଇଁ।

ଶାଶୁ ଶ୍ୱଶୁର ବଞ୍ଚିଥିବା ଯାଏଁ ସେମାନଙ୍କର ଅଦଉତି, ସେମାନଙ୍କ ସେବା, ଶୁଶ୍ରୁଷା ଏବଂ ଘରର ଅନ୍ୟାନ୍ୟ କାମଧନ୍ଦାରେ ସେ ଏମିତି ବ୍ୟସ୍ତ ରହୁଥିଲା ଯେ, ଘର ବାହାରେ ପକ୍ଷୀଙ୍କର କଳରବ ଶୁଣି ପାରେନି ତମାମ ଦିନ ଭିତରେ। ଖୋଲା ଆକାଶକୁ ଚାହିଁ ଆନମନା ହେବାର ସୁଯୋଗ ନଥାଏ। ସୁଯୋଗ ନଥାଏ ସୂରୁଯ ଦେବତାଙ୍କୁ ଟିକେ ଆଖି ପୂରେଇ ଦେଖିବା ପାଇଁ ତମାମ ଦିନ ଭିତରେ ପୂର୍ବ ଆକାଶରୁ ଉଦୟ ହୋଇ ଖେଳିବୁଲି ପୁଣି ପଶ୍ଚିମ ଆକାଶରେ ମାଆ କୋଳରେ ମୁଣ୍ଡ ଗୁଞ୍ଜିବା ଯାଏ। ସୁଯୋଗ ନଥାଏ ରାତି ଆକାଶରେ କେବେ ଜହ୍ନକୁ ଦେଖିବାର। ମିଟି ମିଟି ତାରା ଫୁଲରେ ସଜେଇ ହୋଇଥିବା ଆକାଶ, ମେଘ ଫାଙ୍କରେ ଜହ୍ନର ଲୁଚକାଳି ଖେଳ ଦେଖିବା ତା' ପାଇଁ ସ୍ୱପ୍ନ ଏବେ। ଦିନ ଥିଲା ଆକାଶରେ ଭସା ବାଦଲ ଏବଂ ଜହ୍ନର ଲୁଚକାଳି ଖେଳ ସାଥିରେ ତାଳ ଦେଇ ଗାଁ ଦାଣ୍ଡରେ ଲୁଚକାଳି, ବୋହୂ ବୋହୂକା ଖେଳୁଥିଲା ସାଙ୍ଗ ସାଥିମେଳରେ। ହସ ଖୁସିରେ ଦିନ କଟୁଥିଲା ଘରେ, ଗାଁରେ ଏବଂ ସ୍କୁଲରେ। କେତେ ଚଞ୍ଚଳ ଅପସରି ଗଲା ସେଇ ଖୁସିର ଦିନଗୁଡ଼ାକ।

ସମୟକ୍ରମେ ଶାଶୁ, ଶ୍ୱଶୁର ସଂସାର ଛାଡ଼ି ଚାଲିଗଲେଣି। ନଣନ୍ଦମାନଙ୍କର ଘରକୁ ଯିବା ଆସିବା କମି ଗଲାଣି। ଆଗଭଳି ସେମାନଙ୍କର ଟାଣ ପଣ ଆଉ ନାହିଁ। ଏବେ ଏକଲା ସ୍ୱାମୀଙ୍କ ସହ ଦିନ କଟୁଥିଲେ ମଧ୍ୟ ସୁଖ ଶାନ୍ତିର ଅଭାବ। ସ୍ତ୍ରୀ ପ୍ରତି ସାମାନ୍ୟତମ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ନାହିଁ। ବାପାଙ୍କର ରେଡିଓରୁ କ୍ରିକେଟ କମେଣ୍ଟ୍ରି ଶୁଣିବାରେ ବ୍ୟାଘାତ ହେଲେ ଯେମିତି ଚିଡ଼ି ଉଠୁଥିଲେ ଠିକ୍ ସେମିତି ଟିଭିରେ କ୍ରିକେଟ ମ୍ୟାଚ କିମ୍ବା କୌଣସି ସିରିଏଲ ଦେଖିବାରେ ସାମାନ୍ୟ ବ୍ୟାଘାତ ଘଟିଲେ କ୍ରୋଧରେ ଫାଟି ପଡନ୍ତି ସ୍ୱାମୀ। ଅଫିସ୍ ଯିବାବେଳେ ବ୍ରେକ ଫାଷ୍ଟ ପ୍ରସ୍ତୁତି କିମ୍ବା ଅଫିସରୁ ଫେରିବା ପରେ ଚା ଦେବାରେ ସାମାନ୍ୟ ବିଳମ୍ବ ହେଲେ ମନଇଚ୍ଛା ଗାଳି କରନ୍ତି। ଗାଳି ଶୁଣି ଚୁପଚାପ ରହିବାକୁ ପଡ଼େ। କଥାର ଉତ୍ତର ଦେଲେ ଭୟାନକ ପରିସ୍ଥିତି ସୃଷ୍ଟି କରିଥାନ୍ତି। ବେଳେବେଳେ ହାତ ଉଠାଇ ଦିଅନ୍ତି ତା' ଉପରକୁ।

ଶାଶୁ, ଶ୍ୱଶୁରଙ୍କ ବିୟୋଗ ପରେ ତା' ପ୍ରତି ସ୍ୱାମୀଙ୍କର ଶାରୀରିକ ତଥା ମାନସିକ ନିର୍ଯ୍ୟାତନା ବଢ଼ି ଚାଲିଥିଲା। ସବୁ ସତ୍ତ୍ୱେ ସ୍ୱାମୀଙ୍କର ଦୁର୍ବ୍ୟବହାର ଚୁପଚାପ ସହି ଯାଉଥିଲା ବାପଘରୁ ପାଇଥିବା ସଂସ୍କାରକୁ ଆପଣେଇ। ଶାଶୂ ଘରେ ସବୁ ଦଡ଼ମଡ଼ି ସହି ଚଳିବାର ଶିକ୍ଷା ପାଇଥିଲା ବାପଘରୁ। ଦୁନିଆଁକୁ ସୁନ୍ଦର ଦିଶିଲା ଭଳି କାମ କରିବାକୁ କହିଥିଲେ ବାପ, ମାଆ। ତାଙ୍କ କଥା ମାନି ନେଇ ସବୁ ଦୁଃଖ କଷ୍ଟ, ନିର୍ଯ୍ୟାତନାକୁ ମୁଣ୍ଡପାତି ସହି ଆସିଛି ଆଜି ପର୍ଯ୍ୟନ୍ତ। ବୋଉତ ଚାଲିଗଲାଣି। ଭାଇ, ଭଉଣୀ ନିଜ ନିଜ ପିଲାମାନଙ୍କ ଜଂଜାଳରେ ବ୍ୟସ୍ତ। ବାପା ଏକାକୀ ବୁଢ଼ା ବୟସରେ ଗାଁରେ। କେବେ ହାତରେ ରାନ୍ଧି ତ କେବେ ନିଜ କୁଟୁମ୍ବର ଜଣେ ନାତୁଣୀ ରାନ୍ଧିବାଢ଼ି ଖାଇବାକୁ ଦିଏ। ଇଚ୍ଛା ହୁଏ ଗାଁରୁ ବାପାଙ୍କୁ ଆଣି ତା'ପାଖରେ ରଖିବା ପାଇଁ। ହେଲେ ଇଚ୍ଛା, ଇଚ୍ଛାରେ ରହିଯାଏ। ବେଳେବେଳେ ବାପାଙ୍କ ଫୋନ୍ ମଧ ଧରି ନଥାଏ ସ୍ୱାମୀଙ୍କ ଉପସ୍ଥିତିରେ। ଫୋନ୍‌ରେ ଟିକେ ସମୟ ଲାଗେ ଦୁଃଖ ସୁଖ ହେବାରେ। ଯେଉଁଥିପାଇଁ ଚିଡ଼ି ଚିଡ଼ି ହୁଅନ୍ତି ସ୍ୱାମୀ।

ତାଙ୍କ ଅନୁପସ୍ଥିତିରେ ଫୋନ୍‌ରେ କଥା ହୋଇଥାଏ। ବାପା ପଚାରିଥାନ୍ତି - କେମିତି ଅଛୁ'? ଭଲରେ ଅଛି କହି ତାଙ୍କ ଭଲ ମନ୍ଦ ପଚାରି ବୁଝିଥାଏ। ବୋଉ ଥିଲେ ହୁଏତ ତା'ର ଦୁଃଖ ବଖାଣି ମନଟା ହାଲ୍‌କା କରି ପାରନ୍ତି। ହେଲେ ବାପାଙ୍କ ଆଗରେ ମିଛ ଖୁସି ବଖାଣି ଫୋନ୍ ରଖିଦିଏ। ଫୋନ୍ ରଖିବା ପରେ ଆଖିରୁ ଲୋତକ ଝରିଥାଏ। ଶାଶୁଘର ଲୋକମାନଙ୍କ କପଟତା, ନିଷ୍ଠୁରତା, କଳଙ୍କମୟ କାହାଣୀ ସବୁକୁ ନିଜ ହୃଦୟ ପୃଷ୍ଠାରେ ଛାପି ଦେଇ ମୁହଁରେ ହସର ମଲାଟ ମଡ଼େଇ ସଜେଇ ଦେଇଥିଲା ନିଜକୁ ସୁଦୃଶ୍ୟ ବହିଟିଏ ଭଳି।

ସନ୍ତାନଟିଏ କୋଳକୁ ଆସିବା ପରେ ଭାବିଥିଲା ସ୍ୱାମୀଙ୍କ ବ୍ୟବହାର ବଦଳିଯିବ। ପିଲାଟି ପ୍ରତି ସ୍ନେହ, ମମତାର ଭାବାବେଗ କ୍ରମଶଃ ସଂଚରି ଯିବ ଶୂନ୍ୟତାରୁ ମାତୃତ୍ୱର ପୂର୍ଣ୍ଣତା ଅଭିମୁଖେ। ହେଲେ ଭାବନା ତା'ର ଭାବନାରେ ରହିଯାଇଥିଲା। ସ୍ୱାମୀ-ସ୍ତ୍ରୀର ବନ୍ଧନ ହୁଗୁଳା ହୋଇ ଯାଉଥିଲା। ମନରେ ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ପରସ୍ପର ପ୍ରତି ସହାନୁଭୂତିଶୀଳତା ନଥିଲେ ସ୍ୱାମୀ-ସ୍ତ୍ରୀ ସମ୍ପର୍କର ମାନେ କ'ଣ? ଖୁବ୍ ଏକଲା ଅନୁଭବ କରୁଥିଲା ଏତେ ବଡ଼ ଘରଟାରେ। ଅଫିସ ସମୟ ପୂର୍ବରୁ ଘରୁ ବାହାରି ଯାଆନ୍ତି ସ୍ୱାମୀ ଆଉ ଫେରନ୍ତି ବିଳମ୍ବିତ ରାତିରେ। ଘରେ ଥିବା ସମୟରେ ବି ଟିକେ ସ୍ନେହବୋଳା କଥା ଶୁଣିବାତ ଦୂରର କଥା, ଡ୍ରଇଁ ରୁମ କିମ୍ବା ଡାଇନିଂ ହଲରେ ଏକାଠି ବସି ଆଳାପ, ପ୍ରତ୍ୟାଳାପ କରିବା ସମ୍ଭବ ହୁଏନା। ଭଲରେ ମନ୍ଦରେ ସ୍ତ୍ରୀକୁ ସାଥିରେ ନେଇ କେବେ କେଉଁ ଆଡ଼େ ଯିବାକୁ ଇଚ୍ଛା ନଥାଏ। ନିହାତି ଆବଶ୍ୟକ ପଡ଼ିଲେ ସାଥିରେ ନେଲେ ମଧ ଅନ୍ୟ ଆଗରେ ସ୍ତ୍ରୀକୁ ମର୍ଯ୍ୟାଦା ତଥା ସମ୍ମାନ ଦେବା ପାଇଁ କୁଣ୍ଠାବୋଧ କରିଥାନ୍ତି। ସ୍ୱାମୀଙ୍କର ଏମିତି ବ୍ୟବହାର ତା' ପାଇଁ ଦେହସୁହା ହୋଇଯାଇଥିଲେ ମଧ ଆଜି ତା'ର ଅନ୍ତରାତ୍ମା ବିଳପି ଉଠିଥିଲା। ତା' ଉପସ୍ଥିତିରେ କେଉଁ ଏକ ଝିଅ ସାଙ୍ଗ ସହ ମିଶି ଅତିଥିମାନଙ୍କ ଗହଣରେ ଟହଲ ମାରିବାଠୁ ସେମାନଙ୍କ ଚର୍ଚ୍ଚା କରିବାରେ। ନିହାତି ଅପାଂକ୍ତେୟ ଭାବରେ ମଣ୍ଡପର କେଉଁ ଏକ ଘର କୋଣରେ ବସି ରହିଥିଲା ସେ।

ନିମନ୍ତ୍ରିତ ଅତିଥିମାନେ ଭୋଜି ଖାଇ ନିଜ ନିଜ ଘରକୁ ଫେରିଗଲେଣି। ନଣନ୍ଦମାନେ ନିଜ ନିଜର ପିଲାମାନଙ୍କୁ ନେଇ ସ୍ୱାମୀଙ୍କ ସାଥିରେ ବିଦାୟ ନେଲେଣି। ସ୍ୱାମୀଙ୍କର ହାବଭାବ ସମ୍ପର୍କରେ କେହି ବି ମୁହଁ ଖୋଲି ନଥିଲେ। ଭାଇ ସହିତ ଅପ୍ରିୟ ହେବାକୁ କେହି ଚାହିଁ ନଥିଲେ। ଟିକେ ପୂର୍ବରୁ ଗହଳି ଚହଳିରେ ଫାଟି ପଡୁଥିବା ମଣ୍ଡପଟା ଏବେ ଶୂନଶାନ। ଘରର କାମବାଲୀ ଅଂଶୁ ସାଥିରେ ଖେଳୁଥିଲା ମଞ୍ଚ ଉପରେ। ସ୍ୱାମୀ ତାଙ୍କ ଅଫିସର ସହାୟିକା ସୁଚିସ୍ମିତାକୁ ତାଙ୍କ ଘରକୁ ଛାଡ଼ିବା ପାଇଁ ଯାଇଛନ୍ତି ଅନେକବେଳୁ।

ରଙ୍ଗ ବେରଂଗର ଆଲୁଅ ମଣ୍ଡପରେ ବିଚ୍ଛୁରିତ ହେଉଥିବାବେଳେ ଦୁଶ୍ଚିନ୍ତାର କଳା ମେଘ ଘୋଟି ଯାଇଥିଲା ଅନୁର ମନ ଆକାଶରେ। ଗୋଟିଏ ପରେ ଗୋଟିଏ ସ୍ମୃତି କଳା ମେଘର କେଉଁ ଫାଙ୍କରେ ଦ୍ୱିତୀୟାର ଜହ୍ନ ହୋଇ ଉଙ୍କି ମାରି ପୁଣି ଲୁଚି ଯାଉଥିଲା। ଝୁରି ହେଉଥିଲା ମନ ଅତୀତର ଅପାଶୋରା ସ୍ମୃତି ବିଜଡିତ ଘଟଣା ସବୁକୁ ରୋମନ୍ଥନ କରିବାରେ। ଖେଳ ଛାଡ଼ି କାମବାଲୀ ନିକଟରୁ ଫେରି ତା' ବେକରେ ଓହଳି ପଡ଼ି ଚିବୁକରେ ଚୁମାଟିଏ ଆଙ୍କି ଦେଇଥିଲା ଅଂଶୁ। ଚମକି ପଡ଼ି ଜକେଇ ଆସୁଥିବା ଆଖିର ଲୁହ ପୋଛି ଦୁଇ ହାତରେ କୋଳେଇ ନେଇଥିଲା ପୁଅ ଅଂଶୁକୁ ବିଚାରୀ ଅନୁ।

*ଶାନ୍ତି ନିବାସ, ପ୍ଲଟ ନଂ. ୧୨୫୨/୧୪୫୯*
*ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର*
*ଦୂରଭାଷ: ୯୯୩୭୦୪୧୯୦୦*

# ନୀରବ ପ୍ରତିଶୋଧ

ଆଭା ମିଶ୍ର

ଦାର୍ଜିଲିଂରେ ଆଠଦିନ ରହି ଘରକୁ ଫେରିଥିଲେ ମୀରା। ସେଠି ତାଙ୍କର ଗୋଟେ ସମ୍ମିଳନୀ ଥିଲା। ଓଡ଼ିଶାରୁ ପ୍ରାୟ ଦଶ ବାର ଜଣ ସେ ସମ୍ମିଳନୀରେ ଯୋଗ ଦେଇଥିଲେ। ଦାର୍ଜିଲିଂରେ ସେ ସମ୍ମିଳନୀର ଆୟୋଜନ କରିଥିଲା ଓଡ଼ିଶାର ଗୋଟିଏ ସଂସ୍ଥା ଯିଏ କି ସେଠାରେ ସମସ୍ତଙ୍କର ରହିବା, ଖାଇବା, ଯିବା ଆସିବାର ସବୁ ବନ୍ଦୋବସ୍ତ କରିଥିଲା। ତେଣୁ ସେଇ ଆଠଦିନ ତାଙ୍କର ଦାର୍ଜିଲିଂରେ ଖୁବ୍ ମସ୍ତିରେ ବିତିଥିଲା।

ସେଦିନ ସକାଳୁ ସକାଳୁ ଘରକୁ ଫେରି କଲିଂ ବେଲ୍ ମାରିଲେ ଓ କବାଟ ଖୋଲିଲା ମାଳ ଯିଏ କି ତାଙ୍କ ଘରେ ରୋଷେଇ କରୁଥିଲା।

ଘର ଭିତରକୁ ଆସି ଜିନିଷପତ୍ର ସବୁ ସେମିତି ଥୋଇ ଦେଇ ମୀରା ଧୂଆଧୋଇ ହବା ପାଇଁ ଚାଲିଗଲେ। ଯାଉ ଯାଉ ମାଳକୁ ଅଦା ପକେଇ କଡ଼ା ଚା ଟିକିଏ କରିବା ପାଇଁ କହିଲେ। କାରଣ ମୁଣ୍ଡଟା ତାଙ୍କ ଟାଇଁ ଟାଇଁ ବିନ୍ଧୁଥିଲା। ଗତ ରାତିରେ ଟ୍ରେନ୍‌ରେ ତାଙ୍କୁ ଭଲରେ ନିଦ ହୋଇନଥିଲା। ବୋଧେ ମୁଣ୍ଡଟା ସେଇଥିପାଇଁ ପ୍ରବଳ ବିନ୍ଧୁଥିଲା।

ଭଲରେ ଧୂଆଧୋଇ ହୋଇ ଡ୍ରେସ୍ ବଦଳେଇ ସୋଫା ଉପରେ ଆସି ବସିଲେ ମୀରା ତ ମାଳ ତାଙ୍କ ହାତକୁ ବଢ଼େଇ ଦେଲା ଅଦା ପଡ଼ିଥିବା କଡ଼ା ଚା ଗୋଟେ କପ୍ ଆଉ ତା ସାଙ୍ଗରେ କିଛି ଚିପ୍‌ସ। ସୋଫା ଉପରେ ବସି ଚା ପିଉ ପିଉ କିଛି ସମୟ ସେ ବସି ଟି.ଭି. ଦେଖିଲେ। ତା'ପରେ ଦେଖିଲେ ମୋବାଇଲ୍। ଏମିତି ଥରେ ଟି.ଭି. ଥରେ ମୋବାଇଲ୍ ଦେଖି ଚା ପିଉ ପିଉ କେତେବେଳେ ଯେ ଚା ତକ ସରି ଯାଇଥିଲା ସେ କଥା ସେ ଜାଣିପାରିନଥିଲେ।

ଚା ତକ ପିଇ ସାରିବା ପରେ ଚାରି ଆଡ଼କୁ ଚାହିଁଲେ ସେ। କାହିଁ କେଉଁ ଆଡ଼େ ତାଙ୍କ ସ୍ୱାମୀ ଅରବିନ୍ଦ ଦେଖାଯାଉନଥିଲେ। ତା'ପରେ ଘଣ୍ଟାକୁ ଚାହିଁଲେ ସେ। ଆଠଟା ବାଜିଥିଲା। ସେ ଭାବିଲେ ଅରବିନ୍ଦ ସକାଳୁ ସକାଳୁ ଚାଲିବାକୁ ଯାଇଛନ୍ତି ଆଉ ଏ ଯାଏଁ ଫେରିନାହାଁନ୍ତି। ନ'ଟା ବେଳକୁ ଆସିବେ।

ଏଇ ସମୟରେ ମାଳ ଆସି ପଚାରିଲା। ମା, ଆଜି ରୋଷେଇ କ'ଣ ହେବ? ବାବୁ ତ କିଛି ଖାଇବେନି। ତାଙ୍କୁ ଚାରିଦିନ ହେଲାଣି ଭୀଷଣ ଜ୍ୱର। ପାଟିକୁ ତାଙ୍କର କିଛି ଭଲ ଲାଗୁନି ବୋଲି ସେ କିଛି ବି ଖାଉନାହାନ୍ତି। ଯାହା ବି କରିକି ଦେଲେ ଥରେ ଦୁଇଥର ପାଟିକୁ ନେଇ ଆଡ଼େଇ ଦେଉଛନ୍ତି। ତେଣୁ ଆମ ଦୁଇଜଣଙ୍କ ପାଇଁ ରୋଷେଇ ହବ। ତେଣୁ ତୁମେ ବସି ଭାବୁଥାଅ କି ଆଜି କଣ ରୋଷେଇ ହବ, ସେ ସମୟ ଭିତରେ ମୁଁ ଯାଇ ବାବୁଙ୍କ ପାଇଁ ମାର୍କେଟ୍‌ରୁ କିଛି ପାଉଁରୁଟି, ଅଣ୍ଡା, କ୍ଷୀର ଓ କିଛି କମଳା ଆଉ ଅଙ୍ଗୁର ଆଣିକି ଆସେ। ଚାରିଦିନ ହେଲାଣି କିଛି ଖାଉନାହାନ୍ତି। ଦୁର୍ବଳିଆ ଲାଗିବନି? କମଳା ଆଉ ଅଙ୍ଗୁର ଦେଲେ ଟିକିଏ ଖାଇବେ ପରା।

ଏଁ... କଣ କହିଲୁ? ବାବୁଙ୍କୁ ଭୀଷଣ ଜ୍ୱର? ସେ ପରା ମତେ ସବୁଦିନ ଫୋନ୍ କରନ୍ତି। କାଇଁ କେବେହେଲେ ତ ଜ୍ୱର କଥା କହିନାହାନ୍ତି?

ନାଇଁ ମା, ତମେ କାଳେ ବ୍ୟସ୍ତ ହବ ବୋଲି ତୁମକୁ କିଛି କହିନଥିବେ। ନହେଲେ ତାଙ୍କୁ ଚାରିଦିନ ହେଲାଣି ଭୀଷଣ ଜ୍ୱର। ମତେ ବି କାହାକୁ କିଛି କହିବାକୁ ମନା କରିଥିଲେ। ପୁଣି ଏପଟେ ଜ୍ୱରକୁ ସେପଟେ ଖାଇବା ପିଇବାରେ କିଛି ଠିକ୍ ଠିକଣା ନାହିଁ। ତେଣୁ ଆହୁରି ଦୁର୍ବଳ ଲାଗୁଛି। ଚାରିଦିନ ପରେ ଆଜି ସକାଳୁ ଚା ସାଙ୍ଗରେ ଚାରିଟା ବିସ୍କୁଟ୍ ଦେଇଥିଲି ଯେ ଖାଇଛନ୍ତି। ଏବେ ଟିକିଏ ଜ୍ୱର କମିଛି ଯେ ମୁଁ ତାଙ୍କୁ ନେଇ ଛାତ ଉପରେ ଟିକିଏ ଖରାରେ ବସେଇ ଦେଇ ଆସିଛି।

ଓହୋ... ବାବୁ ତାହେଲେ ଛାତ ଉପରେ ବସିଛନ୍ତି? ମୁଁ ଭାବିଲି ସେ ବୋଧେ ସକାଳୁ ଚାଲିବାକୁ ଯାଇଛନ୍ତି। ହଉ... ତୁ ଯା। ମୁଁ ଯାଉଛି ତାଙ୍କ ପାଖକୁ।

ହଁ ମା। ତମେ ତାଙ୍କ ପାଖକୁ ଯାଅ। ସେ କାଲି ମତେ ପଚାରୁଥିଲେ କି ମା କେବେ ଫେରିବେ? ତୁମେ କଣ ତାଙ୍କୁ କହିନଥିଲ କି ମା କେବେ ଫେରିବ ବୋଲି? ପଚାରିଲା ମାଳ।

ହଁ, କହି ତ ଥିଲି। ତାଙ୍କର ବୋଧହୁଏ ମନେ ନାହିଁ। ସେଥିପାଇଁ ତତେ ପଚାରିଥିବେ। ହଉ-ତୁ ଶୀଘ୍ର ଯା। ତାଙ୍କ ପାଇଁ କିଛି କିଣିକି ଆଣିଦେବୁ ଯେ ସେ ଖାଇବେ। ମୁଁ ଯାଉଛି ଛାତ ଉପରକୁ।

ହଉ ମା, ତମେ ବାବୁଙ୍କ ସାଙ୍ଗରେ କଥା ହେଇ ଆସ। ତାପରେ ମତେ କହିବ ଆଜି କଣ ରୋଷେଇ ହବ ? ମୁଁ ସେଇ ଅନୁଯାୟୀ ରୋଷେଇ କରିବି। ମୁଁ ଏଇ ଗଲି, ଏଇ ଆସିଲି। ଏତିକି କହି ମାଳ ତର ତର ହେଇ ଚାଲିଗଲା।

ମାଳ ଯିବା ପରେ ଛାତ ଉପରକୁ ନ ଯାଇ ସେଇଠି ସେଇ ସୋଫା ଉପରେ ଚୁପ୍‌ଚାପ ବସି ଆମ୍ବଗଛକୁ ଋହିଁଲେ ମୀରା ଆମ୍ବଗଛ ସନ୍ଧିରୁ କେଉଁଠୁ କେଜାଣି କୋଇଲିଟିଏ ଖୁବ୍ ମିଠା ସ୍ୱରରେ ରାବୁଥିଲା। ମୀରା ସେ ଆମ୍ବଗଛ ସନ୍ଧିରୁ କୋଇଲିଟିକୁ ଖୋଜିବାକୁ ଚେଷ୍ଟା କରୁଥିଲେ। ହେଲେ ପାଉ ନଥିଲେ।

ଏପଟେ ଆମ୍ବଗଛ ସାରା ବଉଳରେ ଭର୍ତ୍ତି ହୋଇଥିଲା। ବହୁତ ସୁନ୍ଦର ଦିଶୁଥିଲା ଗଛଟି। ସେ ଆମ୍ବଗଛକୁ ଛୁଇଁ ଭାସି ଆସୁଥିବା ମଳୟ ପବନ ତାଙ୍କ ଦେହ ମନରେ ଶୀହରଣ ଖେଳେଇ ଦେଉଥିଲା।

ମାଳକୁ ସେ ମିଛ କହିଥିଲେ। ବାହାର ଲୋକଟାକୁ ସତ କହି ଲାଭ ବା କ'ଣ ? ତେଣୁ ସେ ତାକୁ ମିଛ କହିଥିଲେ। ହେଲେ ସତକଥା ହେଲା ଖାଲି ଆଜି କି କାଲି ନୁହେଁ ଆଜିକୁ ଚାରି କି ପାଞ୍ଚ ବର୍ଷ ହବ ସେ କୁଆଡ଼େ ଯାଆନ୍ତି, କ'ଣ କରନ୍ତି, କେବେ ଯିବେ, କେବେ ଫେରିବେ, ଯୁଆଡ଼େ ଯିବେ ସେଠାରେ କେତେ ଦିନ ରହିବେ ସେ ବିଷୟରେ ସ୍ୱାମୀ ଅରବିନ୍ଦଙ୍କୁ କେବେ ହେଲେ କିଛି କୁହନ୍ତି ନାହିଁ କି ସେ ପ୍ରସଙ୍ଗରେ କେବେହେଲେ କିଛି ଆଲୋଚନା ମଧ୍ୟ କରନ୍ତି ନାହିଁ। ଖାଲି କର୍ତ୍ତବ୍ୟ ଦୃଷ୍ଟିରୁ ଯିବା ଦିନ ଶେଷ ମୁହୂର୍ତ୍ତରେ କେଉଁଠିକୁ ଯିବେ ସେ ବିଷୟରେ ସମ୍ୟକ୍‌ରେ କହିଦିଅନ୍ତି। ଏମିତିକି ଏକଥା ମଧ୍ୟ କୁହନ୍ତି ନାହିଁ କି ତାଙ୍କୁ ଟିକେ ଷ୍ଟେସନ, ବସ୍‌ଷ୍ଟାଣ୍ଡ କି ଏରୋଡ୍ରମରେ ଛାଡ଼ିଦେବା ପାଇଁ। ନିଜେ ଫୋନ୍ କରି ଅଟୋ ଡାକନ୍ତି। ଆଉ ଯେଉଁଠିକି ଯିବା କଥା ଏକୁଟିଆ ଯାଆନ୍ତି।

ମୀରାଙ୍କ ଠାରେ ଏ ପ୍ରକାର ପରିବର୍ତ୍ତନ ଆରମ୍ଭ ହୋଇଥିଲା ସେଇଦିନ ଠାରୁ ଯେଉଁଦିନ ଠାରୁ ସ୍ୱାମୀ ଅରବିନ୍ଦ ଚାକିରୀରୁ ଅବସର ନେଇ ଘରେ ରହିବାକୁ ଆରମ୍ଭ କରିଥିଲେ। ପ୍ରାୟ ଚେଷ୍ଟା କରୁଥିଲେ କେମିତି ଅଧିକରୁ ଅଧିକ ସମୟ ବାହାରେ ରହିବେ। ଆଉ ବାହାରକୁ ଯୁଆଡ଼େ ବି ଯାଉଥିଲେ ଏକା ଯାଉଥିଲେ। ସ୍ୱାମୀଙ୍କୁ ସାଥିରେ ନେବାକୁ ଇଚ୍ଛା କରୁନଥିଲେ। ଯୁଆଡ଼େ ବି ଯାଉଥିଲେ ନା ତାଙ୍କଠାରୁ ଅନୁମତି ନେଉଥିଲେ ନା ତାଙ୍କୁ ସାଥିରେ ନେଉଥିଲେ।

କେବେ କେବେ ମୀରା ଫେରି ଯାଉଥିଲେ ତାଙ୍କ ଦୂର ଅତୀତକୁ। ବାହାଘର ପୂର୍ବରୁ ତାଙ୍କ ଆଖିରେ ଥିଲା ଆଖିଏ ସ୍ୱପ୍ନ। ପୁରା ଦୁନିଆ ପରିଭ୍ରମଣର ସ୍ୱପ୍ନ। ଭାରତ ବର୍ଷର ପ୍ରତିଟି ଯାଗା ବୁଲିବାକୁ ତା ବିଷୟରେ ଜ୍ଞାନ ଆହରଣ କରିବାକୁ ତାଙ୍କ ମନରେ ଥିଲା ପ୍ରବଳ ଉତ୍କଣ୍ଠା। ଆଉ ଏଇ ଉତ୍କଣ୍ଠାଟା ତାଙ୍କର ଥିଲା ଖୁବ୍ ପିଲାବେଳୁ।

ହେଲେ ସେତେବେଳେ ବାପାଙ୍କର ଏସବୁଥିରେ ସାମାନ୍ୟ ଆଗ୍ରହ ନଥିଲା। ପଇସାପତ୍ରର ବି ଏତେ ସୁବିଧା ନଥିଲା। ବାପାଙ୍କର କିରାଣୀ ଚାକିରୀରେ ଦରମା ଆକାରରେ ଯାହା ମିଳୁଥିଲା ସେତକ ପୁରା ମାସଟା ବି ଯାଉନଥିଲା। ତେଣୁ ସେତେବେଳେ ବାପାଙ୍କୁ ଯାହା କିଛି ଆଣିବାକୁ କେହି କହୁଥିଲେ ସେ ବିରକ୍ତି ହେଉଥିଲେ। ଏମିତି କି ବୋଉ ବି ପରିବା, ବଜାର ସଉଦା କି ଅନ୍ୟ କିଛି ଦରକାରୀ ଜିନିଷ ଆଣିବାକୁ କହିଲେ ସେ ବିରକ୍ତି ହେଉଥିଲେ। ସେମାନେ ସିନା ବାପା ବିରକ୍ତି ହେଲେ ଭୟରେ ଚୁପ୍ ହୋଇଯାଉଥିଲେ, ହେଲେ ବୋଉ କିନ୍ତୁ ଛାଡୁନଥିଲା। ବାପା ବିରକ୍ତି ହୋଇ ପଦେ କହିଲେ ସେ ଚାରିପଦ ଶୁଣାଇଥିଲା। କାରଣ ରାତି ପାହିଲେ ତାକୁ ଋରିଥର କରି କରି ଛ ଛ'ଟା ମଣିଷଙ୍କୁ ଖାଇବାକୁ ଦବାର ଥାଏ। ଆଉ ଘରେ ଦରକାରୀ ଜିନିଷ ସବୁ ନଥିଲେ ସେ କରିବ କ'ଣ ? କାହାକୁ କେମିତି ଖାଇବାକୁ ଦେବ ? ସମସ୍ତେ ତ ଶେଯରୁ ଉଠିବା ଠାରୁ ରାତିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ ତାକୁ ହିଁ ଖାଇବାକୁ ମାଗୁଥିଲେ। ତେଣୁ ସେ ବି ବାପାଙ୍କ ଉପରେ ବିରକ୍ତି ହେଉଥିଲା। ତେଣୁ ଘରେ ପ୍ରାୟ ସବୁବେଳେ ବାପା ମା' ଭିତରେ ଏଇ କାରଣ ପାଇଁ ଝଗଡ଼ା ଲାଗି ରହୁଥିଲା।

ଘରେ ସବୁବେଳେ ବାପା ମା'ଙ୍କ ଭିତରେ ଝଗଡ଼ା ଲାଗି ରହିଲେ ପିଲାମାନଙ୍କ ଉପରେ ଯେ କଣ ବିତେ ସେକଥା ବୋଧହୁଏ ସେମାନଙ୍କ ଭିତରୁ ଜଣେ ବି କେହି ବୁଝିପାରେ ନାହିଁ। ଯଦି ବୁଝିପାରୁଥାନ୍ତେ କି ସେମାନେ ଏ ବିଷୟରେ କିଛି ବି ଭାବି ପାରୁଥାନ୍ତେ ତାହେଲେ ବୋଧହୁଏ ପରସ୍ପର ଭିତରେ ଏମିତି ଝଗଡ଼ା ଝାଟି କରିନଥାନ୍ତେ।

ସେମାନେ ଥିଲେ ଚାରି ଭାଇ ଭଉଣୀ। ବାପା ମା'ଙ୍କ ଭିତରେ ଝଗଡ଼ା ଲାଗିଲେ ସେମାନେ ଯିଏ ଯେଉଁଠି ଯାହା କରୁଥାଉ ଯେଝା ଯେଝାର ବହିଟି ମାନ ଧରି ପଢ଼ିବାକୁ ବସିପଡ଼ନ୍ତି। ହେଲେ ବହିକୁ ସିନା ଖାଲି ଖୋଲି ଦେଇ ବସିପଡ଼ନ୍ତି, ହେଲେ ମନ ଆଉ କାନ ଉଭୟ ଥାଏ ବାପା ମା'ଙ୍କ ଝଗଡ଼ା ପାଖରେ। ସେମାନେ ଖାଲି କାକୁସ୍ଥ ହୋଇ ବସିଥାନ୍ତି।

ଘରେ ବାପା ମା'ଙ୍କ ଭିତରେ ଝଗଡ଼ାଟା ନିୟମିତ ଥିଲା। ପ୍ରତିଦିନ କୌଣସି ନା କୌଣସି କାରଣ ପାଇଁ ସେମାନଙ୍କ ଭିତରେ ଝଗଡ଼ା ଲାଗୁଥିଲା। ସେ କାରଣ ଛୋଟ ଥାଉ କି ବଡ଼ ଥାଉ। ଅବଶ୍ୟ ମୀରା ଜାଣିବାରେ ତାଙ୍କ ଘରେ ସବୁବେଳେ ଛୋଟ ଛୋଟ କାରଣ ପାଇଁ ଝଗଡ଼ା ଲାଗୁଥିଲା। କେବେ କେବେ ବୋଉ ପରବା କି ବଜାର ସଉଦା ଆଣିବାକୁ କହିଲେ, ନହେଲେ ବୋଉ ରାନ୍ଧିଥିବା ଖାଦ୍ୟ ବାପାଙ୍କର ପସନ୍ଦ ନ ଆସିଲେ, ଅଥବା ବାପା କହିଥିବା କୌଣସି କଥା ବୋଉ ନ ଶୁଣିଲେ। ତେଣୁ ଏମିତି ସବୁବେଳେ ଛୋଟ ଛୋଟ କାରଣ ପାଇଁ ଘରେ ଅଶାନ୍ତମୟ ପରିବେଶ ଲାଗି ରହୁଥିଲା।

ଧୀରେ ଧୀରେ ସେମାନେ ବଡ଼ ହୋଇଥିଲେ ଆଉ ବାପା ମା'ଙ୍କ ଝଗଡ଼ା ଭିତରେ ବି ପଶିବାକୁ ଆରମ୍ଭ କରିଥିଲେ। କାରଣ ବଡ଼ ହେଲା ପରେ ସେମାନେ ଜାଣିପାରୁଥିଲେ ଯେ ଅଧିକାଂଶ ସମୟରେ ବାପା ଅଯଥା କଥାକୁ ନେଇ ବୋଉ ସାଙ୍ଗରେ ଗଣ୍ଡଗୋଳ କରୁଥିଲେ।

ଏମିତି ସମୟକ୍ରମେ ପିଲାମାନେ ବଡ଼ ହୋଇ ପାଠଶାଠ ପଢ଼ି

ଋକିରୀ ବାକିରୀ କରି ବାହା ସାହା ହୋଇ ନିଜ ନିଜର ଚାକିରୀ ଯାଗାକୁ ଚାଲିଯାଇଥିଲେ । ତେଣୁ ମୀରା ବାହା ହେବା ପରେ ତାଙ୍କ ସ୍ୱାମୀଙ୍କ ସାଥିରେ ଭୁବନେଶ୍ୱର ଆସିଯାଇଥିଲେ ।

ବାହାଘରର କିଛିଦିନ ଖୁବ୍ ଭଲରେ ଭଲରେ କଟି ଯାଇଥିଲା । ମୀରାଙ୍କୁ ଖୁବ୍ ଭଲ ଲାଗିଥିଲା ନୂଆ ଯାଗା ଆଉ ନୂଆ ପରିବେଶ । ସାରା ଜୀବନ ଯେଉଁ ନୂଆ ମଣିଷଟିର ହାତଧରି ବାଟ ଚାଲିବାକୁ ଥିଲା ସେଇ ନୂଆ ମଣିଷଟିଙ୍କୁ ଚିହ୍ନିବାକୁ ଆଉ ତାର ପ୍ରତିଟି ପସନ୍ଦ ନାପସନ୍ଦକୁ ବି ଜାଣିବାକୁ ଖୁବ୍ ଇଚ୍ଛା ହେଉଥିଲା । ସକାଳୁ କେତେବେଳେ ସମୟ ଆରମ୍ଭ ହୋଇ ରାତିରେ କେତେବେଳେ ସରିଯାଉଥିଲା ତାହା ତାଙ୍କୁ ଜଣା ପଡୁନଥିଲା ।

ଅରବିନ୍ଦ ସକାଳୁ ସକାଳୁ ନିଜ ନିତ୍ୟକର୍ମ ସାରିଦେଇ କଣ ଟିକିଏ ଜଳଖିଆ ଖାଇଦେଇ ସକାଳ ନ'ଟା ସୁଦ୍ଧା ଅଫିସ୍‌କୁ ଚାଲିଯାଉଥିଲେ ଯେ ଫେରୁଥିଲେ ରାତି ନ କିମ୍ବା ଦଶ ସରିକି । ଘରକୁ ଫେରିବା ପରେ ରାତ୍ରି ଭୋଜନ ସାରିଦେଇ ବହିଟେ ଧରି ଶୋଇ ଶୋଇ ପଢୁଥିଲେ । ଆଉ ସେଇ ପଢ଼ିବା ଭିତରେ ହିଁ ଶୋଇପଡୁଥିଲେ ଯେ ଉଠୁଥିଲେ ଯାଇ ସକାଳ ଛ'ଟାରେ ।

ପ୍ରଥମେ ପ୍ରଥମେ ତ ମୀରାଙ୍କୁ ଅରବିନ୍ଦଙ୍କର ଏ ପ୍ରକାରର ବ୍ୟବହାର କିଛି ଲାଗୁନଥିଲା । ସେ ଏସବୁକୁ ଖୁବ୍ ସାଧାରଣ କଥା ଭାବରେ ନେଇଯାଇଥିଲେ । ତାଙ୍କୁ ଲାଗୁଥିଲା ବୋଧହୁଏ ଅଫିସ୍‌ରେ ଖୁବ୍ କାମର ଚାପ ଭିତରେ ଅରବିନ୍ଦ ଥକି ଯାଉଛନ୍ତି । ପୁଣି ଦୁଇଜଣ ଯାକ ପରସ୍ପର ପାଇଁ ନୂଆ ଥିଲେ । ତେଣୁ ସେ ଭାବି ନେଇଥିଲେ ଦୁଇଜଣଙ୍କୁ ନିଜ ନିଜର ସ୍ୱଭାବ, ଅଭ୍ୟାସ ସହିତ ଖାପ୍ ଖୁଆଇବା ପାଇଁ କିଛି ଦିନ ବା କିଛି ମାସ ଲାଗିବ । ବାସ୍, ତା'ପରେ ସବୁକିଛି ଠିକ୍ ହୋଇଯିବ । ଜଣେ ଜଣକୁ ବୁଝିପାରିବ । ଆଉ ସେଇ ଅନୁଯାୟୀ ପରସ୍ପର ସହିତ ଖାପ୍ ଖୁଆଇ ଚଳିପାରିବ ।

ହେଲେ ସେମିତି କିଛି ବି ହେଲାନି । ଢେର୍ ଦିନ ଯାଏ ସ୍ୱାମୀ ସ୍ତ୍ରୀ ହୋଇ ମଧ୍ୟ ଦୁଇଜଣଯାକ ଗୋଟିଏ ଛାତ ତଳେ ଏମିତି ଚଳୁଥିଲେ ଯେମିତି କେହି କାହାକୁ ଚିହ୍ନି ନାହାଁନ୍ତି । ନୂଆ ନୂଆ ବାହା ହୋଇଥିବା ମଣିଷ ଦୁଇଟି ଭିତରେ ଯେଉଁ ମାଦକତା ଯେଉଁ ରୋମାଞ୍ଚ ଯେଉଁ ଖୁସି ଭରି ରହିଥାଏ ସେଥିରୁ ସତରେ ଯେମିତି କାଣିଚାଏ ବି ଅରବିନ୍ଦଙ୍କ ପାଖରେ ନଥିଲା ।

ସେ ସବୁଦିନ ସେମିତି ସକାଳୁ ସକାଳୁ ଅଫିସ୍ ଚାଲିଯାଆନ୍ତି ଯେ ରାତି ଅଧକୁ ଫେରନ୍ତି । ଫେରିବା ପରେ ଧୂଆଧୋଇ ହୋଇ ରାତିର ଖାଇବା ଖାଇଦେଇ ବହିଟିଏ ଧରି ବସି ପଡ଼ନ୍ତି । ଯେତିକି ଦରକାର ବାସ୍ ସେତିକି କଥା ହିଁ କୁହନ୍ତି ନହେଲେ ମୀରା ଯେତିକି ପ୍ରଶ୍ନ ପଚାରନ୍ତି ସେତିକି ପ୍ରଶ୍ନର ଉତ୍ତର ଖୁବ୍ ସଂକ୍ଷିପ୍ତ ଭାବରେ ଦିଅନ୍ତି । ତା'ଠାରୁ ଗୋଟେ ପଦ ବି ଅଧିକ କୁହନ୍ତି ନାହିଁ । ଥରେ ବି ପଚାରି ଯାଆନ୍ତି ନାହିଁ ମୀରାଙ୍କୁ କି ଦିନସାରା ସେ କେମିତି କାଟିଲେ ? ଥରେ ବି ସେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ କି ଏକୁଟିଆ ଗୋଟେ ମଣିଷର ସମୟ ଘରେ କଟୁଛି କେମିତି ? ଛୁଟିଦିନ ହେଲେ ବି ଥରେ କୁହନ୍ତି ନାହିଁ କି ମୀରା, ସବୁଦିନ ତ ଏକୁଟିଆ ଘରଟା ଭିତରେ ଏପଟ ସେପଟ ହେଉଛି, ବିରକ୍ତି ଲାଗୁଥିବ, ଆଜି ତ ଛୁଟି, ଚାଲି ଟିକେ ବାହାରୁ ବୁଲି ଆସିବା ।

ପ୍ରଥମେ ପ୍ରଥମେ ତ ମୀରା ସ୍ୱାମୀଙ୍କର ଫେରିବା ବାଟକୁ ଚାହିଁ ରହୁଥିଲେ । କାରଣ ସେ ଫେରିବା ବେଳକୁ ମୀରାଙ୍କର ଅନେକ କଥା କହିବାକୁ ଥାଏ । ହେଲେ ଅରବିନ୍ଦ ଅଫିସ୍‌ରୁ ଫେରିବା ପରେ ତାଙ୍କର ସେ କ୍ଲାନ୍ତ ଶ୍ରାନ୍ତ ମୁହଁଟାକୁ ଦେଖିଦେଲେ ମୀରାଙ୍କର ଯାହା ବି କିଛି କହିବାକୁ ଥାଏ ସେସବୁକୁ ସେ ଭୁଲିଯାଆନ୍ତି । ଏମିତି କି ମନେଥିଲେ ବି ତାଙ୍କର ଆଉ କହିବାକୁ ଇଚ୍ଛା ହୁଏନି । ତେଣୁ ଅଫିସ୍‌ରୁ ଫେରିବା ପରେ ଅରବିନ୍ଦ ଧୂଆ ଧୋଇ ହୋଇ ଆସୁ ଆସୁ ସେ ଡାଇନିଂ ଟେବୁଲ୍ ଉପରେ ତାଙ୍କ ପାଇଁ ରାତିର ଖାଇବା ବାଢ଼ିଦେଇ ଯାଇ ରୋଷେଇ ଘର ସଫା ସଫିରେ ଲାଗିପଡ଼ନ୍ତି । ଅରବିନ୍ଦ ବି ଖାଇବା ବେଳେ ମୀରାଙ୍କୁ ପାଖରେ ବସି ଖାଇବା ପାଇଁ ଡାକନ୍ତିନି । ନିଜେ ଏକା ଏକା ଚୁପ୍ ଚାପ୍ ଖାଇଦେଇ ଉଠି ପଡ଼ନ୍ତି । ଏସବୁ ଦେଖି ମୀରାଙ୍କୁ ବେଳେ ବେଳେ ଖୁବ୍ କାନ୍ଦ ଲାଗେ । ସତରେ, କେମିତି ମଣିଷ ଜଣେ ସ୍ୱାମୀ ତାଙ୍କର । ସେ ପ୍ରକୃତରେ ଗୋଟେ ମଣିଷ ନା ମେସିନ୍ ? ମଣିଷ ହୋଇଥିଲେ ତ ସେ ଆଉ ଜଣେ ମଣିଷକୁ ବୁଝିବାକୁ ଚେଷ୍ଟା କରନ୍ତେ । ତାହେଲେ ସେ କ'ଣ ମେସିନ୍... ? ଏ ପ୍ରଶ୍ନର ଉତ୍ତର ସେ ପାଆନ୍ତିନି ? କେବେ କେବେ ମନକୁ ମନ ପଚାରନ୍ତି ଏମିତି ଲୋକର ହାତ ଧରି ସେ ଜୀବନର ଏତେ ବଡ଼ ଲମ୍ବା ରାସ୍ତାକୁ ଅତିକ୍ରମ କରିପାରିବେ ତ ?

ଏହା ଭିତରେ ବିତି ଯାଇଥିଲା ଅନେକ ଦିନ, ମାସ ଆଉ ବର୍ଷ । ହେଲେ ଅରବିନ୍ଦ ପରିବର୍ତ୍ତନ ହୋଇନଥିଲେ । ସେ ସେମିତି ମଣିଷ ରୂପରେ ଗୋଟେ ମେସିନ୍ ହୋଇ ରହିଯାଇଥିଲେ । ଯେହେତୁ ଏତେ ବର୍ଷ ପରେ ବି ଅରବିନ୍ଦ ମେସିନ୍‌ରୁ ମଣିଷ ହୋଇନଥିଲେ । ତେଣୁ ଧୀରେ ଧୀରେ ମୀରା ନିଜକୁ ମଣିଷରୁ ମେସିନ୍‌କୁ ପରିବର୍ତ୍ତନ କରିନେଇଥିଲେ ।

ସେ ପର୍ଯ୍ୟନ୍ତ ବି ତାଙ୍କ ମନରୁ ଲିଭିନଥିଲା ବାପ ଘରର କଥା । ସବୁବେଳେ କୌଣସି ନା କୌଣସି ଛୋଟ ବଡ଼ କାରଣ ବାପା ବୋଉଙ୍କ ଭିତରେ ପାଟି ତୁଣ୍ଡ ଲାଗୁଥିଲା । ବେଳେ ବେଳେ ତ ଗଣ୍ଡଗୋଳର ମାତ୍ରାଟା ଏତେ ମାତ୍ରାରେ ବଢ଼ିଯାଉଥିଲା ଯେ ବାପା ରାଗିଯାଇ ବୋଉକୁ ହାତ ଉଠେଇ ଖୁବ୍ ମାରୁଥିଲେ, ବେଳେ ବେଳେ ତ ବୋଉକୁ ସେ ବେଲ୍ଟରେ ବି ପିଟୁଥିଲେ । ମାଡ଼ ଖାଇ ବୋଉ ଲହୁ ଲୁହାଣ ହୋଇ ବିକଳ ହୋଇ କାନ୍ଦୁଥିଲା ।

ଘରର ଏ ପ୍ରକାରର ପରିବେଶ ପିଲାମାନଙ୍କ ଉପରେ ଯେ କି ପ୍ରକାର ପ୍ରଭାବ ପକାଉଥିଲା ସେକଥା କେବଳ ସେମାନଙ୍କୁ ହିଁ ଜଣାଥିଲା । ଘରଟା ଭିତରେ ବାପା ମା ପାଖରେ ଥାଇ ବି ସବୁବେଳେ ସେମାନେ କାକୁସ୍ଥ ହୋଇ ରହୁଥିଲେ । ପ୍ରତି ମୁହୂର୍ତ୍ତରେ କେଉଁ ଏକ ଅଜଣା ଭୟରେ ଭିତରେ ଭିତରେ ସନ୍ତୁଳି ହେଉଥିଲେ ।

ଏ ଭିତରେ ମୀରା ଦୁଇ ଦୁଇଟି ପିଲାଙ୍କର ମା' ହୋଇଥିଲେ । ବାପା ମା'ଙ୍କ ଭିତରେ ଗଣ୍ଡଗୋଳ ଲାଗିଲେ ପିଲାମାନଙ୍କ ଉପରେ ଯେ କ'ଣ ବିତେ, କେମିତି ସାରା ଜୀବନ ସେମାନେ ନିଜକୁ କେମିତି ଅସୁରକ୍ଷିତ ମଣନ୍ତି । କେମିତି ସେମାନେ ନିଜ ଉପରୁ ଆତ୍ମ ବିଶ୍ୱାସ ହରେଇ ବସନ୍ତି ଏକଥା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ତେଣୁ କେବଳ ପିଲାମାନଙ୍କ ପାଇଁ ସେ ସ୍ୱାମୀଙ୍କୁ କିଛି କହୁନଥିଲେ । ଚୁପ୍‌ଚାପ୍ ସବୁ ସହିଯାଉଥିଲେ । ତାଙ୍କରି ଅନୁସାରେ ନିଜକୁ ଖାପଖୁଆଇ ନେଇ ଜୀବନର ଚଲାପଥରେ ଆଗେଇ ଯାଉଥିଲେ ଯଦିଓ ମଣିଷ ହୋଇ ଏମିତି ଏକ ଯନ୍ତ୍ରବତ୍ ଜୀବନ ଜୀଇଁବାବେଳେ ତାଙ୍କୁ ଖୁବ୍ କଷ୍ଟ ହେଉଥିଲା । ବେଳେବେଳେ ସେ ଖୁବ୍ ଭାଙ୍ଗିପଡୁଥିଲେ । ଘରେ କେହି ନଥିବା ବେଳେ ସେ ଅସହାୟ ହୋଇ ଢେର୍ କାନ୍ଦୁଥିଲେ । ଆଉ ମନ ଭରି କାନ୍ଦି ସାରିବା ପରେ ଆଖିରୁ ଲୁହ ପୋଛି ସେ ନିଜ ଭିତରୁ ଭିତରୁ ଆହୁରି ଦୃଢ଼ ହୋଇଯାଉଥିଲେ ।

ଧୀରେ ଧୀରେ ସମୟ ବିତି ଯାଇଥିଲା । ସମୟ କେବେ କାହାର ସୁଖରେ ଖୁସି ହୋଇ ସେ ମୁହୂର୍ତ୍ତ ସବୁକୁ ଉପଭୋଗ କରିବା ପାଇଁ ଟିକିଏ ଅଟକି ଯାଏ ନାହିଁ କି କାହାର ଦୁଃଖରେ ଦୁଃଖି ହୋଇ ସେ ସମୟ ସବୁକୁ ବିତେଇ ଦେବା ପାଇଁ ଜଲ୍‌ଦି ଜଲ୍‌ଦି ଆଗକୁ ବଢ଼ିଯାଏନି । କାହାର ସୁଖ ବି କାହାର ଦୁଃଖ ତାକୁ କିଛି ଫରକ ପକାଏନି ।

ତେଣୁ ସମୟ ସହିତ ତାଳ ଦେଇ ମୀରା ନିଜ ଜୀବନ ସହିତ ସନ୍ଧି କରି ନେଇଥିଲେ । ଧୀରେ ଧୀରେ ସବୁକିଛି ତାଙ୍କର ଦେହସୁହା ହୋଇଯାଇଥିଲା । ଏପଟେ ସମୟ ସହିତ ତାଳ ଦେଇ ସ୍ୱାମୀ ତାଙ୍କର ଗୋଟାଏ ପରେ ଗୋଟାଏ ପଦୋନ୍ନତି ପାଇ ପାଇ ଶେଷରେ ଚାକିରୀର ସର୍ବୋଚ୍ଚ ସୋପାନରେ ପହଞ୍ଚ ଯାଇଥିଲେ । ପିଲାମାନେ ବି ସମୟ ସହିତ ତାଳ ଦେଇ ସ୍କୁଲ ପଢ଼ା ସାରି କଲେଜ୍‌ରେ ପଢ଼ିଥିଲେ । ଆଉ ତା'ପରେ କଲେଜ୍ ପଢ଼ା ସରିବା ପରେ ଚାକିରୀ ବି କରିଥିଲେ । ଆଉ ଶେଷରେ ବାହା ସାହା ହୋଇ ନିଜ ନିଜର ସଂସାରକୁ ନେଇ ନିଜ ନିଜର ଚାକିରୀ ଯାଗାକୁ ଚାଲି ଯାଇଥିଲେ । ଏପଟେ ଘରେ ଖାଲି ରହିଯାଇଥିଲେ ମୀରା ଆଉ ତାଙ୍କ ସ୍ୱାମୀ ଅରବିନ୍ଦ ।

ବୋଧହୁଏ ଜୀବନର ପ୍ରତିଟି ସୋପାନରେ ଇତିହାସର ପୁନରାବୃତ୍ତି ଘଟିଥାଏ । ମୀରା ଯେତେବେଳେ ଅରବିନ୍ଦଙ୍କୁ ବିବାହ କରି ନୂଆ ନୂଆ ଘର ସଂସାର ଆରମ୍ଭ କରିଥିଲେ ସେତେବେଳେ ପ୍ରତି ରାତିରେ ସେ ଅନେକ ସୁନ୍ଦର ସୁନ୍ଦର ସ୍ୱପ୍ନ ଦେଖୁଥିଲେ । କେବେ ନା କେବେ ଅରବିନ୍ଦ ତାଙ୍କ ସହ ମନଖୋଲି ଦୁଇପଦ କଥା ହେବେ, ତାଙ୍କ ନେଇ ପାର୍କ ଯିବେ, ସିନେମା ଯିବେ, ରେଷ୍ଟୁରାଣ୍ଟ ଯିବେ, ବାହାରକୁ କୁଆଡ଼େ ବୁଲେଇ ନେବେ । ହେଉ ପଛେ ବର୍ଷକୁ ଥରେ । କେବେ କେବେ ସେମାନେ ବାହାରକୁ ବୁଲିବାକୁ ଯିବେ, ହୋଟେଲ୍‌ରେ ରହିବେ, ସେଇଠି ଖାଇବେ । ମନଭରି ବୁଲାବୁଲି କରିବେ, ନୂଆ ନୂଆ ଯାଗା ଦେଖିବେ । ସେଇ ଚାରି ପାଞ୍ଚ ଦିନ ଏକଦମ୍ ଚିନ୍ତାମୁକ୍ତ ଜୀବନଟେ ଜୀଇଁ ପୁଣି ଫେରି ଆସିବେ ନିଜର ନିତିଦିନିଆ ଜୀବନକୁ ।

ହେଲେ ସେମିତି କେବେ ବି ହୋଇନଥିଲା । ରାତିର ସ୍ୱପ୍ନ ସବୁ ସକାଳେ ଆଖିରୁ ଲୁହ ହୋଇ ବହିଯାଉଥିଲା ଅରବିନ୍ଦ ଅଫିସ୍ ଚାଲିଯିବା ପରେ । ବାହାଘର ପ୍ରଥମ ପାଞ୍ଚ ଛ' ବର୍ଷ ମୀରା ଯେମିତି ଗୋଟେ ବନ୍ଦୀ ଜୀବନ ବିତେଇଥିଲେ । ଦିନ ରାତି ଚବିଶ୍ ଘଣ୍ଟା ତାଙ୍କର ସେଇ ଫ୍ଲାଟ୍‌ର ଚାରିଟା ରୁମ୍ ଭିତରେ ଏ ଘର ସେ ଘର ହୋଇ ବିତୁଥିଲା । ଏପଟେ କିନ୍ତୁ ଅରବିନ୍ଦ ନିଜର କମ୍ପାନୀର କାମକୁ ନେଇ ପୁରା ଦୁନିଆ ବୁଲୁଥିଲେ । ଆଜି ଏ ସହରରେ କାମ ପଡୁଥିଲା ତ କାଲି ସେ ସହରରେ ମିଟିଙ୍ଗ୍ ରହୁଥିଲା, ଆଜି ଏ ରାଜ୍ୟକୁ ଯିବାକୁ ପଡୁଥିଲା ତ କାଲି ସେ ରାଜ୍ୟକୁ । ଗୋଟେ ପଟେ ଅରବିନ୍ଦ ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଖୁବ୍ ଉପଭୋଗ କରୁଥିବା ବେଳେ ମୀରାଙ୍କୁ ତାଙ୍କ ଜୀବନର ସେ ସ୍ୱପ୍ନିଳ ମୁହୂର୍ତ୍ତ ସବୁକୁ ସେଇ ଘରର ଚାରି କାନ୍ଥ ଭିତରେ ଜେଲ୍‌ରେ ରହୁଥିବା କଏଦୀ ପରି କାଟିବାକୁ ପଡୁଥିଲା । ଜୀବନର ସେ ସମୟ ସବୁକୁ ସେ ଯେ କେମିତି କାଟିଛନ୍ତି, କେତେ କେତେ ରାତି ଅନିଦ୍ରା ରହି ସେ ଯେ କେତେ କେତେ ହତାଶା, ଅବସୋସ ଆଉ ଅବସାଦ ଭିତରେ କଟିଛି ସେକଥା କେବଳ ସେ ହିଁ ଜାଣିଥିଲେ । ଅରବିନ୍ଦ ସେତେବେଳେ ଦିନଟିଏ ପାଇଁ ବି ତାଙ୍କୁ ପଚାରି ନଥିଲେ ଯେ ସେ ଅଫିସ୍ ଚାଲିଯିବା ପରେ ଦିନରାତି ଚବିଶ୍ ଘଣ୍ଟା ତାଙ୍କର ସେଇ ଘରଟା ଭିତରେ ବିତୁଛି କେମିତି ?

ସମୟକ୍ରମେ ତାଙ୍କ କୋଳକୁ ଦୁଇଟି ଛୁଆ ଆସିଥିଲେ । ଆଉ ସେମାନେ ଆସିବା ପରେ ତାଙ୍କୁ ସମୟର ଘୋର ଅଭାବ ହୋଇଥିଲା । ସେମାନଙ୍କ ସ୍କୁଲ୍, ହୋମ୍ ୱାର୍କ, ଅଳି ଅଝଟ, ଖାଇବା ପିଇବା, ଦେହ ପା, ଭଲମନ୍ଦ, ନାନା ପ୍ରକାରର ଫରମାଇସ୍ ସବୁ ପୂରଣ କରୁ କରୁ କେତେବେଳେ ଯେ ଦିନ ଯାଇ ରାତି ଆସୁଥିଲା ସେକଥା ତାଙ୍କୁ ଜଣାପଡୁନଥିଲା ।

ବଡ଼ ପୁଅ ହଷ୍ଟେଲ ଯିବାର ପାଞ୍ଚବର୍ଷ ପରେ ସାନ ଝିଅ ବି ପଢ଼ିବା ପାଇଁ ଯାଇ ହଷ୍ଟେଲ୍‌ରେ ରହିଥିଲା । ସେଇ ସେମାନେ ପଢ଼ିବା ପାଇଁ ଘରୁ ଗୋଡ଼ କାଢ଼ି ବାହାରକୁ ଯାଇଥିଲେ ଯେ ସେଇ ବାହାରେ ବାହାରେ ତାଙ୍କର ବିତିଥିଲା । ପଢ଼ାପଢ଼ି ସରୁ ସରୁ ଦୁଇଜଣଙ୍କୁ ଚାକିରୀ ମିଳିଯାଇଥିଲା । ତାହା ପୁଣି ଭାରତ ବାହାରେ । ଏଣୁ ଘରକୁ ଆସିବାଟା ସେମାନଙ୍କ ପାଇଁ ଏକ ସ୍ୱପ୍ନ ପରି ଥିଲା ।

ସେ ଯାହାହେଉ ସାନଝିଅ ଯେଉଁଦିନ ପଢ଼ିବା ପାଇଁ ହଷ୍ଟେଲ୍‌ରେ ଯାଇ ରହିଥିଲା ସେଦିନ ଯେମିତି ତାଙ୍କୁ ଏକ ବଡ଼ ଦାୟିତ୍ୱରୁ ମୁକ୍ତି ମିଳିଗଲା ପରି ଲାଗିଥିଲା । ସେଦିନ ଅନେକ ବର୍ଷ ପରେ ସେ ଦର୍ପଣ ସାମ୍ନାରେ ବସି ନିଜକୁ ନିଜେ ନିରୀକ୍ଷଣ କରିଥିଲେ ଆଉ ଜାଣିପାରିଥିଲେ ଯେ ଏହା ଭିତରେ ସମୟଟା ଢେର୍ ଆଗକୁ ଚାଲିଯାଇଛି । ଏହା ଭିତରେ କାହିଁ କେତେ ବର୍ଷ ତଳୁ କେଜାଣି ସେ ନିଜକୁ ଭଲକରି ଦର୍ପଣରେ ଦେଖିନଥିଲେ ।

ସେଇଦିନ ହିଁ ସେ ଆବିଷ୍କାର କରିଥିଲେ ଯେ ମାତ୍ର ଚବିଶ୍ ବର୍ଷ ବୟସରେ ବାହା ସାହା ହୋଇ ଘର ସଂସାର ଆରମ୍ଭ କରିଥିବା ଝିଅଟି ଏବେ ବାଉନ ବର୍ଷ ବୟସରେ ପାଦ ଦେଇ ଧୀରେ ଧୀରେ ଜୀବନର

ଅପରାହ୍ନ ଆଡ଼କୁ ପାଦ ଦେବାକୁ ଆରମ୍ଭ କଲାଣି। ମନେ ମନେ ଖୁବ୍ ଆଶ୍ଚର୍ଯ୍ୟ ହୋଇଥିଲେ ସେ। ସତରେ ! ଏ ଭିତରେ କେତେ ଶୀଘ୍ର ସମୟ ସବୁ ବିତିଗଲା କେଜାଣି। ପିଲା ଦୁଇଜଣ ତାଙ୍କ କୋଳକୁ ନ ଆସିବା ଯାଏଁ ସମୟ ସବୁ ଯେ ତାଙ୍କୁ କେତେ ଲମ୍ବା ଲାଗୁଥିଲା ସେକଥା କେବଳ ତାଙ୍କୁ ହିଁ ଜଣାଥିଲା। ସେତେବେଳେ ସମୟ ସବୁ ତ ଯେମିତି ସରୁନଥିଲା। ହେଲେ ଆଜି କେତେ ଶୀଘ୍ର ଯେ ସେ ଆସି ବାଉନ୍ ବର୍ଷ ବୟସରେ ପାଦଦେଇ ସାରିଥିଲେ ସେ କଥା ସେ କଳ୍ପନା କରି ପାରୁନଥିଲେ।

ସେଦିନ ଘରେ କେହି ନଥିଲେ। ସ୍ୱାମୀ ଆହୁରି ଅଫିସ୍‌ରୁ ଫେରିନଥିଲେ। ତାଙ୍କର ଆହୁରି ଦୁଇ ବର୍ଷ ଚାକିରୀ ଥିଲା। ହେଲେ ଏବେ ବି ଅଫିସ୍ କାମ କରିବାର ନିଶାଟା ଠିକ୍ ସେମିତି ଥିଲା ଯେମିତି ନୂଆ ନୂଆ ବାହାହୋଇ ଆସିଲା ବେଳେ ଥିଲା। ହେଲେ ଆଗରୁ ତାଙ୍କର ଏଇ ପ୍ରକୃତିଟା ମୀରାଙ୍କୁ ବିରକ୍ତି ଲାଗୁଥିଲା ବେଳେ ସମୟ ସହିତ ସେ ଯଥେଷ୍ଟ ପରିପକ୍ୱ ହୋଇଯାଇଥିବାରୁ ଏବେ ଆଉ କାହାଠାରୁ କିଛି ଆଶା ରଖି ସେ ନିଜକୁ କଷ୍ଟ ଦେଉନଥିଲେ। ଯିଏ ଯେମିତି ମୀରା ତାକୁ ସେମିତି ହିଁ ଗ୍ରହଣ କରି ନେଉଥିଲେ। ବୋଧହୁଏ କେବଳ ସେଇଥିପାଇଁ ଆଗ ଅପେକ୍ଷା ସେ ଏବେ ଢେର୍ ଶାନ୍ତି ଆଉ ସନ୍ତୋଷରେ ଥିଲେ।

ଏପଟେ ପୁଅ ବୋହୂ ଝିଅ ଜୋଇଁ ଚାରିଜଣଯାକ ଚାକିରୀଆ। ପୁଣି କମ୍ପାନୀ ଚାକିରୀ। ସେମାନଙ୍କ ସାଙ୍ଗରେ ଯାହା କଥାବାର୍ତ୍ତା ଫୋନ୍‌ରେ। ସେମାନଙ୍କ ପାଖରେ ବି ଏତେ ସମୟ କାଇଁ ଫୋନ୍‌ରେ କଥା ହେବା ପାଇଁ। ସେଥିପାଇଁ ସେ ସମସ୍ତଙ୍କ ପାଖକୁ ଆଠ ଦଶ ଦିନରେ ଥରେ ଲେଖାଏଁ ଭଲ ମନ୍ଦ ଜାଣିବା ପାଇଁ ଫୋନ୍ କରନ୍ତି।

ଏମିତି ଘରେ ସମସ୍ତଙ୍କ ପାଖରେ ସମୟର ଘୋର ଅଭାବ ଥିବାବେଳେ ମୀରାଙ୍କ ହାତରେ ଥିଲା ପ୍ରଚୁର ସମୟ। ଧୀରେ ଧୀରେ ଏଇ ବଳକା ସମୟ ସବୁକୁ କାଟିବା ପାଇଁ ସେ ପଢ଼ା ପଢ଼ି ଆଉ ଲେଖା ଲେଖିକୁ ଯେମିତି ଏକ ଅଭ୍ୟାସରେ ପକେଇ ଦେଇଥିଲେ ଯାହାକି ସମୟକ୍ରମେ ତାଙ୍କର ଏକ ନିଶାରେ ପରିଣତ ହୋଇଯାଇଥିଲା। ଅନେକ ପ୍ରକାର ବହି ଯେତେବେଳେ ସମୟ ପାଉଥିଲେ ପଢୁଥିଲେ ଆଉ କେବେ କେବେ କବିତା ବି ଲେଖୁଥିଲେ।

ଧୀରେ ଧୀରେ ତାଙ୍କର କବିତା ସବୁ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇବାକୁ ଆରମ୍ଭ କରିଥିଲା। ଏମିତି କାହିଁ କେବେଠାରୁ ତାଙ୍କ ହୃଦୟରେ ଚାପିହୋଇ ରହିଥିବା ହତାଶା, ଅବସୋସ, ଅବସାଦ, ସ୍ୱପ୍ନ ଏସବୁ କବିତାର ରୂପ ନେଇଥିଲା। ଆଉ ସେସବୁ ପ୍ରକାଶିତ ହେବାପରେ ତାଙ୍କୁ ପାଠକ ମହଲରୁ ଢେର୍ ପ୍ରଶଂସା ବି ମିଳିଥିଲା। ଯାହାକି ତାଙ୍କର ଆତ୍ମବିଶ୍ୱାସକୁ ବଢ଼େଇଥିଲା।

ଏବେ ଆଉ ମୀରାଙ୍କୁ ଏତେ ହତାଶ ଲାଗୁନଥିଲା। ମନଟା ବି ତାଙ୍କର ଆଗପରି ଦୁଃଖ, ହତାଶ, ଅବସୋସ କି ଅବସାଦରେ ଏତେ ଭାରି ହୋଇଯାଉନଥିଲା। ବୟସର ପ୍ରଭାବରେ କି କ'ଣ ଏହା ଭିତରେ ସେ ଯଥେଷ୍ଟ ପରିପକ୍ୱ ହୋଇଯାଇଥିଲେ ଆଉ ହୃଦୟଙ୍ଗମ କରିଥିଲେ କି ସମସ୍ତେ ନିଜ ନିଜର ଜୀବନକୁ ନିଜ ଚାହିଁବା ମୁତାବକ ଜୀଇଁପାରନ୍ତି ନାହିଁ। ସମସ୍ତଙ୍କୁ ପରିବେଶ ଆଉ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ ବଞ୍ଚିବାକୁ ପଡ଼ିଥାଏ। ଆଉ ଜୀବନରେ ଏଇ ଗୁରୁମନ୍ତ୍ରଟିକୁ ଯିଏ ଯେତେ ଶୀଘ୍ର ଗ୍ରହଣ କରିନିଏ ସେ ସେତେ ଶାନ୍ତିରେ ରହିପାରେ।

ସେଦିନ ଘରେ କେହି ନଥିଲେ। ଦର୍ପଣ ଆଗରେ ଠିଆ ହୋଇ ନିଜକୁ ନିରୀକ୍ଷଣ କରିଥିଲେ ମୀରା। ତାଙ୍କ ଚେହେରାରୁ ସେ ସ୍ପଷ୍ଟ ବାରି ପାରୁଥିଲେ ବୟସର ପ୍ରଭାବ। ମୁହଁରେ ଆଗ ଅପେକ୍ଷା ଅଧିକରୁ ଅଧିକ କୁଞ୍ଚିତ ରେଖା ସବୁ ଆସିଯାଇଥିଲା। ବୟସର ପ୍ରଭାବରୁ ଆଖିତଳ ବି ଫୁଲି ଯାଇଥିଲା। ନାକର ଦୁଇ ପାଖରେ ସ୍ପଷ୍ଟ ଦୁଇଟି ରେଖା ପଡ଼ି ଗାଲ ଦୁଇଟା ସାମାନ୍ୟ ଓହଳି ଆସିଥିଲା। ମୁଣ୍ଡର ଚୁଟି ସବୁ ପାଚି ଆସୁଥିଲା।

ଏସବୁ ଶାରୀରିକ ପରିବର୍ତ୍ତନ ତ ଆଖିକୁ ଦେଖାଯାଉଥିଲା। ହେଲେ ଏହା ବାଦ୍ ବି ଅନେକ କିଛି ପରିବର୍ତ୍ତନ ଭିତରେ ଭିତରେ ହେଉଥିଲା ଯାହା ବାହାରକୁ ସିନା ଦେଖାଯାଉନଥିଲା ହେଲେ ମୀରା କିନ୍ତୁ ସେ ପରିବର୍ତ୍ତନ ସବୁକୁ ଅନୁଭବ କରିପାରୁନଥିଲା। ଏବେ ଆଉ ଆଗପରି କୌଣସି କାମ କରିବାକୁ ଆଗପରି ସ୍ପୃହା ଆସୁନଥିଲା। ଯାହା କରୁଥିଲେ ସେସବୁକୁ ସେ ବାଧବାଧକତାରେ କରୁଥିଲେ। ଆଗରୁ କେତେ କେତେ କାମ ସେ କରୁଥିଲେ, ଅଥଚ ଏବେ ଟିକେ ଟିକେ କାମ କଲେ ଭାରି ଥକ୍‌କା ଲାଗୁଥିଲା। ଟିକିଏ ଶୋଇ ପଡ଼ି ଉଠିବା ବେଳକୁ ଦେହ ହାତ ଏତେ ଦରଜ ହେଇଯାଉଥିଲା ଯେ ଉଠିବା ପରେ ପରେ ସେ କିଛି ସମୟ ଚାଲବୁଲ କରିପାରୁନଥିଲେ। ଆଣ୍ଠୁ ଗଣ୍ଠି ଅଣ୍ଟା ପ୍ରାୟ ସମୟରେ ଦରଜ ରହୁଥିଲା। ଆଖିକୁ ପାଖ ଅକ୍ଷର ସବୁ ଠିକ୍ ଭାବରେ ଦେଖାଯାଉନଥିଲା। ଆଗରୁ ତ ସବୁବେଳେ ଟିକିଏ ବାହାରକୁ ଯାଇ ବୁଲି ଆସିବାକୁ ଇଚ୍ଛା ହେଉଥିଲା, ହେଲେ ଏବେ ତ ଘରୁ ବାହାରକୁ ବାହାରିବାକୁ ଇଚ୍ଛା ହେଉନଥିଲା। ଘର କାମରୁ ଟିକିଏ ଫୁରୁସତ୍ ମିଳିଲେ ଖାଲି ଶୋଇପଡ଼ିବାକୁ ଇଚ୍ଛା ହେଉଥିଲା।

ଏହା ସହିତ ମାନସିକ ସ୍ତରରେ ବି ତାଙ୍କର ଅନେକ କିଛି ପରିବର୍ତ୍ତନ ହୋଇଥିଲା। ଯେମିତି ଆଗରୁ ସେ ଖୁବ୍ ଭାବ ପ୍ରବଣ ଥିଲେ ହେଲେ ଏବେ ଭାବପ୍ରବଣତା ଯେମିତି ତାଙ୍କ ଜୀବନର ଶବ୍ଦକୋଷରୁ କୁଆଡ଼େ ଉଭେଇ ଯାଇଥିଲା। ପୁଣି ଆଗରୁ ତ ସେ ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ତାଙ୍କ ସ୍ୱପ୍ନର ସୁନ୍ଦର ଦୁନିଆରେ ରହୁଥିଲେ। ହେଲେ ଏବେ ବାସ୍ତବତାରେ ବଞ୍ଚୁଥିଲେ। ଆଗରୁ ରାତି ରାତି ଅନିଦ୍ରା ରହି ଜହ୍ନକୁ ଦେଖୁଥିଲେ। ତାରାକୁ ଦେଖୁଥିଲେ, ଦୂର ଦିଗ୍‌ବଳୟକୁ ଘଣ୍ଟା ଘଣ୍ଟା ଧରି ଚାହିଁ ରହି କାହିଁ କେତେ ପ୍ରକାରର ଭାବନାରେ ରୋମାଞ୍ଚିତ ହେଉଥିଲେ, ବର୍ଷା ହେଲେ ବର୍ଷାରେ ଭିଜୁଥିଲେ। ଫୁଲ ସାଥିରେ ହସୁଥିଲେ, ନାଚୁଥିଲେ, ଚୁପି ଚୁପି କେତେ କେତେ ପ୍ରେମ କଥା ହେଉଥିଲେ। ପ୍ରଜାପତି ସାଙ୍ଗେ ମିତ ବସୁଥିଲେ। ଭ୍ରମରକୁ ନିଜ ମନର ମଣିଷ କଥା କହୁଥିଲେ। ହେଲେ ଏବେ... ? ଏବେ ସେସବୁଠାରୁ ସେ କେବେ ଏତେ ଦୂରକୁ ଚାଲିଯାଇଥିଲେ ସେକଥା ତାଙ୍କୁ ଜଣାନଥିଲା।

ଏହା ଭିତରେ କାହିଁ କେତେ ବର୍ଷ ହବ ସେ ନିଜକୁ ପରଖି ନଥିଲେ। ହେଲେ ଆଜି ଯେତେବେଳେ ନିଜକୁ ପରଖୁଥିଲେ ନିଜଠାରେ ଏତେ ପରିବର୍ତ୍ତନ ଦେଖି ସେ ମନକୁ ମନ ଖୁବ୍ ଆଶ୍ଚର୍ଯ୍ୟ ହୋଇଯାଉଥିଲେ।

ସେତେବେଳେ ସ୍ୱାମୀଙ୍କର ଚାକିରୀରୁ ଅବସର ନେବାକୁ ଆଉ ମାତ୍ର ଛ'ଟା ମାସ ଥାଏ। ପିଲାମାନେ ଚାକିରୀ ବାକିରୀ କରି ବାହାରକୁ ଚାଲିଯିବା ପରେ ମୀରାଙ୍କ ହାତରେ ବି ଯଥେଷ୍ଟ ସମୟ ଥାଏ। ତେଣୁ ସେ ଏଥର ଧୀରେ ଧୀରେ ବିଭିନ୍ନ ପ୍ରକାରର କବିତା ଆଉ ଗପ ଲେଖି ସେସବୁକୁ ବିଭିନ୍ନ ପତ୍ରପତ୍ରିକାକୁ ଦେବାକୁ ଆରମ୍ଭ କରିଥିଲେ। ଧୀରେ ଧୀରେ ତାଙ୍କ ଗପ କବିତା ସବୁ ବିଭିନ୍ନ ଓଡ଼ିଆ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା। ସମୟକ୍ରମେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ତରଫରୁ ଗପ, କବିତା ପଢ଼ିବାକୁ ନିମନ୍ତ୍ରଣ ବି ଆସୁଥିଲା। ଆଉ ସେ ସେସବୁ ଯାଗାକୁ ଯାଇ ନିଜର ଗପ, କବିତା ସବୁ ପଢ଼ି ଶୁଣାଉଥିଲେ। ତାପରେ ତାଙ୍କୁ ତାଙ୍କ ଗପ କବିତା ସବୁ ପଢ଼ିବାକୁ ସହର ତଥା ରାଜ୍ୟ ବାହାରୁ ବି ନିମନ୍ତ୍ରଣ ମିଳିଥିଲା।

ଆଉ ତାଙ୍କ ସ୍ୱାମୀ ଅରବିନ୍ଦ ସେତିକିବେଳେ ମୀରାଙ୍କ ବିଷୟରେ ଏସବୁ ଜାଣିବାକୁ ପାଇଥିଲେ ଯେତେବେଳେ ସେ ତାଙ୍କ ଗପ କବିତା ପଢ଼ିବା ପାଇଁ ବାହାର ରାଜ୍ୟରୁ ବି ଡାକରା ପାଇଥିଲେ।

ଅରବିନ୍ଦ ଭାବିଥିଲେ ମୀରା ବୋଧହୁଏ ବାସ୍ କିଛି ଦିନ ପାଇଁ ଏ ଗପ, କବିତା ଲେଖାରେ ମାତିବେ। ଅନ୍ତତଃ ପକ୍ଷେ ସେ ଚାକିରୀରୁ ଅବସର ନେବା ପର୍ଯ୍ୟନ୍ତ। ଆଉ ସେ ଚାକିରୀରୁ ଅବସର ନେବାପରେ ମୀରା ବି ସେସବୁଥିରୁ ଅବସର ନେଇ ତାଙ୍କରି ପାଖେ ପାଖେ ରହିବେ। କାରଣ ଚାକିରୀର କାର୍ଯ୍ୟବ୍ୟସ୍ତତା ଯୋଗୁଁ କେବେବି ଦୁଇଜଣ ଦୁଇଜଣଙ୍କ ସାଥିରେ କିଛି ନିରୋଳା ମୁହୂର୍ତ୍ତ ବିତେଇ ନାହାନ୍ତି। କେବେ ବି ମନଖୋଲି ହୃଦୟର କଥା ପରସ୍ପରକୁ କହିନାହାନ୍ତି। ଜୀବନର ଚଲାପଥରେ ଏତେ ବର୍ଷ ଭିତରେ କେତେ ଯେ ଦିନ ଯାଇ ରାତି ଆସିଛି ଆଉ କେତେ ଯେ ରାତି ଯାଇ ଦିନ ଆସିଛି ହେଲେ ସେମାନେ କିନ୍ତୁ ମୁହୂର୍ତ୍ତେ ବି କେବେ ନିରୋଳାରେ ଏକାଠି ପାଖାପାଖି ବସି ଦୂର ଦିଗ୍‌ବଳୟରେ ହଜିଯାଇନାହାନ୍ତି।

ହେଲେ ମୀରା କିନ୍ତୁ ଅଲଗା କିଛି ଭାବିଥିଲେ। ପ୍ରକୃତରେ ସେ ତାଙ୍କ ସ୍ୱାମୀଙ୍କ ଉପରେ ନୀରବରେ ପ୍ରତିଶୋଧ ନେବାର ଅପେକ୍ଷାରେ ଥିଲେ। ସ୍ୱାମୀ ତାଙ୍କର ଅବସର ନେଇ ଘରେ ରହିବାପରେ, ଦିନ ରାତି ଚବିଶ୍ ଘଣ୍ଟା ଏକା ଏକୁଟିଆ ରହିଲେ କେମିତି ଯେ ଲାଗେ ଏକଥା ସେ ତାଙ୍କୁ ଅନୁଭବ କରେଇବାକୁ ଚାହୁଁଥିଲେ ଯାହାକୁ ସେ ହୃଦୟଙ୍ଗମ କରିଥିଲେ କାହିଁ କେତେ ବର୍ଷ ତଳେ ନୂଆ ନୂଆ ବାହା ହୋଇ ଘର ସଂସାର କରୁଥିବା ବେଳେ।

ଦୀର୍ଘଶ୍ୱାସ ପକେଇଥିଲେ ମୀରା। ଏମିତି ଏବେ ବର୍ଷ ପରେ ବି ଯେତେବେଳେ ତାଙ୍କର ଅତୀତର ସେ କଥା ଗୁଡ଼ାକ ମନେପଡ଼େ ସେତେବେଳେ ମନକୁ ମନ ଛାତି ତଳୁ ତାଙ୍କର ଦୀର୍ଘଶ୍ୱାସ ବାହାରି ଆସେ। ସେତେବେଳେ ଏମିତି ସମୟ ବି ଆସିଥିଲା ଯେତେବେଳେ ତାଙ୍କର ଦେହ ଖରାପ ହୋଇଥିଲେ ମଧ୍ୟ ଅରବିନ୍ଦ ଅଫିସ୍ ଯିବାରେ ସାଲିସ୍ କରୁନଥିଲେ। ମୀରାଙ୍କର ଦେହ ଖରାପ ହେଲେ ମଧ୍ୟ ସେ ଛୁଟି ନେଇ ଘରେ ରହୁନଥିଲେ କି ଘରର କାମଦାମରେ ତାଙ୍କୁ ଟିକିଏ ସାହାଯ୍ୟ କରୁନଥିଲେ। ସବୁଦିନ ଯେମିତି ଯେଉଁ ସମୟରେ ଅଫିସ୍ ଯାଉଥିଲେ। ଦେହ ଖରାପ ସମୟରେ ବି ଠିକ୍ ସେଇ ସମୟରେ ହିଁ ଅଫିସ୍ ଯାଉଥିଲେ। ତେଣୁ ତାଙ୍କୁ ତାଙ୍କ ଦେହ କଷ୍ଟକୁ ପଛକୁ ରଖି ସକାଳୁ ଉଠି ରୋଷେଇ କରି ଦେବାକୁ ପଡୁଥିଲା।

ଯଥା ସମୟରେ ଅରବିନ୍ଦ ଅଫିସ୍ ଚାଲିଯାଉଥିଲେ ଆଉ ପିଲାମାନେ ସ୍କୁଲକୁ ଯାଉଥିଲେ। ସମସ୍ତେ ଚାଲିଯିବା ପରେ ହିଁ ମୀରା ଅନୁଭବ କରୁଥିଲେ ଯେ ତାଙ୍କୁ ଢେର୍ କଷ୍ଟ ହେଉଛି। ଟିକିଏ ଘୁଞ୍ଚିବାକୁ ବି ବଳ ପାଉନି। ତାପରେ ଢେର୍ କାନ୍ଦୁଥିଲେ ସେ। ସତରେ ! କେଉଁ ଧାତୁରେ ଗଢ଼ା ଅରବିନ୍ଦ ଯାହାର ହାତ ଧରି ସେ ଘର ସଂସାର କରିଛନ୍ତି ? ଥରେ କେମିତି ବୁଝିପାରନ୍ତିନି ନିଜ ସ୍ତ୍ରୀର ମନ କଥା ? ତାଙ୍କ ଦେହ ଖରାପ୍ ହେଲେବି କେମିତି ଅରବିନ୍ଦଙ୍କ ପାଟିରୁ ବାହାରି ପଡ଼େନି, ଥାଉ ମୀରା, ଆଜି ରୋଷେଇ କରନି। ମୁଁ ବାହାରେ ହୋଟେଲ୍‌ରେ ଖାଇନେବି ଆଉ ତୁମମାନଙ୍କ ପାଇଁ ବି ନେଇ ଆସିବି। ପୁଣି କେବେ ବି କେମିତି ଥରେ ତାଙ୍କ ପାଟିରୁ ବାହାରି ଆସେନି ଯେ ଚାଲ ମୀରା, ଆଜି ଛୁଟି ଅଛି। ଆଖ ପାଖରୁ କୋଉଠୁ ଟିକିଏ ବୁଲି ଆସିବା ଯେ ତୁମକୁ ଭଲ ଲାଗିବ। କେତେ ଆଉ ସବୁ ବେଳେ ଖାଲି ଘରଟା ଭିତରେ ଏପଟ ସେପଟ ହେଉଥିବ ? ଏସବୁ ଭାବିବା କ୍ଷଣି ଆଖି ଜକେଇ ଆସେ ମୀରାଙ୍କର। ମନେ ମନେ ଭାବନ୍ତି, ଅରବିନ୍ଦ ସତରେ କ'ଣ ? ମଣିଷ ନା ମେସିନ୍ ?

ସତରେ ! କେବେ କେବେ ମଣିଷ ଭାବେ ତ ଗୋଟେ କଥା, ହେଲେ ତା ଜୀବନରେ ଘଟେ ଆଉ ଗୋଟେ କଥା ଯାହାକି ତା ଭାବନା ଠାରୁ ସମ୍ପୂର୍ଣ୍ଣ ବିପରୀତ ଥାଏ।

ଧୀରେ ଧୀରେ ମୀରା ଭିତରୁ ଭିତରୁ ଅନେକ ପରିବର୍ତ୍ତିତ ହୋଇଯାଇଥିଲା। ଆଗରୁ ସ୍ୱାମୀ ହିସାବରେ ଅରବିନ୍ଦଙ୍କ ପ୍ରତି ତାଙ୍କ ମନ ତଳେ ଯେଉଁ କୋମଳ ଭାବନା ସବୁ ଥିଲା ଧୀରେ ଧୀରେ ସେସବୁ ତାଙ୍କ ଠାରୁ ଉଭେଇ ଯାଇଥିଲା। ଆଗରୁ ସେ ସବୁ କଥାରେ ନିଜ ମତ ଅପେକ୍ଷା ଅରବିନ୍ଦଙ୍କ ମତକୁ ଅଗ୍ରାଧିକାର ଦେଉଥିଲେ। ଖାଲି ସେତିକି ନୁହେଁ ତାଙ୍କର ପ୍ରତିଟି ସୁବିଧା ଅସୁବିଧା ଆଉ ଇଚ୍ଛା ଅନିଚ୍ଛାକୁ ଅଗ୍ରାଧିକାର ଦେଉଥିଲେ।

ହେଲେ ସମୟକ୍ରମେ ସେ ଥକିଗଲେ। ଆଉ ଯେଉଁଦିନ ସେ ଅନୁଭବ କରିଥିଲେ ଯେ ଅରବିନ୍ଦ କେବଳ ତାଙ୍କର ସ୍ୱାମୀ, ତାଙ୍କର ପ୍ରେମିକ ନୁହଁନ୍ତି ସେଇଦିନ ଠାରୁ ସେ ବି କେବଳ ତାଙ୍କର ସ୍ତ୍ରୀ ହୋଇଗଲେ। ତା ପରଠାରୁ କେବେ ବି ସେ ଆଉ ଅରବିନ୍ଦଙ୍କର ପ୍ରେମିକା ହେବାକୁ ଚେଷ୍ଟା କରିନଥିଲେ।

ହେଲେ ଏଇ କଥାଟି ହୃଦ୍‌ବୋଧ ହେବା ପୂର୍ବରୁ ମୀରା ଅରବିନ୍ଦଙ୍କୁ ତାଙ୍କ ସ୍ୱାମୀ ହିସାବରେ ନୁହେଁ ବରଂ ଗୋଟେ ପ୍ରେମିକ ତଥା ଅନ୍ତରଙ୍ଗ

ସାଙ୍ଗ ହିସାବରେ ଦେଖୁଥିଲେ। ଆଉ ସେଇଥିପାଇଁ ସେ ନିଜକୁ ତାଙ୍କ ପ୍ରେମିକା ଭାବରେ ଦେଖୁଥିଲେ। ତେଣୁ ତାଙ୍କ ପାଇଁ ଯାହାବି କରୁଥିଲେ ଗୋଟେ ପ୍ରେମିକା ହିସାବରେ କରୁଥିଲେ। ପୁଣି ନିଜକୁ କଷ୍ଟ ହେଲେବି ତାଙ୍କ ମନ ରଖିବା ପାଇଁ କରୁଥିଲେ। ରନ୍ଧାରନ୍ଧିରେ ସାମାନ୍ୟ ଆଗ୍ରହ ନଥିଲେ ସୁଦ୍ଧା ସେ ୟୁ ଟ୍ୟୁବ୍‌ରୁ ଦେଖି ଅରବିନ୍ଦଙ୍କ ପାଇଁ ଭଲିକି ଭଲି ରାନ୍ଧୁଥିଲେ। ତାଙ୍କର ପ୍ରତିଟି ଛୋଟ ବଡ଼ କାମକୁ ମନଦେଇ କରୁଥିଲେ। ତାଙ୍କ ମନ କଥା ବୁଝିବାକୁ ଚେଷ୍ଟା କରୁଥିଲେ। ନିଜକୁ ବୁଝେଇବାକୁ ଚେଷ୍ଟା କରୁଥିଲେ। ତାଙ୍କୁ ଖୁସି କରିବା ପାଇଁ ସେ ଅଫିସ୍‌ରୁ ଆସିବା ଆଗରୁ ମୀରା ନିଜକୁ ସଜଉଥିଲେ ଆଉ ଘରକୁ ବି ସଜେଇ ରଖୁଥିଲେ।

ହେଲେ, ଅରବିନ୍ଦ...। ଏସବୁ ପ୍ରତି ଯେମିତି ସେ ଏକ୍‌ଦମ୍ ନିସ୍ପୃହ ଥିଲେ। ଜୀବନକୁ ନେଇ ସେ ଏତେ ବାସ୍ତବବାଦି ଥିଲେ ଯେ ଏସବୁର ଯେମିତି ତାଙ୍କ ପାଖରେ କିଛି ବି ମୂଲ୍ୟ ନଥିଲା।

ମୀରା ଆଉ ଅରବିନ୍ଦଙ୍କର ପ୍ରକୃତି ପରସ୍ପର ଠାରୁ ଏକଦମ୍ ବିପରୀତ ଥିଲା। ଅରବିନ୍ଦ ଏକଦମ୍ ବାସ୍ତବବାଦୀ ଥିଲାବେଳେ ମୀରା ଏକଦମ୍ ଭାବପ୍ରବଣ ଥିଲେ। ତେଣୁ ଉଭୟ ଉଭୟଙ୍କର ମାନସିକତାକୁ ଆଦୌ ବୁଝି ପାରୁନଥିଲେ। ତେଣୁ ଧୀରେ ଧୀରେ ଥକି ଯାଇଥିଲେ ମୀରା। ଆଉ ଥକି ଗଲାପରେ ସେ ଆଉ ଅରବିନ୍ଦଙ୍କୁ ବୁଝିବାକୁ ଚେଷ୍ଟା କରିନଥିଲେବି କି ନିଜକୁ ବି ବୁଝେଇବାକୁ ଚେଷ୍ଟା କରିନଥିଲେ। ତାପରେ ସେ ଯାହାବି କିଛି କରିଥିଲେ ଆଉ ଅରବିନ୍ଦଙ୍କ ଇଚ୍ଛାନୁଯାୟୀ କରିନଥିଲେ ବରଂ ନିଜ ଇଚ୍ଛାନୁଯାୟୀ କରିଥିଲେ। ଅନ୍ୟ ଅର୍ଥରେ ଏବେ ସେ ଅରବିନ୍ଦଙ୍କ ଅପେକ୍ଷା ନିଜକୁ ବେଶୀ ପ୍ରାଧାନ୍ୟ ଦେଇଥିଲେ। ଏବେ ସେ ରୋଷେଇ କରୁଥିଲେ ତ ନିଜ ପସନ୍ଦ ଅନୁସାରେ ରୋଷେଇ କରୁଥିଲେ। ଅରବିନ୍ଦ ଯାହା ବରାଦ ଦେଉଥିଲେ ଇଚ୍ଛା ହେଲେ କରୁଥିଲେ। ନହେଲେ ନାଇଁ, ନିଜ ପାଇଁ କିଛି କିଣିବା ବେଳେ ଆଗରୁ ସେ ଅରବିନ୍ଦଙ୍କ ପସନ୍ଦ ନାପସନ୍ଦକୁ ପ୍ରାଧାନ୍ୟ ଦେଉଥିବା ବେଳେ ଏବେ ନିଜ ପସନ୍ଦ ନାପସନ୍ଦକୁ ପ୍ରାଧାନ୍ୟ ଦେଉଥିଲେ। ଏବେ ଆଉ ସ୍ୱାମୀଙ୍କର ଇଚ୍ଛା ଅନିଚ୍ଛା, ପସନ୍ଦ ନାପସନ୍ଦ ମୀରାଙ୍କ ପାଇଁ କିଛି ମାନେ ରଖୁନଥିଲା। ଏବେ ତାଙ୍କୁ ଯାହା ଭଲ ଲାଗୁଥିଲା, ସେ କରୁଥିଲେ। ସ୍ୱାମୀଙ୍କ ସ୍ୱୀକୃତି ପାଇଁ ଅପେକ୍ଷା କରୁନଥିଲେ।

x x x

ଏମିତି ଭାବନା ରାଇଜରେ ଘୂରି ବୁଲୁଥିବା ବେଳେ ବଜାରର ଆବଶ୍ୟକୀୟ ସଉଦାପତ୍ର ଧରି ଫେରି ଆସିଥିଲା ମାଳ। ତାର କଲିଂ ବେଲ୍‌ର ଡାକରେ ନିଜ ଅତୀତ ଦୁନିଆରୁ ବର୍ତ୍ତମାନର ଦୁନିଆକୁ ଫେରି ଆସିଥିଲେ ମୀରା।

ଘର ଭିତରକୁ ଆସି ଗୋଡ଼ ହାତ ଧୂଆ ଧୋଇ ହୋଇ ମାଳ ରୋଷେଇ ଘରେ ପଶୁ ପଶୁ ମୀରା ତାକୁ ଅଦା ପକେଇ ଆଉ କପେ କଡ଼ା ଚା କରିବା ପାଇଁ ବରାଦ ଦେଲେ।

ମାଳ ଦୁଇ କପ୍ ଚା କରି ଆଣିଲା। ଗୋଟେ କପ୍ ନିଜ ପାଇଁ ତ ଆଉ ଗୋଟେ ମୀରାଙ୍କ ପାଇଁ। ମୀରାଙ୍କ ହାତକୁ ତାଙ୍କ ଚା କପ୍‌ଟିକୁ ବଢ଼େଇ ଦେଇ ନିଜ କପଟିକୁ ଧରି ତଳେ ବସିପଡ଼ିଲା ଆଉ ଚା ପିଉ ପିଉ କହିଲା, ଜାଣିଛ ମା, କାଲି ବାବୁ କାହାକୁ ଗୋଟେ ଫୋନ୍ କରୁଥିଲେ। ମୁଁ ତାଙ୍କ ରୁମ୍‌କୁ ଓଳେଇବାକୁ ଯାଇଥିଲି ତ ତାଙ୍କ କଥା ସବୁ ଶୁଣିଦେଲି।

କେଜାଣି କାହାକୁ କହୁଥିଲେ, ଭାବିଥିଲି ଚାକିରୀରୁ ଅବସର ନେଲାପରେ ଘରେ ଟିକିଏ ଶାନ୍ତିରେ କାଟିବି। ଆରାମରେ ସମୟ ବିତେଇବି। ଚାକିରୀରେ ଥିଲାବେଳେ ତ ଅଫିସ୍, ଘର, ଟୁର୍, ମିଟିଙ୍ଗ୍, ପ୍ରୋଫିଟ୍ ହେଇ ହେଇ ସମୟ ସରିଗଲା। ଭାବିଥିଲି ଅନ୍ତତଃ ଅବସର ନେଲାପରେ ଆଉ ଅଫିସ୍ ଚିନ୍ତା ନଥିବ। ସେତେବେଳେ ନିଜ ପରିବାର ସହିତ ସମୟ କାଟିବି। ହେଲେ ମୁଁ ଅବସର ନେବା ପରେ ଦେଖୁଛି ଘରେ ଏବେ ମୋ ପାଇଁ କାହା ପାଖରେ ସମୟ ନାହିଁ। ଯିଏ ଯାହା କାମକୁ ନେଇ ଖୁବ୍ ବ୍ୟସ୍ତ। ପିଲାମାନେ ତାଙ୍କ ସଂସାର ଓ ଚାକିରୀକୁ ନେଇ ବ୍ୟସ୍ତ ଥିଲାବେଳେ ସ୍ତ୍ରୀ ତାଙ୍କ ଲେଖା ଲେଖିର ସଂସାରକୁ ନେଇ ବ୍ୟସ୍ତ। ମତେ ଲାଗୁଛି ମୁଁ ଯେମିତି ଏ ଘରେ ଗୋଟେ ନିକମା ମଣିଷ।

ମାଳଠାରୁ ଏ କଥା ଶୁଣି ମନେ ମନେ ହସିଥିଲେ ମୀରା। ମନକୁ ମନ କହିଥିଲେ, ପିଲାଙ୍କ କଥା ଛାଡ଼, କାରଣ ସେମାନେ ତ ତାଙ୍କ ଜୀବନ ଆଉ ଜୀବିକାକୁ ନେଇ ବ୍ୟସ୍ତ। ହେଲେ ମୁଁ ଯେ ତୁମକୁ ସମୟ ଦେଉନି ଏକଥା କହିବାର ନୈତିକ ଅଧିକାର ଟିକିଏ ତୁମର ନାହିଁ ଅରବିନ୍ଦ। ଯେମିତି ଗଛ ପୋତିଛ ସେମିତି ଫଳ ପାଇବ ନା! ଅରବିନ୍ଦ, ତୁମେ ଥରେ ଫେରିଯାଅ ଦୀର୍ଘ ତିରିଶ ବର୍ଷ ତଳକୁ ଯେତେବେଳେ ମୁଁ ଖୋଜୁଥିଲି ତୁମର ଟିକିଏ ସାନିଧ୍ୟ ଯାହାକୁ ତୁମେ ହୁଏତ ବୁଝିପାରୁନଥିଲ ନହେଲେ ବୁଝି ବି ନ ବୁଝିବାର ଅଭିନୟ କରୁଥିଲ। ସେ ଯାହା ବି ହଉ, କଷ୍ଟ ତ ମତେ ବି ହେଉଥିଲା ନା! ଏବେ ଠିକ୍ ସେଇ ସମୟ ପୁଣି ଫେରିଆସିଛି ଅରବିନ୍ଦ। ଏବେ ତୁମେ ଅନୁଭବ କର ମୋର ସେ ସମୟର କଷ୍ଟକୁ। ହୃଦୟଙ୍ଗମ କର ସେତେବେଳେ କେମିତି ମୁଁ ଏକୁଟିଆ ଖାଲି ଘରଟା ଭିତରେ ବିତଉଥିଲି ବନ୍ଦୀର ଜୀବନ। ଅନୁଭବ କର ଦୀର୍ଘ ତିରିଶ ପଇଁତିରିଶ ବର୍ଷ ଧରି ସେଇ ଗୋଟିଏ ପ୍ରକାରର ଜୀବନ ଜୀଇଁ ଜୀଇଁ କେତେ ଦୁର୍ବିସହ ହୋଇଯାଇଥିଲା। ମୋର ଜୀବନ। କୁହନ୍ତି ନା, ଅନ୍ୟ ଉପରେ ବିତୁଥିବା ସେ କଷ୍ଟକୁ ମଣିଷ ସେ ପର୍ଯ୍ୟନ୍ତ ଅନୁଭବ କରିପାରେ ନାହିଁ ଯେଉଁ ପର୍ଯ୍ୟନ୍ତ ସେଇ କଷ୍ଟ ତା ଉପରେ ବିତିନଥାଏ।

ମନେ ମନେ ହସୁଥିଲେ ମୀରା। ତାଚ୍ଛଲ୍ୟ ଭରା ହସ। କାହିଁ କେତେ ବର୍ଷ ପରେ ତାଙ୍କ ହୃଦୟଟା ଯେମିତି ଆତ୍ମସନ୍ତୋଷରେ ଭରିଯାଉଥିଲା।

***ଶକ୍ତି ବିହାର, ଖାରବେଳ ନଗର, ଭୁବନେଶ୍ୱର***

# ବଡ଼୍‌କା

ଲେଖିକା - ଜ୍ୟୋତ୍ସ୍ନା ସିଂହ
ଅନୁବାଦ - ସୁବାସିନୀ ରଥ

ସୁନନ୍ଦାର ମେଲ୍ ଦେଖି ହୃଦସ୍ପନ୍ଦନ କିଛି ସମୟ ପାଇଁ ରହିଗଲା। ଥମି ଯାଇଥିବା ହୃଦୟକୁ ନିଶ୍ୱାସର ଧକ୍କା ଦେଇ ପୁଣି ଥରେ ଚାଲିବା ପାଇଁ ବାଧ କଲି। ଆଙ୍ଗୁଠି ସବୁ ମେଲ୍ ସେଣ୍ଡରକୁ କ୍ରଶ୍ ଚେକ୍ କରିବା ପାଇଁ ହଲଚଲ ହେଲେ। ମୁହଁରୁ ଗୋଟେ ଗଭୀର ହୁଁ ଶବ୍ଦ ବାହାରିଲା। ଆଉ "ହଁ ପରି" କହି ନିଜକୁ ଆଶ୍ୱସ୍ତ କଲି। ଏ ସବୁ ଚିନ୍ତାରୁ ବାହାରି ମେଲ୍ ଖୋଲିଲି। ଲେଖାଥିଲା 'ବଡ଼୍‌କା ଫେରି ଆସିଲାଣି। ତୁମ ସାଙ୍ଗେ ଦେଖା କରିବାକୁ ଚାହେଁ।' ବାସ୍ ଏତେ ଛୋଟ ମେଲ୍ ଆଉ ତାକୁ ପଢ଼ି ଏତେ ବର୍ଷ ପରେ ବି ମୋ ହୋସ୍ ଉଡ଼ିଗଲା। ଆଙ୍ଗୁଠି ଫୁଟଉ ଫୁଟଉ ମୋ ମନ ଅତୀତକୁ ଦୌଡ଼ିବାରେ ଲାଗିଲା। ସିଡ଼ିରେ ଓଲଟା ଓହ୍ଲେଇଲା ବେଳେ କେତେ ଚେହେରା ମୋ ନଜରରେ ଆସିଗଲେ। କିନ୍ତୁ ସମସ୍ତଙ୍କୁ ଧକ୍କା ଦେଇ ମୁଁ ଗୋଲ୍ଫ ଖେଳୁ ଖେଳୁ 'ବଡ଼୍‌କା' ସାମନାରେ ଧଇଁ ସଇଁ ହୋଇ ପହଞ୍ଚିଗଲି।

ତାଙ୍କ କିଟ୍ ଧରି, ଗୋଟେ ହାତରେ ନିଜ ଢିଲା ପ୍ୟାଣ୍ଟ ସଜାଡ଼ି ସଜାଡ଼ି ପ୍ରତ୍ୟେକ ବଲ୍‌କୁ ଦୌଡ଼ି ଦୌଡ଼ି ଧରି ମୁଁ ଷୋହଳ ବର୍ଷରେ ପହଞ୍ଚି ଯାଇଥିଲି। ଯୋଉଠି ସେଇ ସବୁ ଚେହେରା ମୋ ଆଗରେ ପହଁରି ଯାଉଥିଲେ।

'ବଡ଼୍‌କା' ସେମିତିରେ ବଡ଼୍‌କା ନଥିଲେ। ସେ ଆମ ଚାରି ଭାଇ ଭଉଣୀ ଭିତରେ ସବୁଠୁ ବଡ଼ ଥିଲେ। ସେ ଦଦେଇଙ୍କର ଏକମାତ୍ର ପୁଅ ଥିଲେ। ବଡ଼, ଛୋଟ ସମସ୍ତେ ତାଙ୍କୁ "ବଡ଼୍‌କା" କହୁଥିଲେ। ଆମେ ତିନିଜଣ ତାଙ୍କ କକେଇଙ୍କ ପିଲା ଥିଲୁ। ବଡ଼୍‌କାର ପୂରା ନାଁ ବି ମୁଁ ସେହିଦିନ ଜାଣିଲି ଯୋଉଦିନ ମୁଁ ନିରୁଦ୍ଦିଷ୍ଟ ବୋଲି ରିପୋର୍ଟ କରିବା ପାଇଁ ଦଦେଇଙ୍କ ସାଙ୍ଗେ ଥାନାକୁ ଯାଇଥିଲି। ସେତେବେଳେ ଦଦେଇ କାନ୍ଦ କାନ୍ଦ ସ୍ୱରରେ କହିଥିଲେ, "କୁଅଁର ପରାର୍ଥରାଜ ସିଂହ ଚୌହାନର କିଛି ପତ୍ତା ମିଳୁନି, ଇନ୍‌ସ୍ପେକ୍ଟର ବାବୁ!" ପୂରା ଅଢ଼ଚାଳିଶ ଘଣ୍ଟା ହେଲାଣି। ଏତିକି କହି ସେ ବଡ଼୍‌କାର ଫଟୋ ତାଙ୍କୁ ଦେଇଦେଲେ। ଇନ୍‌ସ୍ପେକ୍ଟର ବାବୁ ତାଙ୍କୁ ଧୈର୍ଯ୍ୟ ଧରିବାକୁ କହି ଘରକୁ ପଠେଇ ଦେଲେ। ଦଦେଇଙ୍କ ଦୁଃଖ ଦେଖି ମନ ବଡ଼ ଦୁଃଖି ହୋଇଥିଲା। ଏ ସବୁ ସତ୍ତ୍ୱେ ଥାନାରେ ତାଙ୍କ ଫଟୋ ଦେଖି, ମତେ ମୋ ବଢ଼ନ୍ତା ବୟସରେ ଢିଲା ମିଲା ପେଣ୍ଟ ଆଉ ତାଙ୍କ ଆଭାଯୁକ୍ତ ବ୍ୟକ୍ତିତ୍ୱ ଉପରେ ହିଂସା ଲାଗିଲା।

ବଡ଼୍‌କାର ବ୍ୟକ୍ତିତ୍ୱ ଅପୂର୍ବ ଥିଲା। ଯାହା କି ମୋର ଚେତନ ଓ ଅବଚେତନ ମନକୁ ଅତ୍ୟନ୍ତ ପ୍ରଭାବିତ କରିଥିଲା। ଆମେ ସବୁ ତାଙ୍କୁ ବହୁତ ଡରୁଥିଲୁ। ତାଙ୍କ ଇଂରାଜୀ ଭାଷାରେ କହୁଥିବା କଥା ସବୁ ଆମ ମୁଣ୍ଡ ଉପର ଦେଇ ଚାଲିଯାଇଥିଲା। ଖାଲି ମୋ ଛୋଟ ଭଉଣୀ ବିହ୍ନି ତାଙ୍କର କିଛି କିଛି କଥା ବୁଝି ପାରୁଥିଲା। ଆଉ ତାଙ୍କୁ ଡରୁ ବି ନଥିଲା। ବଡ଼୍‌କାର ସବୁ କାମ ଟପ୍‌ଟାପ୍ ରଖୁଥିଲେ ତାଙ୍କ ସହାୟକ ବଟଲର୍ ଓ୍ୱାକର୍। ସେ ଲଣ୍ଡନକୁ ପଢ଼ିବାକୁ ଯିବାବେଳକୁ ବଟଲର୍ ଓ୍ୱାକର ତାଙ୍କ ସାଙ୍ଗେ ରହୁଥିଲେ। ଫେରିଲା ବେଳେ ତାଙ୍କ ସାଙ୍ଗେ ହିଁ ଫେରିଥିଲେ। ସେଠି ବି ଓ୍ୱାକର୍ ହିଁ ତାଙ୍କ କଥା ବୁଝା ବୁଝି କରୁଥିଲେ।

ଦଦେଇ ବଡ ଗର୍ବର ସହ ବଡ଼୍‌କାର ପାଠ ବିଷୟରେ ଗପୁଥିଲେ। ଆମ ସମସ୍ତଙ୍କୁ ତାଙ୍କ ପରି ହେବାକୁ ଉପଦେଶ ଦଉଥିଲେ ଆମେମାନେ ବି ତାଙ୍କ ଚମକ୍ ଦମକ୍‌ରେ ପ୍ରଭାବିତ ଥିଲୁ। ଗୋଟେ ଥର ଦଦେଇଙ୍କ ସହ କ୍ଷେତରୁ ଫେରିଲା ବେଳେ ମୁଁ କହିଲି, "ଦଦେଇ ମୁଁ ବି ବଡ଼୍‌କା ପରି ଲଣ୍ଡନ ଯାଇ ପାଠପଢ଼ିବି।" ଦଦେଇ କହିଲେ, "କିଏ ରୋକିଛି ତତେ। ପଢ଼ାପଢ଼ି କର ଆସନ୍ତା ବର୍ଷ ତତେ ପଠେଇ ଦେବି। କିନ୍ତୁ ବଡ଼୍‌କା ପରି ପଢ଼ିବାକୁ ପଡ଼ିବ ଆଉ ତା ପରି ଇଂରାଜୀ ବି ଶିଖିବାକୁ ପଡ଼ିବ।" ବାସ୍ ଇଂରାଜୀ ନାଁ ଶୁଣି ମୋ ଭିତରେ ଫୁଲିଥିବା ସାହସର ବେଲୁନ୍‌ରୁ ସବୁ ପବନ ବାହାରିଗଲା। ବଡ଼୍‌କା ଆମର ଛୋଟ ପାହାଡ଼ି ଗାଁକୁ ନିଜ ଚେଷ୍ଟାରେ ମିନି ଲଣ୍ଡନ କରିଦେଇଥିଲା। ଦଶ ଏକରର ଗୋଟେ ଜମିର ରୂପ ରଙ୍ଗ ବଦଳେଇ ତାକୁ ଗୋଲ୍ଫ କୋର୍ସ କରିଦେଇଥିଲା। ଯେଉଁଠି କି ବହୁତ ପାହାଡ଼ି ସମ୍ଭ୍ରାନ୍ତ ଧନୀମାନେ ଆସି ନିଜ ଶଉକ୍ ପୂରା କରୁଥିଲେ।

ପୂରା ସହରରେ ଦଦେଇଙ୍କ ସମ୍ମାଦ ବହୁତ ଉଚ୍ଚରେ ଥିଲା। ନିଜର ଖାନ୍‌ଦାନୀ ଜମିଦାରୀକୁ ସେ ଅତ୍ୟନ୍ତ ସୁଚାରୁ ରୂପେ ପରିଚାଳନା କରୁଥିଲେ। ବଡ଼୍‌କା ଯେତେବେଳେ ଲଣ୍ଡନରୁ ବାରିଷ୍ଟର ହୋଇ ଫେରିଲେ

ଏ କୃତିତ୍ୱକୁ ବି ସେ ନିଜ ସହ ସାମିଲ୍ କରି ଗର୍ବିତ ହେଲେ । କୋର୍ଟ, ପ୍ୟାଣ୍ଟ, ଟାଇ, ବୁଟ ପିନ୍ଧି ଯେତେବେଳେ ସେ କୋର୍ଟରେ ପହଞ୍ଚନ୍ତି ତାଙ୍କର ପ୍ରଶସ୍ତ କପାଳରେ ପଫ୍ ବାଳ ତାଙ୍କୁ ଫିଲ୍ମର ହୀରୋ ରହମାନ୍ ପରି ଦେଖାଯାଏ । ତାଙ୍କ ହାତରେ ରୋଲେକ୍ସ ଘଡ଼ି ଆଉ ମୁହଁରେ ପାଇପ୍ ଥାଏ । ତାଙ୍କ ହାତରେ ପ୍ରାୟ ଇଂରାଜୀର ଟାଇମସ୍ ପତ୍ରିକା ଥାଏ । ଯାହାକୁ ସେ ଅତ୍ୟନ୍ତ ଗମ୍ଭୀରତା ସହ ପଢ଼ନ୍ତି । ମୁଁ ଭାବେ, ଭଗବାନ ମୋ ଇଂରାଜୀ ବି ଏତେ ଭଲ କରିଦିଅନ୍ତେ ମୁଁ ବି ଟାଇମ୍ସ ପତ୍ରିକା ପଢ଼ିପାରନ୍ତି । କିନ୍ତୁ ଭାବିଲେ କଣ ବିଦ୍ୟା ହେଇଯିବ ? ସିଏ ତ ନିଜକୁ ରଗଡ଼ିଲେ ଯାଇ ଆସିବ । ଏମିତିରେ ମୁଁ ବଡ଼୍କାଠୁ ବାରବର୍ଷ ଛୋଟ ଥିଲି । କିନ୍ତୁ ତାଙ୍କର ସମସ୍ତ ଠାଣି ମୋ ଜୀବନର ଆକାଂକ୍ଷା ହୋଇଯାଏ ।

ସେସବୁ ଦିନରେ ଦଦେଇଙ୍କ ପାଖକୁ ବଡ଼୍କା ପାଇଁ ବହୁତ ପ୍ରସ୍ତାବ ଆସିବାକୁ ଲାଗିଲା । ଗୋଟେ ଠୁ ଭଲ ଆଉ ଗୋଟେ ବଡ଼ ଘରମାନଙ୍କର ପ୍ରସ୍ତାବ ଆସୁଥିଲା । କିନ୍ତୁ ବଡ଼୍କା ବାହା ହେବା ପାଇଁ ରାଜି ହଉ ନଥିଲା । ଦିନେ ସେ ଦଦେଇଙ୍କୁ ବଡ଼ ପାଟି କରି କହିଦେଲା, "ଆଇ ଓ୍ୱାଣ୍ଟ ଟୁ ଲିଭ୍ ଲାଇକ୍ ଏ କିଙ୍ଗ୍ ନଟ୍ ଲାଇକ୍ ଏ ସ୍ଲେଭ୍ !"

ସେଦିନ ରାତିରେ ଦଦେଇଙ୍କ ଛାତିରେ ପେନ୍ ହେଲା । ପ୍ରଥମ ଥର ପାଇଁ ବଡ଼୍କାକୁ ଲଣ୍ଡନ ପଠେଇବାର ନିଷ୍ପତ୍ତି ଉପରେ ସେ ଅବଶୋଷ କଲେ । ପ୍ରଥମେ ବହୁତ କାନ୍ଦିଲେ । ତା ପରେ ଚୁପ୍ ହୋଇଗଲେ ଆଉ ଆମ ବାପାଙ୍କୁ ଡାକି କହିଲେ, "ଝିଅ ମାନଙ୍କ ବାହାଘରର ବ୍ୟବସ୍ଥା କର । କାହାର ଜିଦ୍ ପାଇଁ ଆମ ଝିଅମାନେ କୁଆଁରୀ ହୋଇ ବସିରହିବେନି । ଆଉ ଦି ବର୍ଷ ପରେ ଛୋଟର ବି ବାହାଘର କରିଦବୁ । ସେ ତାର କିଙ୍ଗସ୍ ଲାଇଫ୍ ବଞ୍ଚୁଥାଉ ।"

ଦୁଇବର୍ଷ ଭିତରେ ମୋର ଅଳ୍ପବୟସୀ ଭଉଣୀ ମାନଙ୍କର ବାହାଘର ବି ହେଇଗଲା । ବଡ଼ ଭଉଣୀର ବାହାଘରରେ ବଡ଼୍କା ନିଜ ଘରୁ ବାହାରକୁ ବି ବାହାରିଲାନି । ବଟଲର୍ କହିଲା କୌଣସି କେଶ୍ ପାଇଁ ପଢ଼ାପଢ଼ିରେ ବିଜି ଅଛନ୍ତି । ଦଦେଇ ଉପରକୁ ହାତ ଟେକି କହିଲେ "ମୋର ଆଉ ବୟସ ଅଛି ନା କ'ଣ ? ସବୁ ଦାୟିତ୍ୱ ପୂରା କରିଦେଲେ ଏ ଦୁନିଆରୁ ଚାଲିଯିବି ।"

ବଡ଼୍କା ମୂଳରୁ ହିଁ ଘରେ କମ୍ କଥା କୁହେ । ଦଦେଇଙ୍କୁ ବାହାଘର ପାଇଁ ମନା କରିବା ପରେ ଘରେ ବିଲକୁଲ୍ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ । କେହି କିଛି କାମ ପାଇଁ ଡାକିଲେ କୁହନ୍ତି, "ଡୋଣ୍ଟ କଲ୍ ମି ବଡ଼୍କା ! ସତେ ବାରିଷ୍ଟର କହି ଡାକ ।" ଯା ପୂର୍ବରୁ ତାଙ୍କୁ ଯେତେ ବି ଇଂରାଜୀ ପସନ୍ଦ ହେଉନା କାହିଁକି ନିଜ ବଡ଼୍କା ନା ନେଇ ତାଙ୍କର କିଛି ସମସ୍ୟା ନଥିଲା । କାରଣ ତାଙ୍କର ସ୍ୱର୍ଗବାସୀ ମା' ତାଙ୍କୁ ଏଇ ନାଁ ଦେଇଥିଲେ ।

ସମୟର ଉପର ତଳ ହବା ଭିତରେ ଦଦେଇ ବିନ୍ନିର ବାହାଘର ବି ଠିକ୍ କରିଦେଲେ । ଘର ପୁଣି ହଳଦୀ, ସିନ୍ଦୂରରେ ବାସିବାକୁ ଲାଗିଲା । ମେହେନ୍ଦି ଆଉ ହଳଦୀ କୁମ୍ କୁମ୍‌ରେ ସଜେଇ ହେଇ ବିନ୍ନି ଯାଇ ପହଞ୍ଚିଲା ବଡ଼୍କାର ଗୋଲ୍ ଘରେ । ବଟଲର୍ ତାକୁ ବହୁତ ବାଧା ଦେଲା । କିନ୍ତୁ ବିନ୍ନି ତାକୁ ଧକ୍କା ଦେଇ ଭିତରକୁ ଚାଲିଗଲା ଆଉ କହିଲା, "ବଡ଼୍କା ତୁମେ ବାରିଷ୍ଟର ହେଇଥିବ ସେ ସବୁ କଥା ମୁଁ ଜାଣିନି । ମୋ ବାହାଘର, ଆଉ ତୁମକୁ ବାହାଘର ବେଳେ ତଳକୁ ଆସିବାକୁ ହିଁ ପଡ଼ିବ ।" ଏବେ ତଳକୁ ଚାଲ ସଙ୍ଗୀତରେ ଭାଇ ନ ନାଚିଲେ ଭଉଣୀ ପୂରା ଜୀବନ ଦୁଃଖି ହେଇ ରହେ । ଆଉ ଖାଲି ତୁମର ଏ ଜିଦ୍ ପାଇଁ ମୁଁ ଦୁଃଖରେ ରହିବାକୁ ଚାହେଁନା ।" ଏତିକି କହି ବଡ଼୍କାର ହାତ ଧରି ତଳକୁ ନେଇ ଆସିଲା । ବଡ଼୍କା ବୋଧେ ଭିତରେ ଭିତରେ ଏମିତି କିଛି ଅନୁରୋଧକୁ ଅପେକ୍ଷା କରି ବସିଥିଲେ । ଶରୀର ଯେତେ ବିଦେଶୀ ହେଉ ନା କାହିଁକି, ମନ ତ କୋଉଠି ନା କୋଉଠି ମୋଡ଼ି ମାଡ଼ି ହେଇ ଦେଶୀ ହିଁ ଥିଲା ।

ବଡ଼୍କାକୁ ତଳେ ଦେଖି ଦଦେଇଙ୍କ ଆଖି ଓଦା ହେଇଗଲା । ସେ ସଙ୍ଗୀତ୍‌ରେ ବଡ଼୍କା ଖାଲି ସାମିଲ୍ ହେଲେନି ବରଂ ଚାର୍ଲି ଚାପ୍‌ଲିନ୍ ଷ୍ଟାଇଲ୍‌ରେ ଡ୍ୟାନ୍ସ ବି ପରଫମାନ୍ସ କଲେ ।

ବିନ୍ନିର ବାହାଘରରେ ବଡ଼ ଭଉଣୀର ନଣନ୍ଦ ସୁନନ୍ଦା ବି ଆସିଥିଲା । ତାର ସୌନ୍ଦର୍ଯ୍ୟରେ ମୁଁ ମନେ ମନେ ମୁଗ୍ଧ ହେଇ ଯାଇଥିଲି । ଦି ଦିନ ହେବ ସେ ବି ମୋ ସହିତ ମିଶି ଯାଇଥିଲା । "ବଡ଼୍କା" ତଳକୁ ଆସିଲାକ୍ଷଣି ତା ବ୍ୟବହାର ପୂରା ବଦଳିଗଲା । ଯିଏ ତା ଲମ୍ବା ବେଣୀର ଗୋଲାପୀ ଟାରସିଲ୍‌କୁ ମୋ କାନ୍ଧରେ ଦି ଚାରିଥର ବାଡ଼େଇ ସାରିଥିଲା ଏବେ ବଡ଼୍କାର ପଛେ ପଛେ ବୁଲିବାକୁ ଲାଗିଲା । କେତେଦିନରୁ ଉଦାସ ରହୁଥିବା ବଡ଼୍କା ବି ବାହାଘରର ମଜା ନେଉଥିଲେ । ଓ୍ୱାଇନ୍‌ର ନିଶାରେ ସୁନନ୍ଦାକୁ ବିଉଟି ଫୁଲ୍ ବିଉଟି ଫୁଲ୍ କହି ଖୁସି କରୁଥିଲେ ।

ବିନ୍ନି ବିଦା ହେଲାବେଳେ ଯେତେବେଳେ ବଡ଼୍କାକୁ ଦେଖା କରିବାକୁ ଗଲା । ସେତେବେଳେ ସେଠି ବଡ଼୍କା ସୁନନ୍ଦା ସହ ମିଳନର ଶଯ୍ୟାରେ ଥିଲା । ସେମାନଙ୍କୁ ରତିମଗ୍ନ ଦେଖି ସେ ଧୀରେ କବାଟ ବନ୍ଦକରି ଚାଲି ଆସିଲା ଦଦେଇଙ୍କୁ କହିଲା ସୁନନ୍ଦାକୁ ମୋ ଭାଉଜ କରି ଘରକୁ ନେଇ ଆସନ୍ତୁ ।

ବିନ୍ନିର କଥା ଶୁଣି ମୁଁ ଅତ୍ୟନ୍ତ ଖୁସି ହେଇଗଲି । ତାପରେ ସେ କହିଲା, "ଦଦେଇ । ସୁନନ୍ଦାକୁ ବାହାହେବା ପାଇଁ ବଡ଼୍କା କେବେ ମନା କରିବେନି । ଆପଣ ଚାହିଁଲେ ତାଙ୍କୁ ତାଙ୍କରି ଭାଷାରେ ସରପ୍ରାଇଜ୍ ଦେଇଦେବେ ।"

ବିନ୍ନିର ଅଧା କଥା ଶୁଣି ଖୁସି ହେଇଯାଇଥିବା ମୋ ମନ ପୂରା ଭାଙ୍ଗିଗଲା । କିନ୍ତୁ ନା ତ ମୋ ଭିତରେ ଏତେ ସାହସ ଥିଲା ନା ବଡ଼୍କା ସହିତ ମୁକାବିଲା କରିବାର ଯୋଗ୍ୟତା ଯେ ମୁଁ କାହାକୁ କିଛି କହିପାରିଥାଆନ୍ତି ।

ଦଦେଇ ସୁନନ୍ଦାର ପରିବାର ସହ ଦେଖାକରି ସବୁ କଥା ଠିକ୍ ଠାକ୍ କରି ବଡ଼୍କାକୁ କହିଲେ । ବଡ଼୍କା ପୁଣି ଥରେ ମର୍ଯ୍ୟାଦାର ସୀମା ଲଂଘନ କରି କହିଲେ, "ଆପଣ ଯେକୌଣସି ଗୋଟେ ଗାଉଁଲିଆକୁ ମୋ ସାଙ୍ଗେ ବାନ୍ଧିଦେବେ । କେବଳ ଏଇଥିପାଇଁ ଯେ ମୁଁ ତା ସହ କିଛି ଫନୀ ଟାଇମ୍ ସ୍ପେଣ୍ଟ କରିଛି ! ଦିସ୍ ଇଜ୍ ନଟ୍ ଫେଆର୍ ।" ଏତିକି କହି ସେ ପୁଣି ମୁହଁ ବୁଲେଇ ନିଜ ରୁମ୍‌କୁ ଚାଲିଗଲେ ।

ଦଦେଇ ପୁଣି ଥରେ ସେଇ ମାନସିକ ଅବସାଦରେ ରହିଲେ ।

ଗଲାଥରର ବାକ୍ ବିତଣ୍ଡାରେ ମୋ ଅଳ୍ପ ବୟସୀ ଭଉଣୀମାନେ ବିବାହ ବନ୍ଧନରେ ବାନ୍ଧି ହେଇ ଯାଇଥିଲେ। ଏଥର ଦଦେଇଙ୍କ କଥାରେ ମୁଁ ସହର୍ଷରେ ନିଜ ମୁଣ୍ଡରେ ବର ମୁକୁଟ ପିନ୍ଧିନେଲି। ମୁକୁଟ ପିନ୍ଧିବା ପରେ ହିଁ ମୋର ସଂଘର୍ଷ ଆରମ୍ଭ ହେଇଗଲା। ସୁନନ୍ଦାକୁ ଜଣାନଥିଲା ଯେ ବଡ଼କା ବଦଳରେ ସେ ମୋ ସହ ସାତଫେରା ନେଇଚି। ସୁନନ୍ଦା ଯେତେବେଳେ ଏ କଥା ଜାଣି ପାରିଲା ସେ ଘରେ ହଲ୍ ଚଲ୍ ମଚେଇ ଦେଲା। କ୍ରୋଧିତ ହୋଇ ସେ ବଡ଼କା ଘରେ ଯାଇ ପହଞ୍ଚିଲା। "ତୁମେ କେତେ ବଡ଼ ବାରିଷ୍ଟର ହେଇଥାଅ ଶୋଷଣର ଆରୋପ ଲଗେଇ ଜେଲ୍‌କୁ ପଠେଇଦେବି।" ବଡ଼କା ବାରିଷ୍ଟର ଥିଲା। ଏ ଅପରାଧର ଶାସ୍ତି ତାକୁ ଜଣାଥିଲା। ଘରେ ବାହାଘରର ସୁଖ ବଦଳରେ ଦୁଃଖର ଛାୟା ଖେଳିଗଲା। ଦଦେଇ ନିଜକୁ ଅପରାଧୀ ମନେ କରୁଥିଲେ ଆଉ ମୁଁ ନିଜକୁ ଠକାମୀର ଶୀକାର ହେବାପରି ଭାବୁଥିଲି।

ଏହି ଘଟଣାର ଅଡ଼ଚାଳିଶ୍ ଘଣ୍ଟା ପରେ ମୁଁ ଓ ଦଦେଇ ଥାନାକୁ ବଡ଼କାର ନିରୁଦ୍ଦିଷ୍ଟ ହେବାର ରିପୋର୍ଟ ଲେଖିବାକୁ ଯାଇଥିଲୁ। ବଟଲର୍ ଦଦେଇଙ୍କୁ କହିଲା, "ଦଦେଇ ଦି ଦିନ ହେଇଗଲାଣି ବ୍ୟାରିଷ୍ଟର ସାର୍ କ୍ଲବରୁ" ଘରକୁ ଫେରି ନାହାନ୍ତି।" ବହୁତ ଖୋଜାଖୋଜି ପରେ ବି ବଡ଼କାର କିଛି ଖୋଜ୍ ଖବର ମିଳିଲାନି। କେମିତି ବା ମିଳନ୍ତା ? ନିଶାରେ ଚୂର୍ ବଡ଼କାକୁ ପାହାଡ଼ରୁ ଗଡ଼ି ପଡୁଥିବା ଦେଖି ମୁଁ ଧରିବା ପାଇଁ ଦଉଡ଼ି କି ଯାଉଥିଲି। କିନ୍ତୁ ମୋ ଆହତ ମନ ଓ ସୁନନ୍ଦାର ଗାଳି ମତେ ହାତ ଆଗକୁ ବଢ଼େଇବାକୁ ମନା କରିଦେଲା। ମୁଁ ଚାହୁଁ ଚାହୁଁ ସେ ଗଭୀର ଗାତରେ ଗଳି ପଡ଼ିଲା।

ଦଦେଇଙ୍କୁ ଏ କଥା କହିପାରିବାର ସାହସ ମୋର ନଥିଲା।

ମୋ ଛଡ଼ା, ଘରର ସବୁଲୋକ ବଡ଼କାକୁ ଅପେକ୍ଷା କରିଥିଲେ। ମୋ ମନ ପୂରା ନହେଲେ ବି ଟିକେ ଟିକେ ଏଇ ଅପରାଧ ବୋଧର ବୋଝ ତଳେ ଦବିଥିଲା। ତା ଉପରେ ସୁନନ୍ଦାର କ୍ରୋଧ ଓ ଦୁତ୍‌କାର ଅସହ୍ୟ ହୋଇଉଠିଲା। ଯୋଉ ଦିନ ସୁନନ୍ଦାର ପେଟରେ ପିଲା ଥିବାର ଜାଣିଲି ସେଇଦିନ ଘର ଛାଡ଼ିବାର ନିଷ୍ପତ୍ତି କଲି। ସୁନନ୍ଦା ପୁତ୍ର ହିସାବରେ ବଡ଼କାର ଅଂଶକୁ ଅତ୍ୟନ୍ତ ଗୌରବର ସହ ପାଳୁଚି। ମୁଁ ଏତେ ଭାଙ୍ଗି ପଡ଼ିଥିଲି ଯେ କଲିକତା ଝୋଟ ମିଲ୍‌ର ଦାୟିତ୍ୱ ଦଦେଇଙ୍କ ଠୁ ନେଇ ଆଉ ନ ଫେରିବା ପାଇଁ କଲିକତା ଚାଲିଆସିଲି। ମୋର ଏକାକୀ ଜୀବନର ଯେ ସଙ୍ଗୀ ହେଇଯାଇଥିଲା। ମତେ କେତେଥର କହିଛି, "ସାହବ୍ ବାହାଦୂର, ମତେ ବ୍ୟାରିଷ୍ଟର ସାହେବ ପ୍ରାୟ ସ୍ୱପ୍ନରେ ଆସି କୁହନ୍ତି ଯେ ମୋ ଛୋଟ ଭାଇର ଯତ୍ନ ନେବୁ।"

ତା କଥା ଗୁଡ଼ା ମୋର ନିଦ ଉଡ଼େଇ ନିଏ। ଆଜି ସୁନନ୍ଦାର ମେଲ୍ ମୋର ନିଦ ହଜେଇ ଦେଇନଥିଲା ଆଶାନ୍ତ ବି କରିଦେଇଥିଲା। ଫେରି ନଯିବାର ମୋ ପ୍ରତିଜ୍ଞାକୁ ଆହୁରି ମଜବୁତ କରି ମୁଁ ବଟଲରକୁ କହିଲି, "ମୋ ସାଙ୍ଗେ ଲଣ୍ଡନ ଯିବୁ ?"


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ

ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଚାଉ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ



9437163002

# ସୀମାରେଖାର ସୀମା

**ଶ୍ରୀମତୀ ଆଶାପୂର୍ଣ୍ଣାଦେବୀ**
**ଅନୁବାଦ: ବିଜୟା ମିଶ୍ର**

(ମାନବ ମନର ରହସ୍ୟ ଉଦଘାଟନରେ ତାଙ୍କର ଅନାୟାସ ନୈପୁଣ୍ୟ: ମାନବଜୀବନ ସମ୍ପର୍କରେ ତାଙ୍କର ସହାନୁଭୂତି ଅସୀମ। ସହର ସାଧାରଣ ସଂସାର ଯାତ୍ରାର ନୈପଥ୍ୟକୁ ଉଭାସିତ କରି ଉଠାଇବାର ଅସାମାନ୍ୟ ନୈପୁଣ୍ୟର ସେ ଅଧିକାରୀ। ତାଙ୍କର ଅନେକ ଗଳ୍ପ, ଉପନ୍ୟାସ ଚଳଚ୍ଚିତ୍ରରୂପ ପାଇଛି। ସେ ହେଉଛନ୍ତି ଜ୍ଞାନପୀଠ ପୁରସ୍କୃତ ଲେଖିକା ଶ୍ରୀମତୀ ଆଶାପର୍ଣ୍ଣା ଦେବୀ)

ସମସ୍ତେ ହାରି ଫେରିଗଲେ

ଶେଷ ପର୍ଯ୍ୟନ୍ତ ସତୀନାଥ ନିଜେ ହିଁ ତିନିତାଲାକୁ ଉଠି ଆସିଲେ। ତୀବ୍ର ସ୍ୱରରେ କହିଲେ, "ଅସଭ୍ୟତାର ଗୋଟିଏ ସୀମା ଥାଏ ଛବି, ଥିବା ଉଚିତ। କିନ୍ତୁ ଏଇ ବାହାଘର ଭର୍ତ୍ତି ଲୋକଙ୍କ ସାମ୍ନାରେ ତୁମେ ଯେଉଁ ଅସଭ୍ୟତା କଲ, ତା'ର ସୀମା ନାହିଁ। ମୋତେ ତ ଏତେଗୁଡ଼ିଏ ଆତ୍ମୀୟ କୁଟୁମ୍ବ ସାମ୍ନାରେ ଅଧମ କରିଦେଲ, ନିଜ ମୁହଁରେ ବି କମ୍ ହାସ୍ୟାସ୍ପଦ ହେଇନ। ଏବେ ଦୟା କରି ଚାଲ।"

ତିନି ତାଲାର ଏଇ ଛାତ ଘରଟା ପାଇଁ ସାଙ୍କସନ୍ ନ ଥିଲା। ତେବେ ବି କେବଳ ଛବି ପାଇଁ ହିଁ ଏହି ଗୁମ୍ଫା ବନା ହେଇଥିଲା ଟାଇଲ ଛାତ କରି। ଛବିର ଏଇ ଟାଇଲ ଛାତ ଘରଟା ଭିତରେ ଆଲୁଅ ଜଳୁ ନଥିଲା। ତଥାପି ତିନି ତାଲାର ପ୍ୟାଣ୍ଡାଲର ଉଜ୍ଜ୍ୱଳ ଆଲୁଅର ତୀର୍ଯ୍ୟକ କିଛିଟା ରେଖା କେମିତି ପଶି ଆସି ଘରର ଦରଜାଟା ସାମାନ୍ୟ ଆଲୋକିତ କରୁଥିଲା।

ସେଇ ଦରଜା କଡରେ ହାତ ରଖି ଠିଆ ହେଇଥିଲା ଛବି। ହାତର ଆଙ୍ଗୁଠି କେଇଟା ଆଉ ଗାଲର ଗୋଟିଏ ପାଖ କେବଳ ତା'ରଦେଖାଯାଉଥିଲା। କିନ୍ତୁସେଇ ଟିକିଏ ଦେଖାରେ ଛବିର ମୁହଁର ଭାବ ଜଣା ପଡୁ ନଥିଲା।

ଜଣାପଡୁ ନଥିଲା, ଏ ପର୍ଯ୍ୟନ୍ତ ଆଗପରି ଅନମନୀୟ ଅଛି, ନା ନରମ ହେଇ ଆସୁଛି।

ସତୀନାଥ ଡାକିବାକୁ ଆସିବା ପରେ ବି ଯଦି ପୂର୍ବ ଅବସ୍ଥା ହିଁ ଥାଏ, ଧରି ନେବାକୁ ହେବ ଯେ ଛବି ମଧ୍ୟ ତା'ର ବର ପରି ପାଗଳ ହେଇ ଯାଇଛି।

କିନ୍ତୁ ଅବସ୍ଥାର ପରିବର୍ତ୍ତନ ବୁଝାଗଲା ନାହିଁ। ଛବି ଅଦ୍ଭୁତ ଶୁଖିଲାଗଳାରେ କହିଲା, "ତୁମେ ପୁଣି କାହିଁକି କଷ୍ଟ କରି ଆସିଲ ଦାଦା? ମୁଁ ତ କହି ଦେଇଛି –

"ହଁ, ଜାଣେ –" ସୀତାନାଥ କ୍ଷୁବ୍ଧ ଏବଂ ବୃଦ୍ଧ ସ୍ୱରର ସଂମିଶ୍ରଣରେ କହିଲେ, 'ଜାଣିଛି, ଜଣ ଜଣ କରି ସାରା ଘରର ଲୋକ ତମକୁ ଖୋସାମଦ କରିବାକୁ ଆସିଛନ୍ତି, ଆଉ ତୁମେ ସମସ୍ତଙ୍କୁ ହୁଟ ଆଉଟ କରି ଦେଇଛ। ଖାଇବି ନାହିଁ, ତଳକୁ ଓହ୍ଲାଇବି ନାହିଁକହି ତମର ଭାଉଜ ତ ଶୁଣିଲି ହାତ ଯୋଡ଼ି ଫେରି ଯାଇଛନ୍ତି। ତା' ପରେ ବି ତୁମର-"

ଛବିର ମୁହଁ ଏ ପର୍ଯ୍ୟନ୍ତ ଦେଖା ଯାଉନାହିଁ।

ଛବି ଯଦି ଘର ମଝିରୁ ଟିକିଏ ବାହାରି ଆସନ୍ତା ହୁଏତ ଦେଖା ଯାଆନ୍ତା, କିନ୍ତୁ ବାହାରି ଆସୁନି ଛବି। ଯେମିତି ଘରର ଦରଜାରେ କେହି ତାକୁ ଗଣ୍ଡି କାଟି ଦେଇ ଅଟକାଇ ରଖିଛି ସୀତାଙ୍କ ପରି। ଏଇ ଚୌକାଠ ଡେଇଁଲା ମାତ୍ରେ ରାବଣ ହାତରେ ଧରାପଡ଼ିଯିବ ସେ।

କିନ୍ତୁ ଦରଜାଟା ବନ୍ଦ କରି ଦେଇ ନିଜକୁ ଯେ ଛବି ଏକଦମ ବିଛଣାରେ ପକାଇ ଦେବ, ସେ ଅବକାଶ ମଧ୍ୟ ମିଳୁନି। ସେଇ ସନ୍ଧ୍ୟାବେଳଠୁ କେବଳ ଲୋକ ପରେ ଲୋକ ଆସୁଛନ୍ତି ଛବିକୁ ଡାକିବା ପାଇଁ।

"ଏ ଛବି, ପାଞ୍ଚ ଶହ ଲୋକ ଆସିଲେଣି ତଳେ କେତେଜଣ ଖୋଜୁଛନ୍ତି ଛବି ଛବି ଡାକି, ଥରେ ଆସ ଛବି, "ଓ ଛବି, କେମିତି ସୁନ୍ଦର ହେଇଛି ତୋ ଦାଦାର ଜ୍ୱାଇଁ, ଥରେ ଦେଖିବୁନି?" ପିସୀମା, ସମ୍ପ୍ରଦାନ ଘରେ କ'ଣ ତୁମେ କିଛି କରି ଆସିନ କି? ବାବା ଏକଦମ୍ ରାଗି ନିଆଁ ହେଇଗଲେଣି, ଜଲ୍‌ଦି ଆସ।"

କିନ୍ତୁ ଛବି ଅଟଳ

ଛବିର ଦୁର୍ଜୟ ମନ ଭାଙ୍ଗୁନି ଜମା

ଛବି କହୁଛି, "ମୁଣ୍ଡରେ ଯନ୍ତ୍ରଣା ହେଉଛି।"

ଅଥଚ ସାରାଦିନ କିଛି ନଥିଲା।

କୌଣସି ଦିନ କିଛି ନାହିଁ। ଆରମ୍ଭରୁ ବାହାଘରର ସବୁ କାମ ଛବି ହିଁ ସମ୍ଭାଳିଛି। ରନ୍ଧା ଘରେ, ଭଣ୍ଡାର ଘର, ପୂଜା ଘର, ଚଉକି ପରି ଛବି ଘୁରି ବୁଲିଛି। ଏହି ମଝିରେ, ଠିକ୍ ଏଇ ବାହାଘର ସନ୍ଧ୍ୟାରେ, କେଉଁ

ଫାଙ୍କରେ ସେଇ ଘଟଣାଟି ଘଟି ଯାଇଛି। ଆଉ କେଉଁ ଫାଙ୍କରେ ଛବି ସେଇ ତୁଚ୍ଛ ଘଟଣାଟିକୁ ଉଚ୍ଚ କରି ଧରି ଅଭିମାନରେ ଶେଯକୁ ଚାଲି ଯାଇଛି। ତାହା କେହି ବି ଖିଆଲ କରି ପାରି ନାହାନ୍ତି। ଠିକ୍ କନ୍ୟା ସମ୍ପ୍ରଦାନ ବେଳକୁ ଖୋଜା ପଡ଼ିଲା।

"ଛବି କେଉଁଠି ? ଛବି ?

ଗଣ୍ଠି ଛଡାଇବାର ହଳଦିଆ କଉଡ଼ି କେଉଁଠି ରଖିଲା ଛବି ? କନ୍ୟାର ଲଜ୍ଜା ବସ୍ତ୍ର ? ଠିକ୍ ଦରକାର ସମୟରେ ମିଳୁନି।

ଅବଶ୍ୟ ମିଳିଗଲା ସାଂଗେ ସାଂଗେ। ପାଖରେ ହିଁ ଥିଲା। କିନ୍ତୁ କେହି ଜଣେ ପାଖରେ ବସି ହାତକୁ ହାତ ଯୋଗାଇ ନଦେଲେ ଅସୁବିଧା ହବନି ? କେବଳ ଗଣ୍ଠି ଛଡାଇବାର ହଳଦିଆ କଉଡ଼ି ଆଉ କନ୍ୟାର ଲଜ୍ଜ୍ୟା ବସ୍ତ୍ର ତ ନୁହେଁ, ନିୟମ କର୍ମର ସବୁ କିଛି ତ ଛବିର ଅକ୍ତିଆରରେ କନ୍ୟାର ମାଆ କେତେ ଆଡ଼େ ତାଲ ଦେବେ ? ଅଭ୍ୟାଗତମାନଙ୍କର ଅଭ୍ୟର୍ଥନା କରିବାକୁ ହବନିକି ତାଙ୍କୁ ?

କିନ୍ତୁ ସବୁ ଜାଣି ମଧ୍ୟ ସବୁଠାରୁ ମୁଖ୍ୟ ସମୟରେ ହାୱା ହେଇଗଲା ଛବି ? ଛିଃ, ଛିଃ। ଧମକ ଖାଇଥିବା ବରକୁ ସୋହାଗ କରିବାକୁ ଗଲା, ଆଉ କ'ଣ ? କିନ୍ତୁ ଏଇଟା କ'ଣ ତା'ର ସମୟ ? ପାଗଳ ଛାଗଳ ମଣିଷ, ଆହୁରି କ'ଣ କରିବାକୁ ଯାଇ କ'ଣ କରିବ। ତାଙ୍କୁ ନିଦ ଔଷଧ ଖୁଆଇ ଦେଇ ନିଶ୍ଚିନ୍ତ ହେଇ ଓହ୍ଲାଇ ଆସିବ। ବର-କନ୍ୟା ବାସରକୁ ଗଲେ ତା'ପରେ ବରଂ ଏକାଠି କରି ଭୋଜିର ରାନ୍ଧଣା ସଜାଇ ଦେଇ ତିନିତାଲାରେ ବସି ବରକୁ ନିଦରୁ ଉଠାଇ, ଖୁଆଇ ଗେଲ କରି ।

ଏ କ'ଣ ?

ଇଏ ଯେ ବରଦାସ୍ତ କରିବା କଷ୍ଟ। ଏଇଘର ଭର୍ତ୍ତି ଲୋକଙ୍କ ସାମ୍ନାରେ ତୁ ତେଜ ଦେଖାଇ ବରକୁ ନେଇ ଘରେ ବସିଛୁ ? କହୁଥିଲା 'ସେ ଖାଇବେନି, ମୁଁ ଖାଇବିନି'। ଛିଃ ଛିଃ ଏମିତି ଯେ ଜ୍ୱାଇଁ ହେଲା, ଦାଦାର କେତେ ଆମୋଦ - ଆହ୍ଲାଦ ହେଲା, ବାହାଘର ବେଳ, ସ୍ତ୍ରୀ ଅଚାରର ସମୟ ଦେଖିଲୁନି ଥରେ ? ଏମିତି କି ଖାଇବା ପର୍ଯ୍ୟନ୍ତ ବି ତେଜ ଦେଖାଉଛୁ ? ଏଇ ଉତ୍ସବ, ଏଇ କାଣ୍ଡର ରନ୍ଧାବଢ଼ା, ମାଛ, ମିଠା, ଏଣୁ ତେଣୁ କେତେ ଜିନିଷ, ସେ ସବୁ କିଛି ବି ମୁହଁରେ ଦେବନି ଦୁଇଜଣ ମଣିଷ ? ଉପାସ କରି ପଡ଼ି ରହିବ ?

ଝିଆରୀର କଲ୍ୟାଣ-ଅକଲ୍ୟାଣ ଦେଖିବୁନି ? ଭାଇ, ଭାଉଜର ମୁଣ୍ଡ ତଳକୁ କରିଦେବୁ ? ଏମିତି ଇତର କାମର କ'ଣ ମାଫ ନାହିଁ ?

ବଡ଼ ଭାଇ ତୋ'ଠାରୁ କୋଡିଏ ବର୍ଷ ବଡ ବାପାଙ୍କ ସାଙ୍ଗରେ ସମାନ କହିଲେ ଚଳେ। ବାପ ପରି ମଣିଷ କରିଛନ୍ତି। ତୋତେ ବାହାଘର ବି କରିଛନ୍ତି। ଆଉତାପରେ ବାର ମାସ, ତିରିଶ ଦିନ, ତୋତେ ଆଉ ତୋ'ର ପାଗଳ ବରକୁ ପୋଷିଛନ୍ତି, ତୋ' ପାଇଁ ଘର ବନାଇ ଦେଇଛନ୍ତି। ସେଇ ଦାଦା ଯଦି ପାଗଳଟାକୁ ଥରେ ଧମକେଇଲେ, କିମ୍ବା ଗୋଟିଏ ଧକ୍କା ବି ଦେଲେ, ତୁ ଏମିତି ବ୍ୟବହାର କରିବୁ ? ତୋ ଦେହରେ କ'ଣ କୃତଜ୍ଞତାର କୌଣସି ଚିହ୍ନ ନାହିଁ ?

ଏତେ ବଡ଼ ଅକୃତଜ୍ଞତା କରି ଛବିକୁ କେମିତି ଦେଖା ଯାଉଛି, ସେଇ ଦୃଶ୍ୟ ଦେଖିବା ପାଇଁ ଛବିର ଏଇ ଟାଇଲ ଛାତ ଘର ଦ୍ୱାର ମୁହଁରେ ରଥ ଯାତ୍ରା ପରି ଭିଡ ହେଇଛି ସେତିକି ବେଳୁ।

ଅନେକେ ପୁଣି ସହାନୁଭୂତି ଦେଖାଉଛନ୍ତି।

ଅବଶ୍ୟ ଚୁପ୍‌ଚାପ୍ ଭାବେ।

କାରଣ ଯାହାର ଘର ତାହାର ବିପକ୍ଷ ଦଳର ହୋଇ କଥା କହିଲେ ଚୁପ୍‌ଚୁପ୍ କହିବା ଭଲ। ଚୁପ ଚୁପ ଭାବେ କୁହାଯାଏ, 'ଆହା' କୁହାଯାଏ - ଛିଃ ଛିଃ, ଛୋଟ ଭିଣେଇଟା ପାଗଳ ମଣିଷ। କିଛି ବୁଝେ ନାହିଁ ବୋଲି ଏମିତି କାମଟା କରି ବସିଲା, ସେଥିପାଇଁ ତୁମେ ଜଣେ ବିଜ୍ଞ, ବିଚକ୍ଷଣ ବ୍ୟକ୍ତି, ତୁମର ହିଁ ଝିଅର ବାହାଘର ଦେବାକୁ ବସିଛ, ସେଇ ଶୁଭଦିନରେ ତାକୁ ଗଳା ଧକ୍କା ଦେଇ ପକେଇ ଦେଲ ? ଭଉଣୀଟା ବିଚାରୀ ବାଧ୍ୟରେ ପଡ଼ି ତୁମ ପାଖରେ ପଡ଼ି ରହିଛି ବୋଲି ସିନା ଏମିତି କରି ପାରିଲ ? ପଇସାବାଲା ଭାଗ୍ୟବତୀ ଭଉଣୀ ହେଲେ କରି ପାରନ୍ତ ?

କିନ୍ତୁ ତଳକୁ ଓହ୍ଲାଇ ଗଲା ପରେ ସେଇମାନେ ହିଁ ପୁଣି ରାଗରେ ଲାଲ୍ ହେଇ ଏଇଟା ଗାଇ ବସନ୍ତି, 'ନା ବସିବ କାହିଁକି ? ସେ କ'ଣ ଖ୍ରୀଷ୍ଟ, ନା ଚୈତନ୍ୟ ଯେ ତାଙ୍କ ଦେହରେ ରାଗ ନାହିଁ ? ଏଇ ସହାନୁଭୂତି ଉତ୍ତରରେ ଛବି ଯଦି ଆଖିରୁ ଲୁହ ନ ଗଡାଇ, ଯଦି କହେ, ଏସବୁ କଥା ମୋତେ ଭଲଲାଗୁନି। ଆପଣମାନେ ତଳକୁ ଯାଆନ୍ତୁ।' ତାହେଲେ ?

ଖ୍ରୀଷ୍ଟ ଚୈତନ୍ୟଙ୍କର ରାଗ ହେଇ ଯାଆନ୍ତା ଏଥିରେ ? କିନ୍ତୁ ଏ ସବୁ ତ ସାନ୍ଧ୍ୟଲୀଳା।

ରାତିରେ, ଅନେକ ରାତିରେ, ଯେତେବେଳେ ବାହାରର ଲୋକ ବିଦାୟ ନେଇଛନ୍ତି, କେବଳ ଘରଲୋକମାନେ ଖାଇବାକୁ ବାକି, ଯେତେବେଳେ ସତୀନାଥ ତା'ର ଜ୍ୱାଇଁର ରୂପ, ଗୁଣରେ ମୋହିତ, ଏବଂ ନିଜର କାପାସିଟିର ଆହ୍ଲାଦରେ ଭରପୁର, ସେତିକି ବେଳେ ହଠାତ୍ ପ୍ରଶ୍ନ କଲେ, 'କ୍ଷିତୀଶ ଖାଇଛି ?'

ସେତିକିବେଳେ ବୋଧହୁଏ ମନେ ପଡ଼ିଲା, ଅସଭ୍ୟ ପରି, ଗୋଟିଏ ହାତ ପୋଛିବା ପାଇଁ ଥିବା କନା ଉପରେ ଗୁଡାଏ ରୁଟି, ମିଠା, ଚପ୍, ଫ୍ରାଇ ନେଇ ଆସରର ମଝିରେ ଖାଇବାକୁ ବସିଛି ଦେଖି କ୍ଷିତୀଶକୁ ସେ ପ୍ରଚଣ୍ଡ ଧମକ ଦେଇ, ବେକ ଧରି ବାହାର କରିଦେଉଥିଲେ ଆସର ଭିତରୁ।

କାମଟା ଟିକିଏ ଗର୍ହିତ ହେଇଥିଲା, ଅସ୍ୱୀକାର କରୁନାହାନ୍ତି ସତୀନାଥ, କିନ୍ତୁ ତାଙ୍କର ତ ରକ୍ତମାଂସ ଶରୀର ? ଠିକ୍ ସେତିକିବେଳେ ବରଯାତ୍ରୀ ଦଳ ଆସି ଆସରରେ ବସିଛନ୍ତି, ଏବଂ କନ୍ୟାଦାନ କରିବେ ବୋଲି ସତୀନାଥ ସେ ପର୍ଯ୍ୟନ୍ତ ବି ଉପାସରେ ଅଛନ୍ତି, ସେଇ ଉଦ୍ଦେଶ୍ୟରେ ଅଧୀର, ଉତ୍କଣ୍ଠାରେ ଚଞ୍ଚଳ, ଆଉ ଆଶଙ୍କାରେ ଥରଥର ସଙ୍ଗୀନ ସମୟରେ ଏଇ କୁତ୍ସିତ, ବୀଭତ୍ସ ଦୃଶ୍ୟ ସହ୍ୟ କରିବା କ'ଣ ସହଜ ?

ସହ୍ୟ କରି ପାରିବେ କି ସତୀନାଥ ?

କିନ୍ତୁ ପାଗଳଟା ଯେ ସେଥିରେ ଅପମାନରେ ବ୍ୟସ୍ତ ହେବ, ସେଇ

ଆଶଙ୍କା କରି ନାହାନ୍ତି । ଫେରି ଯାଇ ପୁଣି ଅତିଥିମାନଙ୍କ ପାଖରେ ଯାଇ ବସିବ, ଏଇ ରକମ ଅନ୍ଦାଜ କରିଥିଲେ । ଜାଣି ପାରିଲେ ଛବିର ଅନୁପସ୍ଥିତି ଯୋଗୁ ଛବି ବିନା କେବଳ ସେ ଅସୁବିଧାରେ ପଡିନାହାନ୍ତି, ସାରା ଘର ଭିତରେ ନାନା ବିଶୃଙ୍ଖଳା ଦେଖାଦେଇଛି, ଆଉ 'ଛବି, ଛବି', ଚିତ୍କାର ପଡ଼ିଛି ।

ସେଇ ସମୟରେ ବଡ଼ଶାଳୀ ସେଇ ଦିନର ଆସର ଭିତରେ ହିଁ କାରଣଟା ଉଦଘାଟିତ କରି ପକେଇଲେ ।

'କେଜାଣି ଭାଇ, ଶୁଣୁଛି ତୁମେ କେତେବେଳେ ତୁମର ଭିଣେଇଟିକୁ ବହୁତ ଖରାପ ବ୍ୟବହାର କରିଛ, ବେକରେ ଧକ୍କା ଦେଇଛ, ସେଇଥିପାଇଁ ତୁମ ଭଉଣୀ ମନ ଦୁଃଖରେ ବରକୁ ନେଇ ନିଜ କଠୋରୀରେ ନେଇ ବସିଛି । ସେତିକିବେଳୁ ତଳକୁ ଆସିନି, ଭିଣେଇଟି ତମର ଖାଇବା ପରଶିବା ଲୋକଙ୍କଠୁ ଗୋଟିଏ ପୋଟଳି ଖାଇବା ଯୋଗାଡ କରିଥିଲା । ସେ ସବୁ ଅଗଣାରେ, ଦୁଆର ପାଖରେ, ସିଡିରେ ଛିଞ୍ଚାଡି ହେଇ ପଡିଛି । ରାଗି ଯାଇ ଫିଙ୍ଗି ଦେଇଛି ସବୁ । ସେ ସିନା ପାଗଳ, କିନ୍ତୁ ଭଉଣୀଟି ତମର ତ ପାଗଳ ନୁହଁ ?'

ଏଇ ଯୁକ୍ତିପୂର୍ଣ୍ଣ ପ୍ରଶ୍ନରେ ସେତେବେଳେ ସତୀନାଥ ରାଗରେ ପାଗଳ ହୋଇ ଯାଇଥିଲେ । ନିହାତି ଦାନର ଆସନରେ ବସିଥିଲେ, ସେଥିପାଇଁ ଉଚିତ ବ୍ୟବସ୍ଥା କରି ପାରି ନାହାନ୍ତି । କିନ୍ତୁ ଏବେ ମନ ମଧ୍ୟରେ ଉଦାରତାର ସ୍ୱର ବାଜୁଛି, ଏବେ ପ୍ରଶ୍ନ କରିବାକୁ ଇଚ୍ଛା ହଉଛି, 'କ୍ଷିତୀଶ ଖାଇଛି ?'

ଅନୁକୂଳଠାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାୟ ପଚାଶ ଜଣ ଯାଇ ଡାକିଛନ୍ତି ଛବିକୁ ବାହାଘର ଦେଖିବା ପାଇଁ, ପାଞ୍ଚ ଜଣଙ୍କ ସାଂଗରେ ଆସି ବସିବା ପାଇଁ, ପଂକ୍ତିରେ ବସି ଖାଇବା ପାଇଁ । ପାହାଡ ପରି ଅଚଳ ହେଇ ବସିଛି ଛବି । ତାକୁ ତଳକୁ ଓହ୍ଲାଯାଇ ପାରିନି ।

ଏପରି ଅସଭ୍ୟତାର କାହାଣୀଟା ଆଉଥରେ ପୂରା ଶୁଣିଲେ ସତୀନାଥ ସ୍ତ୍ରୀ ପାଖରୁ । ତା'ପରେ ତାଙ୍କ ମନରେ ଉଦାର ରାଗିଣୀ ବାଜୁଥିବ, ଏହା ଆଶା କରାଯାଏନା ।

ଧଡ କିନା ଉଠିଗଲେ ତିନି ତାଲାକୁ କହିଲେ, 'ନହେଲେ ମୁଁ ହାତ ଯୋଡି କହୁଛି, ଥରେ ଆମ ସାଂଗରେ ଖାଇବାକୁ ଚାଲ୍ ।'

ଛବିର କ'ଣ ସ୍ୱର କମ୍ପି ଉଠିଲା ?

ନା ସତୀନାଥର ମନର ଭ୍ରମ ?

ବୋଧହୁଏ ଭ୍ରମ ହେଇଥିବ । ଛବି ତ ଖୁବ୍ ପରିଷ୍କାର ଗଳାରେ କହୁଛି, 'ଏସବୁ କାହିଁକି କହୁଛି ଦାଦା ? ମୁଁ ତ କହୁଛି ମୋ'ର ଖାଇବାର କ୍ଷମତା ନାହିଁ, ଖାଇ ପାରିବି ନାହିଁ ମୁଣ୍ଡରେ ଯନ୍ତ୍ରଣା ହେଉଛି ।'

ସତୀନାଥର ସେଇ ଗୋଟିଏ ପୁଟୁଳି ଖାଇବାର ବୀଭତ୍ସ ଦୃଶ୍ୟର କଥା ମନେ ପଡିଲା, ସାଂଗେ ସାଂଗେ ଆଉ ଗୋଟିଏକଥା .... ପାଗଳ ହେଉ ଛାଗଳ ହେଉ, ସ୍ୱାମୀ ।

ନରମ ଗଳାରେ କହିଲେ, 'ବେଶ୍ ତ, ପାରିବୁ, ନ ପାରିବୁ, ଥରେ ଆସି ବସ୍ । କ୍ଷିତୀଶର ଖାଇବାଟା ଉପରକୁ ପଠାଇ ଦେବାକୁ କହୁଛି । ତାକୁ ଖୁଆଇ ଦେଇ ଚାଲି ଆସ' ।

ଛବି ସେମିତି ସିଧା ଠିଆ ହେଇ କହିଲା, 'ସେ ଖାଇବେନି ଦାଦା' ।

ଆଉଥରେ ଧୈର୍ଯ୍ୟଚ୍ୟୁତି ହେଲା । ସତୀନାଥ ଓହ୍ଲାଇ ଆସିଲେ । କେବଳ କଡା ସ୍ୱରରେ ମନ୍ତବ୍ୟ ଦେଲେ 'ବେଇମାନ ହେଲେ ଏଇ ରକମ ହୁଏ ।'

ଆଉ ତା ସାଂଗେ ସାଂଗେ ଅମଲ୍ ଉଠି ଆସିଲା । ଶେଷ ପରିବେଷଣର ଦାୟିତ୍ୱ ନେଇଛି ସେ, ଅଥଚ ସାମାନ୍ୟ ଗୋଟିଏ ଝିଅର ଧନୁଭଙ୍ଗର ଜିଦ୍ ଯୋଗୁ ଅକାରଣ ଘଡିର କଣ୍ଟା । ବାରଟା ଘରଠାରୁ ଗୋଟାଏରେ ଯାଇ ପହଞ୍ଚିଲା ।

ସେ ଏଘରର ଆତ୍ମୀୟ ନୁହେଁ, କିଛି ବି ନୁହେଁ, କେବଳ ଏଇ ପଡାର ଲୋକ ମାତ୍ର, ତା'ର ଏତେ ଦାୟିତ୍ୱ ମୁଣ୍ଡେଇବାର କାରଣ ନାହିଁ, ତେବେ ବି ନେଇଛି । ସ୍ୱାଭାବିକ୍ ଭାବେ ନେଇଛି । କିନ୍ତୁ ଆଉ ଡେରି ହେଲେ ତା' ନିଜ ଘରର ଲୋକ କ'ଣ କହିବେ ?

ସିଡିରେ ସତୀନାଥ ସାଂଗରେ ପ୍ରାୟ ଧକ୍କା । ସତୀନାଥ ଥରେ ଚାହିଁ ଦେଖିଲେ, କ୍ଷୁବ୍ଧ ହେଇ ତୀକ୍ଷ୍ଣ କଣ୍ଠରେ କହିଲେ, 'ଓ, ତୁମେ କେବଳ ବାକି ଥିଲ ?' ଓହ୍ଲେଇ ଗଲେ ।

ପଡାର ପିଲା, ସବୁଦିନର ଚିହ୍ନା ଜଣା, ଅବାକ୍ କିଛି ହେଲେନି । ତେବେ ଆଶା ବି ରଖିଲେନି ।

ଅମଲବି ରଖିନି ।

ଅମଲର କିଛି ବି ଶୁଣିବାର ବାକି ନାହିଁ ଘଟଣାଠାରୁ ମନ୍ତବ୍ୟ ।

ସେଇଥିପାଇଁ ଅମଲ୍ର ଭରସା ନିଜ ଉପରେ । ତେବେ ତା'ର ଥରେ ଦେଖିବାର କୌତୁହଳ ହେଉଥିଲା । ଏତେ ଅନମନୀୟ ହେଲେ ଛବିକୁ କେମିତି ଦେଖାଯାଏ, ବୋଧହୁଏ ଦେଖିବାକୁ ଇଚ୍ଛା ହେଉଥିଲା ଅମଲ୍ର ।

ଛବି ସେତେବେଳକୁ ଆସ୍ତେ ଆସ୍ତେ ଦରଜାଟା ବନ୍ଦ କରୁଥିଲା । ହୁଏତ ଭାବୁଥିଲା ଏଥର ଟିକିଏ ଶୋଇ ପାରିବ ।

ଅମଲ୍କୁ ଦେଖି, ହାତଟା ରଖିଦେଲା, ଦରଜା ଅଧା ବନ୍ଦ ହେଇ ରହିଲା ।

ଅମଲ ଭାବିଲା ଫସ୍ କରି କ'ଣ ଗୋଟିଏ ଦିଆସିଲି କାଠି ଜାଳିବ ? ଦେଖିବ ମୁହଁଟା କେମିତି ଦିଶୁଚି ତା'ର ? କିନ୍ତୁ ଜାଳିଲା ନାହିଁ । କହିଲା, 'ଆଲୁଅଟା ଜାଳ ନା' । ଛବି ଆଗପରି ଶୁଖିଲା ଗଳାରେ କହିଲା, 'କ'ଣ ଦରକାର ?' 'ଦରକାର ଅବଶ୍ୟ ନାହିଁ । କିନ୍ତୁ ତୁମକୁ କେମିତି ଯେମିତି ଭୌତିକ ଭୌତିକ ଲାଗୁଛି । ସେଥିପାଇଁ' –

ଛବି ପ୍ରତିବାଦ କଲା ନାହିଁ, ଚାଞ୍ଚଲ୍ୟ ପ୍ରକାଶ କଲା ନାହିଁ, କୈଶୋର ସ୍ମୃତିର ମର୍ଯ୍ୟାଦା ରକ୍ଷା କରିବା ପାଇଁ କୌତୁକ କଥାରେ ହସି ବି ଉଠିଲା ନାହିଁ । ଛବି କେବଳ ଛବି ପରି ଠିଆ ହେଇ ରହିଲା ସେଇ ଛାଇ ଛାଇ ଅନ୍ଧକାରରେ ।

ଅମଲ ଛବିର ଘରର ଭିତରଟା ଦେଖି ପାରୁ ନଥିଲା, ଅଧାବନ୍ଦ ଦରଜାରେ ହାତ ରଖି ଠିଆ ହେଇଥିଲା ଛବି। ସେଥିପାଇଁ ଏମିତି ଘର ଭିତରଟା ଥରେ ଦେଖିବାର ବୃଥା ଚେଷ୍ଟା କରି କହିଲା, 'କ୍ଷିତୀଶ ବାବୁ ଶୋଇଛନ୍ତି ?'

ଏଥର ଛବି ଅକାରଣରେ ଯେମିତି ଟିକିଏ ହସିଲା, କହିଲା, 'ହଁ' ଶୁଣିଲି ସତୀନାଥ ଦା ତାକୁ 'ଇଏ' କରିଛନ୍ତି, କିନ୍ତୁ ଛବି, ତଥାପି ଏତେଟା ନକରି ପାରିଥାଆନ୍ତ ତୁମେ।

ଶୁଣି ଶୁଣି ଏତେ ଲାଜ ଲାଗୁଥିଲା – '

ଛବି ଏଥର ସ୍ପଷ୍ଟ ଭାବରେ ହସି ଉଠିଲା।

ଆଉ ଆଉଥରେ ଅମଲ୍‌ର ମନେ ହେଲା ସତରେ ଛବିକୁ ଯେମିତି ଭୌତିକ ଭୌତିକ ଦେଖାଯାଉଛି। ହସଟା ପର୍ଯ୍ୟନ୍ତ। ହସି ହସି ଛବି କହିଲା 'ମୋ ନିର୍ଲଜ୍ଜତାରେ ତୁମେ ହଠାତ୍ ଲଜ୍ଜା କାହିଁକି ପାଇଲ ଅମଲ୍ ?'

ଅମଲ୍ କ'ଣ ସତରେ ଦିଆସିଲି କାଠି ଜାଳିବ ? ଦେଖିବ କେବଳ ନିର୍ଲ୍ଲଜ ନୁହଁ, ନିତାନ୍ତ ନିଷ୍ଠୁର ଏଇ ଛବିର ମୁହଁଟା କେମିତି ଦେଖାଯାଉଛି ?

ଅନ୍ଧକାରରେ, ଛାଇରେ ଫିକା ଛବିକୁ ଚିହ୍ନିବାକୁ କଷ୍ଟହିଁ ହେଉଛି।

ଛବିର ଦାଦା ଠକି ଯାଇଥିଲେ। ନ ବୁଝି ଛବିକୁ ଗୋଟିଏ ମୁଣ୍ଡ ଖରାପ ପିଲା ସାଂଗରେ ବାହା କରି ଦେଇଥିଲେ, ତଥାପି ଛବି କୌଣସି ଦିନ ଦାଦା ନାମରେ ଅଭିଯୋଗ କରିନି, ଛବିର ଦେଢ଼ଶୂର ପାଗଳ ଭାଇ ଓ ଭାଇବୋହୂକୁ ଏଇଠିକି ଚାଲାଣ କରି ଦେଉଥିଲେ, ସେଥିପାଇଁ ବି ସେମାନଙ୍କୁ ଗାଳି ଦେଇନି ଛବି।

ଛବି ଅମଲ୍‌ର କାପୁରୁଷତାକୁ ଧିକ୍କାର ଦେଇନି କୌଣସି ଦିନ। ସହଜ, ସ୍ୱାଭାବିକ ଭାବେ ଛବି କାର୍ଯ୍ୟକର୍ମ କରିଛି, ସେମିତି କୁମାରୀ ବେଳେ ଏ ସଂସାରର ଦାୟିତ୍ୱ ନେଉଥିଲା, ସେମିତି ନେଉଛି, ଆହୁରି ଅଧିକା ମଧ୍ୟରେ ପାଗଳକୁ ସମ୍ଭାଳିଛି।

କିନ୍ତୁ ସବୁ କିଛି ଉପରେ ଚମତ୍କାର ଗୋଟିଏ ଓଢ଼ଣୀ ଘୋଡେଇ ନିଜକୁ ଲୁଚେଇ ରଖିଛି ଛବି, ଅମଲ୍ କ'ଣ ନ ଜାଣିଛି, ଅମଲ୍ ତ ସବୁବେଳେ ଆସେ।

କ୍ଷିତୀଶକୁ ବହୁତ ସମୟ ନ ଦେଖିଲେ ଉଦ୍ଦେଶ୍ୟ ପ୍ରକାଶ କରିଛି ଛବି, ସେ ବି ହସ ଛଳରେ। ଗଳ୍ପ କରୁ କରୁ ହଠାତ୍ ଉଠିପଡ଼ି କହିଛି, 'ଏଇ ସରିଲା, ଅନେକ ସମୟ ହେଲା ମୋର ନିଧିଟିକୁ ଦେଖିନି ମନେ ହଉଛି, ଯାଏ ଦେଖେ, ପୁଣି ବୈରାଗୀ ହେଇ ଚାଲି ଯାଇ ନାହାନ୍ତି କି ନାହିଁ।' କହିଛି, 'ଏ ମା', ଏତେ ବେଳ ହେଲାଣି। ଦେଖେ ପ୍ରଭୁ ନିଜେ ରନ୍ଧାଘରେ ପଶି ହାଣ୍ଡିରୁ ଖାଉଛନ୍ତି କି ନାହିଁ।' ପୁଣି କହିଛି, 'ଏଇ ଦେଖ, ମୁହଁ କାଳି କରି ହଠାତ୍ ଚାଲିଗଲେ ଦୟାମୟ, ଆମେ ଏଇଠି ମଜାରେ ଗପ କରୁଛୁ, ପ୍ରାଣରେ ସହ୍ୟ ହେଲାନି। ଯାଉଛି ବାବା, ନ ହେଲେ ଭୋଳାନାଥ ରୁଦ୍ର ହେଇ ବସିଥିବେ।' ହସି ହସି ସବୁ କଥା କହିଛି।

ପାଗଳର ପାଗଳ ଜନିତ ଆଚରଣରେ ଯଦି କେହି ଥଟ୍ଟା ବା ବିରକ୍ତି ପ୍ରକାଶ କରିଛି, କୌଣସି ଦିନ ରାଗିବା ଦେଖାଯାଇନି ଛବିକୁ। ତାଙ୍କ ସାଂଗରେ ସ୍ୱର ମିଳାଇ କହିଛି, 'କୁହ ବାବା, ତମେମାନେ ସମସ୍ତେ ମିଶି ଟିକିଏ କୁହ, ମୋର କାମ ଟିକିଏ କମୁ। ଜ୍ୱାଇଁ ବୋଲି ସମୀର ନକରି, 'ପ୍ରହାରଣେ ଧନଞ୍ଜୟ' କଲେ ତାଙ୍କର ଉପକାର ହେବ।

ହସି ହସିହିଁ କହିଛି।

ଅଥଚ ଆଜି ବାରର ଏତିକି ଟିକିଏ ସତସତିକା ଅପମାନ ପାଇଁ ଛବି କ'ଣ ବଦଳି ଗଲା ?

ସତୀନାଥର ସ୍ତ୍ରୀର କଥା ହିଁ ତା ହେଲେ ସତ ବୋଲି ଧରିବାକୁ ପଡିବ ? ଭାବିବାକୁ ହେବ ହିଂସାର ଜ୍ୱାଳାରେ ସାମାନ୍ୟ ଟିକିଏ ବାହାନା ପାଇ ଏମିତି କରିଛି ଛବି ? ଦାଦାର ଝିଅର ଏତେ ଭଲ ବାହାଘର ହେଲା, ଏତେ ସୁନ୍ଦର ବର ହେଲା, ଏଥିରେ ତା'ର ଛାତି ଫାଟି ଯାଉଛି ?

ଛବି ସମ୍ପର୍କରେ ଏମିତି କଥା ଭାବି ହୁଏନା। କିନ୍ତୁ ନିଜେହିଁ ଭାବିବାକୁ ସୁଯୋଗ ଦେଉଛି ଛବି ଏଇ ଅଶୋଭନ ଆଚରଣ ଆଉ ବିଷ ଦୃଶ୍ୟ ବ୍ୟବହାର ମଧ୍ୟ ଦେଇ ଭାବିବାକୁ ଦେଉଛି ଇର୍ଷାହିଁ।

ନହେଲେ କେବେ ଏମିତି ପତିଭକ୍ତି ଥିଲା ଛବିର ? ବରଂ ତା ଭାଉଜ କହିଛି, 'ସ୍ୱାମୀ ପାଗଳ ବୋଲି ଏତେ ଟିକିଏ ଦୁଃଖ ଅଛି ଛବିର, ତା' ଜଣା ବି ଯାଏନା, କି ଅଦ୍ଭୁତ, ଅତୁଟ ମନ ବାଳା।'

ଛବିର ସେଇ ଅତୁଟ ମନ ଟିକି ଟିକି ହେଇ ଯାଇଛି ହିଂସାର ଜ୍ୱାଳାରେ ?

କିନ୍ତୁ ଅମଲ୍ ଏଇ ସବୁ ଚିନ୍ତାର ଉଠାପଡା ପ୍ରକାଶ କରିଲା ନାହିଁ। କେବଳ କହିଲା, 'ତୁମେ ବଡ ନିଷ୍ଠୁର ଛବି'।

ଛବି କହିଲା, 'ଆଜି ଜାଣିଲ ?' ତା ପରେ କହିଲା, 'କିନ୍ତୁ ତୁମେ ମଧ୍ୟ କାହିଁକି ଆସିଲ କୁହ ଦେଖି ? ଖାଇବା ପାଇଁ ଡାକିବାକୁ ଆସିଲ ନା କ'ଣ ?

ଅମଲ୍ ଆହତ ଦୃଷ୍ଟି ଉଠାଇ ଆଉଥରେ ଚେଷ୍ଟା କଲା ଛବିକୁ ଦେଖିବା ପାଇଁ। ତା'ପରେ କହିଲା, 'ନା, ତୁମକୁ ଡାକିବାକୁ ଆସିବି, ଏତେ ଦୁଃସାହସ ନାହିଁ। ଭାବୁଥିଲି–କ୍ଷିତୀଶ ବାବୁଙ୍କୁ ଖାଇବାକୁ ନ ଦେଇ, ଅଟକାଇ ରଖି ଦାଦାଙ୍କୁ ଆଉ କେତେ ଶାସ୍ତି ଦେଇପାରିଲ ? କେବଳ ସେଇ ବିଚାରୀ ଭଦ୍ରଲୋକଙ୍କୁ ଜବତ୍ କଲ। ଖୁବ୍ ଉତ୍ସାହକରି ମୋତେ କହିଥିଲେ, ତୁମେ ଆମକୁ ପରିବେଷଣ କରି ଖୁଆଇବ, ବୁଝିଲ ? ଏମାନେ ଭଲ କରି ଦେବେନି।'

କଥା ଶେଷ କରି ଅମଲ୍ ଟିକିଏ ହସିଲା। କହିଲା, ଅବଶ୍ୟ ଏମାନେ ବୋଲି କହିନାହାନ୍ତି କହିଛନ୍ତି, 'ଶଳାମାନେ।'

ଛବିର କ'ଣ ଏତେ ସମୟ ଉପାସ କରି ଗଳା ଏତେ ବେଶୀ ଶୁଖି ଯାଇଛି ? ନା ଏତେ ସମୟ ଧରି ଅଶୋଭନ ଆଚରଣର ଅନୁତାପରେ ? ନ ହେଲେ ଗଳାଟା ତ ବେଶ୍ ମଧୁର ଥିଲା ଛବିର।

ଥିଲା, ଏବେ ନାହିଁ। ଏବେ ସେଇ ଶୁଖିଲା ଗଳାରେ ଛବି କହିଲା, 'ତେବେ ତମର ପରିବେଷଣର ଅପେକ୍ଷା ତ ରଖିନାହାନ୍ତି, ନିଜେ ହିଁ ତ--'

'ଆଉ ଛବି, ସେ ସବୁ କଥାରେ... ତୁମେ ଖାଅ 'ନଖାଅ, ତାକୁ ଟିକିଏ ଉଠେଇ ଦିଅ, ମୋର ସତ୍ୟ ରକ୍ଷା କରେ।

ଛବି ତା'ର କୈଶୋର ସ୍ମୃତିର ମର୍ଯ୍ୟାଦାକୁ ଏକଦମ୍ ଧୂଳିସାତ୍ କଲା। ସେମିତି ସ୍ଥିର ଭାବରେ ଠିଆ ହେଇ କହିଲା, 'ସେ ଖାଇବେ ନାହିଁ।'

'ଛବି! ବାସ୍ତବିକ ତୁମେ ଯତ୍‌ପରୋ ନାସ୍ତି ଅସଭ୍ୟତା କରୁଛ। ସବୁର ଗୋଟିଏ ସୀମା ଥିବା ଦରକାର। ଆଜି ରାଗ କରି ତାଙ୍କୁ ଖାଇବାକୁ ଦେବନି। କାଲି ତ ଦେବାକୁ ହେବ? ସେତେବେଳେ?'

ଛବି ଏଥର ହସି ଉଠିଲା।

ସତକୁ ସତ ହସି ଉଠିଲା, ଶବ୍ଦ କରି।

କହିଲା, 'କାଲି ବି ଖାଇବେ ନାହିଁ ଅମଲ୍, କାଲି ନୁହେଁ ପରଦିନ ବି ନୁହେଁ। କୌଣସି ଦିନ ନୁହେଁ।' ଅମଲ୍ ଏଇ ସାଧାରଣ ରାଗର କଥାରେ ଏମିତି ଭୟ ପାଇଗଲା କାହିଁକି? ଛବିକୁ କ'ଣ ସତରେ ଭୌତିକ ମନେ ହେଲା ଅମଲ୍‌ର, ସେଇ ହସ ଶୁଣି? ସେଥିପାଇଁ ଅମଲ୍ ହଠାତ୍, 'ଛବି' ବୋଲି ଆର୍ତ୍ତନାଦ କରି ଉଠିଲା। ଛବି ଏଥ ଡାକର ଉତ୍ତର ଦେଲା ନାହିଁ। ଛବି ହଲ୍‌ଚଲ୍ ବି ହେଲା ନାହିଁ।

ଆଉ ଛବିର ସେଇ ସ୍ଥାଣୁ ମୂର୍ତ୍ତିଟି ଆଡକୁ ଚାହିଁ ଅମଲ୍ ହଠାତ୍ ବହୁକାଳର ଭୁଲି ଯାଇଥିବା ଗୋଟିଏ ବୋକାମୀ କରି ବସିଲା। ଏକଦମ୍ ପାଖକୁ ଆସି କବାଟ ଧରିଥିବା ହାତଟା ଚାପି ଧରିଲା ଜୋରରେ। କହିଲା, 'ଛବି, ଆଲୁଅ ଜାଳ'।

ଛବି ଆସ୍ତେ ଆସ୍ତେ ହାତଟା ଛଡାଇ ନେଲା।

କହିଲା, 'କ'ଣ ହବ?'

'ମୁଁ ଦେଖିବି।'

'ଦେଖିବାର କିଛି ନାହିଁ ଅମଲ୍!'

'ଛବି ନିଜକୁ ଏତେ ନିର୍ଭୁଲ ମନେ କରନି, ଦରଜା ଛାଡ, ମୋତେ ଦେଖିବାକୁ ଦିଅ।

ଛବି ତଥାପି ଘୁଂଚିଲା ନାହିଁ।

କେବଳ ସ୍ୱରଟା ଦୃଢ଼ କରିଲା, 'ସତରେ ଦେଖିବାର କିଛି ନାହିଁ ଅମଲ୍। ଅମଲ୍ ବି କ'ଣ ଭୌତିକ ହେଇ ଯାଇଛି?

ଅମଲ୍‌କୁ ବା ଏମିତି କାହିଁକି ଦେଖା ଯାଉଛି?

ଅମଲ୍ କ'ଣ ଭୁଲି ଯାଇଛି ତା'ର ଏଇ ଦୀର୍ଘ ଅନୁପସ୍ଥିତିରେ ଲୋକମାନେ କ'ଣ ଭାବୁଛନ୍ତି?

ସେମାନଙ୍କର କୈଶୋରର ଇତିହାସ କ'ଣ ତାଙ୍କର କାହାରି ମନେ ନାହିଁ?

ଅନେକ ସମୟ ପରେ ବୋଧହୁଏ ଅମଲ୍‌ର ମନେ ପଡିଲା ଏକ ମହଲରେ ଗୋଟିଏ ଜଗତ ଅଛି। ତାକୁ ଓହ୍ଲାଇବାକୁ ହେବ। ସେଥିପାଇଁ କହିଲା, ଛବି ଇଏ କ'ଣ!' ଶଳା ମୋତେ ଖାଇବାକୁ ଦେଲେ ନାହିଁ ବୋଲି ନିଜ ମୁଣ୍ଡରେ ବି କଣ୍ଟା ବସେଇବାକୁ ଗଲା – '

'ଛବି, ତୁମେ କ'ଣ ପଥରର?'

'ହୁଏତ ସେଇୟା'

'ଛବି, ତଳକୁ ଯାଇ କ'ଣ କହିବି?'

'କିଛି ନୁହେଁ ଅମଲ୍ ବର କନ୍ୟା ବାସରରେ ବସିଛନ୍ତି। ତାଙ୍କର ଏଇ ରାତିଟିକୁ ଧ୍ୱଂସ କରି ଦିଅନି।'

'ଛବି, କେମିତି ପାରୁଛ?'

'ପାରିବାକୁ ତ ହେବ ଅମଲ୍, ସୀମାରେଖା ଭୁଲିଗଲେ ଚଳିବ କ'ଣ? ତାଙ୍କର ଏଇ ଆହ୍ଲାଦର ସମୟ କ'ଣ ମୋ'ର-'

'ସାରା ରାତି ତୁମେ ଏମିତି ଥିବ?'

'ନା, ଶୋଇବି। ବହୁତ ନିଦ ଲାଗୁଛି, ମନେ ହେଉଛି ପଡିଯିବି।' ଅଭଦ୍ର ଓ ଅସଭ୍ୟ ଛବି ହଠାତ୍ ଅମଲ୍‌ର ମୁହଁର ସାମ୍ନାରେ ହିଁ ଦରଜାଟା ବନ୍ଦ କରିଦେଲା। ଖୁଟ୍ କରି ଗୋଟିଏ ଶବ୍ଦ ହେଲା, ଛିଟ୍ କିଣିର ଶବ୍ଦ।

ହଁ, ଦରଜାଟା ବନ୍ଦ ନକରି ଆଉ ପାରୁନି ଛବି। ସତୀନାଥର କଥାଟାଇ ଏବେ ଠିକ୍ ମନେ ହେଉଛି ତା'ର। ସବୁ କିଛିର ମାତ୍ରା ଥାଏ, ଥିବା ଉଚିତ।

କିଛି ଘଣ୍ଟା ଏଇ ଥଣ୍ଡା ଥଣ୍ଡା ଅନ୍ଧକାର ମଧ୍ୟରେ ବୁଡି ରହିବାକୁ ପାଇଲେ ପୁଣି ଛବି ଶକ୍ତି ସଂଗ୍ରହ କରି ପାରିବ। ଆଉଥରେ କାଲି ସକାଳେ ସ୍ୱାଭାବିକ ଭାବେ ତଳକୁ ଯାଇ ସହଜ ଗଳାରେ କହି ପାରିବ,' କାଲି ବାହାଘର ଗୋଳମାଳ ମଝିରେ ତମମାନଙ୍କୁ ଆଉ ବ୍ୟସ୍ତ କରିନି, କିନ୍ତୁ ଆଉ ବୋଧହୁଏ ନ କଲେ ଚଳିବନି। ଆସି ଥରେ ଦେଖା ଏବେ। ଯାହା କରିବାର ତମମାନଙ୍କୁ ତ କରିବାକୁ ପଡିବ।



# ମହାନ୍ ଯୋଗାତ୍ମା ଚୈତନ୍ୟ ପ୍ରଜ୍ଞ

ଅନୁବାଦ: ଶ୍ରୀମତୀ ନିରୁପମା ମିଶ୍ର

ତିବ୍ବତ ପ୍ରବାସ କାଳରେ ପ୍ରଚ୍ଛନ୍ନ ଭାବରେ ନିବାସ କରୁଥିବା ଯେଉଁ ଯୋଗାତ୍ମାମାନଙ୍କର ଦର୍ଶନ ମୁଁ ଲାଭ କରିଥିଲି, ସେମାନଙ୍କ ନାମ ସର୍ବୋପରି ଅଟେ, ନିଶ୍ଚୟ ଚୈତନ୍ୟ ପ୍ରଜ୍ୟ ମାହାନ୍ ଯୋଗ ସିଦ୍ଧ ପୁରୁଷ ଥିଲେ, ଏଥିବରେ ସନ୍ଦେହ ନାହିଁ।

ତିବ୍ବତର ଯୋଗ ତାନ୍ତ୍ରିକ ଜୀବନ ସହିତ ଯାହାଙ୍କର କିଛି ପରିଚୟ ଅଛି, ଚୈତନ୍ୟପ୍ରଜ୍ଞଙ୍କ ବିଷୟରେ ଯାହା କିଛି ଲେଖିବି - ତାହା ଆଶ୍ଚର୍ଯ୍ୟଜନକ, କୌତୁହଳପୂର୍ଣ୍ଣ ଓ ଅବିଶ୍ୱସନୀୟ ପ୍ରତୀତ ହେବ ନାହିଁ।

ଚୈତନ୍ୟପ୍ରଜ୍ଞଙ୍କ ପୂର୍ବନାମ କମଳେଶ୍ୱର ଥିଲା ଓ ସେ ବିହାର ଓ ପଶ୍ଚିମବଙ୍ଗର ସୀମାରେ ଅବସ୍ଥିତ ଗୋଟିଏ ଗାଁର ନିବାସୀ ଥିଲେ, ଗାଁର ଗୋଟିଏ ପାଠଶାଳାରେ କମଳେଶ୍ୱର ପଢ଼ାଉଥିଲେ, ଜାତିରେ ବ୍ରାହ୍ମଣ ଥିବା ହେତୁ ସମଗ୍ର ଗ୍ରାମରେ ତାଙ୍କର ସମ୍ମାନ ଥିଲା। ଗ୍ରମାବାସୀମାନେ ତାଙ୍କୁ ଆଦରପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ। ସେ ଏକାକୀ ଥିଲେ। ମାତାପିତାଙ୍କର ମୃତ୍ୟୁ ବାଲ୍ୟାବସ୍ଥାରେ ହୋଇସାରିଥିଲା। ଭାଉଭଉଣୀ କେହି ନଥିଲେ। ସେ ବିବାହ ମଧ୍ୟ କରିନଥିଲେ। ପାଠଶାଳାରୁ ଫେରିବା ପରେ ନିଜର ଭୋଜନ ହାତରେ ତିଆରି କରୁଥିଲେ ଓ ଭୋଜନ ଉପରାନ୍ତ କିଛି ଅଧ୍ୟୟନ କରିବା ପରେ ଶୋଇବାକୁ ଯାଉଥିଲେ। ପ୍ରାତଃ କାଳରେ ନିଜର ନିତ୍ୟକର୍ମ ସାରି ଅଳ୍ପ ପୂଜାପାଠ କରି ଭଗବାନଙ୍କୁ ସ୍ମରଣ କରୁଥିଲେ ଓ କାନ୍ଧରେ ଝୁଲା ଲଟକାଇ ପାଠଶାଳା ଚାଲି ଯାଉଥିଲେ। କମଳେଶ୍ୱର ମହାଶୟଙ୍କର ଏହା ନିତ୍ୟ ନୈମିତିକ କାର୍ଯ୍ୟ ଥିଲା।

ପ୍ରଥମ ବିଶ୍ୱଯୁଦ୍ଧ ସେତେବେଳେ ଆରମ୍ଭ ହୋଇ ନଥିଲା। କିନ୍ତୁ ଆରମ୍ଭ ହେବାର ପ୍ରତୀତ ହେଉଥିଲା। ଦିନେ ସନ୍ଧ୍ୟା ସମୟରେ ଗାଁ ବାହାରେ ବୁଲୁବୁଲୁ କମଳେଶ୍ୱର ଯାଇ ଗୋଟିଏ ଆମ୍ବଗଛ ତଳେ ବସିଗଲେ। ବାତାବରଣରେ ଚତୁର୍ଦ୍ଦଗରେ ନୀରବତା ଭରି ରହିଥିଲା। ମୁଣ୍ଡ ପୁରାଇ ସେ ଦୂରଦୂର ପର୍ଯ୍ୟନ୍ତ ଦେଖିଲେ ମଧ୍ୟ କେହି ଦିଶୁ ନ ଥିଲେ, କେତେ ସମୟ ଚୁପଚାପ୍ ମୌନ ଭାବରେ ବୃକ୍ଷ ମୂଳେ ବସି ରହିଲେ ଜଣା ନଥିଲା।

**ଗୋଟିଏ ଲାମା ଯୋଗୀଙ୍କର ଅବତରଣ :-**

ସେ ସମୟରେ ତାଙ୍କର ଚକ୍ଷୁ ମୁଦ୍ରିତ ଥିଲା ଓ ସେ କିଛି ଚିନ୍ତା କରୁଥିଲେ। ସେ ସମୟରେ କୌଣସି ଅନିର୍ବଚନୀୟ ସୁଗନ୍ଧରେ ତାଙ୍କର ନାସାପୁଟ ଭରି ଯାଇଥିଲା। ତୁରନ୍ତ ସେ ଚକ୍ଷୁ ଖୋଲି ଦେଖିଲେ ତାଙ୍କ ସମ୍ମୁଖରେ ଜଣେ ପୀତ ବସ୍ତ୍ରଧାରୀ ଭିକ୍ଷୁ ଶାନ୍ତ ଭାବରେ ଠିଆ ହୋଇ ତାଙ୍କ ଆଡ଼କୁ ଅପଲକ ନେତ୍ରରେ ଚାହିଁ ରହିଛନ୍ତି। ସେ ଜଣେ ଅତି ବୃଦ୍ଧ ଲାମା ଥିଲେ। ତାଙ୍କ ହାତରେ କେବଳ ଗୋଟିଏ ମାମୁଲି ଝୁଲାମୁଣି ଥିଲା।

ଏ ପର୍ଯ୍ୟନ୍ତ କୌଣସି ବୌଦ୍ଧଭିକ୍ଷୁ ଅଥବା ଲାମଙ୍କୁ କମଳେଶ୍ୱର ଦେଖି ନଥିଲେ। ଏଥିପାଇଁ ଆଶ୍ଚର୍ଯ୍ୟଚକିତ ହୋଇଗଲେ। ସେହି ରହସ୍ୟମୟ ଲାମା କେଉଁଠାରୁ, କାହିଁକି ଆସିଲେ ଓ ତାଙ୍କ ସମ୍ମୁଖରେ କାହିଁକି ଠିଆ ହୋଇଛନ୍ତି ? ଏହି ପ୍ରକାରର ଅନେକ ପ୍ରଶ୍ନ କମଳେଶ୍ୱରଙ୍କ ମନରେ ଉଠିବାକୁ ଲାଗିଲା। ସେ ମଧ୍ୟ ଏକାଗ୍ର ଭାବରେ ସେହି ଲାମାଙ୍କ ଆଡ଼କୁ ଦେଖିବାକୁ ଲାଗିଲେ। ସହସା ତାଙ୍କୁ ଲାଗିଲା, ଯେପରି ସେହି ବୃଦ୍ଧ ଲାମାଙ୍କୁ ସେ ଜାଣିଛନ୍ତି, ତାଙ୍କ ପାଇଁ ସେ ପୂର୍ବପରିଚିତ ଅଟନ୍ତି।

ଧୀରେ ଧୀରେ ଭାମା କହିବାକୁ ଲାଗିଲେ, ବିଗତ ଏକଶହ ଅଶୀ ବର୍ଷ ହେଲା ତୁମକୁ ମୁଁ ଖୋଜି ଆସୁଅଛି। ତୁମର ବାସ୍ତବିକ ନାମ କମଳେଶ୍ୱର ନୁହେଁ, ଚୈତନ୍ୟପ୍ରଜ୍ଞ ଅଟେ। ତୁମେ ଜଣେ ବୌଦ୍ଧ ଭିକ୍ଷୁ ଅଟ। ବ୍ରାହ୍ମଣ ପରିବାରର ସଦସ୍ୟ ନୁହଁ। ତୁମକୁ ମୁଁ ଲାମା ଧର୍ମର ଦୀକ୍ଷା ଦେଇଥିଲି। ମୁଁ ତୁମର ଗୁରୁ ଅଟେ। ମୁଁ ଏହା ସ୍ୱୀକାର କରୁଛି ଯେ ତୁମେ ଜଣେ ଭାରତୀୟ ବୌଦ୍ଧ ଭିକ୍ଷୁ କେବେ ଥିଲ, କିନ୍ତୁ ଲାମା ଧର୍ମର ଦୀକ୍ଷା ମୁଁ ତୁମକୁ ଦେଇଥିଲି। ଏହାକୁ ଭୁଲିଯିବା ଉଚିତ୍ ନୁହେଁ। ଏବେ ତୁମେ ପଚିଶ ବର୍ଷର ଯୁବକ ଅଟ। ଶହେ ଅଶୀ ବର୍ଷ ପୂର୍ବେ ତୁମେ ଲାମା ରୂପରେ ଶରୀର ତ୍ୟାଗ କରିଥିଲ ଓ ସେତେବେଳଠାରୁ ମୁଁ ତୁମକୁ ଖୋଜି ବୁଲୁଥିଲି। ତୁମର ପବିତ୍ର ଆତ୍ମା କେଉଁଆଡ଼େ ଚାଲିଗଲା। ତିବ୍ବତର ଆଧ୍ୟାତ୍ମିକ ବାତାବରଣକୁ ଛାଡ଼ିକରି ଶେଷରେ ତୁମେ ଏହି ରୂପରେ ମିଳିଗଲ।

ବୃଦ୍ଧଙ୍କର କଥା ସେ ଶୁଣୁଥିଲେ। ସେ କଣ କହିଲେ ? କାହିଁକି କହିଲେ ? ସେ କିଛି ବୁଝିପାରୁନଥିଲେ।

ହଠାତ୍ ସେ ବୃଦ୍ଧ ଲାମା କମଳେଶ୍ୱରଙ୍କ ଠିକ୍ ସମ୍ମୁଖରେ ଭୂମି ଉପରେ ପଦ୍ମାସନ ମୁଦ୍ରାରେ ବସି ପଡ଼ିଲେ ଓ ନିଜର ଅଙ୍ଗୁଳିରେ ତାଙ୍କ ମସ୍ତକକୁ ସ୍ପର୍ଶ କଲେ ଓ ସ୍ପର୍ଶ କରିବା ସଙ୍ଗେ ସଙ୍ଗେ କମଳେଶ୍ୱର ମହାଶୟ ସେହି ବୃଦ୍ଧ ଲାମାଙ୍କ ଚରଣରେ ନଇଁ ପଡ଼ିଲେ ଓ ତାଙ୍କ ଚକ୍ଷୁରୁ ଅବିରତ ଅଶ୍ରୁଧାରା ବୋହିବାକୁ ଲାଗିଲା। ଶେଷରେ ଧଇଁସଇଁ ହୋଇ କାନ୍ଦି କାନ୍ଦି ଅବରୁଦ୍ଧ କଣ୍ଠରେ କମଳେଶ୍ୱର କହିବାକୁ ଲାଗିଲେ, ଆଗକୁ କଣ ହେବ ଗୁରୁଦେବ ?

ହେବ କ'ଣ, ନିଜ ସ୍ଥାନକୁ ଚାଲ - ଗମ୍ଭୀର ସ୍ୱରରେ ଲାମା କହିଲେ।

କିନ୍ତୁ କିପରି ? ଏତେ ଦୁର୍ଗମ ଓ କଠିନ ହିମଯାତ୍ରା ମୁଁ କିପରି କରିପାରିବି ? ଏହା ଶୁଣି ହୋ ହୋ କରି ଲାମା ହସିଲେ, ପୁଣି ଗମ୍ଭୀର ସ୍ୱରରେ କହିଲେ - ଆକାଶ ମାର୍ଗରେ। ତୁମେ ନିଜର ଚକ୍ଷୁ ମୁଦ୍ରିତ କର ଓ ମୋ କୋଳେରେ ଆସୀନ ହୁଅ।

ସେପରି କମଳେଶ୍ୱର କଲେ। ଗୋଟିଏ ଶିଶୁ ପରି ଚକ୍ଷୁ ମୁଦ୍ରିତ କରି ଲାମାଙ୍କ କୋଳରେ ବସିଗଲେ। ତା'ପରେ ତାଙ୍କର କୌଣସି ବାହ୍ୟ ଜ୍ଞାନ ରହିଲା ନାହିଁ।

**ଆକାଶ ମାର୍ଗରେ ତିବ୍‌ବତ ଗମନ :-**

ପ୍ରାୟ ଏକଘଣ୍ଟା ପରେ କମଳେଶ୍ୱରଙ୍କୁ ଚକ୍ଷୁ ଉନ୍ମୀଳନ କରିବାର ଆଦେଶ ମିଳିଲା ଓ ଯେତେବେଳେ ଆଖି ଖୋଲିଲେ ଆଶ୍ଚର୍ଯ୍ୟଚକିତ ରହିଗଲେ। ସେ ତିବ୍‌ବତର ଗୋଟିଏ ଅତି ଦୁର୍ଗମ ପ୍ରଦେଶରେ ଥିଲେ। ମୁଣ୍ଡ ଘୁରାଇ ଚାରିଆଡକୁ ଦେଖିଲେ କିନ୍ତୁ ତାଙ୍କର ଯେଉଁ ଲାମାଗୁରୁଙ୍କ ସହିତ ସେ ଆକାଶମାର୍ଗରେ ଆସିଥିଲେ - ସେ କେଉଁଠାରେ ଦେଖିବାକୁ ମିଳିଲେ ନାହିଁ। କମଳେଶ୍ୱରଙ୍କୁ ଆଶ୍ଚର୍ଯ୍ୟ ଲାଗିଲା। ସେହି ହିମ ପ୍ରଦେଶରେ ସେ ସେତେବେଳେ ଏକାକୀ ଥିଲେ। ଚାରିଆଡ଼େ ବାତାବରଣରେ ଖୁବ୍ ନିସ୍ତବ୍‌ଧତା ଖେଳି ଯାଇଥିଲା। ଅଜାଣତରେ ଭାବି ଭାବି ଧୀରେ ଧୀରେ କମଳେଶ୍ୱର ଗୋଟିଏ ଦିଗକୁ ବଢ଼ିବାକୁ ଲାଗିଲେ।

**ସେହି ରହସ୍ୟମୟ ହିମଗୁମ୍ଫା ଓ ପଦ୍ମାସୀନ ମୃତକାୟା:-**

ବହୁ ସମୟ ଚାଲିବା ପରେ କମଳେଶ୍ୱରଙ୍କୁ ଗୋଟିଏ ଗୁମ୍ଫା ଦେଖାଗଲା। ଗୁମ୍ଫାର ଦ୍ୱାର ବହୁତ ଛୋଟ ଥିଲା। କିନ୍ତୁ ଅତି ସହଜରେ ଜଣେ ବ୍ୟକ୍ତି ତା ମଧ୍ୟରେ ପ୍ରବେଶ କରିପାରୁଥିଲା। ସେ ଗୁମ୍ଫା ସମ୍ମୁଖରେ ଠିଆ ହୋଇ ଚିନ୍ତା କଲେ ଯେ ଗୁମ୍ଫା ମଧ୍ୟରେ ପ୍ରବେଶ କରିବେ କି ନ କରିବେ ଓ ସେତେବେଳେ ଅଚାନକ ଗୋଟିଏ ବରଫ ତୋଫାନ ଆସିଲା ଓ କମଳେଶ୍ୱରଙ୍କୁ ଉଡାଇ ନେଇଗଲା। କମଳେଶ୍ୱର ବେହୋସ ହୋଇଗଲେ ଓ ଯେତେବେଳେ ତାଙ୍କର ହୋସ ଆସିଲା ସେ ଦେଖିଲେ ତାଙ୍କର ସମଗ୍ର ଶରୀର ବରଫରେ ଢ଼ାଙ୍କି ହୋଇଯାଇଛି ସେ ତାକୁ ଦେଖୁଛନ୍ତି। ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ। ସେ ଆଶ୍ଚର୍ଯ୍ୟ ଓ କୌତୁହଳ ସହିତ ଦେଖୁଥିଲେ ଯେ ସେ ତାଙ୍କ ଶରୀରଠାରୁ ପୃଥକ୍ ହୋଇଯାଇଥିଲେ ? କ'ଣ ସେ ତୋଫାନରେ ପଶି ମରି ଯାଇଥିଲେ ? ହଁ, ମରି ଯାଇଥିଲେ। ଶରୀର ସହିତ ଏବେ ତାଙ୍କର କୌଣସି ସମ୍ପର୍କ ନ ଥିଲା। କିନ୍ତୁ ନିଜ ମଧ୍ୟରେ କୌଣସି ପ୍ରକାରର ପରିବର୍ତ୍ତନ ହୋଇନଥିଲା। କିନ୍ତୁ କମଳେଶ୍ୱର ଅଧିକ ହାଲୁକା ଅନୁଭବ କରୁଥିଲେ। ହଠାତ୍ ତାଙ୍କୁ ସେହି ଗୁମ୍ଫା ବିଷୟ ମନେ ପଡ଼ିଲା । କିଛି ସମୟ ପରେ ସେ ଗୁମ୍ଫା ସମ୍ମୁଖରେ ପହଞ୍ଚିଗଲେ ଓ କୌଣସି ଅଜ୍ଞାତ ପ୍ରେରଣାର ବଶୀଭୂତ ହୋଇ ତା' ଭିତରକୁ ଚାଲିଗଲେ ଓ କିଛି ଦୂର ଯିବା ପରେ ପଥର ବେଦୀ ଉପରେ ପଦ୍ମାସନ ମୁଦ୍ରାରେ ମହାତ୍ମାଙ୍କୁ ବସିଥିବାର ଦେଖିଲେ।

ସେହି ମହାତ୍ମାଙ୍କୁ ଦେଖି ସେ ଘୋର ଆଶ୍ଚର୍ଯ୍ୟ ହୋଇଗଲେ। ସେ ମହାତ୍ମା ଅନ୍ୟ କେହି ନଥିଲେ ସ୍ୱୟଂ ସେ ହିଁ ଥିଲେ। ପାଷାଣ ବେଦୀ ଉପରେ ପଦ୍ମାସନ ମୁଦ୍ରାରେ ବସିଥିଲେ, ଶହେ ଅଶୀ ବର୍ଷ ପୂର୍ବେ ସେ ସେହି ଶରୀରକୁ ତ୍ୟାଗ କରିଥିଲେ ଓ ସେହି ସମୟଠାରୁ ତାଙ୍କର ସେହି କାୟା ମୃତବତ୍ ଅବିକଳ ବସି ରହିଥିଲା।

ନିଜର ପୂର୍ବ ମୃତ କାୟାକୁ ଦେଖି କମଳେଶ୍ୱାଙ୍କ ଆତ୍ମା ଏକଦମ୍ ବିହ୍ୱଳ ହୋଇଉଠିଲା ଓ ପ୍ରବଳ ଆକର୍ଷଣର ବଶୀଭୂତ ହୋଇ ସେହି ମୃତ କାୟାରେ ପ୍ରବେଶ କରିଗଲେ ଓ ତା' ସହିତ ସେହି ମୃତକାୟା ପୁନର୍ଜୀବିତ ହୋଇଉଠିଲା। ଯାହା ଭିତରେ କମଳେଶ୍ୱରଙ୍କର ନୁହେଁ ଜଣେ ମହାନ୍ ଯୋଗୀଙ୍କର ଯାହାଙ୍କର ଏକଶହ ଅଶୀବର୍ଷ ପୂର୍ବେ ଗୁରୁ ପ୍ରଦତ୍ତ ନାମ ଥିଲା ଚୈତନ୍ୟପ୍ରଜ୍ଞ।

**ଚୈତନ୍ୟପ୍ରଜ୍ଞର ଦୀର୍ଘ ଆୟୁ ସମ୍ପନ୍ନ ଲାମାଗୁରୁ :-**

କମଳେଶ୍ୱରଙ୍କୁ ନିଜ ସହିତ ରହସ୍ୟମୟ ଢ଼ଙ୍ଗରେ ଯେଉଁ ଲାମା ତାଙ୍କର ଗୁରୁ ବତାଇ ତିବ୍‌ବତ ନେଇ ଯାଇଥିଲେ ସେହି ଲାମା ନିଶ୍ଚୟ ଦୀର୍ଘ ଆୟୁ ସମ୍ପନ୍ନ ଜଣେ ପରମ ସିଦ୍ଧ ଯୋଗୀ ଥିଲେ। ଅନେକ ପ୍ରକାରର ଜଡ଼ି ବୁଟି ବିଷୟରେ ଜ୍ଞାନ, ଅନେକ ପ୍ରକାରର ରସ ରସାୟନର ପଣ୍ଡିତ ଓ ତନ୍ତ୍ର ବିଦ୍ୟାର ମର୍ମଜ୍ଞ ସେ ଥିଲେ, ଏହା ବ୍ୟତୀତ ଶଲ୍ୟକ୍ରିୟା ଦ୍ୱାରା କୌଣସି ଯୋଗ୍ୟ ଓ ସଂସ୍କାର ସମ୍ପନ୍ନ ବ୍ୟକ୍ତିର ତୃତୀୟ ନେତ୍ର ଖୋଲିବାର ରହସ୍ୟ ମଧ୍ୟ ସେ ଜାଣିଥିଲେ। ତିବ୍‌ବତର କେତେକ ଲାମାଙ୍କର ତୃତୀୟ ନେତ୍ର ସେ ନିଜର ରହସ୍ୟମୟୀ ଶଲ୍ୟକ୍ରିୟା ଦ୍ୱାରା ଖୋଲି ପାରିଥିଲେ। ତନ୍ତ୍ର ବିଦ୍ୟା ବ୍ୟତୀତ ଯୋଗର କେତେ ଦୁର୍ଲ୍ଲଭ ସିଦ୍ଧି ମଧ୍ୟ ଉପଲବ୍‌ଧି କରିପାରିଥିଲେ। ତାହାର ସହାୟତାରେ ପରକାୟା ପ୍ରବେଶ, ଆକାଶ ଗମନ ଇତ୍ୟାଦି ଅସମ୍ଭବ କାର୍ଯ୍ୟ ସେ କେବେକେବେ କରୁଥିଲେ। ତାଙ୍କର ଅଦ୍ଭୁତ ନାମ ଥିଲା ଯାହାକି ମୁଁ ଭୁଲି ଯାଇଅଛି। ଏଠାରେ ମୁଁ ତାଙ୍କୁ ଲାମା ଯୋଗୀ ନାମରେ ସମ୍ବୋଧନ କରିବି।

**ବୌଦ୍ଧ ଭିକ୍ଷୁ କୈବଲ୍ୟ ରକ୍ଷିତ ଓ ଲାମା ଯୋଗୀ:-**

ଏ ସେହି ସମୟର ବିଷୟ ଯେତେବେଳେ ଭାରତରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରବେଶ କରି ସାରିଥିଲା ଓ ଭାରତର ଆଧ୍ୟାତ୍ମିକ ବାତାବରଣରେ ଯୁଦ୍ଧର ବାଦଲ ଘୋଟି ଆସୁଥିଲା। ଚାରିଆଡ଼େ ଅଶାନ୍ତି ଓ ତ୍ରାହି ତ୍ରାହି ଡ଼ାକ ଶୁଭୁଥିଲା। ସେହି ସମୟରେ କାଲିଂପଙ୍ଗ୍ ମାର୍ଗଦେଇ ତିନିଜଣ

ଲାମା ତିବ୍‌ବତରୁ ପଦଯାତ୍ରା କରି ଭାରତରେ ପ୍ରବିଷ୍ଟ ହେଲେ । ତାଙ୍କ ମଧ୍ୟରେ ଜଣେ ଲାମା ଯୋଗୀ ମଧ୍ୟ ଥିଲେ । ସେହି ତିନିଜଣ ଲାମା ଯୋଗୀଙ୍କର ସମ୍ବନ୍ଧ, ନା ଇଷ୍ଟ ଇଣ୍ଡିଆ କମ୍ପାନୀ ସହିତ ଥିଲା ନା ଇଂରେଜମାନଙ୍କର ସହିତ ଥିଲା ନା ଭାରତର ଗୃହଯୁଦ୍ଧ ସହିତ ଥିଲା ସେମାନଙ୍କର ସମ୍ବନ୍ଧ ଭଗବାନ ତଥାଗତଙ୍କ ବତାଇଥିବା ସିଦ୍ଧାନ୍ତ ଉପଦେଶ ସହିତ ଥିଲା । ସେମାନେ ପ୍ରଥମେ କୁଶୀନଗର ଗଲେ । ସେଠାରେ କିଛି ସମୟ ବ୍ୟତୀତ କରିବା ପରେ ବୌଦ୍ଧଗୟାରେ ଦୁଇବର୍ଷ ରହିଲେ ଓ ସେଠାରୁ ଆସି ଭଗବାନ ତଥାଗତଙ୍କର ତପସ୍ୟାସ୍ଥଳ ଓ ଧର୍ମଚକ୍ର ପ୍ରବର୍ତ୍ତନ ସାରନାଥ ଗଲେ । ସାରନାଥରେ ସେ ତିନିଜଣଙ୍କୁ ବହୁତ ଶାନ୍ତି ମିଳିଲା, ସେମାନଙ୍କର ଆତ୍ମା ଯାହା ଚାହିଁଥିଲା ତାହା ସେମାନେ ଉପଲବ୍ଧି କରିବାକୁ ଲାଗିଲେ । ସାରନାଥର ଚତୁର୍ଦ୍ଦିଗରେ ମାଇଲ ମାଇଲ ଧରି ଘନ ଜଙ୍ଗଲ ଥିଲା, କେତେକ ବୌଦ୍ଧ ସନ୍ନ୍ୟାସୀଙ୍କର କୁଟୀର ସେହି ଜଙ୍ଗଲରେ ଥିଲା । ସେମାନେ ସେଥିରେ ରହି ସାଧନା କରୁଥିଲେ ।

ଏହିପରି ଗୋଟିଏ କୁଡ଼ିଆ ଘରେ ଜଣେ ଯୁବକ ବୌଦ୍ଧ ସନ୍ନ୍ୟାସୀ ରହୁଥିଲେ, ନାମ ଥିଲା କୈବଲ୍ୟ ରକ୍ଷିତ, ସେ ସୁନ୍ଦର ଯୁବକ ଥିଲେ । ଲମ୍ବା, ଚୌଡ଼ା, ପତଳା ଶରୀର, ଗୌରବର୍ଣ୍ଣ ଲଣ୍ଡିତ ମସ୍ତକ, ତେଜସ୍ୱୀ ମୁଖମଣ୍ଡଳ, ବଡ଼ବଡ଼ ନେତ୍ର ଓ ଶରୀରରେ ଗେରୁଆ ବସ୍ତ୍ର ଥିଲା ।

ଦିନେ ଲାମା ଯୋଗୀଙ୍କର ଦୃଷ୍ଟି କୈବଲ୍ୟ ରକ୍ଷିତ ଉପରେ ପଡ଼ିଲା, ସେହି ତାନ୍ତ୍ରିକ ଯୋଗୀ ଦେଖୁ ଦେଖୁ ରହିଗଲେ । ବୋଧହୁଏ ଏପରି ସୁଦର୍ଶନ ବ୍ୟକ୍ତିତ୍ୱ କେବେହେଲେ ସେ ଦେଖି ନଥିଲେ ।

ଯେତେବେଳେ କୈବଲ୍ୟ ରକ୍ଷିତ ଜାଣିଲେ ସେହି ଲାମା ଯୋଗୀ ସିଦ୍ଧ ପୁରୁଷ ଅଟନ୍ତି ଓ ନିଜର ଦୁଇଜଣ ସାଥିଙ୍କୁ ନେଇ ତିବ୍‌ବତରୁ ସେଠାକୁ ଆସିଛନ୍ତି– ସେ ତାଙ୍କ ଆଡ଼କୁ ଆକର୍ଷିତ ନ ହୋଇ ରହି ପାରିଲେ ନାହିଁ । ସେ କେବେ ସ୍ୱପ୍ନରେ ମଧ୍ୟ କଳ୍ପନା କରି ନଥିଲେ ଯେ ଜୀବନରେ ତିବ୍‌ବତର କୌଣସି ମହାତାନ୍ତ୍ରିକ ଓ ସିଦ୍ଧଯୋଗୀଙ୍କ ସହିତ ତାଙ୍କର ସାକ୍ଷାତ ହେବ । କୈବଲ୍ୟ ରକ୍ଷିତ ନିଜର କୁଟୀରକୁ ସେହି ତିନି ଲାମାଙ୍କୁ ସାଦରେ ଆମନ୍ତ୍ରିତ କରି ମହୁ, ଗୁଡ଼ ଓ ଦହି ସହିତ ସ୍ୱାଗତ କଲେ । ସେହି ଦିନଠାରୁ ଲାମା ଯୋଗୀ ଓ କୈବଲ୍ୟ ରକ୍ଷିତଙ୍କ ମଧ୍ୟରେ ଧିରେ ଧିରେ ପ୍ରଗାଢ଼ତା ବଢ଼ିବାକୁ ଲାଗିଲା । ପୁରା ପରିବାରଠାରୁ ଆଜ୍ଞା ନେଇ କୌଣସି ବ୍ୟକ୍ତି ବୌଦ୍ଧ ସନ୍ନ୍ୟାସ ଗ୍ରହଣ କରିଥାଏ । ଦିନେ ଅବସର ଦେଖି ଲାମା ଯୋଗୀ କୈବଲ୍ୟରକ୍ଷିତଙ୍କୁ ପଚାରିଲେ – କ'ଣ ତୁମେ ପରିବାରଠାରୁ ଆଜ୍ଞା ନେଇ ସନ୍ନ୍ୟାସ ଗ୍ରହଣ କରିଅଛ ? ଏହା ଶୁଣି କୈବଲ୍ୟ ରକ୍ଷିତ କିଛି ସମୟ ମୌନ ରହି ଧୀର ଅଥଚ ଗମ୍ଭୀର ସ୍ୱରରେ କହିଲେ – ପରିବାରରେ ଭଲା ମୋର କିଏ ଅଛି ଯାହାଠାରୁ ଆଜ୍ଞା ନେବି । ଶେଷରେ ମା ଜୀବିତ ଥିଲେ ଓ ଯେତେବେଳେ ତାଙ୍କର ମୃତ୍ୟୁ ହେଲା ଚିତାର ଅଗ୍ନିରେ ତାଙ୍କର ଶବକୁ ଜଳୁଥିବାର ଦେଖି ମନରେ ବୈରାଗ୍ୟ ଉତ୍ପନ୍ନ ହେଲା । ପୁଣି ଶ୍ମଶାନରୁ ଘରକୁ ନଫେରି ସିଧା ଏଠିକୁ ଚାଲି ଆସିଲି ଓ ସନ୍ନ୍ୟାସ ନେଇନେଲି ।

କାହାକୁ ସନ୍ନ୍ୟାସର ଗୁରୁ କରିଥିଲ ? କାହାଠାରୁ ସନ୍ନ୍ୟାସ ନେଇଥିଲ ? – ଲାମା ଯୋଗୀ ପ୍ରଶ୍ନ କଲେ ।

କାହାଠାରୁ ନୁହେଁ, କାହାରିକୁ ନିଜର ଗୁରୁ ମୁଁ କରି ନଥିଲି । ମୋର କଳ୍ପନାରେ ଯଦି କେହି ଗୁରୁ ଥିଲେ ସେ ଥିଲେ ସ୍ୱୟଂ ଭଗବାନ ତଥାଗତ – ଏକା ନିଶ୍ୱାସରେ ଏସବୁ କହିଗଲେ, କୈବଲ୍ୟ ରକ୍ଷିତ ଓ ପୁଣି ମୁଣ୍ଡ ନୁଆଁଇ କ'ଣ ଚିନ୍ତା କରିବାକୁ ଲାଗିଲେ । କିନ୍ତୁ ଦୀକ୍ଷା ପ୍ରାପ୍ତ ନକରି ସନ୍ନ୍ୟାସ ମାର୍ଗରେ ଚାଲିବା ଧର୍ମର ବିରୋଧ ଅଟେ । ତୁମକୁ ଦୀକ୍ଷା ନେବା ଉଚିତ୍ – ଲାମା ଯୋଗୀ ଗମ୍ଭୀର ସ୍ୱରରେ କହିଲେ ।

ଆପଣ ହିଁ ଦୀକ୍ଷା ଦେଇ ଦିଅନ୍ତୁ । ଆପଣଙ୍କଠାରୁ ଅଧିକ ଯୋଗ୍ୟ ଗୁରୁ ମୋତେ କେଉଁଠାରୁ ମିଳିବେ ? ମୁଣ୍ଡ ଉଠାଇ ଲାମା ଯୋଗୀଙ୍କ ଆଡକୁ ସ୍ଥିର ଦୃଷ୍ଟିରେ ଅନାଇ କୈବଲ୍ୟ ରକ୍ଷିତ କହିଲେ ।

ଠିକ୍ ଅଛି । ତୁମକୁ ମୁଁ ଦୀକ୍ଷା ଦେବି କିନ୍ତୁ ତୁମକୁ ତିବ୍‌ବତ ମୋର ମଠକୁ ମୋ ସହିତ ସେଥିପାଇଁ ଯିବାକୁ ପଡ଼ିବ ।

କହିବାର ଆବଶ୍ୟକତା ନାହିଁ ଚାରି ପାଞ୍ଚ ମାସ ପରେ ତିନିଜଣ ଲାମାଙ୍କ ସହିତ ସେହି ଯୁବକ ବୌଦ୍ଧ ସନ୍ନ୍ୟାସୀ ତିବ୍‌ବତର ଜୀବନ – ମରଣ ଦାୟିନୀ ହିମଯାତ୍ରାରେ ବାହାରି ପଡ଼ିଲେ ।

*ତୃତୀୟ ନୟନ*

*ଲେ – ପଣ୍ଡିତ ଅରୁଣ କୁମାର ଶର୍ମା*

# ପୂର୍ଣ୍ଣମୀ ଜହ୍ନର ତମିସ୍ରା

ବୀରେଶ୍ୱର ମହାନ୍ତି

ନଟବାବୁଙ୍କର ରାଜନୀତି ଚର୍ଚ୍ଚାରେ ବିଶେଷ ଆଗ୍ରହ । ଏମିତିରେ ବି ସେ ରାଜନୀତି ବିଜ୍ଞାନ ଛାତ୍ର । କେବଳ ଆଜିର କଥା ନୁହଁ, କଲେଜରେ ଅଧ୍ୟୟନ କରିବା ସମୟରୁ ସାଙ୍ଗସାଥି ମହଲରେ ଦେଶ ବିଦେଶର ରାଜନୈତିକ ଅବସ୍ଥାର ଆଲୋଚନା, ପର୍ଯ୍ୟାଲୋଚନା, ତର୍ଜମା କରିବାକୁ ସେ ସଦାସର୍ବଦା ପସନ୍ଦ କରିଆସିଛନ୍ତି । ତେବେ ଚାକିରିରୁ ଅବସର ଉପରାନ୍ତେ ସମୟର ପ୍ରାଚୁର୍ଯ୍ୟତା ହେତୁ ସେ ଆଗ୍ରହ ଏବେ ପ୍ରଗାଢ଼ ନିଶାରେ ପରିବର୍ତ୍ତିତ ହୋଇ ସାରିଛି । ଥରେ ରାଜନୀତି ସମ୍ପର୍କୀୟ ତର୍କ ବିତର୍କରେ ମାତିଗଲେ, ବାବୁଙ୍କୁ ସମୟ ମାଲୁମ୍ ପଡ଼େନା । ବିଭିନ୍ନ ପ୍ରକାରର ତଥ୍ୟ, ଉଦାହରଣ ଉପସ୍ଥାପିତ କରି ସେ ନିଜସ୍ୱ ମତକୁ ସାବ୍ୟସ୍ତ କରିବାକୁ ଯଥାସମ୍ଭବ ପ୍ରୟାସ କରିଚାଲନ୍ତି। ଏଥିପାଇଁ ସମୟ ସମୟରେ ବନ୍ଧୁମାନଙ୍କ ସହ ବାକ୍‌ବିତଣ୍ଡାର ସମ୍ମୁଖୀନ ହେବାକୁ ପଡ଼ିଲେ ମଧ୍ୟ ତହିଁକୁ ସେ ପଶ୍ଚାତ୍‌ପଦ ହୁଅନ୍ତିନାହିଁ ।

ଏବେ ଦେଶର ସାଧାରଣ ନିର୍ବାଚନ ପାଇଁ ସମୟ ଆସନ୍ନ ହୋଇଥିବାରୁ ସମ୍ବାଦପତ୍ର, ଦୂରଦର୍ଶନ ତଥା ସାମାଜିକ ଗଣମାଧ୍ୟମ ରାଜନୀତି ସଂକ୍ରାନ୍ତୀୟ ଆଲୋଚନାରେ ବେଶ୍ ମୁଖର । ନଟବାବୁ ଦିନସାରା ସମ୍ବାଦପତ୍ର, ଟିଭି, ମୋବାଇଲ୍‌ରେ ବିଭିନ୍ନ ପ୍ରକାର ରାଜନୈତିକ ବିଶ୍ଳେଷଣକୁ ଅନୁଧ୍ୟାନ କରିବାପରେ ବନ୍ଧୁମାନଙ୍କ ମେଳରେ ସାୟଂ କାଳୀନ ଆସରରେ ଯୋଗଦାନ କରି ରାଜନୀତି ଚର୍ଚ୍ଚାକୁ ଲମ୍ଫ ପ୍ରଦାନ କରନ୍ତି । କଥା କଥାକେ ରାଜନୈତିକ ଦଳମାନଙ୍କର ମାଳମାଳ ଅବାସ୍ତବ ନିର୍ବାଚନ ପ୍ରତିଶ୍ରୁତିର ଘୋର ବିରୋଧ କରନ୍ତି । ତାଙ୍କ ମତରେ ନେତାଏ ଭାବନ୍ତି, ଯାହା ଯେମନ୍ତ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ଅତିକ୍ରମ କରିଗଲେ ଯାଏ । ପାଞ୍ଚବର୍ଷ ପରେ ଯାଇ ଯେଉଁ କଥା । ପୁରୁଣା କଥାଗୁଡ଼ାକ ଆଉ କିଏ ମନେ ରଖିଥିବ ଯେ ! ପୁଣି ଥାକେ ନୂଆ ପ୍ରତିଶ୍ରୁତି ଦେଇ ନିର୍ବାଚନ ମଇଦାନରେ ଉଭା ହୋଇଯିବେ ।

ଦିନେଦିନେ ଏ ଛଳଛନ୍ଦମ, ପେଞ୍ଚପାଞ୍ଚ କରୁଥିବା ରାଜନୈତିକ ନେତାମାନଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରି ନଟବାବୁ କହନ୍ତି, ଏମାନଙ୍କର ହେଙ୍ଗଡ଼ାମିପୂର୍ଣ୍ଣ କାର୍ଯ୍ୟକଳାପ ପାଇଁ କ'ଣ କିଛି ଶାସ୍ତି ବିଧାନର ବିଧି ବ୍ୟବସ୍ଥା ନାହିଁ । ସାମାନ୍ୟ ମାତ୍ର ଅପରାଧ ପାଇଁ ଲୋକେ କାରାଗାର ଦଣ୍ଡ ଭୋଗୁଥିବା ବେଳେ ଦିନ ଦ୍ୱିପ୍ରହରରେ କୋଟି କୋଟି ଟଙ୍କା କାର୍ଯ୍ୟର ମିଥ୍ୟା ପ୍ରତିଶ୍ରୁତି ଦେବା ପରେ ପାଳନ ନ କରି ସ୍ୱଚ୍ଛନ୍ଦରେ ଦାଣ୍ଡଘାଟରେ ଖୋଲାମଇଦାନରେ ନେତାଏ ବିଚରଣ କରୁଛନ୍ତି କିପରି ? ସମ୍ବିଧାନ, ମାନ୍ୟବର ନ୍ୟାୟାଳୟ, ତଥା ନିର୍ବାଚନ କମିଶନଙ୍କର ଏ ବାବଦର କ'ଣ କିଛି ଅଙ୍କୁଶ ନାହିଁ ? ନଟବାବୁଙ୍କର ଏମନ୍ତ ବକ୍ତବ୍ୟକୁ ଉପସ୍ଥିତ ବନ୍ଧୁମାନେ କରତାଳି ଦେଇ ସମର୍ଥନ ଦିଅନ୍ତି । ଥୋକେ ପୁଣି ଆଶ୍ଚର୍ଯ୍ୟ ପ୍ରକଟ କରି କହନ୍ତି – ନଟବାବୁ ତମେ ଏତେ ଇଲମ କେଉଁଠୁ ଯୋଗାଡ଼ କଲ କିହେ ?

କଥା ଅତ୍ର ସମାପ୍ତ ହୁଏ ନାହିଁ । ଗଣତନ୍ତ୍ର ମହାପର୍ବରେ ଭୋଟଦାନ କରିବା ସମସ୍ତ ମତଦାତାଙ୍କର ଜାତୀୟ କର୍ତ୍ତବ୍ୟ ବୋଲି କଥା ଛଳରେ ନଟବାବୁ ବାରମ୍ବାର ବନ୍ଧୁମାନଙ୍କୁ ଚେତେଇ ଦିଅନ୍ତି । ଭୋଟ ନ ଦେବା ଅର୍ଥ ଗଣତନ୍ତ୍ରର ଅହିତ ସାଧନ କରିବା ସହ ସମାନ ବୋଲି ସୂଚେଇ ଦିଅନ୍ତି । ଭୋଟ ସମୟ ଯେତେ ନିକଟ ହୋଇ ଆସୁଛି, ନଟବାବୁଙ୍କର ଆଗ୍ରହ, ଉତ୍କଣ୍ଠା ସମପରିମାଣରେ ବୃଦ୍ଧି ପାଇଚାଲିଛି । ଖଟିରେ, ବାଟରେଘାଟରେ ଯାହାକୁ ଭେଟିଲେ ବି ଗଣତନ୍ତ୍ରର ଦୁହି ଦେଇ ଭୋଟ ଦେବା ପାଇଁ ପ୍ରବର୍ତ୍ତାନ୍ତି । ଏବେ ନଟବାବୁଙ୍କୁ ଆଉ ଏକ ନିଶା ଘାରିଛି । ନିଜ ବାସଗୃହ ନିକଟରେ ଥିବା ବସ୍ତି ବାସିନ୍ଦାମାନଙ୍କୁ ମଝିରେମଝିରେ ଭେଟି ନିଶ୍ଚୟ ଭୋଟ ଦେବା ପାଇଁ ପରାମର୍ଶ ଦିଅନ୍ତି । ତାଙ୍କର ଏତାଦୃଶ କାର୍ଯ୍ୟ ପାଇଁ ସାଇପଡ଼ିଶାଏ ତାଙ୍କୁ ଭୋଟ-ଭାଟ ଉପାଧିରେ ଭୂଷିତ କରିସାରିଲେଣି ।

ବାହାର କଥା କିସ ବର୍ଣ୍ଣିବା, ଘର ମଧ୍ୟରେ ମଧ୍ୟ ସେଇ ସମାନ ଅବସ୍ଥା । ଦିବାନିଶି ଟିଭିରୁ ରାଜନୀତି ଖବର ଦେଖୁଦେଖୁ ମଝିରେ ମଝିରେ ନଟବାବୁ ସ୍ତ୍ରୀଙ୍କୁ କହନ୍ତି – "ହଇହେ ବୁଝିଲ, ଭୋଟ ଦିନ ସକାଳୁସକାଳୁ ଟିକେ ସଅଳ ପ୍ରସ୍ତୁତ ହୋଇଯିବ ଯେ, ଗହଳି ପୂର୍ବରୁ ଯାଇ ସୁରୁଖୁରୁରେ ଭୋଟ ଦେଇ ଆସିବା । ବେଳ ଉଛୁର ହେଲେ ତାତି ବଢ଼ି ଯିବ ଯେ ! ଏବେ ତ ଆକାଶରୁ ଖାଲି ନିଆଁ ପିଣ୍ଡୁଳା ଖସୁଛି ବୋଲି ଜାଣ ।" ଘରଣୀ ଶୁଣି ନ ଶୁଣିଲା ପରି ହଁ ମାରି ତାଙ୍କ କାମରେ ଚାଲିଯାଆନ୍ତି । ମାତ୍ର ଦିନେଦିନେ ତାଙ୍କର ଧୈର୍ଯ୍ୟ ଚ୍ୟୁତି ଘଟେ । କେତେ ସେଇ ସମାନ କଥାକୁ ସବୁଦିନ ଶୁଣିବେ ଯେ ! ସେମିତି ଦିନଟେ ବିରକ୍ତିଆ ହୋଇ ସେ ଉଗାରି ପକେଇ କହିଲେ,- କେତେ ସେଇ ଗୋଟିଏ କଥା ପାଇଁ ହକହକ ହେଉଛ କିହେ ? ତମେ ଏକା ଭୋଟ ଦେଉଛ ପରା ! ସମୟ ଆସୁ, ନଇ ନ ଦେଖୁଣୁ ଲଙ୍ଗଳା କିଆଁ ?" ନିଜ ଭୁଲ ହେଜିପାରି ଶଙ୍କି ଗଲେ ନଟବାବୁ । ଭୋଟ କଥା ଗପିବା ଟିକେ ବହକା ହୋଇଗଲା କି

ଆଉ ! କାନ ମୁଣ୍ଡ ଆଉଁଶି ଗୁମ୍ ହୋଇ ବସିଗଲା ବେଳକୁ କାନରେ ମୋବାଇଲ୍ ଗୋଞ୍ଜି ଘର ଭିତରକୁ ପଶି ଆସିଲା ଝୁମୁରି । ଏଇ ଝୁମୁରି ତାଙ୍କ ସ୍ତ୍ରୀଙ୍କୁ ଘର କାମରେ ସାହାଯ୍ୟ କରେ । ହେଲେ କାମ ଯେତିକି, ମୋବାଇଲ୍‌ରେ ଗପ ତହିଁକୁ ବଳକା । ଝାଡୁପୋଛା, ବାସନମଜା ସମୟରେ ବି ମୋବାଇଲ୍ କାନରେ ଲାଖି ରହିଥାଏ । ତା'ରି ଭିତରେ ଘର କାମ ମଥା ଲାଗି ଯାଏ । ନଟବାବୁଙ୍କର କୋଉ ଖୋଇ ଛାଡୁଛି ଯେ ! ଝୁମୁରିକୁ ଦେଖୁଦେଖୁ କହି ପକେଇଲେ- ଝୁମୁରି, ଭୋଟ ଦେବାକୁ ଯିବୁ ତ' ? ତୋ ସାଙ୍ଗସାଥି ସମସ୍ତଙ୍କୁ ବି କହିବୁ ଭୋଟ ଦେବାକୁ ।"

ନଟବାବୁଙ୍କ କଥା ଶୁଣି ହସି ଦେଇ ଝୁମୁରି କହିଲା- "ଆମ ବସ୍ତିବାଲାଙ୍କ ପାଇଁ ତ ଭୋଟ । ବାବୁଭାୟାମାନେ କେଉଁଠି ଭୋଟ ଦେବାକୁ ଯାଆନ୍ତି ଯେ ! ଏଇ ଦେଖୁନ, ସହର ବଜାରରେ ଭୋଟ କେମିତି କମ୍ । ଗାଁ ଗହଳରେ ଭୋଟ କାହିଁରେ କେତେ । ଆରଥର ପରା ତମ ଆର୍ପାଟମେଣ୍ଟର ଅଧାରୁ ଅଧିକ ଲୋକ ଖରା ହେଉଛି କହି ଭୋଟ ଦେବାକୁ ଯାଇ ନାହାନ୍ତି । ଛୁଟି ପାଇଥିଲେ ବି ଭୋଟ ନ ଦେଇ ଘରେ ଶୋଇଲେ । ଆଉ ଆମେ ଭୋଟ ଦେବା ପାଇଁ ଓଳିଏ ଛୁଟି ମାଗିଲୁ ଯେ, କେତେ ଗରଗର ହେଲେ ତା'ର ଠିକଣା ନାହିଁ ।"

ଶକ୍ତ ଚାପୁଡ଼ାଟାଏ ଗାଲରେ ବସିଗଲା ପରି ଅନୁଭବ କରୁଥିଲେ ନଟବାବୁ । ହସିହସି ଖାମଖିଆଲି ଢ଼ଙ୍ଗରେ କେଡ଼େ କଥାଟିଏ ସରଳ ଭାବରେ କହିଦେଲା ଝୁମୁରି । ପାଠପଢ଼ା ଶିକ୍ଷିତ ଲୋକ ନୁହେଁ ବରଂ ଗାଁ ଗହଳିର ମଳିମୁଣ୍ଡିଆ ଲୋକେ ଗଣତନ୍ତ୍ରର ପ୍ରକୃତ ଜାଗ୍ରତ ପ୍ରହରୀ ବୋଲି ତାଙ୍କ ଆଖିରେ ଆଙ୍ଗୁଳି ଗୋଞ୍ଜି କହି ପକେଇଲା । ନଟବାବୁଙ୍କର ଉତ୍ତର ଫେରେଇବା ପାଇଁ କିଛି ଭାଷା ହିଁ ନ ଥିଲା । ସେ ଭଲ ଭାବରେ ଜାଣନ୍ତି, ଗତ ନିର୍ବାଚନରେ ତାଙ୍କ ଆପାର୍ଟମେଣ୍ଟର ଅର୍ଦ୍ଧାଧିକ ଲୋକ ବିଭିନ୍ନ ଆଳ ଦେଖାଇ ଭୋଟ ଦାନରୁ ବିରତ ରହିଥିଲେ । କାମ ସାରି ଝୁମୁରି ଗଲାବେଳେ ମୋବାଇଲ୍‌ରେ କାହାକୁ କହୁଥିଲା, ସଂଧ୍ୟାବେଳେ ସେ ନିର୍ବାଚନ ରାଲିରେ ଯୋଗଦାନ କରିବ ନିଶ୍ଚୟ ।

ନିର୍ବାଚନ ଆଉ ମାତ୍ର କୋଡ଼ିଏ ଦିନ ବାକି । ଇତି ମଧ୍ୟରେ ଭୋଟ ତାଲିକାରେ ପତି-ପତ୍ନୀ ଦୁହିଁଙ୍କର ନାମ ଦରଜ ଅଛି କି ନାହିଁ ଥରେ ନୁହେଁ ଦୁଇଥର ତନଖି କରି ଆସି ସାରିଲେଣି ନଟବାବୁ । ସବୁ କିଛି ଠିକ୍‌ଠାକ୍ ଅଛି, କେବଳ ମତଦାନ ଦିବସକୁ ଅପେକ୍ଷା । ଏ ସବୁ ମଧ୍ୟରେ ଏମିତି ଏକ ଘଟଣାଟିଏ ଘଟିଗଲା, ଯାହା ଥିଲା ତାଙ୍କ ଧାରଣାର ବାହାରେ । ଅପ୍ରତ୍ୟାଶିତ ସମ୍ବାଦଟିଏ ତାଙ୍କୁ ନିର୍ବାକ୍, ନିସ୍ପନ୍ଦ କରିଦେଇଥିଲା । ଭୋଟ ଦେବା ପାଇଁ ଉଦ୍‌ଗ୍ରୀବ ଥିବା ମନଟି ହଠାତ୍ ପାଣିଚିଆ ଧରି ଆସୁଥିଲା ।

ବିଷାଦିତ ମନ ନେଇ ଖୋଲା ଆକାଶକୁ ଅନ୍ୟମନସ୍କ ହୋଇ ଅନେଇ ରହିଥିଲେ ନଟବାବୁ । କଥା ଆଉ ତା'ଙ୍କ ଆୟତ୍ତରେ ନାହିଁ । କଥା କ'ଣ କି, ତାଙ୍କ ସ୍ତ୍ରୀଙ୍କ ସହ ପରାମର୍ଶ କରି ସେମାନଙ୍କ ପାଖକୁ ଯିବା ପାଇଁ ପିଲାଏ ଫ୍ଲାଇଟ୍ ଟିକେଟ୍ କରି ପଠେଇ ଦେଇଛନ୍ତି । ସେ ପୁଣି ନିର୍ବାଚନର ମାତ୍ର ଦଶ ଦିନ ପୂର୍ବରୁ । ପାଞ୍ଚବର୍ଷରେ ଥରେ ଭୋଟ ଦାନର ସୁଯୋଗ ହାତଛଡ଼ା ହୋଇଯାଉଛି । ଭୋଟ ନ ଦେଇ ପାରିବାର ଦୁଃଖ ସାଙ୍ଗକୁ ପିଲାଙ୍କ ପାଖକୁ ଯିବାର ଖୁସି ମିଶି ଗୋଳିଘାଣ୍ଟି ହୋଇ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହେଉଥିଲା । ତେବେ ଖୁସି ଅପେକ୍ଷା ଦୁଃଖର ମାତ୍ରା ଅଧିକ । ଟିକଟ ବାତିଲରେ ଅଯଥା ଲୋକସାନି । ଦ୍ୱନ୍ଦ୍ୱ ମଧ୍ୟରେ ବାଧ୍ୟ ହୋଇ ମନକୁ ବୁଝେଇ ନେଲେ - ଦରକାର ସମୟରେ ପିଲାଙ୍କ ପାଖକୁ ନ ଗଲେ ସେମାନେ ମନ ଊଣା କରିବେନି ?

ତଥାପି ଅନୁଶୋଚନା ତାଙ୍କ ପିଛା ଛାଡୁ ନ ଥିଲା । ବାଲ୍ୟବନ୍ଧୁ ରତ୍ନାକର ଏଥର ବିଧାନସଭା ପାଇଁ ଗୋଟିଏ ଜାତୀୟ ଦଳରୁ ପ୍ରାର୍ଥୀ ହୋଇଛନ୍ତି । ତାଙ୍କୁ ଭୋଟ ଦେବା ସହ ଆଉ କିଛି ଭୋଟ କରେଇ ଦେବା ପାଇଁ ସେ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି । ଏବେ ଏ ଗୋଲକଧନ୍ଦା ରେ ପଡ଼ି ସେ କରିବେ କ'ଣ ? ବହୁ ଭାବିଚିନ୍ତି ନିଷ୍ପତ୍ତି କଲେ, ବନ୍ଧୁମାନଙ୍କ ଅଗୋଚରରେ କାହାକୁ କିଛି  ନ କହି ଗୁପ୍ତରେ ପିଲାଙ୍କ ପାଖକୁ ଖସି ପଳେଇଯିବେ । ଯିଏ ଯାହା କାମରେ ତ ବ୍ୟସ୍ତ ଅଛନ୍ତି । ସେ ଭୋଟ ଦେଲେ କି ନାହିଁ କିଏ କେମିତି ଜାଣିବ ?

ନଟବାବୁ ଏବେ ନିଜ ସହର ଛାଡ଼ି ଚେନ୍ନାଇରେ ପିଲାଙ୍କ ପାଖରେ । ଭୋଟ ଦେବାର ଧାର୍ଯ୍ୟ ତାରିଖ ପାଇଁ ଆହୁରି ତିନି ଦିନ ବାକି । ମତଦାନର ସୁଯୋଗ ହରେଇଥିବାରୁ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ମାତ୍ର ନିଜ ମନର ଅବସ୍ଥା ପିଲାଙ୍କ ଆଗରେ ପ୍ରକାଶ କରିପାରୁନାହାନ୍ତି । କଥାରେ ଅଛି ଚାଷୀ ହୁଡ଼ିଲେ ବରଷେ, ଭୋଟର ହୁଡ଼ିଲେ ପାଞ୍ଚ ବରଷ । ଆଜି କଥା କାଲିକୁ ନାହିଁ । ପାଞ୍ଚ ବରଷ ଦେଖିଛି କିଏ ? ଏସବୁ ଭାବନା ଭିତରେ ଟିଭିରୁ ନିର୍ବାଚନ ଖବର ଦେଖି ଅରମାନ୍ ମେଣ୍ଟାଉଛନ୍ତି ନଟବାବୁ । ହଠାତ୍ ସେଲ୍ ଫୋନ୍ ବାଜି ଉଠିବାରୁ ଟିଭିରୁ ମୁହଁ ଫେରେଇ ଦେଖିଲେ, ବନ୍ଧୁ ରତ୍ନାକରର ଫୋନ୍ । ଅକଳିଆରେ ପଡ଼ିଗଲେ । ଫୋନ୍ ଧରିବେ ନା ନାହିଁ । ଦ୍ୱନ୍ଦ୍ୱ ମଧ୍ୟରେ ସ୍ୱତଃ ତାଙ୍କ ହସ୍ତ ପ୍ରସରିଗଲା ମୋବାଇଲ୍ ଆଡ଼କୁ - "ହାଲୋ..........।"

- "ଆରେ ନଟ, ମୁଁ ତୋ ଘର ଆଗରେ । ତୋ ଘର କ'ଣ ତାଲା ପଡ଼ିଛି ! କୁଆଡ଼େ ଯାଇଛୁ କି ?"

ଆକାଶରୁ ଯେମିତି ଖସି ପଡ଼ିଲେ ନଟ । ହୃଦ ସ୍ପନ୍ଦନର ଗତି ତୀବ୍ର ହେବା ସହ ପାଟି ଅଠା ମାରି ଗଲାଣି । ପେଟ ଭିତରଟା ଗୋଳେଇ ଘାଣ୍ଟି ହେଉଛି । କ'ଣ ଉତ୍ତର ଦେବେ ଭାବୁଭାବୁ ସହସା ନିଷ୍ପତ୍ତି କରିନେଲେ, ବନ୍ଧୁଙ୍କୁ ସତ କଥା ହିଁ କହିଦେବେ ।

- "ଗୋଟାଏ ଜରୁରୀ କାମରେ ମୁଁ ଚେନ୍ନେଇ ପଳେଇ ଆସିଛି ରେ ଭାଇ ।"

- "ମାନେ ତୁ ଭୋଟ ଦେବୁନି ? ତୋ ଭୋଟ ଖଣ୍ଡିକ ପାଇଁ ମୋର ବହୁତ ଆଶା ଥିଲାରେ ଭାଇ ।"

ରତ୍ନାକର ଫୋନ୍ ରଖିସାରିଥିଲେ ସିନା ମାତ୍ର ତାଙ୍କ କଥାଗୁଡାକ ନଟବାବୁଙ୍କ ଦେହରେ ଛୁଞ୍ଚ ପ୍ରାୟ ଫୋଡ଼ି ହୋଇଯାଉଥିଲା । କେବଳ ଗଣତନ୍ତ୍ର ମହାପର୍ବର ଅବମାନନା କାହିଁକି, ବନ୍ଧୁଙ୍କ ପ୍ରତି ଘୋର ବିଶ୍ୱାସଘାତ କରିଛନ୍ତି ବୋଲି ଯନ୍ତ୍ରଣାରେ ଆଉଟୁପାଉଟୁ ହେଉଥିଲେ । ଟିଭି ଆଡ଼କୁ ତାଙ୍କର ଧ୍ୟାନ ଆଉ ନାହିଁ । ବାପାଙ୍କର ମାନସିକ ଅବସ୍ଥା ହୃଦୟଙ୍ଗମ କରି ପିଲାଏ ବୁଝେଇ ଚାଲିଛନ୍ତି - "ଖଣ୍ଡିଏ ଭୋଟରେ କ'ଣ ହୋଇଯାଏ ଯେ ବାପା । ଏବେ ତମ ମନ ଯଦି ନ ମାନୁଛି, ତେବେ ଏଠୁ ଥାଇ ତମର ଚିହ୍ନା ପରିଚିତ ସମସ୍ତ ବନ୍ଧୁମାନଙ୍କୁ ରତ୍ନାକର ମଉସାଙ୍କୁ ଭୋଟ ଦେବା ପାଇଁ ଫୋନ୍‌ରେ ଅନୁରୋଧ କରୁନ । ତାହାଲେ ତମ ମନ ବୁଝିଯିବ ।"

ପିଲାଙ୍କ କଥା ମାନି ନଟବାବୁ ଯେତେଦୂର ସମ୍ଭବ ସମସ୍ତ ବନ୍ଧୁମାନଙ୍କୁ ରତ୍ନାକରଙ୍କୁ ଭୋଟ ଦେବା ପାଇଁ ଫୋନ୍ କରି ପ୍ରବର୍ତ୍ତାଇ ଚାଲିଲେ ସିନା ଭୋଟ ଦେଇ ନ ପାରିବା ଯୋଗୁଁ ମନ ମଧ୍ୟରେ ସୃଷ୍ଟି ହୋଇଥିବା ପୁଞ୍ଜିଭୂତ ଅବସୋସକୁ ପ୍ରଶମିତ କରିବା ପାଇଁ ସକ୍ଷମ ହୋଇ ପାରୁ ନ ଥିଲେ ।

ଭୋଟଦାନ କାର୍ଯ୍ୟ ସମାପ୍ତ ହୋଇସାରିଲାଣି । ଗଣତି ପୂର୍ବଦିନ ରାତ୍ରରେ ନଟଙ୍କ ଆଖିକୁ ନିଦ ନାହିଁ । ଦେଖୁଦେଖୁ ଫରଚା ପଡ଼ିଆସିଲାଣି । କାଉ ରାବିବା ମାତ୍ରେ ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ସମାପନରେ ଲାଗିପଡ଼ିଲେ ସେ । ଉଦ୍ଦେଶ୍ୟ, ଯେତେ ଶୀଘ୍ର ସମ୍ଭବ ଟିଭି ଆଗରେ ବସି ନିର୍ବାଚନ ଫଳାଫଳକୁ ଅନୁଧ୍ୟାନ ପୂର୍ବକ ମଜା ଉଠେଇବେ ।

ମଧ୍ୟାହ୍ନ ଭୋଜନ ସମୟ ହେଉହେଉ ନିର୍ବାଚନ ଫଳାଫଳ କ୍ରମେ ସ୍ପଷ୍ଟ ହେବାକୁ ଲାଗିଲା । ବନ୍ଧୁ ରତ୍ନାକର ମଧ୍ୟ ଭୋଟ ଗଣତିରେ ଆଗୁଆ ଅଛନ୍ତି । ଆଶ୍ୱସ୍ତ ହେଲେ ନଟ । ଭୋଟ ଦେଇ ନ ପାରିବାର ଅବସୋସ କ୍ରମେ ଅପସରି ଯାଉଛି । ଭୋଜନ ପରେ ସାମାନ୍ୟ ବିଶ୍ରାମ ପାଇଁ ସେ ଖଟ ଉପରକୁ ଉଠିଗଲେ । ଗତରାତ୍ରରେ ଭଲ ନିଦ୍ରା ହୋଇ ନ ଥିବା ଯୋଗୁଁ ଗଡୁଗଡୁ ଆଖି ପତା ଲାଗି ଯାଇଛି । ନିଘୋଡ଼ ନିଦରେ ଶୋଇଯାଇଛନ୍ତି । ମୋବାଇଲ୍ ଫୋନ୍ ବାଜି ନ ଥିଲେ ଆହୁରି ବେଶ୍ କିଛି ସମୟ ଶୋଇଯାଇଥାନ୍ତେ ସେ । କିନ୍ତୁ ମୋବାଇଲ୍ ଶବ୍ଦରେ କଞ୍ଚା ନିଦରୁ ଉଠିପଡ଼ିଲେଫ ଆଖି ମଳିମଳି ଦେଖିଲେ ବନ୍ଧୁ ଦୀନବନ୍ଧୁର ଫୋନ୍, ଯାହାକୁ ସେ ଦୁଇଦିନ ତଳେ ରତ୍ନାକରକୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ ।

– "ହାଲୋ ଦୀନବନ୍ଧୁ ....... ?"

– "ଆରେ ହାଲୋ କ'ଣ ? ଶଳା ତୋରି ପାଇଁ ଖାଲି ରତ୍ନାକର ହାରିଗଲା ବୋଲି ଜାଣେ ।"

କିଛି ବୁଝି ନ ପାରି ହାଲୋ, ହାଲୋ କହିଚାଲିଛନ୍ତି ନଟବାବୁ । ସେପଟୁ କିଛି ଉତ୍ତର ନାହିଁ । ଫୋନ୍ କଟିଯାଇଛି ବୋଧହୁଏ । ଧଡ଼ପଡ଼ ହୋଇ ଖଟରୁ ଉଠି ନଣ୍ଡଭଣ୍ଡ ହୋଇ ଟିଭି ପାଖକୁ ଧାଇଁଲେ ।

ସବୁ ଓଡ଼ିଆ ଚ୍ୟାନେଲ୍‌ରେ ସେଇ ଗୋଟିଏ ବିଶେଷ ଖବର– 'ମାତ୍ର ଖଣ୍ଡିଏ ଭୋଟରେ ପରାଜୟ ବରଣ କରିଛନ୍ତି ରତ୍ନାକର ବାବୁ ।'

ପାଦତଳୁ ମାଟି ଖସି ଯାଉଥିଲା ନଟବାବୁଙ୍କର । ମୁଣ୍ଡ ଚକ୍କର ମାରୁଥିଲା। ଆକାଶ ଯେମିତି ଘାଇଁଘାଇଁ ହୋଇ ଘୂରି ଚାଲିଛି । ଭାବୁଥିଲେ, କି ମାରାତ୍ମକ ତ୍ରୁଟି କରିପକେଇଲେ ସେ । ହୁଏତ ଏ ଭୁଲର ପ୍ରାୟଶ୍ଚିତ କରିବା ଏ ଜନ୍ମରେ ଆଉ ସମ୍ଭବ ହୋଇ ନ ପାରେ । ନିଜର ଅକ୍ଷମଣୀୟ ଅପରାଧ ପାଇଁ ନିଜକୁ ଦୋଷାରୋପ କରିବା ବ୍ୟତୀତ ତାଙ୍କ ପାଖରେ ଅନ୍ୟ କିଛି ପନ୍ଥା ନ ଥିଲା । ତାଙ୍କରି ଭୋଟ ଖଣ୍ଡକ ପାଇଁ ପରମ ମିତ୍ର ରତ୍ନାକରଙ୍କୁ ପରାଜୟର ଗ୍ଲାନି ବହନ କରିବାକୁ ପଡ଼ିଲା । ଏଇ ଖଣ୍ଡିଏ ଭୋଟ ହିଁ ବନ୍ଧୁଙ୍କର ସମସ୍ତ ଉଦ୍ୟମ ପରିଶ୍ରମ କୁ ବ୍ୟର୍ଥ କରିଦେଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ପୁଣି ପାଞ୍ଚ ବର୍ଷକୁ ଅପେକ୍ଷା । ନିଃଶ୍ୱାସକୁ ଅବା କି ଭରସା !

ନଟବାବୁଙ୍କର ମାନସ ପଟରେ ଉଙ୍କି ମାରୁଥିଲା ୧୯୯୯ ମସିହାର ଏକ ବହୁ ଚର୍ଚ୍ଚିତ ଘଟନା । ମାତ୍ର ଖଣ୍ଡିଏ ଭୋଟ ପାଇଁ ବାଜପେୟୀ ସରକାରଙ୍କର ପତନ ହୋଇଯାଇଥିଲା । ସବୁ ଜାଣି ମଧ୍ୟ ସେ ନିଜର ଭୋଟ ଖଣ୍ଡିକୁ ଗୁରୁତ୍ୱ ଦେଲେ ନାହିଁ କାହିଁକି ?

ନଟବାବୁ ନିଜର ଦୋଷ ତ୍ରୁଟିକୁ ତର୍ଜମା କରୁକରୁ ମୁହଁ ସଞ୍ଜ ହୋଇ ଆସୁଥିଲା । ବିଷାଦିତ ମନ ନେଇ ଖୋଲା ଆକାଶକୁ ନୀରୀକ୍ଷଣ କଲେ । ଆକାଶରେ ପୂର୍ଣ୍ଣମୀର ଜହ୍ନ । କିନ୍ତୁ ନଟବାବୁ ଅନୁଭବ କରୁଥିଲେ ପୂର୍ଣ୍ଣମୀ ଜହ୍ନର ଯୋଛନା ନୁହେ, ତମିସ୍ରା ମେଞ୍ଚା ମେଞ୍ଚା ହୋଇ ତାଙ୍କୁ ଆବୋରି ବସିଛି ।



ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ଶିଳ୍ପୀ ଓ କଳାକାରଙ୍କୁ ଉଦ୍‌ବୋଧନ

ଏହି ଶିଳାଲିଖନ ସମ୍ପୂର୍ଣ୍ଣ ଭାବରେ ଖୋଦିତ ହେବାକୁ ଅନ୍ତତଃ ପକ୍ଷେ ବର୍ଷଟିଏ ସମୟ ନେଇଛି, ତାହାରି ଭିତରେ ବି ରାଣୀଗୁମ୍ଫା, ହାତୀଗୁମ୍ଫାର ସନ୍ନିକଟ ବାଘ, ଜାମ୍ବବାନ, ସାପଗୁମ୍ଫା, ମଞ୍ଚପୁରୀ, ଗଣେଶ ଗୁମ୍ଫା ଆଦିରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଅନେକ ଚିତ୍ରକଳା ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଛି।

ଅନେକ ଶିଳାଶିଳ୍ପୀ ପୁରାତନ ଏବଂ ନୂତନ ଲେନମ୍ ଏବଂ ଗୁମ୍ଫାଗୁଡ଼ିକରେ ଅନେକ ଶିଳ୍ପକଳା ଖୋଦନ କରି ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି। ପୁରାତନ ଗୁମ୍ଫା ଗାତ୍ରରେ କେତେ ଗୁଡ଼ିଏ ହାତୀ, ପୂଜାଥଳି ଧରି ପୂଜକ ଅବା କିନ୍ନର, ବୃକ୍ଷପୂଜନ ଦୃଶ୍ୟ, ରାଜା ରାଣୀ ଓ ରାଜପୁତ୍ର ପୂଜା କରିବାର ଦୃଶ୍ୟରେ ଭରପୂର କରିଦେଇଛନ୍ତି। ରାଣୀଗୁମ୍ଫା ତ ଜଗତର ସବୁ ଚିତ୍ରକଳା ଏବଂ କଳିଙ୍ଗ ଗୌରବର ଗାଥା ବହନ କରେ। କଳିଙ୍ଗର ସବୁ ଅଭିଯାନ, ସବୁ ଦିଗ୍‌ବିଜୟ ଏବଂ ଅନେକ ଗର୍ବର ମୁହୂର୍ତ୍ତକୁ ଶିଳାଶିଳ୍ପରେ କଳାଦେଇଛନ୍ତି ଶିଳ୍ପୀଗଣ।

ରାଣୀଗୁମ୍ଫାର ଉପର ମହଲା କାନ୍ଥରେ ଜଣେ ସୁଠାମ ସୁନ୍ଦର ଶିକାରୀ ସଦଳବଳେ ସେଇ ଜଙ୍ଗଲରେ ଶିକାରରେ ବ୍ୟସ୍ତ। ତାମ୍ରବର୍ଣ୍ଣର ବଳିଷ୍ଠ ପୁରୁଷ, ତାଙ୍କ କଡ଼େ କଡ଼େ ଦୁଇଜଣ ରାଜକର୍ମଚାରୀ ଛତି, ଚାମର ଧରି ଚାଲିଛନ୍ତି। ଗୋଟିଏ ସଜ୍ଜିତ ଅଶ୍ୱକୁ ଅଶ୍ୱପାଳ ଧରି ଠିଆ ହୋଇଛି, ସେଇ ଅଶ୍ୱରୁ ଅବରୋହଣ କରିଛନ୍ତି ଶିକାରୀ ଯୁବକ, ପିନ୍ଧିଛନ୍ତି ଗୋଟିଏ ଲମ୍ବା ସ୍ୱର୍ଣ୍ଣହାର, କାନରେ ଦୁଇଟି ବଡ଼ ବଡ଼ କୁଣ୍ଡଳ ଆଉ ହାତର ମଣିବନ୍ଧରେ ଭାରି ବଳୟ। ପରିହିତ ପାଟବସ୍ତ୍ରର ଅଣ୍ଟାର କୁଞ୍ଚ ଆଣ୍ଠୁ ତଳ ପର୍ଯ୍ୟନ୍ତ ଝୁଲି ପଡ଼ିଛି, ବାମ ପାଖରେ କାନ୍ଧରେ ଓହଳିଛି ଗୋଟିଏ ତରବାରି। ଅଣ୍ଟାରେ ବି ଖୋସା ହୋଇଛି ଗୋଡ଼ିଏ ଗୁପ୍ତି। ମୁଣ୍ଡରେ ରାଜମୁକୁଟ। ଘୋଡ଼ାରୁ ଓହ୍ଲାଇ ପୁଣି ତୁରନ୍ତ ଧନୁର୍ଦ୍ଧର ବୀର ଧନୁରେ ଶର ଖଞ୍ଜି ନିଜର ଲକ୍ଷ୍ୟ ଗୋଟିଏ ସିଂହାଳ ଉପରେ ରଖିଛନ୍ତି। ଲକ୍ଷ୍ୟ ସିଦ୍ଧ ହେବାପାଇଁ ନିଜ ଶରୀରର ଭଙ୍ଗୀ ଟିକିଏ ସ୍ଥିର ହେଉଛି, ନିଜର ବାମ ଆଣ୍ଠୁ ଉପରେ ଭାର ରଖିଛନ୍ତି। ଶିକାର ସିଂହାଳଟି ଧାବମାନ କରିବା ଅବସ୍ଥାରେ ଭୟରେ ଶିକାରୀ ଆଡକୁ ପଛକୁ ବୁଲି ଚାହିଁଛି।

ଏଇ ଶିକାର ଅବସ୍ଥାରେ ଘୋର ଜଙ୍ଗଲରେ ନାରୀ ଅପହରଣକାରୀ ସୈନିକ ସେଇ ନାରୀକୁ ଛାଡ଼ିଦେଇ ପଳାୟନ କରିଛି, ସମୟ ଏମିତି ଅବସ୍ଥାକୁ ଆସିଛି, ଜୀବନ ପାଇଁ ଧାଇଁଥିବା ଶରବିଦ୍ଧ ସିଂହାଳଟି ଅପହୃତା ସାହସିନୀ ନାରୀ ଆଶ୍ରୟ ନେଇଥିବା ବୃକ୍ଷର ପାଦଦେଶରେ ଆସି ପଡ଼ିଛି। ସେଇ ସମୟରେ ନିଜ ଜୀବନରକ୍ଷା ପାଇଁ ସାହାଯ୍ୟ ମାଗିବାକୁ ହାତ ବଢ଼ାଇ ନିବେଦନ କରିଛନ୍ତି ବୃକ୍ଷାରୋହିଣୀ ମହିଳା। ଆଶ୍ଚର୍ଯ୍ୟ, ବାମ ହାତ ଧନୁକୁ ତଳକୁ ଖସାଇବାକୁ ସମୟ ପାଇନି, ଶିକାରୀ ଡାହାଣ ହାତରେ ସାହାଯ୍ୟ ପାଇଁ ହାତ ବଢ଼ାଇଥିବା ନାରୀକୁ ଅଭୟ ପ୍ରଦାନ କରୁଛନ୍ତି। ବସ୍ତ୍ରହୀନା ଅପହୃତାକୁ ଚାହିଁପାରିନାହାନ୍ତି ସେ ଶିକାରୀ ରାଜା। ଆଖି ତାଙ୍କର ବୁଜି ହୋଇଯାଇଛି।

କ୍ରମାନ୍ୱୟ ପର ଚିତ୍ରଟି।

ଅତ୍ୟୁଚ୍ଚ ଗମ୍ବୁଜ ଭରା କଳିଙ୍ଗନଗରୀ ଆନନ୍ଦ ଉଲ୍ଲାସରେ ବିଭୋର। ଚାରିଜଣ କଳିଙ୍ଗ ଲଳନା ନୃତ୍ୟରତା, ଭୂମିରେ ବସି ଆଉ ଚାରି କଳିଙ୍ଗକନ୍ୟା ମର୍ଦ୍ଦଳ, ବୀଣା ଆଉ ଢୋଲବାଜା ବଜାଉଛନ୍ତି। କଳିଙ୍ଗସମ୍ରାଟ ନିଜର ଅଗ୍ରମହିଷୀ ସହିତ ମଉଜରେ ବସି ଏହି ସମାରୋହକୁ ଉପଭୋଗ କରିବାରେ ମଜ୍ଜି ଯାଇଛନ୍ତି, କିନ୍ତୁ ଏହି ସମାରୋହ ଉଦ୍ଧାର କରାଯାଇଥିବା ମହିଳାଙ୍କ ଉପଲକ୍ଷେ ଆୟୋଜନ କରାଯାଉଥିବା ପ୍ରତୀୟମାନ ହୁଏ। ରାଜମହଲର ଦୃଶ୍ୟରେ ମହାରାଜା ଲଳିତ ଭଙ୍ଗୀରେ ମଝିରେ ବସି ନିଜ ଆସନରେ ନୃତ୍ୟ ସଙ୍ଗୀତ ଉପଭୋଗ କରୁଛନ୍ତି, ଡାହାଣ ଗୋଡଟି ଗାଦି ଉପରେ ଓ ବାମ ଗୋଡ ତଳକୁ ଓହଳିଛି। ରାଜାଙ୍କ ପାଦ ପାଖରେ ଜଣେ ସହାୟିକା ହାତ ଯୋଡି ବସିଛି, ରାଜାଙ୍କ ଡାହାଣରେ ଗୋଟିଏ ଚଉକିରେ ବସିଛନ୍ତି ସେଇ ବନ୍ୟରୁ ଉଦ୍ଧାର ପାଇଥିବା ଭାଗ୍ୟବତୀ ନାରୀ ଏବେ କଳିଙ୍ଗ ରାଜପ୍ରାସାଦରେ ଅଭ୍ୟର୍ଥନା ପାଉଛନ୍ତି। ମଞ୍ଚର ଅପରପାର୍ଶ୍ୱରେ ସହାସ୍ୟ ବଦନରେ ବସିଛନ୍ତି କଳିଙ୍ଗର ପାଟରାଣୀ ଯେ କି ଭଜିରଘର (ହୀରକ ରାଜ୍ୟ)ର ରାଜକନ୍ୟା, ଅତି ଆନନ୍ଦରେ ଶାନ୍ତିରେ ବସି ଉପଭୋଗ କରୁଛନ୍ତି କଳିଙ୍ଗକନ୍ୟାମାନଙ୍କ

ପରିବେଷିତ ଗୀତିନାଟ୍ୟ। ତାଙ୍କର କେତେଜଣ ସୁନ୍ଦରୀ ପରିଚାରିକା ତାଙ୍କ ଚାରିପାଖେ ଠିଆହୋଇ ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଛନ୍ତି।

ବିବାହର ଦୀର୍ଘ ଦିନ ପରେ ଏମିତି ଅବସ୍ଥାକୁ ଆସିଯାଇଛନ୍ତି କଳିଙ୍ଗାଧିପତି ଆଉ ତାଙ୍କର ଦ୍ୱିତୀୟ ରାଣୀ, ସିଂହପଥ ରାଜକନ୍ୟା। ସେମାନେ କୁମାରୀଗିରି ଉପରେ ଯେଉଁ ଶିଳାଶିଳ୍ପର ବିକାଶ କରିଛନ୍ତି, ଏହା ତାହାର ନମୁନା। ଏଇ ବର୍ଷ କେଇଟାରେ କଳିଙ୍ଗ ରାଇଜର ଶିଳାଖୋଦକମାନେ ରାଜମହଲ ରାଣୀ ହଂସପୁରରେ ଦୃଶ୍ୟର ଖୋଦନ କରିଛନ୍ତି, ତାହା କିପରି ଗୋଟି ଗୋଟି ଘଟଣା ଗୁଡିକର ଚିତ୍ର ପ୍ରଦାନ କରିପାରୁଛି। ଅନନ୍ତ ଭବିଷ୍ୟତ ପାଇଁ ଏହି ଶିଳାଶିଳ୍ପ ଯେ ସନ୍ତକ ହୋଇ ରହିବ, ତାହା ପ୍ରତି ଚିନ୍ତକକୁ ଇଙ୍ଗିତ ଦେଉଛି।

ସିଂହପଥ କୁମାରୀ କଳିଙ୍ଗର ଦ୍ୱିତୀୟ ମହିଷୀ ସାମନାରେ ଠିଆ ହୋଇଥିବା ଖୋଦକକୁଳକୁ ଅଭିନନ୍ଦନ କରି କହୁଛନ୍ତି, ଧନ୍ୟ ତୁମେ କଳିଙ୍ଗ ଭୂମିର ଶିଳାଶିଳ୍ପୀ ବୃନ୍ଦ। ତୁମେ ଆମ ଜୀବନୀକୁ ଅକ୍ଷରରେ ନୁହେଁ, ଦୃଶ୍ୟରେ ସଠିକ ଦର୍ଶାଇ ପାରିଛ। କେବଳ ଆଜି ନୁହେଁ, କାଳ କାଳକୁ ଶିକ୍ଷିତ ବା ଅଶିକ୍ଷିତ ସମସ୍ତେ ଏହି ଦୃଶ୍ୟରାଜିକୁ ରାଜାଙ୍କର ମୃଗୟା ଅଥବା ସିଂହପଥ ରାଜଜେମାର ଉଦ୍ଧାର ବୋଲି ସହଜରେ ଅନୁମାନ କରିପାରିବେ, ତିଳେ ହେଲେ ସନ୍ଦେହ ରହିବ ନାହିଁ। ଏଇଟା ଅଭୁଲା ଚିତ୍ର, ଗୋଟିଏ ନାରୀର ଜୀବନର ଚିତ୍ର। ଏହାର ଗୁରୁତ୍ୱ ତୁମେ ଶିଳାଶିଳ୍ପୀକୁଳ ଉପଲବ୍ଧି କରିପାରିଛ। ଏଇଟା କଳିଙ୍ଗର ଗୋଟିଏ ଗୌରବମୟ ଶକ୍ତିଶାଳୀ ଦୃଶ୍ୟ ଅବତାରଣା କରେ।

ସ୍ୱୟଂ ସମ୍ରାଟ ଖାରବେଳ ବଡ଼ ପ୍ରସନ୍ନ ଚିତ୍ତରେ ଆତ୍ମସନ୍ତୋଷ ପ୍ରକାଶ କରି କହିଲେ, ଏଇ କୁମାରୀଗିରିରେ ଆମର କୃତୀ ଶିଳ୍ପୀମାନେ ଯାହା କରି ଦେଖାଇଲେ, ତାହା ବିଶ୍ୱରେ ଏକ କୀର୍ତ୍ତିମାନ ହୋଇ କଳିଙ୍ଗକୁ ଅମର କରି ରଖିବ। ମୁଁ ଦୃଶ୍ୟଟିଏ ବର୍ଣ୍ଣନା କରି ଯାହା ପରିସ୍ଫୁଟ କରିବାର କଳ୍ପନା କରିଥିଲି, ତାହାର ବହୁଗୁଣ ଛବିଗତ ଅର୍ଥବୋଧକ କରାଯାଇଛି ଏହି ରାଣୀ ହଂସପୁର ଗୁମ୍ଫା ତୋରଣରେ। ମୃଗୟା ବେଶରେ ମୋତେ ଯେମିତି ସଜାଇ ପଠାଇଛନ୍ତି ଝାଡ଼ ଜଙ୍ଗଲକୁ, ଘୋଡ଼ାର ପରିପାଟୀ ଓ ମୋର କର୍ଣ୍ଣକୁଣ୍ଡଳ ମୋତେ ହିଁ ଚିହ୍ନାଇଦେବ ଚିରକାଳକୁ। ସୁନ୍ଦରୀ ସିଂହପଥ ରାଜକନ୍ୟାଙ୍କ ଜୀବନର ଅପହରଣ କେବଳ ଦକ୍ଷିଣ କଳିଙ୍ଗର ଅକୁହା ଲୋକକଥା ହୋଇନି, ଏହା ଅମରତ୍ୱ ଲାଭ କରିଛି ଏହି ଶିଳ୍ପୀ ମାନଙ୍କର ନିହାଣମୂନର କଳାନୈପୁଣ୍ୟରେ। ରାଜଦୁଲଣୀଙ୍କର ମର୍ଦାନୀ ଚରିତ୍ରକୁ ଜୀବନ୍ତ ଭାବରେ ଅନାବୃତ କରାଯାଇଛି।

ନିଜର ଆଶା ବ୍ୟକ୍ତ କରି କହିଲେ, ଆଜିର ସାଧକ ଶିଳାଶିଳ୍ପୀ କୁଳକୁ ଚିରକାଳ ପାଇଁ ସ୍ୱୀକୃତି ଓ ପ୍ରୋତ୍ସାହନ ଦେବାକୁ ମୁଁ ମୁଖ୍ୟସ୍ଥପତିଙ୍କୁ କଳିଙ୍ଗପାଟ ପିନ୍ଧାଇ ଗୌରବାନ୍ୱିତ କରୁଛି। ମୋର କୁମାରୀଗିରିକୁ ଏକ ସର୍ବଧର୍ମ ଶିକ୍ଷାୟତନ ଭାବରେ ସୁସଜ୍ଜିତ କରିବାର ସେହି ପ୍ରବଳ ଆକାଂକ୍ଷାକୁ ଆଜି ତୁମେ ଚରିତାର୍ଥ କରିପାରିଛ। ଏହି ଯୁଗଳ ଧର୍ମପର୍ବତରେ ତୁମେ ଯେଉଁ କୀର୍ତ୍ତିମାନ ଦୃଶ୍ୟ ରଚିଛ, ତାହା ସୃଷ୍ଟିରେ ମଣିଷର ଦୃଷ୍ଟି ରହିଥିବା ପର୍ଯ୍ୟନ୍ତ ନିଶୀଥରେ ଜାଗିଉଠି ଲୁପ୍ତ ସଭ୍ୟତାର ପରିଚୟ ଦେଇ ଚାଲିବ।

ପୁଣିଥରେ ହାତୀଗୁମ୍ଫା ଶିଳାଲିପି ଖନନକାରୀ ଶିଳ୍ପୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି କଳିଙ୍ଗାଧିପତି। କହିଲେ, ଶିଳାଲେଖକମାନେ ସର୍ବପୁରାତନ ଏବଂ ପ୍ରାକୃତିକ ଇତିହାସକାର ଭାବରେ ଦିନେ ଉପନୀତ ହେବେ। ଯେବେ ଅକାଳ ପଡ଼ିବ, ଏବଂ ଦୁନିଆ ଅନ୍ଧକାର ହୋଇଯିବ, ପରକାଳର ମାନବକୁଳର ସ୍ମୃତିବିଭ୍ରାଟ ଘଟିବା ସୁନିଶ୍ଚିତ। ସେତେବେଳେ ଏହି ଶିଳାଲିଖନ କିନ୍ତୁ ସଭ୍ୟତାର ମଶାଲ ଭାବରେ ମଣିଷ ସମାଜକୁ ଆଲୋକିତ କରିବ। ସେହି ଅମା ଅନ୍ଧକାରର କଳିଙ୍ଗ ଏବଂ ଭାରତବର୍ଷର ଇତିହାସ ବଖାଣିପାରିବ।

ଏହା ସହିତ ଗୋଟିଏ ପଥରଖଣ୍ଡ ଉଦୟଗିରିର ପ୍ରତିଟି ସମ୍ଭବ ସ୍ଥାନରେ ଗୁମ୍ଫା, ଶିଳାଚିତ୍ର, ତଥ୍ୟପୂର୍ଣ୍ଣ କଥାବସ୍ତୁ ଉପସ୍ଥାପନ ଏବଂ ମାନସମ୍ମାନର ସଙ୍କେତ, କଳିଙ୍ଗବାସୀଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଜୀବନ ଆଦିର ଅବତାରଣା ନିଖୁଣ ଭାବରେ କରି ମୋର ହୃଦୟ ଜୟ କରିପାରିଛ। ମୋର ଜୀବନର ପରିକଳ୍ପନାକୁ ବାସ୍ତବ ରୂପ ଦେଇପାରିଛ।

ତୁମେମାନେ ସମୃଦ୍ଧ ଅପ୍ରତିହତ କଳିଙ୍ଗର ଶିଳାଚିତ୍ର ଅଙ୍କନ କରି କଳିଙ୍ଗକୁମାରୀ କୁମାରୀଗିରିକୁ ଅତି ଶୋଭନୀୟା ଏବଂ ଆକର୍ଷକ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିପାରିଛ ଯହିଁରେ ଗୋଟିଏ ପ୍ରାକୃତିକ ଶିକ୍ଷାନୁଷ୍ଠାନ ଅଳ୍ପଦିନରେ ଗଢିଉଠିବ।

କଳିଙ୍ଗରାଜ୍ୟ ଆଜି ଶିଳାଶିଳ୍ପୀମାନଙ୍କୁ ଅଭିବାଦନ ଜ୍ଞାପନ କରୁଛି।

୦୦୦

## ହାତୀଗୁମ୍ଫା ଶିଳାଲିଖନର ଅନ୍ତିମ ଦୁଇ ଧାଡ଼ି (ଷୋଡ଼ଶ ଓ ସପ୍ତଦଶ ଧାଡ଼ି)

**କଳିଙ୍ଗରାଜ୍ୟର ନଗର ଅଖଣ୍ଡାଂଶ ଶିଳାଲିଖନ ଶେଷ ପର୍ଯ୍ୟାୟରେ ପହଞ୍ଚିଗଲେଣି। କହିଲେ, ମୁଁ ଲିଖିତ ଧାଡ଼ିଟି ମୂଳ ପାଲିଭାଷାରେ ପଢ଼ିଦିଏ, ତାପରେ ବ୍ୟାଖ୍ୟା କରିବି। ମୂଳ ଲେଖାଟି ଏପରି -**

**"ଖେମରାଜା ସ ବଢ଼ରାଜା ସ ଭିଖୁରାଜା ଧମରାଜା ପସଂତୋ ସୁନଂ ତୋ ଅନୁଭବଂ ତୋ କଲଣାନି ..ଗୁଣବିସେସ କୁସଲୋ ସବ ପାସଂଡପୂଜକ ସବଦେବାୟତନ ସଂକାର କାରକୋ ଅପତିହତ ଚକବାହନ ବଲୋ ଚକଧରୋ ଗୁତଚକୋ ପବତଚକୋ ରାଜସି ବସୁକୁଲ ବିନିସିତୋ ମହାବିଜୟୋ ରାଜା ଖାରବେଳ ସିରି॥"**

**ଏବେ ଏହାର ବ୍ୟାଖ୍ୟା କରି ଭୂତି କହିଲେ ଯେ, "କଳିଙ୍ଗାଧିପତି ହେଉଛନ୍ତି କଲ୍ୟାଣର ଅଧୀଶ, ଐଶ୍ବର୍ଯ୍ୟର ସମ୍ରାଟ, ଭିକ୍ଷୁରାଜ, ଧର୍ମରାଜ, ସର୍ବଶକ୍ତିମାନ ଦିଗ୍‌ବିଜୟୀ ଶ୍ରୀ ଖାରବେଳ, ରାଜର୍ଷି ବସୁଙ୍କର ବଂଶଧର। ସିଏ ସର୍ବଗୁଣ ସମ୍ପନ୍ନ, ସର୍ବଧର୍ମର**

**ପୂଜକ, ସବୁ ଦେବାଳୟର ରକ୍ଷକ, ନିୟମର ତତ୍ତ୍ୱାବଧାରକ, ଆଇନ୍‌ର ରକ୍ଷକ, ଦକ୍ଷ ପ୍ରଶାସକ; ସେ ସବୁ ଦେଖି ଶୁଣି ଅନୁଭବ କରି ଉତ୍ତମ ପନ୍ଥାର ଆଶ୍ରୟ ନିଅନ୍ତି।"**

**ଏମିତି ଅନେକ ଗୁଣର ଅଧିକାରୀ ଶ୍ରୀ ଖାରବେଳଙ୍କର ଜୀବନୀରୁ ଆମକୁ ପ୍ରତିଟି ଗୁଣ ଉପରେ ସମ୍ୟକ ଆଲୋକପ୍ରାପ୍ତ ହେବା ସହିତ ତାଙ୍କର ସମସ୍ତ ମାନବିକ ଗୁଣ ଗୁଡ଼ିକୁ ଉପସ୍ଥାପନ କରିବାର ଯଥାର୍ଥତା ରହିଛି।**

**କଲ୍ୟାଣର ଅଧୀଶ, ଐଶ୍ୱର୍ଯ୍ୟର ସମ୍ରାଟ:-**

କଳିଙ୍ଗାଧିପତି ଖାରବେଳଙ୍କ ପ୍ରବୃତ୍ତି ସୂର୍ଯ୍ୟ, ଚନ୍ଦ୍ର ଏବଂ ପ୍ରାକୃତିକ ଜଗତର ଦର୍ପଣର ଛାୟାପରି। ସେ ମହାଜାଗତିକ ଶକ୍ତିରେ ବିଶ୍ୱାସ କରନ୍ତି। ନିଜ ମହାମେଘବାହନ ରାଜବଂଶ ନାମରେ ଆହ୍ଲାଦିତ। କେବଳ ରାଜ୍ୟଶାସନରେ ବ୍ୟସ୍ତ ରହି ମଧ୍ୟ ସେ ଜଗତର ଗତି ସହିତ ନିଜକୁ ଆଗେଇ ନେବାକୁ ଗୁରୁତ୍ୱ ଦିଅନ୍ତି। ଶାସନପ୍ରକ୍ରିୟାର ବ୍ୟସ୍ତତା କି ସାମରିକ ଜୀବନର ବିଚକ୍ଷଣତା ତାଙ୍କୁ ସମୟର ଅଦୃଶ୍ୟ ଘୂର୍ଣ୍ଣୟମାନ ପ୍ରକୃତି ଚେତନାମୁକ୍ତ ରଖି ପାରିନି ନିର୍ଜୀବ ଜଗତ କିପରି ଧାବମାନ। ସେ ପ୍ରତିଟି ମୁହୂର୍ତ୍ତରେ ଚେତନାରେ ଗତିଶୀଳ, ମାନବିକତାର ପଦଧ୍ୱନୀରେ ସ୍ପନ୍ଦିତ।

ସେ ଜାଣନ୍ତି, ତାଙ୍କର ଶକ୍ତି ତାଙ୍କ ସାମରିକ ଶକ୍ତି ବା ରାଜକୋଷର ଗଚ୍ଛିତ ଅର୍ଥର ପରିମାଣ ସହ ସମାନୁପାତୀ ନୁହେଁ, ଏହା ଲୋକମାନଙ୍କର ପ୍ରଗତି, ରାଜ୍ୟର ସୁନ୍ଦର ବାତାବରଣ ଏବଂ ସେମାନଙ୍କର ଜୀବନର ମୂଲ୍ୟବୋଧ ଉପରେ ନିର୍ଭର କରେ। ସମ୍ରାଟ ନିଜ କଳିଙ୍ଗରାଜ୍ୟକୁ ଏକ ନିଶ୍ଚଳ ରୂପରେ ଦେଖନ୍ତିନି, ବରଂ ଗୋଟିଏ ସକ୍ରିୟ ଦିନୁ ଦିନ କଲ୍ୟାଣକର ଦିଗକୁ ଅଗ୍ରସର ହେଉଥିବା ମାନବବସତି ଭାବରେ ନିଧାର୍ଯ୍ୟ କରନ୍ତି।

ଏହି ବିବରଣୀ ମନରେ ନେଇ ସେ ନିଜର ସୁନାମ ପାଇଁ ନୁହେଁ, ପ୍ରଜାମାନଙ୍କର କଲ୍ୟାଣ ନିମନ୍ତେ ବିଭିନ୍ନ ଉନ୍ନତିମୂଳକ ପନ୍ଥାର ଆଶ୍ରୟ ନେଲେ। ସେ କଳିଙ୍ଗନଗରୀର ରାଜପ୍ରାସାଦର ଅଭ୍ୟନ୍ତର ଏବଂ ପଥରକାନ୍ଥ ନିର୍ମାଣ କରାଇଲେ, ବିଜୟପ୍ରାସାଦ ନିର୍ମାଣ କରାଇଲେ। ଏହି ନିର୍ମାଣ ରାଜ୍ୟଶାସନ ପାଇଁ ଅପରିହାର୍ଯ୍ୟ ଥିଲା। କଳିଙ୍ଗ ପ୍ରଶାସନର ନ୍ୟାୟିକ ମୂଲ୍ୟବୋଧ ସହିତ ଜ୍ଞାନର ଭଣ୍ଡାର ଭାବରେ ଏଗୁଡ଼ିକର ବିଶେଷ ଭୂମିକା ରହିଛି।

ତାଙ୍କର ବିଶାଳ ବିଜୟ ପ୍ରାସାଦ ନିର୍ମାଣ ତାଙ୍କର ମଥୁରା ବିଜୟ ସ୍ମୃତିରେ ନିର୍ମିତ ହୋଇ ନଥିଲା, ବରଂ ଏହା ତାଙ୍କର ବିଜୟର ପ୍ରତୀକ ନୁହେଁ ଏହା ତାଙ୍କ ପ୍ରଗତିର ଧାରାକୁ ସୂଚାଉଥିଲା, ରାଜ୍ୟରେ ଶାନ୍ତି, କଲ୍ୟାଣ ଏବଂ ଏକତାର ଏକ ପରିଚୟ ଭାବରେ ଦଣ୍ଡାୟମାନ ହୋଇଥିଲା।

ଖାରବେଳ ଉପଲବ୍ଧି କରିଥିଲେ କେବଳ ସୁନାରୁପା, ଧନଦୌଲତ ରାଜ୍ୟର ସମ୍ପଦ ନୁହେଁ। ବରଂ ଥଣ୍ଡା ପାନୀୟ ଜଳ, ସୁଗମ୍ୟ ରାସ୍ତା ଏବଂ ଅନେକ ସାମାଜିକ ସୁବିଧା ରାଜ୍ୟ ପ୍ରଶାସନରେ ବିଶିଷ୍ଟ ଆଦର ପାଏ। ସେ ନିଜ ରାଜ୍ୟରେ ଅପର୍ଯ୍ୟାପ୍ତ ସୁମିଷ୍ଟ ପାନୀୟ ଜଳାଶୟ ଖୋଦନ କରିଥିଲେ। ଏହି ପାନୀୟଜଳ ଲୋକମାନଙ୍କର ଜୀବନ ପ୍ରଦାନକାରୀ ହୋଇପାରିଥଲା।

ତାଙ୍କର ନିର୍ମିତ ରାସ୍ତାଗୁଡ଼ିକ ରାଜ୍ୟମଧ୍ୟରେ ମୁଣ୍ଡର ରିବନ୍ ପରି ପ୍ରଗତିର ସଂକେତ ବହନ କରେ। ଏହି ରାସ୍ତାରେ ଗାଆଁ ଗୁଡ଼ିକ ନଗରକୁ ସଂଯୋଗ କରି ସଦ୍ୟସବୁଜ ପ୍ରକୃତିକୁ ନଗରବାସୀଙ୍କୁ ସମର୍ପିତ କରୁଥିଲା ଏବଂ ସାମାଜିକତା ଆଉ ପ୍ରଗତିର ଧାରା କଳିଙ୍ଗନଗରୀରୁ ବିକେନ୍ଦ୍ରୀକରଣ କରୁଥିଲା।

ଖାରବେଳ ନିଜର ପ୍ରଭୂତ ଅଭିଜ୍ଞତାରୁ କଳନା କରିଥିଲେ, ନିଜର ନିର୍ମାଣ ଅବା ଗଠନ ବଳରେ ସେ ରାଜ୍ୟର ସୌନ୍ଦର୍ଯ୍ୟ ସମ୍ପୂର୍ଣ୍ଣ ଭାବରେ ବୃଦ୍ଧି କରିପାରିବେ ନାହିଁ। ବରଂ କଳିଙ୍ଗର ପ୍ରାକୃତିକ ସୌନ୍ଦର୍ଯ୍ୟର ଯବନିକା ଦୃଷ୍ଟିକୁ ଆଣିବାକୁ ବିଶେଷ ପ୍ରଯତ୍ନ କରିଥିଲେ। ସମସାମୟିକ ଭାରତବର୍ଷର ପର୍ଯ୍ୟଟନ କ୍ଷେତ୍ରରେ କଳିଙ୍ଗକୁ ଉପସ୍ଥାପିତ କରିବାକୁ ଆଗଭର ହୋଇ ଅନେକ ଯାତ୍ରୀନିବାସ, ପର୍ଯ୍ୟଟନ କେନ୍ଦ୍ର ଏବଂ ଆକର୍ଷକ କ୍ଷେତ୍ର ପ୍ରସ୍ତୁତ କରିଥିଲେ। କୁମାରୀଗିରି ଏବଂ ହାତୀଗୁମ୍ଫା ସମ୍ମୁଖର ହାସ୍ୟରସଭରା ବଣ୍ୟଜନ୍ତୁ ସଭା ଯହିଁରେ ବେଙ୍ଗ, ସାପ, ବାଘ, ଭାଲୁ ବିଭିନ୍ନ ପ୍ରସଙ୍ଗ ଆଲୋଚନା କରୁଛନ୍ତି, ଏମିତି ଅନେକ ଆକର୍ଷଣ ସୃଷ୍ଟି ଖାରବେଳଙ୍କର ନାଟକୀୟ ପରିକଳ୍ପନା ଥିଲା।

ଭାରତବର୍ଷର ଯେଉଁ କୋଣରୁ ହେଉ, ସେ ଶିଳାଶିଳ୍ପୀ ଆଣି କଳାଭାସ୍କର୍ଯ୍ୟର ନମୁନା ସୃଷ୍ଟି କରିଛନ୍ତି, ଯାହା ସୂର୍ଯ୍ୟଚନ୍ଦ୍ର ବିରାଜମାନ କରୁଥିବା ଯାବତ୍ ତିଷ୍ଠି ରହିଥିବ। ଲୋକମାନେ ହାତୀଗୁମ୍ଫାର ଶିଳାଲିପି ଦେଖି ଭାରତବର୍ଷରେ କଳିଙ୍ଗର ସ୍ୱରୂପ ନିର୍ଣ୍ଣୟ କରୁଥିବେ।

ଫୁଲଭରା ବଗିଚା ଏବଂ ଥଣ୍ଡାପାଣିର ଝରଣା ଖାରବେଳଙ୍କର ପ୍ରଜାମାନଙ୍କ ପାଇ ଥିଲା ଆଦରର ଉପହାର। କଳିଙ୍ଗନଗରୀ ତୋଷାଳି ସମ୍ମୁଖ ଶିଶୁପାଳଗଡ଼ରୁ କୁମାରଗିରି-କୁମାରୀଗିରି ରାସ୍ତା ରାଜ୍ୟର ପ୍ରମୁଖ ରାସ୍ତାଥିଲା, ଯହିଁରୁ ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଗନ୍ତବ୍ୟ ପଥଗୁଡ଼ିକ ନିର୍ଗତ ହୋଇଥିଲା, ସେ ପଥ କଡରେ ମନମୋହକ ପୁଷ୍ପଭରା ଉଦ୍ୟାନ ଏବଂ ଝରଣା ପଥିକକୁ ଆନନ୍ଦଦାୟକ ଥିଲା। ଦଳ ଦଳ କଳିଙ୍ଗବାସୀ ବ୍ୟବସାୟ ଅବା ପରିଭ୍ରମଣ ନିମନ୍ତେ ରାସ୍ତାଗୁଡ଼ିକର ସଦୁପଯୋଗ କରୁଥିଲେ।

ମହାମେଘବାହନ ଖାରବେଳ କଳିଙ୍ଗ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ନିଜର ଚତୁର୍ଦିଗର ଦିଗବିଜୟକୁ ପ୍ରାଧାନ୍ୟ ଦିଅନ୍ତିନି, ମାତ୍ର କଳିଙ୍ଗ ବିକାଶ ଏବଂ ଶାସନକ୍ଷେତ୍ରରେ ପ୍ରଜାମାନଙ୍କ ଅଂଶଗ୍ରହଣକୁ ଯଥେଷ୍ଟ ଆଦର କରିଛନ୍ତି।

ତାଙ୍କର ଶାସନରେ କଳିଙ୍ଗରେ ମହିଳାମାନେ ସଶକ୍ତ। କୁମାରୀଗିରି ଗୁମ୍ଫାଗାତ୍ରରେ ଯେତିକି ପୁରୁଷ, ସମାନୁପାତରେ ମହିଳା। ପୁରୁଷ ଦ୍ୱାରପାଳ, ପୁଣି ମହିଳା ଦ୍ୱାରପାଳିକା, କେବଳ ନୃତ୍ୟରତା ରମଣୀ, ସମସ୍ତ ବାଦ୍ୟଯନ୍ତ୍ର ମହିଳାମାନଙ୍କର। ଏପରି ମହିଳାମାନଙ୍କୁ ଅଗ୍ରାଧିକାର କେଉଁଠାରେ ନାହିଁ କି ଭବିଷ୍ୟତ କହିବ, ଏହାର ସ୍ଥାୟିତ୍ୱ କେତେଦିନ। ତଥାପି ଶିଳାଶିଳ୍ପ ଦିନେ କହିବ, କଳିଙ୍ଗାଧିପତି ଖାରବେଳ ଏମିତି ସମାଜ ସୃଷ୍ଟି କରିଥିଲେ।

**ଭିକ୍ଷୁରାଜ, ଧର୍ମରାଜ:-**

ଇତିହାସ ଅସଂଖ୍ୟ ରାଜା ଓ ସମ୍ରାଟଙ୍କ କାହାଣୀରେ ପରିପୂର୍ଣ୍ଣ; କାହାର ଶକ୍ତି ଅମାପ, କିଏ ଜୀବନଟା ରଣଭୂମିରେ କଟାଇଛି ତ କାହାର କୋମଳ ଜୀବନ ରାଜପ୍ରାସାଦର ଐଶ୍ୱର୍ଯ୍ୟ ମଧ୍ୟରେ ବିତିଯାଇଛି। ତାହାରି

ମଧ୍ୟରେ ଗୋଟିଏ ଶ୍ରେଣୀର ନୃପତି ଅଛନ୍ତି, ଯେଉଁମାନେ ଧନସମ୍ପଦ ଏବଂ ସାମରିକ ଶକ୍ତିକୁ ହେୟ ମନେକରନ୍ତି।

କଳିଙ୍ଗ ରାଜ୍ୟର ସମ୍ରାଟ ଖାରବେଳଙ୍କ ସାମରିକ ଶକ୍ତି ସାଧାରଣ ନୃଶଂସ ରାଜାଙ୍କ ଠାରୁ ଭିନ୍ନ; ଏଥିରେ ସନ୍ନିବେଶିତ ହୋଇଥିଲା ବୁଦ୍ଧିମତ୍ତା ଓ ଅନୁକମ୍ପାର ଉଷ୍ମତା। ପ୍ରକୃତି ଓ ସତ୍ୟତା ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ସେ ବସୁମାତା ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର ଓ ଆକାଶକୁ ଏମିତି ଦେଖନ୍ତି, ସତେ କି ତାଙ୍କ ହାତର ରାଜଦଣ୍ଡ।

ତାଙ୍କର ଜୀବନ ହେଉଛି ସହିଷ୍ଣୁତାର ପ୍ରତୀକ। ସାକ୍ଷାତ ସୂର୍ଯ୍ୟଦେବଙ୍କର ଉଜ୍ଜ୍ୱଳତା ସଦୃଶ। ସେ ରାଜ୍ୟପରେ ରାଜ୍ୟ ଜୟ କରି ସିକନ୍ଦର ପରି ବିଶ୍ୱବିଜୟୀ ହେବାର କଳ୍ପନା କରି ନଥିଲେ। ତାଙ୍କ ମନରେ ଉଙ୍କି ମାରୁଥିଲା କିପରି ନିଜ ମାତୃଭୂମି କଳିଙ୍ଗର ନିରାମୟ, ଅହିଂସା-ପାଥେୟ ଗୁଣଗୁଡିକର ପ୍ରସାର କରିବେ। ତାଙ୍କର ସୁଶାସନ ସମସାମୟିକ ମୌର୍ଯ୍ୟ-ସୁଙ୍ଗ ଦୃଢ଼ ଶୃଙ୍ଖଳଭିତ୍ତିକ କ୍ରୂରତା ଠାରୁ ଭିନ୍ନ ଥିଲା ଯହିଁରେ ସୂର୍ଯ୍ୟ ଚନ୍ଦ୍ର ପରି ସ୍ୱର୍ଗୀୟ ଶକ୍ତିର ଅନୁଭବ ଭରି ରହିଥିଲା। ମହାମେଘବାହନ ବହି ଆଣିଛନ୍ତି ମାନବିକତାର ଉପହାର। ସେ ନିଜର ନେତୃତ୍ୱକୁ ଲୋକମାନଙ୍କ ମୁଣ୍ଡର ବୋଝ ବୋଲି ଭାବନ୍ତିନି, ବରଂ ସେମାନଙ୍କର ସାର୍ଥକ ଜୀବନ ନିମନ୍ତେ ପଥପ୍ରଦର୍ଶକ ଭାବରେ ନିର୍ବାହ କରନ୍ତି।

ଶୀତଳ ରାତିର ଚନ୍ଦ୍ରକିରଣ ତାଙ୍କର ଉଦାର ହୃଦୟ ଉପରେ ଲେପି ହୋଇଯାଏ, ସେ ଜଣେ ରକ୍ଷ ନୃପତିର ବେଶ ନେଇପାରନ୍ତିନି। ପ୍ରଜାପୀଡିତ ସମାଜକୁ ସେ ଘୃଣା କରନ୍ତି, ପ୍ରଜାମାନଙ୍କୁ ଭାଇବନ୍ଧୁ ଭାବରେ ଗ୍ରହଣ କରନ୍ତି। ତାଙ୍କ ରାଜ୍ୟର ନିୟମ ନିଷ୍ଠୁର ରାଜ ଆଜ୍ଞା ନୁହେଁ ବରଂ ମାନବିକତା ଆଉ ଦୟାର ଦୃଷ୍ଟାନ୍ତ, ପ୍ରକୃତି ନିୟମରେ ଆଧାରିତ ସର୍ବସାଧାରଣ ଜୀବନଶୈଳୀର ପରିକଳ୍ପନା।

ଏହି ପ୍ରକୃତିରୁ ଜାତ ବସୁଧା ତାଙ୍କର ପ୍ରେରଣାର ଉତ୍ସ। ସେ ବିବର୍ତ୍ତମାନ ଧରିତ୍ରୀର ରୂପକୁ ଅନୁଶୀଳନ କରନ୍ତି, ଯେପରି ଯାହା ଘଟୁଛି, ତାହା ତାଙ୍କର ପାଠ୍ୟକ୍ରମ। ଏହି ଭାବନା ତାଙ୍କ ଚରିତ୍ର ଆଉ କର୍ମକୁ ବଳିଷ୍ଠ ପ୍ରମାଣେ ଉଦ୍‌ଜୀବିତ କରୁଛି, ଦିଗଦର୍ଶନ ପ୍ରଦାନ କରୁଛି। ସମସ୍ୟା ଓ ଲାଳସା ମୂଳକ ରାଜତନ୍ତ୍ର ମଧ୍ୟରେ ସେ ଖୋଜୁଛନ୍ତି ମାନବିକତା, ସାମ୍ୟତା ଆଉ ଉଦାରତା। ସବୁ ଭରି ରହିଛି ପ୍ରାକୃତିକ ନିୟମ ଗୁଡ଼ିକରେ। ନିଜର ଆକର୍ଷଣ ନିଜ ରାଜ୍ୟ ଧରିତ୍ରୀ ପରି ଚଳନଶୀଳ ହେଉ, ପ୍ରଜାମାନେ ସରଗ ପରି ସୂର୍ଯ୍ୟ ଚନ୍ଦ୍ର ଓ ଗ୍ରହନକ୍ଷତ୍ର ମାନଙ୍କର ଚିରକାଳର ନିୟମରେ ଜୀବନଯାପନ କରନ୍ତୁ।

ଦିନକୁ ଦିନ ନୂଆ ପିଢି ଆସୁଥିବେ, କଳିଙ୍ଗାଧିପତି ଖାରବେଳଙ୍କୁ ପାସୋରି ପକାଇବେ, କିନ୍ତୁ ତାଙ୍କର ଏହି ପ୍ରଜାଭିତ୍ତିକ ମୂଳମନ୍ତ୍ରକୁ ଖୋଜିଲେ, ତାଙ୍କର ସ୍ତୁତିଚାରଣ ହେବ।

**ସର୍ବଶକ୍ତିମାନ - ଦିଗ୍‌ବିଜୟୀ:-**

ପୁରାତନ ଇତିହାସ ପୃଷ୍ଠାରେ ଅସୀମ ଶକ୍ତିଶାଳୀ ଜଣେ ସାର୍ବଭୌମ ସମ୍ରାଟ ଥିଲେ, ଯାହାର ଅଖଣ୍ଡ କ୍ଷମତା ଥିଲା ଏବଂ ଏହି ସାମରିକ ଶକ୍ତି ବଳରେ ବଳୀୟାନ ସମ୍ରାଟ ନିଜ ଚତୁରଙ୍ଗ ବାହିନୀକୁ ଶୃଙ୍ଖଳିତ ପରିଚାଳନା ବଳରେ ଶକ୍ତ ଭାବରେ ପ୍ରତିଷ୍ଠିତ କରି ରଖିଥିଲେ। ତାଙ୍କର ଚତୁରଙ୍ଗ ସେନା ସମନ୍ୱୟ ବଳରେ ଚତୁରତାର ସହିତ ଅସମ୍ଭବ ସାମରିକ ଶକ୍ତି ପ୍ରୟୋଗ କରିପାରୁଥିଲେ, ଏହି ଚାରି ବିଭାଗ ହେଉଛି - ଦୁର୍ଦ୍ଧର୍ଷ ପଦାତିକ ବାହିନୀ, କ୍ଷିପ୍ର ଅଶ୍ୱାରୋହୀ ସେନା, ସଶକ୍ତ ଗଜସେନା ଏବଂ ସୁପରିକଳ୍ପିତ ରଥବାହିନୀ। ପ୍ରତିଟି ବାହିନୀ ଏମିତି ସମର ସମ୍ପାଦନ କରୁଥିଲେ, ତାହା ସମ୍ରାଟଙ୍କର ବିଜୟ ଶିରୋଧାର୍ଯ୍ୟ କରୁଥିଲା, ମାତ୍ର ସାଧାରଣ ସମର ପରି ହତ୍ୟା ଏବଂ ରକ୍ତପାତ ସପକ୍ଷରେ ନଥିଲା। କୌଶଳ ଏବଂ ସଂଖ୍ୟାଧିକ୍ୟ ପର୍ବତ ପରିମାଣର ସେନାବାହିନୀ ଭୟସଂଚାର କରି ଶତ୍ରୁକୁ ଆତ୍ମସମର୍ପଣ କରିବାକୁ ବାଧ କରୁଥିଲା।

ଖାରବେଳଙ୍କ ସାମରିକ ଶକ୍ତିର ବର୍ଣ୍ଣନା ସଠିକ ଭାବରେ ହୋଇଛି। ଖାରବେଳଙ୍କ ଶକ୍ତିର ବର୍ଣ୍ଣନା କରାଯାଇଛି - "ଅପ୍ରତିହତ ଚକ୍ର ବାହନ", "ବଳ ଚକ୍ରଧରୋ", "ଗୁପ୍ତ ଚକ୍ରୋ", "ପର୍ବତ ଚକ୍ର" ଇତ୍ୟାଦି। ଏହା ସହିତ ରାଣୀଗୁମ୍ଫାର ଉପର ମହଲା ଦ୍ୱାରପାଳ ଗୁମ୍ଫା ପଶ୍ଚିମକୁ ଜଣେ ନୃପତିଙ୍କର ଚିତ୍ର ରହିଛି, ଖଡ଼୍‌ଗ ହସ୍ତରେ ସେ ସିଂହାରୋହୀ। ସେଇ ଶିଳା ଅଙ୍କନଟି ଏହି ହାତୀଗୁମ୍ଫା ଲିଖନର ଶିଳାଙ୍କନ।

ସମ୍ରାଟ ଖାରବେଳଙ୍କ ସାମରିକ ଶକ୍ତି ସାଧାରଣ ନୃସଂଶ ରାଜାଙ୍କ ଠାରୁ ଭିନ୍ନ; ଏଥିରେ ସନ୍ନିବେଶିତ ହୋଇଥିଲା ସୁପରିକଳ୍ପିତ ପୂର୍ବାନୁମାନ ଏବଂ ଯୁଦ୍ଧକ୍ଷେତ୍ରର ଦକ୍ଷତା। ଚତୁରଙ୍ଗ ସେନା କେବଳ ଯୋଦ୍ଧା ନଥିଲେ, ସେମାନେ ବହୁ ଜଟିଳ ପଦ୍ଧତି ଆୟତ୍ତ କରି ଶତ୍ରୁର ସମସ୍ତ କୌଶଳ ଚୂର୍ଣ୍ଣ କରୁଥିଲେ। ସମ୍ରାଟଙ୍କର ଦୂରଦୃଷ୍ଟି ଏବଂ ଅନୁମାନ ଏତେ ନିର୍ଭୁଲ୍ ହେଉଥିଲା, ଅନେକ ସମୟରେ ଯୁଦ୍ଧ ଏଡାଯାଇ ପାରୁଥିଲା ଅବା ସଂକ୍ଷେପ ହେଉଥିଲା। ରଣାଙ୍ଗନରେ ତାଙ୍କର ଉପସ୍ଥିତି ଶତ୍ରୁପକ୍ଷକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କରୁଥିଲା, ଶତ୍ରୁ ତାଙ୍କ ସାହସ ସାମନାରେ ନିଜକୁ ହେୟ ମନେକରି ପାଦତଳେ ଆଶ୍ରା ନେଉଥିଲେ।

ସମ୍ରାଟଙ୍କର ଅପ୍ରତିହତ ଶକ୍ତିର ପରିଚୟ ଦୂର ଦୂର ରାଜ୍ୟଗୁଡ଼ିକୁ ବ୍ୟାପିଗଲା। ବନ୍ଧୁ ଓ ଶତ୍ରୁମାନେ ତାଙ୍କର ସାମରିକ ଶକ୍ତି ଏବଂ କୌଶଳ ବିଷୟରେ ଅବଗତ ହୋଇ କେବେ ଖଡ଼୍‌ଗ ଉତ୍ତୋଳନ କରିବାର ମାନସିକତାର ବଶବର୍ତ୍ତୀ ହେଲେ ନାହିଁ। ଫଳସ୍ୱରୂପ ସମ୍ରାଟ ଖାରବେଳ ବିଦ୍ରୋହହୀନ ଭାବରେ ଶାନ୍ତିରେ ରାଜ୍ୟର ସ୍ଥିରତା ରକ୍ଷା କରିପାରିଲେ। ସାମରିକ ଶକ୍ତିର ଉତ୍ତାପ ସହିତ ଜନମଙ୍ଗଳ ଏକ କଳ୍ପନାତୀତ ବିଷୟ, କିନ୍ତୁ ଏହା ହିଁ ଖାରବେଳଙ୍କର କୃତିତ୍ୱ।

ତାଙ୍କର ଅପ୍ରତିହତ ଶକ୍ତିର ନେତୃତ୍ୱ ମଧ୍ୟରେ ଅନ୍ତର୍ନିହିତ ହୋଇ ରହିଥିଲା ଅସୀମ ଦୂରଦୃଷ୍ଟି ଏବଂ ଏକକ ନିର୍ଦ୍ଦେଶ। ତାଙ୍କ ସାମରିକ ବିବେଚନାରେ କେବଳ ସାମରିକ ପ୍ରକ୍ରିୟା ଅନ୍ତର୍ଭୁକ୍ତ ନଥିଲା, ତା ସହିତ ଯୋଡ଼ି ହୋଇଥିଲା ପ୍ରଭୁତ୍ୱ ଏବଂ କ୍ଷମାର ଅସରନ୍ତି ଭଣ୍ଡାର। ସମୟର ଚକ୍ରରେ ସେ ଲିପିବଦ୍ଧ କରିଛନ୍ତି ସାମରିକ ଶକ୍ତି କିପରି ଶାନ୍ତ, ସମନ୍ୱିତ ଏବଂ ମାନବଧର୍ମୀ ହୋଇପାରେ।

**ସର୍ବଧର୍ମପୂଜକ-ସର୍ବଦେବାଳୟ ରକ୍ଷକ:-**

ସ୍ୱୟଂ ଖାରବେଳ ପରିଦୃଷ୍ଟ ଜଗତର ସୂର୍ଯ୍ୟ, ଚନ୍ଦ୍ର ଏବଂ ଆକାଶ ପାତାଳ ପରି ମଣିଷର ବିଶ୍ୱାସକୁ ଦେବଦତ୍ତ ଗୁଣ ଭାବରେ ଗ୍ରହଣ କରନ୍ତି। ଏଇଟା

ମଣିଷଜାତିକୁ ଏକମନ ଏକପ୍ରାଣ କରିପାରେ। ବିଶ୍ୱାସ ଅଭାବରୁ ଜଣେ ଆଉଜଣଙ୍କ ଠାରୁ ଭିନ୍ନ ହୋଇଯିବ, ମାତ୍ର ଏହି ବିଶ୍ୱାସ ବଳରେ ଏକମନ ଏକଧାରଣା ଆସିବା ସ୍ୱାଭାବିକ।

ଧର୍ମ ବିଷୟରେ ତାଙ୍କର ଅତି କମ୍‌ରେ ଗୋଟିଏ ଧାରଣା ରହିଥିଲା। ପ୍ରତିଟି ଧର୍ମର ଗତି ଗୋଟିଏ ଦିଗକୁ - ସେଇ ଦୈବୀ ଆଲୋକ ପାଖକୁ। ପାହାଡ଼ର ଚତୁର୍ଦ୍ଦିଗରୁ କେତେ ଅଙ୍କାବଙ୍କା ପଥରେ ଶିଖରର ପ୍ରତିଷ୍ଠିତ ସେଇ ଶାଶ୍ୱତ ସତ୍ୟ ପାଖକୁ।

ମହାମେଘବାହନ ଖାରବେଳଙ୍କ ହୃଦୟ ଆକାଶ ପରି ଅସୀମ ଆଉ ଉଦାର, ପ୍ରତି ଧର୍ମ ପ୍ରତି ସ୍ଥାନ ଅଛି, ପ୍ରତି ଦେବ ଦେବୀ, ପ୍ରତି ଆଶା ଓ ବିଶ୍ୱାସ ପ୍ରତି ପ୍ରଶସ୍ତ ସ୍ଥାନ ରହିଛି। ଅକୁଣ୍ଠଚିତ୍ତରେ ସେ ସମସ୍ତଙ୍କୁ ନିଜ ମନରେ ଏବଂ ହୃଦୟରେ ପ୍ରତିଷ୍ଠା କରନ୍ତି। ସମସ୍ତଙ୍କର ଜୀବନକୁ ଇପ୍ସିତ ଦେବଦେବୀଙ୍କ ସାନ୍ନିଧ୍ୟରେ ଆଲୋକିତ କରିବାର ପଥ ଉନ୍ମୁକ୍ତ ରଖନ୍ତି।

କେହି ଧର୍ମାବଲମ୍ବୀ ଭାବି ପାରନ୍ତି ତାଙ୍କର ଚୈତ୍ୟ, ଗୁମ୍ଫା କି ମନ୍ଦିର ଅନ୍ୟମାନଙ୍କ ପାଇଁ ପାଚିର ପରି ଗତି ଅବରୋଧକ, ମାତ୍ର ମହାମହିମ ଖାରବେଳଙ୍କ ଭାବନାରେ ତାହା ତାଙ୍କ ପାଇଁ ଗୋଟିଏ ଉନ୍ମୁକ୍ତ ପଥ; ମାନବିକତା ଆଉ ଧର୍ମଗତ ବୈଷମ୍ୟ ଦୂର କରିବାର ଏକ ଦୃଷ୍ଟାନ୍ତ ହୋଇପାରେ। ନିଜର ବିଶାଳ ହୃଦୟ ଏବଂ ଧାର୍ମିକ ପରିବେଶରେ ସେ କେବଳ ଜାଣନ୍ତି ମାନବିକତା ହିଁ ଧର୍ମ। ଆଉ ସବୁ ପ୍ରଭେଦ ଧର୍ମ ଦୃଷ୍ଟିରୁ କ୍ଷୁଦ୍ରାତିକ୍ଷୁଦ୍ର।

ନିଜର ମନର ମନ୍ଦିର ଭାବରେ ପ୍ରତିଟି ମନ୍ଦିର, ଦେବାର୍ଚ୍ଚନାସ୍ଥଳୀ, ପ୍ରତିଟି ପ୍ରସ୍ତର ବା ପାଷାଣ୍ଡ ମୂର୍ତ୍ତି ନିମନ୍ତେ ସମସ୍ତ ଦେବାଳୟ, ଠାକୁର ଆଉ ପୂଜାସ୍ଥଳୀର ଯତ୍ନ ନେବାକୁ ଆଗଭର ହୁଅନ୍ତି, ଅନୁଦାନ ମଞ୍ଜୁର କରନ୍ତି ଆଉ ପ୍ରତିଷ୍ଠା କରନ୍ତି।

କଳିଙ୍ଗାଧିପତି ଖାରବେଳ ଜାଣନ୍ତି ତାଙ୍କ ପରିବାର ଜୈନଧର୍ମ ଅବଲମ୍ବନ କରିଛି, ଏହା ତ ଭାରତବର୍ଷର ରାଜପରିବାର ଗୁଡିକର ପ୍ରାଚୀନ ପ୍ରଥା। କିନ୍ତୁ ସେ ହିନ୍ଦୁ, ବୌଦ୍ଧ ବା ଅନ୍ୟଧର୍ମର ସୌଧ ଗୁଡିକୁ ସେମାନଙ୍କର ପୃଥକ୍ ବିଶ୍ୱାସ ବୋଲି ଗ୍ରହଣ କରନ୍ତିନାହିଁ। ତାଙ୍କ ମତରେ ଏହି ଧର୍ମ-ସୌଧ ଗୁଡ଼ିକ ଅନେକ ମଣିଷଙ୍କର ଆଶା ଓ ବିଶ୍ୱାସର ଉତ୍ସ। ସେ ଜଣେ ରାଜନ୍ୟ ଭାବରେ ଏହାକୁ ଅନୁଦାନ ଦେବାବେଳେ ନିଜକୁ ଜଣେ ସେହି ଧର୍ମାବଲମ୍ବୀ ଭାବରେ ଦାନ କରୁଛନ୍ତି ବୋଲି ମନେକରନ୍ତି। ସେଇ ନିର୍ଦ୍ଦିଷ୍ଟ ଧର୍ମର ଆନ୍ତରିକ  ଦାର୍ଶନିକ ଭାବଧାରାରେ ହିଁ ଚିନ୍ତା କରନ୍ତି।

ତାଙ୍କର ବିଶ୍ୱାସର ଧାରା ଏକ ସାର୍ବଜନୀନ ଧାରାକୁ ଗ୍ରହଣ କରେ। ଜଣେ ସନ୍ନ୍ୟାସୀର ବିନମ୍ରତାରେ ତାଙ୍କର ଜୀବନ ସ୍ରୋତ ପ୍ରବାହିତ, ସରଳ ଭାବରେ ସେ ମାନବ ପରିବାରର ଉନ୍ନତିକଳ୍ପେ ପ୍ରତିଶ୍ରୁତିବଦ୍ଧ। କେବେ ନିଜକୁ ଜଣେ ବୌଦ୍ଧ ବା ଜୈନ ଶ୍ରମଣ ବୋଲି ମନରେ କଳ୍ପନା କରନ୍ତି, ନିଜର ଦୁନିଆରେ କୌଣସି ସମ୍ପତ୍ତି ନାହିଁ ବୋଲି ମନେକରନ୍ତି। ତାଙ୍କ ଭାବନାରେ ରାଜା ଓ ରଙ୍କ ମଧ୍ୟରେ କୌଣସି ତଫାତ୍ ନାହିଁ, ମଣିଷ ସମାନ ଭାବରେ ଦୈବୀଧାରାରେ ପ୍ଲାବିତ, ପରୋପକାର ସ୍ୱର୍ଗୀୟ।

ତଥାପି ସେ କୌଣସି ଧର୍ମ ଉପରେ ଅଧର୍ମର ହୁଙ୍କାରକୁ ଆଶ୍ରୟ ଦିଅନ୍ତି ନି। ମଗଧ ଆକ୍ରମଣ ସମୟରେ ଯବନ ମଥୁରାରୁ ସମସାମୟିକ ମଗଧ ଆକ୍ରମଣ ତାଙ୍କ ଦୂରଦୃଷ୍ଟିର ପରିଚୟ ଦିଏ। ସେ ବିଧର୍ମୀ ଏବଂ ଧର୍ମଜନିତ ବୈଷମ୍ୟର ଉତ୍ସ ହୋଇଥିବାରୁ କଳିଙ୍ଗ ଚତୁରଙ୍ଗ ସେନାକୁ ମଗଧ ଦିଗ ଛାଡିଦେଇ ଡିମିଟ୍ରିୟସ୍‌କୁ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଧର୍ମବନ୍ତ ବିବେକ ତତ୍‌କ୍ଷଣାତ୍ ଏପରି ନିଷ୍ପତ୍ତି ନେଇ ପାରିଲା। ଏହା ତାଙ୍କର ଧର୍ମ ପ୍ରତି କେତେ ଅନୁରକ୍ତି ରହିଛି, ଦର୍ଶାଏ।

ତାଙ୍କର କଳିଙ୍ଗ ଶାସନକାଳ ଧର୍ମ ଦୃଷ୍ଟିରୁ ଏକ ସୁବର୍ଣ୍ଣ ଯୁଗ। ପ୍ରତିଟି ଧର୍ମଭାବ ପ୍ରତି ସେ ଉଦାର। ଆନଧର୍ମ ପ୍ରତି କାହାର ବି ବିଦ୍ୱେଷ ରହିଥିବା, ସେକଥା ତାଙ୍କୁ ଅଜଣା। ନେତୃତ୍ୱର ସୀମାହୀନ ପରିକଳ୍ପନାରେ ସେ ଜଣେ ପ୍ରଶାସକ ନୁହନ୍ତି, ସେ ଜଣେ ସାଧୁ, ସେ ଜଣେ ରାଜର୍ଷୀ ମନୋଭାବର ସନ୍ଥ। ସେ ଜଣେ ଆଧାତ୍ମିକ ଗୁରୁ, ଏକତାର ସୂତ୍ରଧର। ବିଶ୍ୱାସ ଗୁଡିକର ତତ୍ତ୍ୱଗୁଡିକୁ ବିଭାଜନ ନକରି କିପରି ସବୁଗୁଡିକୁ ସେତୁ ଦ୍ୱାରା ଏକମେଳ କରିପାରିବେ, ତାହା ତାଙ୍କର ମାନସିକତା।

ସମ୍ରାଟ ମହାମେଘବାହନ ଖାରବେଳ ନ୍ୟାୟ, ସହାନୁଭୂତି ଓ ବିଶ୍ୱାସର ମୁକୁଟ ପରିଧାନ କରିଥିଲେ। ସେ ଏମିତି ଏକ ଆଦର୍ଶ ସୃଷ୍ଟି କଲେ, ଯାହା କି ସମୟ ଏବଂ ଧର୍ମର ପରିସୀମା ଟପିଗଲା। ସେ ଦୁନିଆକୁ ଦେଖାଇଦେଲେ ଯେ, ଜଣେ ସମ୍ରାଟଙ୍କ ସାମନାରେ  ରାଜ୍ୟ ବଡ଼ ନୁହେଁ, ବରଂ ଏକତା; ରାଜ୍ୟଜୟ ବଡ଼ ନୁହେଁ ବରଂ ସହାନୁଭୂତି ଏବଂ ପ୍ରଜାମାନଙ୍କ ଉପରେ ଜବରଦସ୍ତ କୌଣସି ନିୟମ ଲଦି ନଦେବା ବରଂ ପ୍ରୋତ୍ସାହନ ବଳରେ କାମ କରିବା ଶ୍ରେୟ। ସେ ଦୁନିଆକୁ ଦେଖାଇଦେଲେ ଯେ ଗଣହତ୍ୟା ସମ୍ବଳିତ ଯୁଦ୍ଧ ଦୁନିଆରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା କରି ନପାରେ ବରଂ ତାର ପ୍ରତିବଦଳରେ ମାନବିକ ପ୍ରେମର ବନ୍ଧନ ଏମିତି ମାନବୀୟ ବାତାବରଣ ସୃଷ୍ଟି କରିପାରେ।

**ନିୟମର ରକ୍ଷକ - ଆଇନର ତତ୍ତ୍ୱାବଧାରକ - ଦକ୍ଷ ପ୍ରଶାସକ:-**

ସ୍ୱୟଂ କଳିଙ୍ଗାଧିପତି ନିଜର ରାଜାଜ୍ଞା ନିଜ ରାଜପ୍ରାସାଦରେ ପ୍ରତିପାଳିତ ହେଉଛି ବୋଲି ମାନସିକ ଭାବରେ ତୃପ୍ତ ନୁହନ୍ତି। ତାଙ୍କର ହୃଦୟଟା ରାଜ୍ୟଶାସନ ଆଇନର ସରଳ ଧାରରେ ସ୍ପନ୍ଦିତ, ସମଗ୍ର ରାଜ୍ୟରେ ପ୍ରଜାପାଳକ ସମ୍ବେଦନଶୀଳ ନୀତି ନିୟମ ଯେ ସୁଚାରୁରୂପେ କାମ କରୁଛି, ତାହାର ତତ୍ତ୍ୱାବଧାନ ନ କଲେ, ନିଦ ଆସିବ କିପରି ?

ସେ ଜାଣନ୍ତି, ନଦୀ ସ୍ଥିର ଭାବରେ ନ ବହିଲେ, ପରିଷ୍କାର ଓ ଚିରସ୍ରୋତା କିପରି ହୋଇପାରିବ ? ଗାଈ ଜଗୁଆଳ ସଜାଗ ନ ରହିଲେ, ତାହାର ଗାଈଗୋଠ ରହି ପାରିବ ତ ? ନିର୍ଦ୍ଧାରିତ କଳିଙ୍ଗ କାନୁନ ଯାହା ସମଗ୍ର ରାଜ୍ୟ ସୀମା ଭିତରେ ବଳବତ୍ତର, ପ୍ରତି ପ୍ରଜା ଏହାର ସୁଫଳ ଲାଭ କରିପାରୁଛନ୍ତି ତ ? ଯେତେ ମାନସିକ ଭାବରେ ନିଜର ସୁଦକ୍ଷ କର୍ମଚାରୀମାନଙ୍କ ଉପରେ ପ୍ରଶାସନ ସମର୍ପି ଦେଲେ, ସେମାନେ ଯେ ପ୍ରଜାପ୍ରପୀଡକ ନହେବେ, ଏକଥା କଳିଙ୍ଗାଧିପତି ବିଶ୍ୱାସ ବା କିପରି କରିବେ ?

ରାଜ୍ୟର ଚତୁଷ୍କୋଣରେ ନିଜ ପ୍ରଶାସନିକ ବ୍ୟବସ୍ଥାକୁ ସେ କେନ୍ଦ୍ରୀୟ କଳିଙ୍ଗନଗରୀର  ପ୍ରତିଧ୍ୱନୀ ଭାବରେ କିଏ ମନେ କରୁଥିବ, ସେଇଟା

ସେ ଚିନ୍ତା କରନ୍ତି। ସେଥିପାଇଁ ସେ ସାରା ରାଜ୍ୟରେ ବିଚରଣ କରନ୍ତି, ମୁକୁଟମଣ୍ଡିତ ସମ୍ରାଟ ଖାରବେଳ ଭାବରେ ନୁହେଁ, ଜଣେ ସାଧାରଣ କଳିଙ୍ଗବାସୀ ପୋଷାକରେ, କେବେ ପରିବ୍ରାଜକ ବେଶରେ ତ କେବେ ଜଣେ ହିତାକାଂକ୍ଷୀ ବାବାଜୀ ବେଶରେ। ତାଙ୍କ ଆଖି କାନ ସତର୍କ ଥାଏ, କେଉଁ କୋଣରୁ ପ୍ରଜାଟିଏ କରୁଣ ସ୍ୱରରେ କିଛି ଦୁଃଖ ବ୍ୟକ୍ତ କରୁଥିବ, କାହାର ଅଶ୍ରୁ ଝରୁଥିବ। ସେ ନିଜକୁ ଦେଖାଇବାକୁ ଚାହାନ୍ତି ନି, କିନ୍ତୁ ଦେଖନ୍ତି, କେଉଁଠି ତାଙ୍କ ଆଦୃତ ଆଇନ ଦୁର୍ବଳ, କେଉଁଠି ଅପାରଗ ଅବା ପ୍ରଜା ପାଇଁ କଷ୍ଟସାଧ। କଳିଙ୍ଗର ନ୍ୟାୟାଧିଶ କେଉଁଠି ନ୍ୟାୟ ପ୍ରଦାନରେ ବିଫଳ ହୋଇଛନ୍ତି ଅବା କୌଣସି ଦୁର୍ନୀତି ଶାସନଦଣ୍ଡରେ କଣ୍ଟା ଭାବରେ ପ୍ରବେଶ କରିଛି। ଲୋକମୁଖରେ ସେ ଶୁଣିବାକୁ ଚାହାନ୍ତି ସେମାନେ ରାଜନୀତିକୁ କଅଣ ଭାବୁଛନ୍ତି ?

ସେ ନଗରୀଗୁଡ଼ିକର ଗଳିରେ ଛଦ୍ମବେଶରେ ବୁଲୁଛନ୍ତି, ପଣ୍ୟାଗାରର ମସଲା ବାସ୍ନାରେ ମନ ଭରିଯାଉଛି ସମର୍ଥ କଳିଙ୍ଗ ସାଧବର କୃତିତ୍ୱରେ, ବୁଲାବିକାଳୀମାନଙ୍କ କଡା ଶବ୍ଦାୟମାନ କର୍କଶ ଭାଷାରେ ସେ କୌଣସି ପାପ ଦେଖୁନାହାନ୍ତି ବରଂ ବିକ୍ରୀଚାତୁରୀର କୋମଳ କ୍ରନ୍ଦନ ନିଜ ରାଜ୍ୟର ସାମର୍ଥ୍ୟର ପରିପ୍ରକାଶ। ସେ ବୁଲି ବୁଲି ଅର୍ଥ ଦେଣନେଣ, ବିବାଦ ସମାଧାନ ଓ ମୀମାଂସା ଅନୁଧ୍ୟାନ କରନ୍ତି। ନ୍ୟାୟର ବିଜୟ ଦେଖନ୍ତି, ମନ ତାଙ୍କର ସନ୍ତୋଷରେ ପୂରି ଆସେ। କିଛି ବା ଦୁର୍ବଳତା ରହିଥିଲେ, ଦିନ କେଇଟାରେ ତାହା ସଂଶୋଧନ ହୋଇଯାଏ।

କର୍ମରତ କୃଷକକୁ ସେ ଅନ୍ତରରୁ ଦେଖିବାକୁ ଚାହାନ୍ତି। ବିଚରା ଦୁଃଖରେ ବିନା ପ୍ରାକାଶରେ କ୍ଷେତରେ ବ୍ୟସ୍ତ ରହି ଶାସନଟା କେବଳ ଦଣ୍ଡମୟ ବୋଲି ଭାବୁଥିବ। ସେମାନଙ୍କ କଥା କେହି ଶୁଣନ୍ତିନି, ସିଏ କିନ୍ତୁ ରାଜ୍ୟକୁ କ୍ଷୁଧାରୁ ମୁକ୍ତ କରିବାର ଅଭିଯାନରେ ବ୍ୟସ୍ତ। ଗାଁଗହଳିରେ ମୁହଁଅନ୍ଧାର ବେଳାରେ ଜଣେ ସମାଜ ସେବକ ପୋଷାକରେ ସେ ଲୋକଙ୍କର ଚୁପଚୁପ୍ କଥା ପାଇଁ କାନେଇ ଥାଆନ୍ତି, କାହାର ଅଙ୍ଗୁଳି ଠାରକୁ ନିରିଖି ଦେଖନ୍ତି, ଏହା ସେମାନଙ୍କର ପ୍ରଶାସନିକ ବ୍ୟବସ୍ଥା ପ୍ରତି ଇଙ୍ଗିତ ନୁହେଁ ତ !

ନିଜ ରାଜଶକ୍ତିର ଅବଜ୍ଞା ସେ ଦେଖିବାକୁ ସେ ଛଦ୍ମବେଶ ସାଜିନାହାନ୍ତି, ବରଂ ପ୍ରଜାମାନଙ୍କର ତତ୍ତ୍ୱାବଧାରକ ଭାବରେ ସୁବିଧା ଅସୁବିଧା ଅବଲୋକନ କରି ପ୍ରତିକାର ନିମନ୍ତେ ଆସିଛନ୍ତି। ତାଙ୍କର ନ୍ୟାୟପାଳିକା ସଠିକ ନ୍ୟାୟ ପ୍ରଦାନ କରିବାରେ ତ୍ରୁଟି କିମ୍ବା ଅବହେଳା ପ୍ରଦର୍ଶନ କରୁଛନ୍ତି ଅଥବା ଅନ୍ୟାୟ କରୁଛନ୍ତି, ପ୍ରଶାସନ କଲ୍ୟାଣକର କାର୍ଯ୍ୟ ସମ୍ପାଦନରେ ଆବଶ୍ୟକତାକୁ ଉପେକ୍ଷା କରୁଛନ୍ତି ବା ପ୍ରଜାମାନଙ୍କର ରାଜସ୍ୱ-ଲବ୍ଧ ଅର୍ଥରେ କଳ୍ପିତ କାର୍ଯ୍ୟରେ ଅନିଷ୍ଟ ସାଧନ କରୁଛନ୍ତି ସବୁ ସ୍ୱଚକ୍ଷୁରେ ଦେଖିବା ତାଙ୍କର ଲକ୍ଷ୍ୟ। ଶଗଡ଼ ଚକ ତା'ର ପହିଗୁଡିକର ସମାହାର, କୌଣସିଟି ପହି ଦୁର୍ବଳ ହେଲେ ଚକଟି ତୁଟିଯିବ। ନିଜ ଶାସନର ସମୀକ୍ଷା କରନ୍ତି ସ୍ୱୟଂ କଳିଙ୍ଗାଧିପତି ମହାମେଘବାହନ ଖାରବେଳ।

ତୃତୀୟ ଚେଦି ନୃପତି ଖାରବେଳଙ୍କର ଶାସନ ତାଙ୍କର ନିର୍ଦ୍ଦେଶ ଏବଂ ସହାନୁଭୂତି ମଧ୍ୟରେ ସୀମିତ ନଥିଲା। ବରଂ ତାଙ୍କର ନିର୍ଦ୍ଦେଶ ପ୍ରଜାଙ୍କୁ ଉତ୍ସାହିତ କରିବାକୁ ପ୍ରଣିତ ହୋଇଥିଲା, କୃଷକର ପ୍ରକୃତ ଆବଶ୍ୟକତା, ନାବିକର ସୁରକ୍ଷିତ ସାଗରଯାତ୍ରା ଏବଂ ବୈଶ୍ୟ ସାଧବକୁଳର ଦେଶରେ ଆଉ ବିଦେଶରେ ପଣ୍ୟପରିଚାଳନା, ପଣ୍ୟାଗାର ପ୍ରତିଷ୍ଠା। ପ୍ରଜାମାନେ ରାଜାଙ୍କର ଅନୁଦାନ ସ୍ୱୀକାର ସହିତ ଯଥୋଚିତ ସମ୍ଭାବ ଓ କୃତଜ୍ଞତା ପ୍ରକଟ କରୁଥିଲେ। ସେମାନେ ଅନୁଭବ କରୁଥିଲେ, ତାଙ୍କର ନୃପତି ତାଙ୍କର ଉର୍ଦ୍ଧ୍ୱରେ ଉପବିଷ୍ଟ ନୁହନ୍ତି, ବରଂ ତାଙ୍କରି ଭିତରୁ ଜଣେ, ଜଣେ ବୀର ପୁରୁଷ, ନେତା।

କଳିଙ୍ଗାଧିପତି ନିଜର ଆନ୍ତରିକତା ବଳରେ ଯେଉଁ ସୁଶାସନ କଳିଙ୍ଗ ରାଜ୍ୟରେ ପ୍ରସାର କରିଥିଲେ, ତାହା ଯୁଗ ଯୁଗକୁ ଇତିହାସ ପୃଷ୍ଠାରେ ସୁବର୍ଣ୍ଣଯୁଗର ଆଖ୍ୟା ବହନ କରେ, କାରଣ ଖାରବେଳ ଜଣେ ରାଜା କି ଶାସକ ନୁହନ୍ତି, ସେ ନ୍ୟାୟର ପ୍ରତୀକ ଏବଂ ସହାନୁଭୂତି ପରି ସ୍ୱର୍ଗୀୟ ଗୁଣର ଆବାହକ। ସେ ଜଣେ ଶାସକ, ଯିଏ ଶାସିତ ପ୍ରଜାମାନଙ୍କର ଶଗଡ଼ଗୁଳାରେ ସେମାନଙ୍କ ସହିତ ପାଦରେ ଚାଲି ପାରନ୍ତି, ସେମାନଙ୍କୁ ରାଜତ୍ୱ ବା ରାଜଶକ୍ତିର କୌଣସି ପରାଭବ ଅନୁଭବ କରିବାକୁ ଦିଅନ୍ତି ନାହିଁ। ସେ ଜାତିର ଓ ରାଜ୍ୟର ସର୍ବାଦୃତ ଅଧିପତି, ସର୍ବାଦୃତ ଅଧିପତି।

**<u>ଅନୁଭବୀ - ଆଦର୍ଶ ପନ୍ଥାର ପଥପ୍ରଦର୍ଶକ:-</u>**

ଦୁନିଆରେ ମଣିଷ ଶିକ୍ଷା ବଳରେ ଜୀବନର ଅନୁସୃତ ଅନେକ ପନ୍ଥା ଆୟତ କରି ଅଭ୍ୟାସ କରେ, ମାତ୍ର ଅନେକଗୁଡିଏ ମାର୍ଗ ରହିଛି ଯାହା ପାଠ ବା ଶିକ୍ଷାନିର୍ଘଣ୍ଟରେ ନଥାଏ। ଏଗୁଡିକ ଅଭିଜ୍ଞତା ବଳରେ ପ୍ରାପ୍ତ ହୁଏ। ଜଣେ ପୂର୍ଣ୍ଣ ଶିକ୍ଷିତ ମାତ୍ର ଅନଭିଜ୍ଞ ବ୍ୟକ୍ତି କଦାପି ଶିକ୍ଷାର ଆଧାରରେ ଦଣ୍ଡାୟମାନ ହୋଇପାରିବ ନାହିଁ।

କଳିଙ୍ଗାଧିପତି ଖାରବେଳ ଶୈଶବରୁ ରାଜପୁତ୍ର ଭାବରେ ରାଜଗାଦି ଖାଲି ହୋଇଯିବାର ଚାପରେ ମାନସିକ ଭାବରେ ରାଜ୍ୟଶାସନ ପ୍ରତି ଅନୁରକ୍ତ ହୋଇଛନ୍ତି। କୌଣସି କାରଣରୁ ପିତା ଚେତରାଜ ସିଂହାସନ ତ୍ୟାଗ କରିଛନ୍ତି ଏବଂ ସେତେବେଳେ ଖାରବେଳ କଳିଙ୍ଗ ରାଜଶିକ୍ଷକମାନଙ୍କ ପାଖରେ ଶିକ୍ଷାନବିଶ। ପିତାମହ ମହାମେଘବାହନଙ୍କ ଆଶା ଅନୁଯାୟୀ ତୃତୀୟ ଭାବୀ ଚେଦି ସମ୍ରାଟ ଖାରବେଳଙ୍କୁ ରାଜପୁତ୍ରମାନଙ୍କ ଶିକ୍ଷା ଉଦ୍ଦେଶ୍ୟରେ ପ୍ରଣିତ ଏବଂ ସମରଶାସ୍ତ୍ରର ଅଭ୍ୟାସ ବ୍ୟବହାରିକ ଭାବରେ ଶିକ୍ଷା ଏବଂ ତାଲିମ ଦେବାର ବିରାଟ ନିଷ୍ପତ୍ତି ନେଇଛନ୍ତି।

ଅପରପକ୍ଷରେ ଚେଦି ରାଜଶିକ୍ଷକମାନେ ଏପରି ଜଣେ ଗୁଣଗ୍ରାହୀ ଶିକ୍ଷାନବିଶ ପାଇ ଆଶ୍ଚର୍ଯ୍ୟାନ୍ୱିତ ହୋଇଛନ୍ତି। ଗୋଟିଏ ଥର ଶିକ୍ଷାରେ ବାଳକ ଖାରବେଳ ଜଣେ ଅଭିଜ୍ଞ ପୁରୁଖା ବ୍ୟକ୍ତି ପରି ଲେଖ, ରୂପ, ଗଣନା, ବ୍ୟବହାର, ବିଧି ଶିକ୍ଷା ସମାପ୍ତ କରିବା ପରେ ଆହୁରି ଅନେକ ବର୍ଷ ରାଜପୁତ୍ର ଭାବରେ ଅପେକ୍ଷା କରିଥିଲେ ଚବିଶ ବର୍ଷ ବୟସ ପ୍ରାପ୍ତ ହେବାକୁ, ଯଦ୍ୱାରା ଶାସ୍ତ୍ର ଅନୁଯାୟୀ ସିଂହାସନ ଅରୋହଣ ପର୍ବ ଅନୁଷ୍ଠିତ ହେବ।

ଏହି ଉଦ୍‌ବୃତ୍ତ ବର୍ଷଗୁଡିକ ରାଜକୁମାର ଖାରବେଳଙ୍କୁ ଶିକ୍ଷାଲାଭ କରିଥିବା ପୁସ୍ତକଗତ ସିଦ୍ଧାନ୍ତ ଗୁଡିକର ଉପଯୋଗିତା ଉପରେ ଅଭିଜ୍ଞତା ଲାଭ କରିଛନ୍ତି। ତିନୋଟି ବିଷୟରେ ତାଙ୍କର ଆଗ୍ରହ ଜାତ ହୋଇଛି,

ପ୍ରଥମ କଳିଙ୍ଗର କଳ୍ପିତ ଚତୁରଙ୍ଗ ସେନାବାହିନୀ ଯାହା କି ପିତାମହ ମହାମେଘବାହନଙ୍କ ପରିକଳ୍ପନା। ପିତାମହ ଗଜବାହିନୀକୁ ସୁଦୃଢ଼ କରିବା ନିମନ୍ତେ ବିଗତ ତିରିଶ ବର୍ଷର ଦନ୍ତାହାତୀ ସଂଗ୍ରହ ଉପରେ ଗୁରୁତ୍ୱାରୋପ ଖାରବେଳଙ୍କ ରାଜଗାଦି ଲାଭ ବେଳକୁ ବିଶାଳ କଳିଙ୍ଗ ଗଜବାହିନୀ ପ୍ରତିଷ୍ଠା କରିଛନ୍ତି। ଖାରବେଳ ସେହିବାହିନୀକୁ ଭାରତବର୍ଷର କୋଣ ଅନୁକୋଣରେ ଯାତ୍ରା କରାଇବାର କଳ୍ପନା ପାଞ୍ଚିଛନ୍ତି। ଏହାକୁ କିପରି କାର୍ଯ୍ୟକାରୀ କରିବେ, ତାଙ୍କ କଳ୍ପନାକୁ ଇନ୍ଧନ ଯୋଗାଇଛନ୍ତି ତାଙ୍କର ଅର୍ଥଶାସ୍ତ୍ର ଶିକ୍ଷକ। ଚାଣକ୍ୟଙ୍କ ଅର୍ଥଶାସ୍ତ୍ରର ସାତ, ନଅ ଏବଂ ଦଶ ଅଧ୍ୟାୟ ଗୁଡିକୁ ବାରମ୍ବାର ତନଖି ନିଅନ୍ତି ଯୁବରାଜ ଖାରବେଳ।

ଖାରବେଳ ବାହାର ରାଜ୍ୟ ସହିତ ସମ୍ପର୍କ ଏବଂ କୂଟନୀତି ପ୍ରସଙ୍ଗରେ କେବଳ ଚାଣକ୍ୟଙ୍କ ମଣ୍ଡଳତତ୍ତ୍ୱ ବିଷୟରେ ତଥ୍ୟଗତ ଜ୍ଞାନ ଆହରଣ କରିନାହାନ୍ତି, ସେ ଚନ୍ଦ୍ରଗୁପ୍ତ ଏବଂ ମୌର୍ଯ୍ୟ ଗୁପ୍ତଚର ଓ ମଗଧ ବିଷକନ୍ୟା ପ୍ରଥା ବିଷୟରେ ସମସ୍ତ ତଥ୍ୟଲାଭ କରି ସାରିଛନ୍ତି। ନିଜେ ଗଠନ କରିଛନ୍ତି କଳିଙ୍ଗ ଚତୁରଙ୍ଗ ସେନାର ସହାୟକ 'ଗୁପ୍ତତଥ୍ୟ ଆକଳନ ଦଳ ଗଠନ କରି ସାରା ଭାରତବର୍ଷର ସାମୟିକ ତଥ୍ୟ ପ୍ରାପ୍ତ କରିବାର ପ୍ରଚେଷ୍ଟାରେ ସଫଳ ହୁଅନ୍ତି। ଏହା ହିଁ ତାଙ୍କର ବିଜୟଯାତ୍ରାର ଗତିପଥ ନିର୍ଣ୍ଣାୟକ।

ଦ୍ୱିତୀୟ ପ୍ରସଙ୍ଗ ହେଉଛି ତାଙ୍କର ନୃତ୍ୟ, ଗୀତ ଏବଂ କଳାପ୍ରତି ଅନୁରାଗ। ଏଇଟା  ତାଙ୍କର ପ୍ରବୃତ୍ତି; କେହି ତାଙ୍କ ଉପରେ ନୃତ୍ୟକଳା ଲଦି ଦେଇନି। ବାଲ୍ୟକାଳରୁ ରାଜପ୍ରାସାଦରେ ଗେଲବସର ରାଜପୁତ୍ର କିପରି ସାଧାରଣ ଗାଆଁ ପିଲାପରି ନାଚ ତାମସା କରୁଛି, ଗୀତ ବୋଲୁଛି ଏବଂ ସାଙ୍ଗମେଳରେ ବିସ୍ମୟକର ନାଟକ କରୁଛି। ଏହାର ସମାଧାନ ରାଜପରିବାରର ଗନ୍ଧର୍ବଗୁରୁ କରିଛନ୍ତି। ସେ ରାଜପୁତ୍ରଙ୍କ ପାଖରେ ଗନ୍ଧର୍ବବିଦ୍ୟାର ଅଭୂତପୂର୍ବ ଆକର୍ଷଣ ଦେଖିପାରି ଶିକ୍ଷାଦେଇଛନ୍ତି। କିନ୍ତୁ ରାଜପୁତ୍ରଙ୍କର ଅହେତୁକ ଦୃଷ୍ଟିଭଙ୍ଗୀ କଳିଙ୍ଗର ନୃତ୍ୟଗୀତ ନାଟ୍ୟକଳାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା। ନିଜେ ଯୁବାବସ୍ଥାରେ ଅନେକ ନୃତ୍ୟ-ସଂଗୀତ ଅନୁଷ୍ଠାନ ଗଢିଛନ୍ତି, ଜୀବନରେ ଯଦି କିଛି ବୈଶିଷ୍ଟ୍ୟ ହାସଲ କରିବାକୁ ତାଙ୍କ ଅନ୍ତରରେ ଅଭୀପ୍ସା ରହିଛି, ତାହା ନୃତ୍ୟକଳା ଉପରେ।

ତୃତୀୟ ଆକର୍ଷଣ ଆସିଛି ଦିଗ୍‌ବିଜୟ ମାଧ୍ୟମରେ। ନିଜେ ମଣିଷର ସଂକ୍ଷିପ୍ତ ଜୀବନ ଉପରେ ଦେହ-ମନ ଦର୍ଶନ ବିଷୟରେ ଅବଗତ ଅଗ୍ରହଣୀୟ ମୃତ୍ୟୁର ଧ୍ରୁବତାକୁ ଏଡାଇବାର ପରିକଳ୍ପନାକୁ ସମ୍ଭାବ୍ୟ ଦିଗରେ ନେବାକୁ ସମ୍ରାଟ ଖାରବେଳଙ୍କର ଅନିସନ୍ଧିତ୍ସୁ ମନ କିଛିଟା ସୁରାକ୍ ପାଇଛି ଭାରତବର୍ଷ ଓ ଉତ୍ତରପଥ ଅଭିଯାନରେ। ଶିଳ୍ପକଳା ଏବଂ ଶିଳାଲିଖନ ତାଙ୍କର ଜୀବନଠାରୁ ଅଧିକ ପ୍ରିୟ ହୋଇଛି। କଳିଙ୍ଗବକ୍ଷରେ ଶିଳାଶିଳ୍ପର ଏକ ଚିରନ୍ତନ ସୃଷ୍ଟି ପାଇଁ ସେ ବ୍ୟାକୁଳ ହୋଇ ଉଠିଛନ୍ତି। ପୁଣି ମନକୁ ଉଠିଛି, ହାତୀଗୁମ୍ଫା ମଥାରେ ସୁନ୍ଦର କଳିଙ୍ଗକାହାଣୀ ଲେଖି ଚିରକାଳକୁ ସ୍ମୃତି ରଖିବାକୁ।

ଏମିତି ଅନେକ ବିଷୟ ସମ୍ରାଟ ଖାରବେଳଙ୍କ ଜ୍ଞାତି ପରିସରକୁ ଆସେ, ଯାହା ସିଏ ସମ୍ଭବ ବୋଲି ହୃଦୟଙ୍ଗମ କରନ୍ତି, ତା ପରେ ସେହି ଅଭିଜ୍ଞତା ବଳରେ ବିସ୍ତାରିତ କଳିଙ୍ଗ ସାମ୍ରାଜ୍ୟ, ନୃତ୍ୟରତ କଳିଙ୍ଗ ଏବଂ ସାହାସିକ କଳିଙ୍ଗ ଭାବରେ ମାତୃଭୂମିକୁ ପ୍ରତିଷ୍ଠିତ କରି ନିଜର ଅନ୍ତିମ ଦୃଷ୍ଟି ହାତୀଗୁମ୍ଫାର ଅମର ଶିଳାଲିପି ଉପରେ ନ୍ୟସ୍ତକରନ୍ତି।

**ଖାରବେଳଙ୍କର ଆଦର୍ଶ ହେଉଛନ୍ତି ରାଜର୍ଷି ବସୁ:-**

ସଂକ୍ଷେପରେ କହିବାକୁ ଗଲେ, ଖାରବେଳଙ୍କର ଆଦର୍ଶ ହେଉଛି ତାଙ୍କର ପୂର୍ବପୁରୁଷ ରାଜର୍ଷି ବାସୁ। ଜଣେ ସମ୍ରାଟ ଦକ୍ଷ ପ୍ରଶାସକ ଭାବରେ ଦୈନନ୍ଦିନ ଶାସନଦଣ୍ଡ, ରାଜନୈତିକ ନିଷ୍ପତ୍ତି, କୂଟନୈତିକ ଛଳନା, ସାମରିକ ଆଚରଣ ମଧ୍ୟରେ ଧାର୍ମିକ ଓ ନିଷ୍କପଟ ଦିଗପ୍ରତି ଦୃଷ୍ଟି ରଖିବା ଅସମ୍ଭବ।

ହାତୀଗୁମ୍ଫା ଶିଳାଲିଖନରେ ଖାରବେଳଙ୍କର ଅନ୍ତରର ଭାଷା ରହିଛି. ସେହି ପଦଟି ଖାରବେଳଙ୍କର ଆଦର୍ଶ ପ୍ରତିପାଦନ କରେ

"ବସୁକୁଳ ବିନିସିତୋ" ଅର୍ଥାତ୍ "ରାଜର୍ଷି ବସୁଙ୍କର ବଂଶଜ", ଏହା ତାଙ୍କର ନିଜସ୍ୱ ଭାଷା ଆଉ ଭାବର ପରିପ୍ରକାଶ। ତାଙ୍କର ଆଦର୍ଶ ଋଷିଗୁଣର ରାଜା। ରାଜର୍ଷି।

ଏହି ରାଜର୍ଷି ବସୁ କିଏ। ସେ ଖାରବେଳଙ୍କର ଚେଦି ବଂଶର ପୂର୍ବଜ ଏବଂ ସହସ୍ରାବ୍ଦ ଆଦିମ ମହାଭାରତ କାଳର। ତାଙ୍କର ଆଧ୍ୟାତ୍ମିକ ଶକ୍ତି ଏତେ ଅଧିକ ଥିଲା ଯେ ତାଙ୍କୁ ମହାଭାରତରେ ରଚୟିତା ବ୍ୟାସଦେବ ତାଙ୍କୁ ଉପରିଚାର ବସୁ ବୋଲି ଉଲ୍ଲେଖ କରିଛନ୍ତି। ସେ ରାଜର୍ଷି ଏବଂ ଦେବତା ଗୁଣର। ମହାଭାରତ ଯୁଗର ଏହି ରାଜର୍ଷି ଚେଦିବଂଶର ଏବଂ ଚେଦିରାଜ୍ୟର ରାଜା ଥିଲେ। ଚେଦି ରାଜ୍ୟ ସୁକ୍ତିମତୀ ନଦୀ କୂଳରେ ଅବସ୍ଥିତ ଥିଲା ଯାହାକୁ ଚିତ୍ରୋତ୍ପଳା ବା ମହାନଦୀ କୂଳର ପଶ୍ଚିମ ଓଡିଶାର ରାଜ୍ୟ ଭାବରେ ଗ୍ରହଣ କରାଯାଏ। ବସୁଙ୍କର ରାଜ୍ୟଶାସନ ଏବଂ ଧାର୍ମିକ ମନୋଭାବ ଲୋକମୁଖରେ ଏତେ ପ୍ରଶଂସା ଅର୍ଜନ କରିପାରିଥିଲା ଯେ ସ୍ୱୟଂ ଖାରବେଳ ତାକୁ ଆଦର୍ଶ ଭାବରେ ବ୍ୟାଖ୍ୟା କରିଛନ୍ତି।

ସେହି ମହାନ୍ କଳିଙ୍ଗାଧିପତି ଋଷି ମନୋଭାବ ରଖିଛନ୍ତି, ଆସନ୍ତାକାଲିକୁ କଅଣ ଘଟୁଛି, ସେଇଟା କଳିଙ୍ଗର ଭାଗ୍ୟ।

୦୦୦

*ସମାରୋହ, ୧୨୮, ଝୁମୁଝୁମା(କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

*କ୍ରମଶଃ...*




# ନଇବଂଧ

**ଡକ୍ଟର ନାରାୟଣ ପଣ୍ଡା**

ଗଲାସନ ବଢ଼ିରେ
ନଇବଂଧ ଉପରେ
ଚରିକଣ ମେଲି ଶୋଇଚି
ପିଲାଦିନର
ଚକାବରଗଛ।

ଶାଗୁଣା ବଗ ଗେଣ୍ଡାଳିଆଙ୍କ
ଭାଙ୍ଗିଯାଇଛି ବସା।

ରାତିପାକଳ ହେଲେ
ବଂଧ ଏ ପାଖରୁ ସେପାଖ
ଖେଦିବୁଲେ
ଡାଆଣି ଆଲୁଅ।

ବୁଢ଼ା ପଳାସଗଛରେ
ଅଦିନିଆ ବସାବାଂଧିଚି
ହଳଦୀବସନ୍ତ।
ଆରପାଖ ମନ୍ଦିରରେ
ଦେବୀଙ୍କର ସରଗରମରେ
ଚାଲିଚି ନବରାତ୍ର।

ରାଣ ଦେଲାପରି
ସାତମୁଣ୍ଡ ନଗଲାତକ
ନଇବଂଧ ତଳ ମଶାଣିର
ଲିଭେନା କେବେ ଯୂଇ।
ବନାନନାର
ପରିତ୍ୟକ୍ତ କାଠ କେବିନ୍‌ରେ
ଚରିଗଲେଣି ଉଇ।

ପୁଆବାଡ଼ି ଖେଳରେ
ବାଜି ଲଗାଇ
ଖେଳରେ ହାରିଯାଇଥିବା
ପିଲାଦିନର ସାଂଗ
ଏବେ ଅଚିହ୍ନା ଆକାଶର ତାରା।
ସାଂଗସାଥୀ ଗହଣରେ
ନଇଡିଆଁ ପାଣିବୁଡ଼ା ଖେଳଥିଲା
ନିଅତ ନିଆରା।

*ବଉଳପଦା, ବଳରାମପୁର, ଆଠଗଡ଼, କଟକ*
*ପିନ୍-୭୫୪୨୯୫*


# ମୁଁ ଚଢ଼େଇ କହୁଚି

**ଡ. ସୁଷମା ମିଶ୍ର**

ମୁଁ ଚଢ଼େଇ କହୁଚି ଏଇ ଗଛ ଡାଳର
ଶୀର୍ଷରେ ଥାଇ
ଏକାକୀ ବସିଥିଲେବି ମୁଁ ଏକା ନୁହେଁ
ଆସିବ, ମୋ ଡାଳରେ ସ୍ୱର ମିଶାଇ
ଆସିବ ଆଉ ଏକ ସାଥୀ ଚଢ଼େଇ।
ଆମ ସଂସାର ଏମିତି
ଏକଦା ନୀଡ଼ ରଚୁ ଦୁଇଜଣପ୍ରେମୀ
ଆକାଶେ ସ୍ୱପ୍ନ ଧରି,
କୁଟା କାଠି ପତ୍ର ଏକାଠି କରି।
ମାତୃତ୍ୱର ସାଧନା କରୁଥାଏ ଜଣେ
ଅଣ୍ଡା ଉଷୁମାଇ
ଆଉ ଜଣେ ଜଗିଥାଏ
ଆତ୍ମୀୟତାର ଚୌକିଦାର ହୋଇ।
ଅବଶେଷରେ ଆସେ ସେହି ଦିନ
ଚିଁ ଚିଁ କଳରବରେ
ସଂସାର ଆମର ହୋଇଯାଏ ଧନ୍ୟ।
ଥଣ୍ଟରେ ଆହାର ଆଣି, ଶାବକ ଆଁରେ
ଦେବାରେ
ପକ୍ଷ ତଳେ ଘୋଡ଼ାର ଖାଦକ ଆଁ ରୁ
ରକ୍ଷା କରିବାରେ
ପୁଣି ମାଉଁସ ପିଣ୍ଡୁଳା ପରି
ନବଜାତକମାନେ ଖଣ୍ଡିଉଡ଼ା ଦେଉ ଦେଉ
ଫୁର୍ କରି ଉଡ଼ିଯିବାପରେ,

ଆମେବି ଉଡ଼ିଯାଉ ଦୁଇଟି ଅଲଗା ଦିଗରେ ।
ଝୁରିବା ନାହିଁ ଆମ ଜାତକରେ
ପରିପୂର୍ଣ୍ଣ ହେବାପରେ
ପରିତ୍ୟକ୍ତବସା ଗଛରେ ଝୁଲି ଝୁଲି
ବର୍ଷା ପବନର ମାଡ଼ ଖାଇ ଖାଇ
ଦିନେ ମିଶିଯାଏ ମାଟିରେ... ।
ଶାବକମାନେ ଡେଣା ମେଲି
ବରିନିଅନ୍ତି ନିଜ ନିଜ ଆକାଶ
କେମିତି ବଢ଼ିଲେ ଉଡ଼ିଲେ
ଜାଣି ପାରନ୍ତିନାହିଁ ଜନ୍ମ ଇତିହାସ ।
ଚିହ୍ନିବାକୁ ସେମାନଙ୍କୁ ଆମେ କେବେ
ହେଉନି ଉଚ୍ଛନ୍ନ ।
ଅଭିନ୍ନ ବାସରୁ ବିଚ୍ଛିନ୍ନ ହୋଇ
ଆମେ ହେଉ ଭିନ୍ନ ।
ପ୍ରେମର ଯାତ୍ରା ଆମେ ପୁଣି ଆରମ୍ଭ କରୁ
ଏକକ ଭୂମିକାରେ ପ୍ରକୃତି ଦାୟରେ ।
ନା ଥାଏ ବିଦାୟର ଦୁଃଖ ଅଭିମାନ
ନା ଥାଏ ପ୍ରତିବାଦ ନା ସ୍ମୃତିର ରୋମନ୍ଥନ ।
ସମୟର କେବଳ ଗୋଟିଏ ଅବସ୍ଥାରେ
ଅବସ୍ଥାନ ଆମ ବିହଙ୍ଗକୁଳର ।
ଯେଉଁଥିପାଇଁ ଭୋଗୁ ଆମେ
ଖାଲି ବର୍ତ୍ତମାନ ନୂଆ ଆନନ୍ଦର ।
ଏଇତ ଆସୁଚି ଅଚିହ୍ନା କେଉଁମୁଲକରୁ
ପୁଲକର ଜୁଆର ତୋଳି
ନୂଆ ଏକ ସାଥୀ ମୋର
ଗାଇ ଗାଇ ଗୀତ ମିଳନର ।
ଯୁଗଳ ଚଞ୍ଚୁରେ ଆମେ ପଲ୍ଲବିତ ଗଛ ଡାଳେ
ଝୁଲାଇବୁ ବସା ଆମ
ନୂଆ ବନ୍ଧନର... ।

*ଖଣ୍ଡଗିରି, ଭୁବନେଶ୍ୱର*



# ବରଷା

**ଡାଃ ମନୋରଞ୍ଜନ ଦାଶ**

ବରଷାରେ ଭିଜିଚି ମୁଁ ବହୁବାର ।
ବରଷାରେ ଅତୀତର ସ୍ମୃତିକୁ ରୋମନ୍ଥନ କରିବାକୁ
ଭାରି ଭଲ ଲାଗେ ।
ବରଷାର ଛଳଛଳ ଆବେଗକୁ
ବୁଝିଛ କି ତୁମେ !
ବରଷାରେ ତ ନିଟୋଳ ଆନନ୍ଦରେ ପ୍ଲାବିତ ହୁଏ,
ମନ, ପ୍ରାଣ ଏବଂ ଧରା ।
ବରଷାର ଅପରୂପ ପାଣିରେ ହଜନ୍ତି ଚାଷୀ,
ବୃକ୍ଷରାଜି ଓ ପ୍ରୀତି ମନସ୍କ ମାନବୀୟ ସତ୍ତା ।
ସଫେଦ୍ କବିମାନେ ବରଷା ପାଇଁ
ଆତୁର ନୁହଁନ୍ତି,
କାହିଁକି ନା ସବୁ ଋତୁ କବି ପାଇଁ ଏକା ପରି ।
ବରଂ ବରଷାର ସୌନ୍ଦର୍ଯ୍ୟରେ
ପୁଲକିତ ହୋଇ ସୃଷ୍ଟି ରଚନ୍ତି,
ସମାଜର ମଙ୍ଗଳ ଦାୟରେ ।
ଆତୁରମାନେ ତ ଦୁଃଖ ।
ବରଷାରେ ଆତ୍ମସମୀକ୍ଷାରେ
ଜୀବନର ମର୍ମକୁ ଉଣ୍ଡାଳିବାକୁ ହୁଏ,
ମିଥ୍ୟା ଓ ଛଳନାର ଆଢୁଆଳେ ।
ସେଇ ବରଷାରେ କବିଟିଏ ବି
ସୃଜନ ରଚି ଗାଇ ଉଠେ
ଆହାଃ ମୋ ସୁରଭି
କେତେ ମଧୁକ୍ଷରା ।

*ପ୍ରଭାବତୀ ନିଳୟମ୍, ବେଲତଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*
*ଦୂରଭାଷ: ୯୪୩୭୩୧୭୭୨୨*

# କଂସେଇର କଦର୍ଥନା

**କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ**

ବଣରେ ନିଆଁ, ସହରରେ ନିଆଁ, ଗାଁରେ ନିଆଁ...
ଜଳିପୋଡ଼ି ଯାଉଛି ଦୁନିଆ
ଗଳୋଦ୍‌ଘର୍ମ ମଣିଷ ହଉଛି ଉଃ...ଆଃ... ।

ତା ମନରେ ବି ନିଆଁ ଲାଗିଯାଇଛି

ସବୁ ପିତା, ଅସାର
ଆକାଶ ଛୁଆଁ କୋଠା, ମାର୍ବଲ ଖଚିତ ଫ୍ଲାଟ୍, ଫ୍ଲାଟ୍ ସାମ୍ନା ଲନ୍
ଗାଁର ତାତିଲା ପୋଖରୀ, ଗରମ ହେଇଥିବା ଟ୍ୟାପ୍ ପାଣି
ସବୁ ବିଷଭଳିଆ ଲାଗୁଛି, ଖାଲି ତାତି ଆଉ ତାତି
ଇଚ୍ଛାହଉଛି ଫୋପାଡ଼ିଦବାକୁ ଲୁଗାପଟା ।
ତାତି ସାଂଗକୁ ପବନ ଟିକେ ବି ନାହିଁ
ଗଛପତ୍ରଗୁଡ଼ା ହାତ ହଲଉନାହାନ୍ତି ।
ଖରା, ପବନ, ପାଣି, ଗଛପତ୍ର... ସମସ୍ତେ କଣ ହରତାଳ କରିଛନ୍ତି
ମଣିଷ ବିରୁଦ୍ଧରେ !
ଜାଳିଦବୁ, ପୋଡ଼ିଦବୁ, ଖତମ୍ କରିଦବୁ
ମଣିଷ ଜାତିକୁ ।
ଯୋଉଠି ପ୍ରଜାଙ୍କ ଲାଗି ପ୍ରଜାପତି ସୃଷ୍ଟିର ଭିଆଣ
ଏଇ ଲୋକଗୁଡ଼ାକ ପାଇଁ ଇନ୍ଦ୍ର ଜଳ ଢାଳିଦଉଛି
ସୂର୍ଯ୍ୟ, ଚନ୍ଦ୍ର, ତାରା ଉଉଁଛନ୍ତି
ନଈଗୁଡ଼ାକ ବହିଚାଲିଛନ୍ତି ଜଳାଧାର ହୋଇ
ସେ ନିୟମ କଣ ବଦଳିଗଲା ?
ସୃଷ୍ଟିକର୍ତ୍ତା କଣ କ୍ରୂର ହେଇଗଲେ ?
ଚେତେଇଦବାକୁ
ପ୍ରକୃତି ସାଜିଛି ମୁକ୍ତ ବିଶ୍ୱବିଦ୍ୟାଳୟ
କଳାକର୍ମ ଫଳକୁ ବ୍ରହ୍ମା ହରିହର
ଏଡ଼େଇ ପାରିବେନି ବୋଲି
ପ୍ରକୃତି ବଜାଇ ସାରିଲାଣି ସତର୍କ ଘଣ୍ଟି ।
ବିଛୁଆତି ଗଛ ରୋପି ତୁଳସୀର ବାସ୍ନା ଚାହିଁଲେ
କୋଉଠୁ ମିଳିବ ?
ଜଂଗଲରେ ନିଆଁ ଉଗଉଛି ଏଇ ମଣିଷ
ଗଛ ହାଣୁଛି ଏଇ ମଣିଷ
ଜଳନଷ୍ଟ କରୁଛି ଏଇ ମଣିଷ
ନଷ୍ଟକଲେ କଷ୍ଟ ଥୁଆନା
ଅପବ୍ୟବହାର ନରୋକିଲେ
ଜଳିପୋଡ଼ି ମରିବା ଥୟ ।

ପୁଣି ଗଛ ପଲ୍ଲବିବ
ପୁଣି ମଳୟ ବହିବ
ମାଟି ମା'ର ତତଲା ଛାତି ଶୀତଳ ହବ
ପ୍ରକୃତି ରାଣୀ ତା ଶାଗୁଆ ପଣତକାନିରେ
ପୁଣି ଆମକୁ ଘୋଡ଼େଇ ରଖିବ
ଯଦି ଆମେ ସୁଧୁରିଯାଉ
ପ୍ରକୃତି ପ୍ରତି କଂସେଇ ନସାଜୁ ।

*ସଂପାଦକ- 'ପ୍ରାଚୀ ସାହିତ୍ୟ ସମିତି', ନିଆଳୀ*
*ଦୂରଭାଷ: ୭୮୫୪୮୪୨୫୩୯*

# ମୁଖା

**ସୁଶୀଲ କୁମାର ପାଣିଗ୍ରାହୀ**

ମଣିଷ ମୁଖାଟି ହିଁ ଦିଅ

ଲୁଚାଇଚି ମୋର
ରକତଲଗା ଦାନ୍ତ

ନାଲି ଆଖିରେ
ନିଜ ହିଂସ୍ର ନଜର...

ଆରେ ! ତଥାପି
ଲୋକେ ତ ଚିହ୍ନିପକାଇବେ ମୋତେ
ଦେଖି ମୋର
ଛୁରୀ ପରି ହସ ।

ଦିଅ ସେ ମୁଖାଟି
ମଣିଷ ପରି ଦେଖାଯିବି
ନିଜ ଭିତରେ
ମଣିଷର ଭୟକୁ
ସାମ୍ନା କରିବି ।

ଏବେ ତ ମଣିଷର ଲାଳରେ ହିଁ
ଲଟକିରହିଛି ସବୁଜିମାର ଗୀତ

ଜଙ୍ଗଲର ଅଧିକାର ଓ ଭବିଷ୍ୟତ
ହେଣ୍ଟାଳକୁ ଡର ତ
ତା ଭିତରେ
କୁଆଡ଼େ ଲାଞ୍ଜ ଜାକି ଫେରାର୍ ।

ମୁଖାଟି ଦିଅ
ମଣିଷ ପରି ଦିଶିବା ଲାଗି
ମଣିଷ ହେବିନି
ମଣିଷ ନ ହେବା ସବୁଠୁ ସହଜ

ହେଲେ
ତୁମଭଳି ମୋତେ ବି
ଶିଖିବାକୁ ପଡ଼ିବ

ମଣିଷତ୍ୱ ଭୁଲି ଜଣେ କେମିତି
ହେଇଥାଏ ମଣିଷ
ମଣିଷ ହେବାକୁ ଚାହୁଁ ନ ଥାଏ
ମଣିଷ ହେଇ

ମଣିଷ ରୂପରେ ମଣିଷକୁ
ମାରିବାର କଳାକୌଶଳ
ଯଦି କିଛି ଅଛି
ତାହା ବି ଶିଖିଯିବି ଯେ

ଏ ତ ଅସମ୍ଭବ ମନେ ହେଉଛି
କରୁଣା ମୋ ଭିତରେ
ନଦୀ ହେଇ ବହିବା ଆରମ୍ଭ କରିବ
ତାକୁ ଆଉ ମୁଁ ଶୁଖାଇ ପାରିବିନି।

ମଣିଷ ମୁଖାଟି ହିଁ ଦିଅ

ଖାଲି ପିନ୍ଧିଥିବି
ତୁମ ଭଳି ହିଂସ୍ରତାକୁ
ଲୁଚାଇବାକୁ ନୁହେଁ

ମୁଖା ପିନ୍ଧିବି
କିନ୍ତୁ ହେବି ନାହିଁ ମଣିଷ

ନିରୀହ ହେଇଯିବି ତ
ତୁମେ କ'ଣ
ମୋତେ ଆଉ ଛାଡ଼ିବ ?
ନ ଡରନ୍ତୁ ମୋତେ ପଛେ କେହି
ଗର୍ଜିବି

ବାଘର ଗର୍ଜନଠୁ
ବାଘର ମଧୁର ବଚନ
ଭାରି ବିପଦଜନକ

କଣ ମିଛ ?

*କଲ୍ୟାଣ ରେସିଡେନ୍ସି*
*ଫ୍ଲାଟ - ୨୦୩, ଫାର୍ମ ରୋଡ଼, ସମ୍ବଲପୁର-୨*
*ଦୂରଭାଷ: ୮୧୪୪୨୨୮୨୦୨*

# ସପନର ବେପାର

**ସ୍ୱୟଂପ୍ରଭା ରଥ**

ସପନର ବେପାର ମୋତେ ଖୁବ୍ ମହଙ୍ଗା ପଡ଼ିଲା
କେତେ କମ୍ ସମୟରେ ଝୁଡ଼ି ମୋର ଖାଲି ହୋଇଗଲା
ଅଥଚ, ପ୍ରତିବଦଳରେ ମୋତେ ମିଳିଲା କେବଳ ଅଙ୍ଗାର
ଅଣ୍ଟିରେ ମୋର ଏବେ ଟଙ୍କାଟିଏ ନାହିଁ
ଏମାନେ ଆସି ଧାର, ଉଧାରର କଥା କହନ୍ତି
ମୁଁ ତ ଆଜିଯାଏ ଶୁଝିପାରିନାହିଁ ମାଟିର ଧାର !
ଏମାନେ କିନ୍ତୁ ଧନ, ଧାନର କଥା କହନ୍ତି;

ମୁଁ କିଛିଦିନର ମହ୍ଲତ ମାଗିଲି ଯେ
ଏମାନେ ଆଜି ଆଜି ବୋଲି କହିଲେ
ମୋତେ ଦେଖି ଧରା ମୋର କୋହ କୋହ ହେଲା
ମୁଁ ତା ଦରିଆ, ଦରିଆ ଲୁହରେ ଭରିଦେଲି !

ହାତର ରେଖାସବୁ ଚୂପ୍ ହୋଇଗଲେ
ଅବଶ୍ୟ କିଛି ରେଖା ଜୀବନ ଉପରେ
ଘୋରି ହୋଇଯାଇଥିଲା
ସେମାନେ, ଯେବେ ବିଭୋର ନାଚରେ ଉନ୍ମତ୍ତ ଥିଲେ
ମୁଁ ଠିକ୍ ସେତିକିବେଳେ ଜୀବନର କିଛି ବୀଜ ବୁଣିଦେଲି
କିଛି ନିଖୋଜ ଶବ୍ଦକୁ ସ୍ୱରର ମାନ୍ୟତା ଦେଲି
କିଛି ଶୁଖିଲା ମୁହଁ ପାଇଁ ହସ
ବସା ଭାଙ୍ଗିଯାଇଥିବା ପକ୍ଷୀଟିକୁ ମୋର
ଝୁଡ଼ିଟି ନୀଡ଼ ବାନ୍ଧିବାକୁ ଦେଲି
କିଛି ପାଗଳ ପତଙ୍ଗଙ୍କ ଝଡ଼ି ଆସୁଥିବା ଡେଣାରେ
ପର ବାନ୍ଧିଦେଲି !

ଏବେ ମୋ ନୟନରୁ ଆତ୍ମତୃପ୍ତିର ଲୁହ ଛିଟିକି ପଡ଼ିଲା
ଶୁଖିଲା ଛାଞ୍ଚରେ ମୋର ମାଟି ଲାଗିଲା ଜୀବନ ଭରିଲା !
ଭୂଲି ଗଲି, ବେପାର ପାଇଁ ମୁଁ ଆସିଥିଲି
କ'ଣ ପାଇଲି, କ'ଣ ହଜାଇଲି
ଗଲା ଋତୁରେ କ'ଣ ବୀଜ ବୁଣିଥିଲି
ଆକାଶ ପ୍ରତିଶୃତି ଦେଲା
ଏଥର ବର୍ଷାରେ ସବୁ ବୀଜ ତୋର
ଅଙ୍କୁରିତ ହେବ
ବୃକ୍ଷ ହୋଇ ଫୁଲ ଫୁଟିବ, ଫଳ ଭରିଯିବ !
ଆଉ ମୁଣ୍ଡ ଉପରେ ଛତା, ଖରା ପାଇଁ ଛାଇଟିଏ ଥିବ !

ସମସ୍ତେ ମିଠା ମିଠା ଫଳ ଋଖିନେଲେ

ଯେବେ ଫସଲ କଟିଲା
ମୋ ପାଇଁ ଚେର ମୂଳରେ ପଡ଼ିଥିବା
ଗୀତ ଗାଉଥିବା ଦୁଃଖ, ନୀଳ ଆଘାତର ଦାଗ
ଦୂର ସାଗରରେ ବୁଡ଼ିଯାଉଥିବା ନୌକାର
ଝାପ୍‌ସା ଚିତ୍ର ଛାଡ଼ିଗଲେ!!
ଚେର ମୂଳ ଅଣ୍ଡାଳୁ ଅଣ୍ଡାଳୁ ମୁଁ ଧୂଳି-ଧୂସରିତ ହେଲି
ମୋ ସଙ୍ଗୀ, ସତୀର୍ଥ, ସାଥୀ
ମୋ ସହ ଭେଦା-ଭେଦ କଲେ!!

ସେମାନେ, ଏବେ ବେପାରର ହାନି-ଲାଭ ତଉଲୁଛନ୍ତି
ମୋ ସପନ ଝୁଡ଼ିରେ ଜୀବନର ନକ୍‌ସା ଅଣ୍ଡାଳୁଛନ୍ତି
ମୋ ଘର, କାନ୍ଥ, ଖଟ ଗଲାପରେ
ମୋର ମୁଣ୍ଡ ତଳର ତକିଆଟି ଅଛି
ତାକୁ ବି ଯଦି ନିଲାମ କରିବ! ଠିକ୍ ଅଛି
ମୋ ଡଙ୍ଗାଟି ଛାଡ଼ି ଯାଉଛି ତୁମ ପାଇଁ
ତା'ଣ ଋଣ ମୁଁ ଶୁଝିସାରିଛି।

ଏତେ ସବୁ ଯାତନା ପରେ ବି ମୋର ଶେଷ ସ୍ୱପ୍ନ
ଛାଡ଼ିଯାଉଛି ତୁମ ପାଇଁ,
ଛାଡ଼ିଯାଉଛି ତୁମ ଓଠ ପାଇଁ ଶୁଭ୍ର ବୁନ୍ଦେ ଶିଶିର
ତୁମ ହାତରେ ଆଞ୍ଜୁଳାଏ ବାସ୍ନା ଫୁଲ
ଆଉ ତୁମ କଣ୍ଠ ପାଇଁ ମୋ କବିତାର ମିତ୍ରାକ୍ଷର ॥

*ଫ୍ଲାଟ୍ ନଂ.- ୫୧୩,*
*୭୮, ଡ୍ରିମ୍‌ସ ଆପାର୍ଟମେଣ୍ଟ, ଘାଟିକିଆ, ଭୁବନେଶ୍ୱର-୭୫୧୦୦୩*

# ମାଟି ହାଣ୍ଡି

**ଡାକ୍ତର କୃଷ୍ଣ ଚନ୍ଦ୍ର ରଥ**

ଦୂର ଦିଗ୍‌ବଳୟେ
ମାଟି ଓ ଆକାଶ
ମିଶି ଯିବାର ଭ୍ରମ।

ଠିକ୍ ସେମିତି
ଯେମିତି ତୁମେ ଗୋଟାଏ
ଗୋପନ ରହସ୍ୟ।

ଏବେ ଚାରିଆଡ଼େ ଶୁନଶାନ୍
କେବଳ କୁମ୍ଭାରର ଚକ ବୁଲିବା ଶବ୍ଦ।

ଅନନ୍ତା ଗଉଡ଼ର
ଗୁହାଳରୁ ଗାଈ ଦୁହାଁ ଶବ୍ଦ
ଲାଇନ୍‌ରେ କ୍ଷୀର ନେବା
ଲୋକଙ୍କ ଧାଡ଼ି।

ଶରତ ଋତୁର ଭୋର ବେଳ
ନୀଳ କଇଁଚା ଏବେ ଏବେ
ହସୁଚି, ଯେମିତି ଗୋଟେ
ମନ-ମୁଖୀ ଝିଅ।

ଢେଉ ଢେଉକା ପବନଟା
ବୋଳି ଦିଏ ଧୂଆଁ ଧୂଳି
ଦେହରେ ମନରେ ଆଖିରେ।

ତୁମେ ସରଗର ପରୀ
ପଥ ଭୁଲି ରହି ଯାଉଛି।
ଇଚ୍ଛାମତେ ଏ ଧୂଳି ଘରେ
ଭୁଲି ଯାଇଛ ଲୁଚୁକାଳି ଖେଳେ।

ଲୁଚି ଥିଲେବି
ଦିଶି ଯାଉଛି ତୁମ
ପଣତ କାନି।
ଏବେ ସମସ୍ତେ ଚୁପ୍ ଚାପ୍
ସମୟର ଅଦେଖା ହାତଟା
ଛୁଇଁ ଦେଇଛି ମାଟି ହାଣ୍ଡି।

କ୍ଷୀର ଭରା ହାଣ୍ଡିଟା
କଚାଡ଼ି ହୋଇ ପଡ଼ିଛି
ଆଖି ଲୁହରେ
ଘରର ଅନ୍ଧାର କଣରେ।

*କେ-୪, ପ୍ଲଟ - ୧୪୭୦,*
*କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର*

# ତୁମେ ଆସିବା ପରେ

**ଗୋପାଳ ଚନ୍ଦ୍ର ମିଶ୍ର**

ତୁମେ ଆସିବା ପରେ
ବଦଳିଗଲା ସକାଳ ଆଉ ସନ୍ଧ୍ୟାର ରଙ୍ଗ,
ସକାଳର ପହିଲି କିରଣରେ
ରଙ୍ଗୀନ୍ ପ୍ରଜାପତିମାନେ ଉଡ଼ି ବୁଲିଲେ,

ସନ୍ଧ୍ୟାରେ ତାରାମାନେ ଫୁଲ ହୋଇଗଲେ।... ॥

ପହିଲି ପ୍ରେମର ଛିଟାରେ
ଇନ୍ଦ୍ରଧନୁର ସାତରଙ୍ଗ
ଲେସି ହୋଇଗଲା ମନର କାନଭାସ୍‌ରେ,
ସ୍ୱପ୍ନମାନଙ୍କର ଡେଣା ଛୁଇଁଗଲା
ଦିଗ୍‌ବଳୟର ସୀମାପାର ହୋଇ।... ॥

ପକ୍ଷୀର କାକଳି, ବର୍ଷାର
ରିମ୍‌ଝିମ୍ ଶବ୍ଦ
ପ୍ରିୟା ପାଉଁଜିର ରୁଣୁଝୁଣୁ ଝଙ୍କାର,
ଏକାକାର ହୋଇଗଲେ
ନଦୀଟିଏ ସମସ୍ତ ବିଭବ ନେଇ
ସାଗରରେ ଅବଲୁପ୍ତ ହେବାପରି।... ॥

ତୁମ ଆସିବା ପରେ
ସମୟଟା ଦୌଡ଼ୁଥିଲା ଅବିରାମ୍ ଗତିରେ,
ଲଗାମ୍‌ଛଡ଼ା ହୋଇ,
ରାତି ପରେ ଦିନ, ଦିନ ପରେ ରାତି,
ମନେଭରି କେତେ ଅଭିମାନ,
ଆଉ ମିଠା ମିଠା ବେଦନାର ସ୍ମୃତି।... ॥

ଶବ୍ଦର ପ୍ରତିଟି ତରଙ୍ଗରେ
କେବଳ 'ତୁମେ' ଆଉ 'ମୁଁ'
ତୁମ ଛାତିର ସ୍ପନ୍ଦନ ବ୍ୟତୀତ
ଅନ୍ୟ ସବୁ ଶବ୍ଦମାନେ ଶୋଇ ପଡୁଥିଲେ
ଗଭୀର ନିଦ୍ରାରେ
ଗୋଲାପୀ ସ୍ୱପ୍ନମାନେ ଅଳସ ଭାଙ୍ଗୁଥିଲେ,
ମୋ ମନର ଖୋଲା ଇଲାକାରେ।... ॥

*ଗ୍ରା. - ଅରିଲୋ, ପୋ.- ଶଂଖତ୍ରାସ, ଜି.- କଟକ*
*ଦୂରଭାଷ: ୮୪୫୭୯୩୧୦୫୬*

# ତୁମେ ତ ଆସିଲା ପରେ !!

**ରାହାସ କୁମାର ବେହେରା**

ତୁମେ ତ ଆସିଲା ପରେ !!

ସବୁଜ ଗହଳ ପତ୍ରେ
ଆଶ୍ୱସ୍ତିର ଖୁସିର ମିଳନ,
ଫୁଟେ ବନ ଉପବନେ
ରୂପ ରଙ୍ଗେ ପଳାଶ ସୁମନ।

ଶୁଷ୍କ ଚିତ୍ତ ଲାଗେ ତାଜା
ମଧୁଝରେ ଫଗୁଣର ଗୀତି
ଆତ୍ମହରା ହୃଦମ୍ବୁଜ
ନାଚେ ଗାଏ ରାଧା ନାମ ପ୍ରୀତି।

ବାଜେ ବଂଶୀ ସାତ ସ୍ୱରେ
ମଳୟ ବହଇ ମୃଦୁ ମୃଦୁ
ଆକାଶର ଅଭିସାରେ
ଝଲସଇ ତାରା ସହ ଇନ୍ଦୁ।

କେକୀ ନାଚେ ପୁଚ୍ଛ ଟେକି
କୁରଙ୍ଗ ଚାହେଁ ଦୂରୁ ଥିରି
ଅବିର ରଙ୍ଗେ ଧରଣୀ
ଶୋଭାବନ୍ତ ଦେଖ ନର ନାରୀ।

ଅଶୋକ, ତରାଟ, ହେନା
କୃଷ୍ଣଚୂଡ଼ା, କେତକୀ, ସୁନାରୀ
ସୋରିଷ କ୍ଷେତେ ଭଅଁର
ଗୁଣୁ ଗୁଣୁ ସାଥିକୁ ସୁମରି।

ଛନଛନ କିଶଳୟ
ଆମ୍ର କୁଞ୍ଜେ କୋଇଲିର କୁହୁ
ବଉଳର ବାସ୍ନା ମୋହେ
କ୍ଳାନ୍ତ ହାରେ ପଥେ ରହୁ ରହୁ।

ମରତରେ ମଧୁକାଳ
ଶୋଭାଯୁକ୍ତ ଅପୂର୍ବ ମାଧୁରୀ
ଉପସ୍ଥାନେ ବଦଳଇ
ଚତୁପାର୍ଶ୍ୱେ ଲାଗେ ଚିତ୍ର ପୁରୀ।

ମନେ ଭରେ ମାଦକତା
ନୂତନତ୍ୱ ଉଚ୍ଛ୍ୱାସ ଯେତକ
କବିପ୍ରାଣ ନିନାଦିତ
ଯୋଡ଼େ ଶବ୍ଦ ହୋଇଣ ଭାବୁକ।

ତୁମେ ତ ଆସିଲା ପରେ
ସ୍ୱପ୍ନ ଭରେ ରୂପସୀ ଆଇନା
ବଦଳେ ମୋ ଗତିବିଧି
ବୟସଟା ହୁଏ ଆନମନା।

ବାଲ୍ୟମ୍ୟା, ଭାପୁର, ଢେଙ୍କାନାଳ-୭୫୯୦୧୫
ଦୂରଭାଷ: ୯୪୩୮୧୧୪୩୬୮

# ନାରୀ, ବେଗମତୀ ନଈ

**ସୁଜିତ କୁମାର ମିଶ୍ର**

ପଢୁଛି ଉଠୁଛି ସେ
ଚାରିପଟକୁ
ହୃଦୟ ହାତୁଡ଼ିରେ ସଜାଡୁଛି।

ନାରୀ ଭିନ୍ନ ଭିନ୍ନ ଅବତାରରେ
ପ୍ରେମର ପୀୟୂଷ,
କର୍ମମୟ ଜୀବନରେ ଯନ୍ତ୍ର ପରି ସେ
ଯନ୍ତ୍ର ଓ ଚଳ ଚଞ୍ଚଳ,
ଦୂବଘାସ, ଦେବପୂଜାରେ
ସମର୍ପିତ ହେବା ପରି ସେ ସମର୍ପଣର
ଦୁର୍ମୂଲ୍ୟ ଗହଣା,
ତ୍ୟାଗର ଲହୁଲୁହ,
ବିଶ୍ୱାସର ନଈଘାଟ।

ବର୍ଷାରେ ଯେମିତି ମାଟି ଭିଜେ
ମମତାର ବର୍ଷାରେ
ନିତି ଭିଜୁଥିବା ମଣିଷଟି
ନାରୀ ହିଁ ତ ନିଜେ।

ନାରୀ
ବିଭୋରପଣରେ
ବାୟା ଚଢ଼େଇର ବସାଟିଏ,
କି ଗ୍ରୀଷ୍ମ କି ଶୀତ କି ଖରା
ସବୁକୁ ମାଖି ତା ଅନ୍ତରେ ସେ
ଅନାସକ୍ତେ ଝୁଲୁଥାଏ,
ନାରୀ ମିଠା ଭାବରେ ବହିଯାଉଥିବା
ବେଗମତୀ ନଈଟିଏ।

କେଉଁ ସ୍ୱାର୍ଥ ଅମରାବତୀର
ସେ ନୁହେଁ କ୍ଷଣିକ ରୂପସୀ,
ସେ ନୁହେଁ କେଉଁ ବ୍ୟର୍ଥ ବୈଭବ
ରାଶିରାଶି,
ସେ କେବେ ଦେବଦାସୀ,
କେବେ ଉଦାର ଦେବତାରୁ
କେବେ ତପସ୍ୱିନୀ
କେବେ ପ୍ରେମମୟୀ ତୃଷ୍ଣା ତଟିନୀ
କେବେ କରୁଣାର ତାରକସୀ,
ନାରୀ ଅପରୂପା ଅନୁପମା
ଆକର୍ଷଣୀୟ ଜ୍ୟୋତ୍ସ୍ନାବେଶୀ।

ଏ ଡାଳରୁ ସେ ଡାଳକୁ
ରହି ରହି ବିହଙ୍ଗ ପରି
ବାଣ୍ଟୁଥିବା ମମତା ନାରୀ,
ପାହାଚ ପରେ ପାହାଚ ଅତିକ୍ରମ କରି
ନାରୀ ଯୁଗଶ୍ରୀ, ଶୁଭଶ୍ରୀ,
ଅଗମ୍ୟ ପଥରେ ଚାଲି ଚାଲି
ଆଶାର ଆଲୋକ ସଞ୍ଚରି ସେ
ସାଉଁଟୁଥିବା ଶିରୀ,
ମୁଠାଏ ଭରସାରେ ସେ
ମିଠା ବନ୍ଧନର ଯୋଡ଼ି ମହୁରୀ,
ହେଲେ ତା ଛାତି ତଳ ତାତିକୁ
କେଇଜଣ ଦେଖିଛନ୍ତି ଆଖି ଖୋଲି ?

ସେ ତ୍ୟାଗର ବିଶାଳ ସିନ୍ଧୁ,
କାହାର ସ୍ୱପ୍ନ ପାଇଁ ସେ ଅଶ୍ରୁସ୍ନାତା,
ନିଜେ ଚିରାଫଟା ଗୁଡ଼େଇ ହୋଇ
ଅନ୍ୟ ପାଇଁ ସେ ସୌନ୍ଦର୍ଯ୍ୟର ଭେକ,
ସେ ବେରଙ୍ଗ ହେଲେ ବି
ପ୍ରତି ଅଗଣାରେ ଫଗୁଣର ରଙ୍ଗ,
ବୈଶାଖ ପରେ ମରତ ହସେ
ସେ କିନ୍ତୁ ଚିରକାଳ ବୈଶାଖ
ବର୍ଷି ବର୍ଷି ହସି ହସି,
ପରଳ ପୂର୍ଣ୍ଣ ଆଖିରୁ କିନ୍ତୁ ଏଠି ଝରେନି
ଲୁହ ବିନ୍ଦୁ ବିନ୍ଦୁ।

ଯେଉଁ ପକ୍ଷୀର ଆକାଶ
ଦିନେ ଥିଲା ସାତ ସପନ
ତା ଦେହରେ ସେ ହୋଇଥିଲା ଡେଣା,
ପକ୍ଷୀ ଏବେ ସମର୍ଥ,
ପକ୍ଷୀ ଏବେ ସ୍ୱପ୍ନିଳ,
ସେ କିନ୍ତୁ ଏବେ
ଅଣଓସାରିଆ କୋଠରୀରେ
ସବୁ ପ୍ରତାରିତ ପୀଡ଼ିତଙ୍କ ସହ ଏକାଠି,
ଗରମ ଲୁହାର ତାତିରେ ସେ ବେହାଲ,
ଆଖିର ଲୁଣି ଲୁହ, ଛାତିର ତିକ୍ତ କୋହ ତ
ତାର ଅସରନ୍ତି ପାଉଣା।

ନାରୀ ତ ମନ୍ଦିରରେ
ଦେବୀ ପରି ପୂଜିତା
ସେ ହୋଇନିକି ନିନ୍ଦିତା ?
ଲାଗିନିକି ତା ଦେହରେ
କଳଙ୍କର କଳାଦାଗ,
ବାଟହୁଡ଼ିନିକି ଉଗ୍ର ସ୍ୱାଧୀନତାର
ଉଜାଣି ସୁଅରେ,
ସେ କଣ ହୋଇପାରେ ନିନ୍ଦିତ
ଯାହାର ଆଚରଣରେ ଶଙ୍ଖଧ୍ୱନି
ଶୁଣିବାକୁ ଦିନେ ସଭିଏଁ ଥିଲେ
ବ୍ୟଗ୍ର ବାତୁଳ,
ଗୋଡ଼ ଖସିବା ଭିତରେ ବି ମୁଖରିତ
ତା ମହନୀୟତାର ସ୍ରୋତ।

ସମଗ୍ର ପୃଥିବୀକୁ ଆଲୋକିତ
କରୁଥିବା ନାରୀକୁ କାହିଁକି ଯେ
ମେଞ୍ଚା ମେଞ୍ଚା ଅନ୍ଧାରର ପୁରସ୍କାର ?

ନାରୀ ଜୀଇଁଲେ
କଅଁଳେ, ବିକଶିତ, ସମର୍ଥ ଜୀବନ
ଦୁଃଖର ଝାଞ୍ଜିରେ ତା
ସମଗ୍ର ପତନ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ଦୂରଭାଷ: ୭୬୮୩୮୬୭୭୪୨*

# ଉପାନ୍ତର ଅନ୍ତଃଚିତ୍ର

**ଜ୍ୟୋତି ପ୍ରକାଶ କର**

ଉପାନ୍ତର ଅନ୍ତଃଗିରି ନିରେଖ ହେ
ଉପକଣ୍ଠର କଣ୍ଠବୋଧ କରୁଥିବା
ମାନ୍ୟବର ମହାମହିମମାନେ,
ଜୀଇଁବାର ଆଧାର ତ ଏଠି
ଧରାଶାୟୀ, ଧୂଳି ଧୂସରିତ
ଉଜୁଡ଼ା କ୍ଷେତର ଭେକ ପରି ଖାଁ ଖାଁ।
କିଏ ଜାଣେ ଅଭ୍ୟାସରେ
ଅଭାବରେ ନା ଅନାହାରରେ
ଆମ୍ବଟାକୁଆର ଆଉଟା ଜାଉ ଟିକେ ପାଇଁ
ଆଉଟୁ ପାଉଟୁ ଆଦିମ ଅଧିବାସୀ।
କେତେଦିନ ଯୁଝିବାକୁ ହେବ
ଜୀବନ ଜୀବିକା ପାଇଁ
ତାଳିପକା ପଲିଥିନ୍ ପାଲର ପଲା ସାଥୀରେ,
ସାତ ସପନ ଏଠି ମୁଣ୍ଡ ଗୁଞ୍ଜିବାକୁ
ଝାଞ୍ଜି ଝଞ୍ଜା ବର୍ଷାରୁ ଆଶ୍ରା ପାଇଁ
ପକ୍କା ଆବାସର ବାସ ଖଣ୍ଡେ।
ବେଦନା ବିଜଡ଼ିତ ଅସଜ ଆସକତ ପୋଖତି
ବୋଝହେଇ ବୁହାହୁଏ ଖଟିଆରେ ତ
ଭାଗ୍ୟର ଭରସାରେ ଭାରୁଆଙ୍କ ଭାରରେ,
ଗୋଦରେଇ ଯାଏ ଦିସାରୀର ଗୁଣି ଗାରେଡ଼ି ଗୁଟି
ସୃଷ୍ଟି ହୁଅନ୍ତି ଉତ୍ତର ପୁରୁଷ ଝଣ୍ଡା ଧରିବାକୁ।
ବଢ଼ାହୁଏ ଭୋକର ଭୋଗ
କଟାହୁଏ ମଣିଷ ନିଲାମ ଓ ଋଲାଣର ପାର୍ଚା
ଦାନାକନା ପାଇଁ ଦାନାଧରେ ଦାଦନର ଦସ୍ତାବିଜ,
ବିକଳତାର ଅବିକଳ ଚିତ୍ର ଛିଟା
ଚିରିଦିଏ ଚଳନ୍ତି ପ୍ରତିମାଙ୍କ ଚରିତ୍ର।
ନଥିଲାବାଲାଏ ନିତି ଦରାଣ୍ଡନ୍ତି
ଥିଲାବାଲାଙ୍କ ଧାଡ଼ି ବଢ଼ି ବଢ଼ି ମାଡ଼େ
ପରପିଢ଼ିଙ୍କର ଥଇଥାନରେ,
ଶାସନ ପ୍ରଶାସନଙ୍କ ମିଶାଣ ଫେଡ଼ାଣର
ଅଛିଣ୍ଡା ଅଙ୍କ ଭିତରେ ପଶି ପେଷି ହୁଏ
ଅସରନ୍ତି ଦୁଃଖର ଅନ୍ଧାରି ମୂଳକ
ତଥାପି ଦଳଦଳ କାଦୁଅ ଫିଙ୍ଗାର କନ୍ଦଳରେ।
ଅପହଞ୍ଚ କୁଢ଼ କୁଢ଼ ଯୋଜନା
ଅଟକନ୍ତି ଯୋଜନ ଯୋଜନ ଦୂରୁ
ବାଟବଣା ହୁଏ ବିକାଶର ନିଶ୍ୱାସ
ତଥାପି ଆମେ ଧ୍ୱଜା ଧରି ପାଳୁ
ସ୍ୱାଧୀନତାର ଅମୃତ ମହୋତ୍ସବ।

*ପ୍ଲଟ ନଂ.- ୪୯/ସି, ଶକ୍ତି ନଗର, ଲିଙ୍କ୍ ରୋଡ଼, କଟକ-୧୨*
*ଦୂରଭାଷ: ୯୪୩୮୫୩୨୪୫୭*

ତନ୍ମାତ୍ର

# ଆଉଥରେ ସିଂହମ୍




ସିଂହମ୍ ଓ ସିଂହମ ରିଟର୍ଣ୍ସର ପ୍ରଚଣ୍ଡ ସଫଳତା ପରେ ରୋହିତ ସେଟ୍ଟି ସିଂହମ୍ ସିରିଜ୍‌ର ତୃତୀୟ ଅବଦାନ "ସିଂହମ୍ ଏଗେଇନ୍" ଭେଟି ଦେଇଛନ୍ତି ବଲିଉଡ୍ ଦର୍ଶକଙ୍କୁ। ପୂର୍ବରୁ ବାଜିରାଓ ସିଂହମ୍‌ର ମୂଳ ଚରିତ୍ରରେ ଅଜୟ ଦେବଗନ୍ ଅଭିନୟ କରିଥିଲାବେଳେ ସିଂହମ୍‌ରେ ତାଙ୍କ ସହ ନାୟିକା ଥିଲେ କାଜଲ ଅଗ୍ରୱାଲ ଏବଂ ସିଂହମ୍ ରିଟର୍ଣ୍ସରେ ନାୟିକା ଥିଲେ କରିନା କପୁର। ପ୍ରଥମଟିରେ ପ୍ରକାଶ ରାଜ ମୁଖ୍ୟ ଖଳନାୟକ ଚରିତ୍ରରେ ଥିଲାବେଳେ ଦ୍ୱିତୀୟ ସଂସ୍କରଣରେ ଖଳନାୟକ ଥିଲେ ଅମୋଲ ଗୁପ୍ତେ। ଦୁଇଟିଯାକ ସଂସ୍କରଣ ସୁପରହିଟ୍ ହେଲାପରେ ଏବେ ତୃତୀୟ ସଂସ୍କରଣରେ ଆସିଛି "ସିଂହମ ଏଗେଇନ୍"। ଏଥିରେ ନାୟିକା ଅଛନ୍ତି ଦୀପିକା ପାଦୁକୋନେ। ଏହାପୂର୍ବରୁ ଅକ୍ଷୟକୁମାର ଅଭିନୟ କରିଥିବା ସୂର୍ଯ୍ୟବଂଶୀ ଚଳଚ୍ଚିତ୍ରରେ ମଧ୍ୟ ସିଂହମ ଚରିତ୍ରରେ ଅଳ୍ପ ସମୟ ପାଇଁ ଅବତୀର୍ଣ୍ଣ ହୋଇଥିଲେ ଅଜୟ ଦେବଗନ୍। ଏଥର ଏଇ ନୂଆ ସଂସ୍କରଣରେ ଅକ୍ଷୟକୁମାର ସୂର୍ଯ୍ୟବଂଶୀ ଭୂମିକାରେ ଅବତୀର୍ଣ୍ଣ ହୋଇ ସିଂହମ୍‌ର ସହାୟକ ଚରିତ୍ରରେ ଅଭିନୟ କରିଛନ୍ତି। ରଣବୀର ସିଂହ ମଧ୍ୟ ସଂଗ୍ରାମ ଭାଲେକର ଭୂମିକାରେ (ସିମ୍ବାର ନାୟକ) ସିଂହମ୍‌ର ପୋଲିସ ବାହିନୀରେ ସହାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କ ସହିତ ପୋଲିସ ବାହିନୀରେ ରହି ସହଯୋଗ କରୁଥିବା ଅନ୍ୟ ତାରକା ଅଭିନେତା ଅଭିନେତ୍ରୀମାନେ ହେଲେ ଟାଇଗର ସ୍ରୋଫ୍ ଓ ଶ୍ୱେତା ତିୱାରୀ।

ଚଳଚ୍ଚିତ୍ରଟିରେ ମୁଖ୍ୟ ଖଳନାୟକ ଭୂମିକାରେ ଅର୍ଜୁନ କାପୁର ଥିଲାବେଳେ ତାଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଖଳନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଜ୍ୟାକି ସ୍ରଫ୍।

୨୦୧୭ ରେ ପରିକଳ୍ପନା କରାଯାଇଥିବା ଏଇ ଚଳଚ୍ଚିତ୍ରଟିର କାହାଣୀଟିରେ ରାମାୟଣର କାହାଣୀ ସହିତ ସାମଞ୍ଜସ୍ୟ ରଖାଯାଇଛି। ଚରିତ୍ରମାନଙ୍କୁ ମଧ୍ୟ ସେଇପ୍ରକାର ସାମଞ୍ଜସ୍ୟ ରଖାଯାଇ ଅବତୀର୍ଣ୍ଣ କରାଯାଇଛି। କାହାଣୀରେ ସିଂହମ୍‌ର ପତ୍ନୀ ଭୂମିକାରେ ଅଭିନୟ କରୁଥିବା ଅବନୀ କାମାତ (ଦୀପିକା ପାଦୁକୋନେ) ଓ ଅବନୀର ବନ୍ଧୁ ମ୍ରିଗ୍ୟା (କରିନା କପୁର) କେନ୍ଦ୍ର ସଂସ୍କୃତି ବିଭାଗ ସହିତ ଜଡ଼ିତ ଥିବା କଳାକାର ଏବଂ ସେମାନେ ରାମଙ୍କର କାହାଣୀକୁ ନେଇ ରାମଲୀଳା ଥିଏଟର ପ୍ରସ୍ତୁତ କରିଛନ୍ତି। ଲସ୍କର ଆତଙ୍କବାଦୀ ଓମର ହାଫିଜ୍ (ଜ୍ୟାକି ସ୍ରଫ) ର ପୁତ୍ରକୁ ହତ୍ୟା କଲାପରେ ଓମର, ଜୁବେର ଓରଫ ଲଙ୍କା ପ୍ରତିଶୋଧ ପରାୟଣ ହୋଇଉଠି ଅପହରଣ କରିଛନ୍ତି ଅବନୀକୁ। ଏହି ଅପହରଣକୁ ସୀତାହରଣ ସହ ତୁଳନୀୟ କରାଯାଇ ଅନ୍ୟାନ୍ୟ ଚରିତ୍ରମାନଙ୍କୁ ଲକ୍ଷ୍ମଣ, ରାବଣ, ଜଟାୟୁ ପ୍ରଭୃତିଙ୍କ ସହ ତୁଳନୀୟ କରାଯାଇଛି। ପରିଶେଷରେ ସିଂହମ୍ ତା'ର ବାହିନୀ ସହ ପତ୍ନୀକୁ ଉଦ୍ଧାର କରିବା ପରେ ଚଳଚ୍ଚିତ୍ରଟିର କାହାଣୀରେ ଯବନିକା ପଡ଼ିଛି।

ଏଇ ଚଳଚ୍ଚିତ୍ରଟିରେ ସଲମାନ ଖାଁ ମଧ୍ୟ ଦବଙ୍ଗର ନାମୀ ପୋଲିସ ଅଫିସର ଚୁଲବୁଲ ପାଣ୍ଡେ ନାମରେ ଅବତୀର୍ଣ୍ଣ ହୋଇ ସିଂହ ବାହିନୀର ମନୋବଳ ବଢ଼ାଇଛନ୍ତି। ଏତେଗୁଡ଼ିଏ ସୁପରଷ୍ଟାରଙ୍କୁ ନେଇ ରୋହିତ ସେଟ୍ଟି ବେଶ୍ ପାରଦର୍ଶିତା ଦେଖାଇଛନ୍ତି ସେମାନଙ୍କୁ ଚଳଚ୍ଚିତ୍ରରେ ନିଜ ନିଜର ପ୍ରାସଙ୍ଗିକତା ବଜାୟ ରଖିବାରେ। ଅଜୟ ଦେବଗନ୍, ରୋହିତ ସେଟ୍ଟି ଓ ଜ୍ୟୋତି ଦେଶପାଣ୍ଡେଙ୍କର ମିଳିତ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରଟିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ରବି ବସରୁରୁ। ନଭେମ୍ବରରେ ମୁକ୍ତିଲାଭ କରିଥିବା "ସିଂହମ୍ ଏଗେଇନ୍" ପ୍ରଯୋଜନାରେ ଖର୍ଚ୍ଚ ହୋଇଛି ପ୍ରାୟ ୩୭୫ କୋଟି ଟଙ୍କା ଏବଂ ପ୍ରଥମ ଚାରି ସପ୍ତାହରେ ଏହା ପ୍ରାୟ ୪୦୦ କୋଟି ଟଙ୍କା ଆୟ କରିସାରିଛି। ବ୍ୟବସାୟିକ ସଫଳତା ପାଇ ଏହା ନିଶ୍ଚିତ ଭାବରେ ଏକ ଭଲ ମନୋରଞ୍ଜନ ଧର୍ମୀ ଚଳଚ୍ଚିତ୍ର ଭାବରେ ଦର୍ଶକମାନଙ୍କ ମଧ୍ୟରେ ଆକର୍ଷଣ ସୃଷ୍ଟି କରିପାରିଛି।

ଖେଳ ଓ ଖେଳାଳୀ

# ବିଶ୍ୱ ଟେଷ୍ଟ ଚାମ୍ପିୟାନସିପ୍

୨୦୨୩-୨୫ ବିଶ୍ୱ ଟେଷ୍ଟ ଚାମ୍ପିୟାନସିପ୍ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ପ୍ରାୟ ଚୂଡ଼ାନ୍ତ ସ୍ତରରେ ପହଞ୍ଚି ସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କେଉଁ ଦୁଇଟି ଦଳ ଫାଇନାଲ ଖେଳିବେ ସେ ବିଷୟରେ ଏପର୍ଯ୍ୟନ୍ତ ମଧ୍ୟ ଦୃଶ୍ୟପଟ୍ଟ ସଂପୂର୍ଣ୍ଣ ଅନିଶ୍ଚିତ। ଗୋଟିଏ ମାସ ତଳେ ନ୍ୟୁଜିଲାଣ୍ଡ ଭାରତକୁ ଭାରତ ମାଟିରେ ପରାସ୍ତ କରିବାର ଠିକ୍ ପୂର୍ବରୁ ଭାରତ ଫାଇନାଲ ଖେଳିବାର ଶ୍ରେଷ୍ଠ ଦାବୀଦାର ଥିଲା କିନ୍ତୁ ହଠାତ୍ ସବୁ ଓଲଟପାଲଟ ହୋଇ ଅଷ୍ଟ୍ରେଲିଆ ଶୀର୍ଷକୁ ଉଠିଯିବା ସହିତ ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ପାଇଁ ସୁଯୋଗର ଦ୍ୱାର ଖୋଲିଯାଇଥିଲା। ଏଇ ଗୋଟିଏ ମାସ ମଧ୍ୟରେ ପୁନରାୟ ଓଲଟପାଲଟ ହୋଇ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ପଛରେ ପଡ଼ିଯାଇଛନ୍ତି ଏବଂ ଦକ୍ଷିଣ ଆଫ୍ରିକା ଏବେ ବଡ଼ ଦାବୀଦାର ହୋଇଉଠିଛି। ଏବେ ଅଷ୍ଟ୍ରେଲିଆ, ଭାରତ ସିରିଜରେ ଭାରତର ପ୍ରଥମ ଟେଷ୍ଟରେ ବିଜୟ ପୁନରାୟ ଭାରତ ପାଇଁ ଉଜ୍ଜ୍ୱଳ ସମ୍ଭାବନା ଆଣିଦେଇଛି। ବିଭିନ୍ନ ପ୍ରକାରର ସମ୍ଭାବ୍ୟ ପରିସ୍ଥିତିରେ ଭାରତ ପ୍ରତିଯୋଗିତାରେ କେଉଁଠି ସ୍ଥାନ ପାଇବ ତା'ର ଏକ ବିଷଦ ଆଲୋଚନା ନିମ୍ନରେ କରାଗଲା।

**<u>ସମ୍ଭାବନା-୧</u>:- (ଯଦି ଭାରତ ଅଷ୍ଟ୍ରେଲିଆକୁ ୫-୦, ୪-୧, ୪-୦ କିମ୍ବା ୩-୦ ରେ ସିରିଜ ହରାଏ)** ଏଭଳି କ୍ଷେତ୍ରରେ ଅନ୍ୟ ଦଳମାନଙ୍କର ପ୍ରଦର୍ଶନ ଓ ଫଳାଫଳ ଉପରେ ନିର୍ଭର ନକରି ଭାରତ ସିଧାସଳଖ ଫାଇନାଲରେ ପ୍ରବେଶ କରିବା ସହିତ ଏଭଳି ଫଳାଫଳ ଗତ ଥରର ଚାମ୍ପିୟାନ ଅଷ୍ଟ୍ରେଲିଆକୁ ମଧ୍ୟ ଦୌଡ଼ରୁ ବାଦ ପକେଇଦେବ।

**<u>ସମ୍ଭାବନା-୨</u>:- (ଭାରତ ଯଦି ଅଷ୍ଟ୍ରେଲିଆକୁ ୩-୧ ରେ ହରାଏ)** ଏଭଳି କ୍ଷେତ୍ରରେ ଭାରତର ଫାଇନାଲ ପ୍ରବେଶ ସମ୍ଭବ ହେବ ଯଦି ଶ୍ରୀଲଙ୍କା ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଶୃଙ୍ଖଳାରେ ଦ୍ୱିତୀୟ ଟେଷ୍ଟରେ ଶ୍ରୀଲଙ୍କା ପରାସ୍ତ ନହୁଏ। ଏମିତିକି ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମଧ୍ୟରେ ସେଇ ଟେଷ୍ଟ ଅସୀମାଂସିତ ରହିଲେ ମଧ୍ୟ ଏଭଳି ଫଳାଫଳ ଭାରତ ପାଇଁ ବିପଦ ସୃଷ୍ଟି କରିବା ପ୍ରାୟତଃ ନିଶ୍ଚିତ।

**<u>ସମ୍ଭାବନା-୩</u>:- (ଭାରତ ଯଦି ଅଷ୍ଟ୍ରେଲିଆକୁ ୩-୨ ରେ ହରାଏ)** ଏଭଳି କ୍ଷେତ୍ରରେ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହେବ। ଭାରତ ଫାଇନାଲ ଯିବାକୁ ହେଲେ ଶ୍ରୀଲଙ୍କା ଅନ୍ୟୁନ ଅଷ୍ଟ୍ରେଲିଆ ବିରୁଦ୍ଧରେ ତାଙ୍କ ନିଜ ମାଟିରେ ଖେଳିବାକୁ ଯାଉଥିବା ଶୃଙ୍ଖଳାକୁ ଅସୀମାଂସିତ ରଖିବାକୁ ପଡ଼ିବ। ଏହି ସମ୍ଭାବନାରେ ଏକମାତ୍ର ଉଜ୍ଜ୍ୱଳ ଦିଗ ହେଲା ଶ୍ରୀଲଙ୍କା ତା'ର ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇଟିଯାକ ଟେଷ୍ଟ ଗାଲେଠାରେ ଖେଳିବ ଯେଉଁଠାରେ ଶ୍ରୀଲଙ୍କାର ବିଜୟ ସମ୍ଭାବନା ୮୦ ପ୍ରତିଶତ।

**<u>ସମ୍ଭାବନା-୪</u>:- (ଭାରତ ଯଦି ଅଷ୍ଟ୍ରେଲିଆ ସହ ୨-୨ ରେ ଶୃଙ୍ଖଳା ଅମୀମାଂସିତ ରଖେ)** ଏଭଳି କ୍ଷେତ୍ରରେ ଭାରତର ଫାଇନାଲରେ ପହଞ୍ଚିବା ସମ୍ଭାବନା କ୍ଷୀଣତର ହୋଇଯିବ। ଏଭଳି କ୍ଷେତ୍ରରେ ଦକ୍ଷିଣ ଆଫ୍ରିକା ଶ୍ରୀଲଙ୍କାକୁ ୨-୦ ରେ ପରାସ୍ତ କରିବା ସହ ଶ୍ରୀଲଙ୍କା ଅଷ୍ଟ୍ରେଲିଆକୁ ୧-୦ ରେ ଶୃଙ୍ଖଳା ପରାସ୍ତ କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିବ।

**<u>ସମ୍ଭାବନା-୫</u>:- (ଭାରତ ଯଦି ୨-୩ ରେ ଅଷ୍ଟ୍ରେଲିଆ ଠାରୁ ଶୃଙ୍ଖଳାରେ ପରାସ୍ତ ହୁଏ)** ଏଭଳି ହେଲେ ମଧ୍ୟ ଭାରତର ଫାଇନାଲକୁ ଯିବା ସମ୍ଭାବନା ଲୋପ ପାଇବ ନାହିଁ। ଏହା ବହୁତ ଗୁଡ଼ିଏ ଦଳର ବିଭିନ୍ନ ଶୃଙ୍ଖଳାରେ ଫଳାଫଳ ଉପରେ ନିର୍ଭରଶୀଳ ହେବ। ଏଥିନିମନ୍ତେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଶୃଙ୍ଖଳା ୧-୧ ରେ ଅମୀମାଂସିତ ରହିବା ଦରକାର, ଦକ୍ଷିଣ ଆଫ୍ରିକାକୁ ଉଭୟ ଶ୍ରୀଲଙ୍କା ଓ ପାକିସ୍ତାନ ଶୃଙ୍ଖଳାକୁ ୧-୧ ରେ ଅମୀମାଂସିତ ରଖିବା ଦରକାର ପଡ଼ିବା ସହିତ ଅଷ୍ଟ୍ରେଲିଆକୁ ଶ୍ରୀଲଙ୍କା ବିରୁଦ୍ଧରେ ୦-୦ ରେ ଶୃଙ୍ଖଳା ଅମୀଂମାସିତ ରଖିବାକୁ ପଡ଼ିବ। ଏଇ ପ୍ରକାରର ଫଳାଫଳ କଷ୍ଟସାଧ୍ୟ ଜଣାଯାଉଥିଲେ ମଧ୍ୟ କ୍ରୀକେଟ୍‌ରେ ସବୁକିଛି ସମ୍ଭବ ହେଉଥିବାରୁ ରୋହିତ ଶର୍ମାଙ୍କ ଭାରତୀୟ ଦଳକୁ ଆଶା ଓ ଭରସାର ସହିତ ଆଗକୁ ବଢ଼ିବାକୁ ପଡ଼ିବ।

ତେବେ ଆଜି ଦିନରେ ଭାରତ ଏଇ ପ୍ରତିଯୋଗିତାରେ ତାର ଶେଷ ଶୃଙ୍ଖଳା ଖେଳୁଛି ଏବଂ ଏଥିରେ ତା'ର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଏକାନ୍ତ ଆବଶ୍ୟକ। ଚାମ୍ପିୟାନ ହେବାର ଆଶା ରଖିଲେ ପରାଜୟର ଆଶଙ୍କାକୁ ପୁରାପୁରି ଭୁଲିଯାଇ ପୁରା ଦମ୍‌ରେ ଭଲ ଖେଳ ପ୍ରଦର୍ଶନ କରିବା ଅନିବାର୍ଯ୍ୟ। ଉପରେ ଆଲୋଚନା କରାଯାଇଥିବା ସମ୍ଭାବନା-୧ ହିଁ ସର୍ବଶ୍ରେଷ୍ଠ କାରଣ ସେଥିରେ କୌଣସି କିନ୍ତୁ ଓ ଯଦି ନାହିଁ।

ପୂର୍ବରୁ ଦୁଇଟିଯାକ ଫାଇନାଲ ଖେଳି ହାରିଥିବା ଭାରତୀୟ ଦଳ ପାଇଁ ଫାଇନାଲ ଜିତିବା ନିମନ୍ତେ ଆଉ ଏକ ସୁଯୋଗ। କଷ୍ଟକର ମନେ ହେଉଥିଲେ ମଧ୍ୟ ଅଷ୍ଟ୍ରେଲିଆରେ ଭାରତର ପ୍ରଦର୍ଶନ ସମସ୍ତଙ୍କ ମନରେ ଆଶାର ସଞ୍ଚାର କରିଛି।

| ଦଳର ନାମ | ସମୁଦାୟ ପଏଣ୍ଟ | ହାରାହାରି ପଏଣ୍ଟ |
|---|---|---|
| ଭାରତ | ୧୧୦ | ୬୧.୧୦ |
| ଦକ୍ଷିଣ ଆଫ୍ରିକା | ୬୪ | ୫୯.୨୬ |
| ଅଷ୍ଟ୍ରେଲିଆ | ୯୦ | ୫୭.୬୯ |
| ନ୍ୟୁଜିଲାଣ୍ଡ | ୭୨ | ୫୦.୦୦ |
| ଶ୍ରୀଲଙ୍କା | ୬୦ | ୫୦.୦୦ |
| ଇଂଲଣ୍ଡ | ୧୦୫ | ୪୩.୭୫ |
| ପାକିସ୍ତାନ | ୪୦ | ୩୩.୩୩ |

ଜ୍ୟୋତିଷ ବିଚାର




# ମାସିକ ରାଶିଫଳ

## (ତା: ୧୫/୧୨/୨୦୨୪ ରୁ ତା: ୧୪/୦୧/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ଚଳିତ ମାସଟିରେ ଆପଣ ଶୁଭାଶୁଭ ମିଶ୍ରିତ ଫଳର ଉପଭୋକ୍ତା ହେବେ। କର୍ମର ଗତିପଥରେ ବିଭ୍ରାଟ ଘଟିବାର ନାହିଁ। ସମସ୍ତ ନକାରାତ୍ମକ ଭାବାବେଗକୁ ହଜମ କରି ଦୃଢ଼ ମନୋବଳକୁ ଏକତ୍ର କରି ସାହାସର ସହିତ କର୍ମ ପଥରେ ଅଗ୍ରସର ହେବେ। ପରିଶ୍ରମ ଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଉପରିସ୍ଥ ମାନଙ୍କ ଆସ୍ଥାଭାଜନ ହେବାଫଳରେ କର୍ମରେ ଉତ୍ସାହ ପରିଲକ୍ଷିତ ହେବ। ସାମାଜିକ ସ୍ତରରେ କେତେକ ପ୍ରଶ୍ନିଳ ଚକ୍ଷୁର ସାମନା କରିବାକୁ ପଡ଼ିପାରେ। ଆର୍ଥୀକ ଦୃଷ୍ଟିକୋଣରୁ ପୂର୍ବ ତୁଳନାରେ ଶାନ୍ତି ପାଇବେ। ବେପାର ବାଣିଜ୍ୟର ଧାରାରେ କ୍ରମୋନ୍ନତି ଅନୁଭବ କରିଲେବି। ଅତ୍ୟଧିକ ଭାବ ପ୍ରବଣତାଠାରୁ ନିଜକୁ ଦୂରେଇ ରଖିଲେ ଦୁଶ୍ଚିନ୍ତାର ଶିକାର ହେବେ ନାହିଁ। ବିବାଦୀ କ୍ଷେତ୍ରରୁ ଭୟ ପାଇବାର ନାହିଁ। ମାଙ୍ଗଳିକ କାର୍ଯ୍ୟ ତଥା ନିର୍ମାଣ କାର୍ଯ୍ୟରେ ଅର୍ଥବ୍ୟୟର ସୂଚନା ଅଛି। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ଭ୍ରମଣ ଯୋଗେ ମାନସିକ ଶାନ୍ତି ମିଳିବ। ଶର୍ଦ୍ଦିଶ୍ଳେଷ୍ମା ରୋଗ ସହିତ ଛୁଆପିଲାମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇପାରେ। ପରିବାର ମଧ୍ୟରେ ଥାଇ ମଧ୍ୟ ଏକଲାବୋଧ ପଣ ଜାଗରିତ ହେବ। ମହିଳାମାନେ ଖଟଣୀ ମଧ୍ୟରେ ଗତି କଲେବି ପରିବାର ତଥା ସାମାଜିକ ସ୍ତରରେ ନିଜକୁ ପ୍ରତିଷ୍ଠା କରାଇପାରିବେ। ଭବିଷ୍ୟତର ଯୋଜନାରେ ସଂପୃକ୍ତ ହେବେ। ବିଦ୍ୟାର୍ଥୀମାନେ ଆଗ୍ରହର ସହିତ କର୍ତ୍ତବ୍ୟରେ ମନୋନିବେଶ କରିବେ। ଅଶୁଭ ଦିବସ:- ୨୦, ୨୧, ୨୨, ୩୦, ୩୧, ୬, ୭, ୧୪ ଅଷ୍ଟମଚନ୍ଦ୍ର:-୨୮, ୨୯ ଘାତଚନ୍ଦ୍ର:- ୮, ୯ ବାକି ଦିବସ ଶୁଭ।



**ବୃଷ:-** ମାସଟିରେ ଆପଣ ନାନା ପ୍ରକାରର ଚିନ୍ତା ଓ କ୍ଳେଶକର ପରିବେଶରେ ଗତିକଲେବି ଅଚିରେ ସେ ସବୁର ଉତ୍ତମ ସମାଧାନର ପଥ ଅବଶ୍ୟ ପ୍ରାପ୍ତ ହେବ। ବିଚଳିତ ନହୋଇ ଧୈର୍ଯ୍ୟ ଧାରଣ ତଥା ଏକନିଷ୍ଠ ଈଶ୍ୱର ବିଶ୍ୱାସ ବଳରେ ସମସ୍ତ ଜଟିଳ ପରିସ୍ଥିତିକୁ ଆୟତ୍ତରେ ରଖିବେ। ସମୟାନୁସାରି କାର୍ଯ୍ୟରେ ମନୋନିବେଶ କରି ଦୂଷିତ ପରିବେଶକୁ ସରଳ କରିବାରେ ସହଜ କରିବେ। ଶୁଭ ସମ୍ବାଦର ଆଶା ପୋଷଣ କରିହେବ। ଭ୍ରମଣ ଯୋଗେ ମାନସିକ ପରିବର୍ତ୍ତନ ହେବ। ଶଭୁକର୍ମରେ ସହଯୋଗ କରିବାର ଅଛି। ସାମାଜିକ ସ୍ତରରେ ନିଜର ପ୍ରାଧାନ୍ୟ ବଜାୟ ରହିବ। ବେପାର ବାଣିଜ୍ୟରୁ ଦୁଇ ପଇସା ହାତମୁଠାକୁ ଆସିବ। ଦ୍ରବ୍ୟନଷ୍ଟ ପ୍ରତି ସାବଧାନତା ହେବା ଆବଶ୍ୟକ। ବନ୍ଧୁ ବାନ୍ଧବରେ ସମ୍ମାନ ରକ୍ଷା ହେବ। ସ୍ଥଳ ବିଶେଷରେ ମୋଟା ଅଙ୍କର ଅର୍ଥ ହାତକୁ ଆସିପାରେ। ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବିବାଦୀୟ କ୍ଷେତ୍ରରେ ମନଉଣା ହେବାର ନାହିଁ। ପୁରାତନ ରୋଗ ସାଙ୍ଗକୁ ଅଣ୍ଡରୋଗ ଆକ୍ରମଣ କରିପାରେ। ମହିଳାମାନେ ଦୁଶ୍ଚିନ୍ତାର ଶିକାର ହେଲେବି କର୍ତ୍ତବ୍ୟରେ ଅବହେଳା କରିବାର ନାହିଁ। ପରିବାରରେ କିଛି ସଦସ୍ୟ ଅସୂୟାଭାବ ପ୍ରଦର୍ଶାଇବେ। ବନ୍ଧୁ ବାନ୍ଧବଙ୍କ ନିମିତ୍ତ ଖର୍ଚ୍ଚାନ୍ତ ହେବେ। ବିଦ୍ୟାର୍ଥୀମାନେ ପରିଶ୍ରମକୁ କୁଣ୍ଠାବୋଧ କରିବେ। ଅଶୁଭ ଦିବସ:- ୧୬, ୧୭, ୮, ୯ ଅଷ୍ଟମଚନ୍ଦ୍ର:- ୩୦, ୩୧ ଘାତଚନ୍ଦ୍ର:- ୨୩, ୨୪ ବାକି ଦିବସ ଶୁଭ।



**ମିଥୁନ:-** ଚଳିତ ମାସଟିରେ ସମସ୍ୟା ଓ କର୍ତ୍ତବ୍ୟକୁ ସାଥି କରି ଗତିଶୀଳ ହେବେ। କର୍ତ୍ତବ୍ୟ ପଥରେ ସଂଘର୍ଷ ଜାରି ରହିଲେବି ତାହାକୁ ପ୍ରତିହତ କରି ଆଗୁସାର ହେବେ। ଆରମ୍ଭରୁ ଗତି ଦ୍ରୁତ ହେଲେବି ଶେଷ ଆଡ଼କୁ ଧିମା ହୋଇପାରେ। ମାନସିକ ସ୍ଥିତି ସବୁବେଳେ ସ୍ଥିର ରହିବାରେ ସନ୍ଦେହ ଅଛି। କେତେକ କ୍ଷେତ୍ରରେ ବିଳମ୍ବ ଜନିତ କ୍ଷୋଭ ଓ ଅବଶୋଷର ଉପସର୍ଗ ଦେଖାଦେଲେ ଆଶ୍ଚର୍ଯ୍ୟ ଚକିତ ହେବାର ନାହିଁ। ଉପରିସ୍ଥ ମାନଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ଯଥେଷ୍ଟ ପରିଶ୍ରମର ଆବଶ୍ୟକତା ଅଛି। ବେପାର ବାଣିଜ୍ୟରେ ଚଉଆଖିଆ ଏବଂ ଅଦମ୍ୟ ଚେଷ୍ଟା ଫଳରେ ସ୍ଥିତି ସମ୍ଭାଳିନେବେ। ସାମାଜିକ ସ୍ତରରେ ବିଡ଼ମ୍ବିତ ହେବାର ନାହିଁ। ଅପ୍ରତ୍ୟାଶିତ ଭାବେ ହାତକୁ ଅର୍ଥ ଆସିବା ଫଳରେ ମନରେ ଦମ୍ଭ ଓ ଶାନ୍ତି ବିରାଜମାନ ହେବ। ଆପଣାରମାନେ ପଥରୋଧ କରିବାକୁ ପଛେଇବେ ନାହିଁ। ମନର କଥା ଅନ୍ୟ ଆଗରେ ଖୋଲାଖୋଲି ପ୍ରକାଶ କରିହେବ ନାହିଁ। ପୋଷାକ ରୁଚି ଓ ଖାଦ୍ୟ ରୁଚି

ବଢ଼ିବ। ନୂତନ ବନ୍ଧୁ ଯୋଗାଡ଼ରେ ପ୍ରୟାସୀ ହେବେ। ଗୃହ ନିର୍ମାଣ ନିମିତ୍ତ ଯୋଜନାକୁ ରୂପାୟିତ କରିପାରନ୍ତି। ସ୍ଥାନ ପରିବର୍ତ୍ତନ ଯୋଗ ଅଛି। ବାତପିତ୍ତ ରୋଗର ଶିକାର ହେବେ। ପାରିବାରିକ ଜୀବନ ମଧ୍ୟମ ଧରଣର ହେବ। ମହିଳାମାନେ ସୁଖଦୁଃଖକୁ ସାଙ୍ଗରେ ନେଇ ସମୟ ବିତାଇବେ। ସାମାଜିକ ଦାୟିତ୍ୱ ବହନ କରିବେ। ଅର୍ଥ ଚିନ୍ତା ରହିବ ନାହିଁ। ବିଦ୍ୟାର୍ଥୀମାନେ ପୂର୍ବ ତୁଳନାରେ ସୁଧାର ହେବେ।

ଅଶୁଭ ଦିବସ:- ୧୫, ୧୮, ୧୯, ୨୫, ୨୬, ୨୭, ୧୦, ୧୧ ଅଷ୍ଟମଚନ୍ଦ୍ର:- ୧, ୨, ୩ ଘାତଚନ୍ଦ୍ର:- ୪, ୫ ବାକି ଦିବସ ଶୁଭ।



**କର୍କଟ:-** ଆପଣଙ୍କ ପକ୍ଷେ ମାସଟି ଶୁଭଫଳ ପ୍ରଦହେବ। ଅପେକ୍ଷାକୃତ ଭାବେ ମନୋବଳର ବୃଦ୍ଧି ଘଟାଇ ଉତ୍ସାହର ସହିତ କର୍ମପଥରେ ଆଗେଇଯିବା ନିମିତ୍ତ ସୁଯୋଗ ସାଧନ ହେବ। ଉପସ୍ଥିତ ବୁଦ୍ଧି ପ୍ରୟୋଗକରି ଜଟିଳ କାର୍ଯ୍ୟକୁ ସହଜରେ ପରିଣତ କରି ନିର୍ବାହ କରିବେ। ଲକ୍ଷ୍ୟସ୍ଥଳ ପ୍ରାପ୍ତି ନିକଟତର ହେବ। ପୁରୁଣା କାର୍ଯ୍ୟର ପରିସମାପ୍ତି ସାଙ୍ଗକୁ ବର୍ତ୍ତମାନର କର୍ମପନ୍ଥା ସୁନିଶ୍ଚିତ କରିବେ। ସାମାଜିକ ସ୍ତରରେ ଲୋକାଦୃତିର ଅଭାବ ଘଟିବ ନାହିଁ। ବିବାଦୀୟ କ୍ଷେତ୍ରରେ ପଛକୁ ହଟିବାର ଆଶଙ୍କା ନାହିଁ। ବେପାର ବାଣିଜ୍ୟରେ ଉଦ୍ୟମ ଯୋଗେ ଦୁଇପାଦ ଆଗେଇଯିବାର ସୂଚନା ଅଛି। ଆଶାଜନକ ଲାଭ ଉଠାଇପାରନ୍ତି। ଆମୋଦ ପ୍ରମୋଦ ସାଙ୍ଗକୁ ସୁଖ ଭ୍ରମଣର ମଉକା ମିଳିବ। ବୈଷୟିକ ସୁଖ ସମୃଦ୍ଧିର ଉପଭୋକ୍ତା ହେବେ। ଆର୍ଥୀକ ଦିଗ ନିମିତ୍ତ ଚିନ୍ତିତ ହେବାର ନାହିଁ। ଈଶ୍ୱରୀୟ ଚିନ୍ତାଧାରା ଦ୍ୱାରା ଆତ୍ମତୃପ୍ତି ଲାଭ କରିବେ। ଲୋକ ଉପକାରରେ ନିଜକୁ ସାମିଲ କରିବେ। ଯାନବାହାନ କ୍ରୟ କରିପାରନ୍ତି। ପେଟ ଗୋଳମାଳ ତଥା ଚକ୍ଷୁରୋଗ ଦେଖାଦେବ। ଅବୟବରେ ପୀଡ଼ା ଅନୁଭବ କରିବେ। ପାରିବାରିକ ଶାନ୍ତି କ୍ଷୁର୍ଣ୍ଣ ହେବନାହିଁ। ମହିଳାମାନେ ମାସଟିରେ ନାନାବିଧ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିବେ। ବିଦ୍ୟାର୍ଥୀମାନେ ସମୟକୁ ଉତ୍ତମ ବିନିଯୋଗ କରି କୃତିତ୍ୱ ହାସଲ କରିବେ।

ଅଶୁଭ ଦିବସ:- ୨୮, ୨୯, ୧୨, ୧୩ ଅଷ୍ଟମଚନ୍ଦ୍ର:- ୪, ୫ ଘାତଚନ୍ଦ୍ର:- ୨୦, ୨୧, ୨୨ ବାକିଦିନ ଶୁଭ।



**ସିଂହ:-** ମାସଟି ଆପଣଙ୍କ ପକ୍ଷେ ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନ କଲେବି ପୂର୍ବରୁ ଗଡ଼ି ଚାଲିଥିବା ବହୁ ଅଶାନ୍ତି ଅପସରି ଯିବା କାରଣରୁ ତଥା ପ୍ରେରଣା ଉଦ୍ରେକ ହେବା ଯୋଗେ ସମସ୍ତ ନକାରାତ୍ମକ ପରିବେଶକୁ ପଛରେ ପକାଇ କର୍ତ୍ତବ୍ୟ ପଥରେ ଆଗକୁ ଆଗକୁ ମାଡ଼ି ଚାଲିବେ। ଉତ୍ସାହ ଓ ଆଗ୍ରହ ଯୋଗେ କର୍ତ୍ତବ୍ୟର ପରିଶ୍ରମ ଲାଘବ ହେବା ସହିତ ବକେୟା ତଥା ବର୍ତ୍ତମାନର କର୍ତ୍ତବ୍ୟର ପୂର୍ଣ୍ଣତା ଦେବେ। ଉପରିସ୍ଥ ମାନଙ୍କଠାରୁ ପ୍ରଶଂସା ମିଳିବାର ସମ୍ଭାବନା ଅଧିକ। ସାମାଜିକ ସ୍ତରରେ ସ୍ଥାନ ମାନ ପ୍ରତି ବ୍ୟଥିତ ହେବାର ନାହିଁ। ବେପାର ବାଣିଜ୍ୟରେ ନୂତନ ଦିଗର ସନ୍ଧାନ କରିପାରନ୍ତି। ଆର୍ଥୀକ ଦିଗ ଠିକ୍ଠାକ୍ ରହିବ। ମାଙ୍ଗଳିକ କାର୍ଯ୍ୟରେ ପ୍ରମୁଖ ଭୂମିକା ନିର୍ବାହ କରିବେ। ଜମି ଭୂମି କ୍ରୟ ବିକ୍ରୟ କରିପାରନ୍ତି। ଭୋଗ ବିଳାସ ପ୍ରତି ଆଗ୍ରହ ପ୍ରକାଶ ପାଇବ। ତୀର୍ଥ ଭ୍ରମଣ ସାଙ୍ଗକୁ ଦେବକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଆନୁଷ୍ଠାନିକ କର୍ମରେ ସଂପୃକ୍ତି ଘଟିବ। ପିତ୍ତ ବିକାର ସହିତ ରକ୍ତ ଜନିତ ରୋଗର କବଳିତ ହେବେ। ପାରିବାରିକ ଶାନ୍ତି ବ୍ୟାଘାତ ହେବନାହିଁ। ମହିଳାମାନେ କ୍ରୋଧ ଓ ଅଭିମାନକୁ ନିୟନ୍ତ୍ରଣ କରି ଅନ୍ୟମାନଙ୍କର ଆଦର ଲାଭ କରିବେ। ମନରେ ନୂତନ ଆଶା ସଞ୍ଚାରିତ ହୋଇ ଲୋକହିତକର କାର୍ଯ୍ୟରେ ଅଂଶଗ୍ରହଣ କରିବେ। ବିଦ୍ୟାର୍ଥୀମାନେ ଭୋଗବାଦକୁ ପରିହାର କରି ଯୋଗ ମାର୍ଗରେ ମାର୍ଗୀ ହେବେ।

ଅଶୁଭ ଦିବସ:- ୨୩, ୨୪, ୩୦, ୩୧, ୧୪ ଅଷ୍ଟମଚନ୍ଦ୍ର:- ୬, ୭ ଘାତଚନ୍ଦ୍ର:- ୧, ୨, ୩ ବାକି ଦିବସ ଶୁଭ।



**କନ୍ୟା:-** ଚଳିତ ମାସରେ ଆପଣ ପୂର୍ବ ତୁଳନାରେ ଅଧିକ ଶୁଭଫଳ ଆଶା କରିପାରିବେ। ବିନା ଶୋଚନାରେ ବିନା ବାଧାରେ ସ୍ୱାଧୀନ ଭାବେ କର୍ତ୍ତବ୍ୟ ସଂପାଦନ ନିମିତ୍ତ ସୁଅବସର କରାୟତ୍ତ ହେବ। ଅନ୍ୟର ହୁକୁମତାକୁ ପସନ୍ଦ କରିନପାରନ୍ତି। ଇଚ୍ଛାମତେ କର୍ତ୍ତବ୍ୟ ପଥରେ ଆଗେଇ କାର୍ଯ୍ୟ ସାଧନ କରିବେ। ମନର ଅବଶୋଷ ଓ ଅବସାଦର ପରିସମାପ୍ତି ଘଟିବ। ଐଶୀ କୃପା ଓ ଗୁରୁଜନ ମାନଙ୍କ ଶୁଭେଚ୍ଛା ତଥା ଆଶୀର୍ବାଦ ଗତିପଥକୁ ସହଜ କରିବ। ସୃଜନଶୀଳ ଚିନ୍ତାଧାରା ଯୋଗେ ବହୁଜନେ ପ୍ରଶଂସିତ ହେବେ। ଧୈର୍ଯ୍ୟ ଧାରଣ ପୂର୍ବକ କାର୍ଯ୍ୟପନ୍ଥା ଆପଣେଇଲେ ସଫଳତା ପ୍ରାପ୍ତି ଅସମ୍ଭବ ହେବନାହିଁ। ଶତ୍ରୁମାନଙ୍କୁ କୌଶଳ ପ୍ରୟୋଗକରି ନିର୍ବଳ କରିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ମାନ ବୃଦ୍ଧି ଘଟିବ। ବେପାର ବାଣିଜ୍ୟରୁ ମନକଷ୍ଟ କରିବାର ନାହିଁ। ବିବାଦୀୟ କ୍ଷେତ୍ର ଆପଣଙ୍କ ସପକ୍ଷରେ ଯିବ। ଆର୍ଥୀକ ଦିଗ ସଙ୍କୁଚିତ ହେବାର ନାହିଁ। ସୌଖୀନ ଦ୍ରବ୍ୟର ଉପଭୋକ୍ତା ହେବେ। ମାଙ୍ଗଳିକ କର୍ମର ଧ୍ୱନି ଗୃହରେ ପ୍ରତିଧ୍ୱନିତ ହେବ। ଦେବ କର୍ମରେ ଶ୍ରଦ୍ଧା ବଳିବ। ବନ୍ଧୁ ମେଳରେ ସମୟ ବିତାଇବେ। ଗଣ୍ଠି ଦରଜ ଓ ରକ୍ତ ଶର୍କରା ରୋଗର ଶିକାର ହୋଇପାରନ୍ତି। ପାରିବାରିକ ସ୍ତରରେ ନୂତନ ପରିବେଶ ସୃଷ୍ଟିହେବ। ମହିଳାମାନେ ସନ୍ତୋଷ ପ୍ରାପ୍ତ ହେବେ। ଆଳସ୍ୟ ବୋଧ ତଥା ବହୁଅର୍ଥ ବ୍ୟୟ ଯୋଗେ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ଉନ୍ନତି କରିବେ।

ଅଶୁଭ ଦିବସ:- ୨୫, ୨୬, ୨୭ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୧୬, ୧୭, ୧୨, ୧୩ ବାକି ଦିବସ ଶୁଭ।



**ତୁଳା:-** ମାସଟି ଆପଣଙ୍କୁ ଶୁଭଫଳ ଦେବାର ସୂଚନା ପ୍ରଦାନ କରୁଛି। ମାସର ପ୍ରଥମାର୍ଦ୍ଧ ଅପେକ୍ଷା ଶେଷାର୍ଦ୍ଧରେ ଶୁଭଫଳର ପରିମାଣ ଆଶାଜନକ ହୋଇପାରେ। କର୍ମକ୍ଷେତ୍ରର ଗତି ସାବଲୀଳ ହେବ। ଶତ୍ରୁମାନେ କ୍ରମଶଃ ଦୁର୍ବଳ ହୋଇପଡ଼ିବା ଯୋଗେ କର୍ମପଥରେ ଅନ୍ତରାୟ ସୃଷ୍ଟି କରିପାରିବେ ନାହିଁ। ଚାରିପାଖେ ଘୁରି ବୁଲୁଥିବା ସମସ୍ତ ପ୍ରକାରର ନକାରାତ୍ମକ ପରିବେଶକୁ ସମୂଳେ ବିନାଶ କରି କର୍ମପଥରେ ଅବାଧ ଗତି ଧାରଣ କରିବେ।


ଉପରିସ୍ଥ ମାନଙ୍କର ଆଶା ଓ ବିଶ୍ୱାସ ଅତୁଟ ରଖିବାରେ ସମର୍ଥ ହେବେ। ସାମାଜିକ ସ୍ତରରେ ନିଜର ସ୍ଥିତି ମଜବୁତ ରହିବ। ବିବାଦୀୟ କ୍ଷେତ୍ରରେ ବିଜୟର ବାନା ଉଡ଼ାଇ ପାରନ୍ତି। ବେପାର ବାଣିଜ୍ୟରେ ପ୍ରତିଯୋଗୀତା ଲାଗି ରହିପାରେ। ଅହେତୁକ ଭାବେ ଆଶା ପୂରଣ ହେବା ଫଳରେ ଉତ୍‌ଫୁଲ୍ଲିତ ହେବେ। ଅଯଥା କଳ୍ପନା ଜଳ୍ପନାରୁ ବିରତ ନହେଲେ ବିଷାଦିତ ଓ ଅବଶୋଷର କବଳିତ ହୋଇପାରନ୍ତି। ମାଙ୍ଗଳିକ ତଥା ଆନୁଷ୍ଠାନିକ କର୍ମରେ ତତ୍ପରତା ବୃଦ୍ଧି ପାଇବ। ଆର୍ଥୀକ ସ୍ଥିତି କ୍ରମଶଃ ସୁଦୃଢ଼ ହେବ। ଭ୍ରମଣରେ ସୁଖ ତଥା ଖାଦ୍ୟରୁଚି ଅଭିବୃଦ୍ଧି ହେବ। ବାତଦୋଷ ଓ ଥଣ୍ଡାଦୋଷର ଉପସର୍ଗ ଦେଖାଦେବ। ପରିବାର ସ୍ତରରୁ ଶାନ୍ତି ପାଇବେ। ମହିଳାମାନେ ଉଚ୍ଚଆଶା ପୋଷଣ କରିବେ। ପରିବାରରେ ମର୍ଯ୍ୟାଦା ରକ୍ଷା ସମ୍ଭବହେବ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟରେ ତତ୍ପରତା ପ୍ରଦର୍ଶାଇବେ।

ଅଶୁଭ ଦିବସ:- ୧୬, ୧୭, ୨୮, ୨୯, ୧, ୨, ୩ ଅଷ୍ଟମଚନ୍ଦ୍ର:- ୧୫, ୧୦, ୧୧ ଘାତଚନ୍ଦ୍ର:- ୩୦, ୩୧ ବାକିଦିନ ଶୁଭ।



**ବିଛା:-** ଶୁଭାଶୁଭ ଫଳ ପ୍ରଦାନ କରି ମାସଟି ଅତିବାହିତ ହେବ। ପୂର୍ବ ତୁଳନାରେ କିଛି ପରିମାଣରେ ଶୁଭଦ୍ୱର ଅନୁଭବ କଲେବି ମଝିରେ ମଝିରେ ଅଶାନ୍ତିର କବଳିତ ହୋଇ ଛଟପଟ ହେବା ବିଚିତ୍ର ନୁହେଁ। ବୈଷୟିକ ସୁଖ ସମୃଦ୍ଧି ସାମାନ୍ୟ ତ୍ରୁଟି ଯୋଗେ ହାତପାହାନ୍ତାରୁ ଦୂରେଇଯିବ। କର୍ମକ୍ଷେତ୍ରର ଗତି ବିପରୀତ ମୁଖି ନହେଲେବି ବିଳମ୍ବିତ ହେବାର ସୂଚନା ମିଳୁଛି। ଏକଲାପଣ ବୋଧ କରିବେ। ଆତ୍ମ ସଂଯମ ଓ ଧୈର୍ଯ୍ୟ ଧାରଣ ଦ୍ୱାରା ଅନେକ ସମସ୍ୟା ବାଟଭାଙ୍ଗି ଚାଲିପାରେ। ଐଶ୍ୱରୀୟ ଚିନ୍ତାଧାରା ଓ ଭାବଭକ୍ତି ଉଦ୍ରେକ ହେବ। ସ୍ଥଳ ବିଶେଷରେ ଆପଣାର ମାନେ ଭୁଲ ବୁଝିପାରନ୍ତି। ବେପାର ବାଣିଜ୍ୟ ପୂର୍ବବତ ଚାଲୁ ରହିବ। ସାମାଜିକ ସ୍ତରରେ ଚିନ୍ତନକୁ ପ୍ରାଧାନ୍ୟତା ପ୍ରଦାନ କଲେ ଆତ୍ମ ସମ୍ମାନରେ ଆଞ୍ଚ ଆସିବାର ନାହିଁ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗର ଆବଶ୍ୟକତା ଅଛି। ଆର୍ଥୀକ ଦିଗ ଚଳନୀୟ ହେବ। ଶୁଭ କର୍ମରେ ଭାଗ ନେଇ ମନ ପରିବର୍ତ୍ତନ କରିବେ। ରାଜକାର୍ଯ୍ୟ ସଂପାଦନରେ ପିତୃ କାର୍ଯ୍ୟରେ ଅଣଦେଖା ପରିସ୍ଥିତି ହେବ। ଛୋଟ ବଡ଼ ଅସୁସ୍ଥି ପୀଡ଼ାକୁ ବାଦ୍‌ଦେଲେ ବଡ଼ଧରଣର ଅସୁସ୍ଥିରୁ ଉଦ୍ଧାର ମିଳିବ। ପରିବାରରୁ ସାହାସ ଓ ସହଯୋଗ ପ୍ରାପ୍ତ ହୋଇପାରନ୍ତି। ମହିଳାମାନେ କର୍ତ୍ତବ୍ୟ କର୍ମରେ ନିଜକୁ ସାମିଲ କରି ଅଶାନ୍ତି ଓ ପୀଡ଼ାକୁ ଭୁଲିଯିବେ। ଭୋଗ ବିଳାସର ଉଣା ଘଟିବ ନାହିଁ। ବିଦ୍ୟାର୍ଥୀମାନେ ଉଜ୍ଜ୍ୱଳ ଭବିଷ୍ୟତର ପରିକଳ୍ପନା କରିବେ।

ଅଶୁଭ ଦିବସ:- ୧୮, ୧୯, ୩୦, ୨୧, ୪, ୫ ଅଷ୍ଟମଚନ୍ଦ୍ର:- ୧୬, ୧୭, ୧୨, ୧୩ ଘାତଚନ୍ଦ୍ର:- ୧୫, ୧୦, ୧୧ ବାକି ଦିବସ ଶୁଭ।



**ଧନୁ:-** ମାସଟି ଆପଣଙ୍କ ନିମିତ୍ତ ସୁଖଦୁଃଖ ମିଶା ଅନୁଭୂତିର ରୂପାୟନ ହେବ। କର୍ମକ୍ଷେତ୍ରରେ କାର୍ଯ୍ୟ ଦକ୍ଷତା ସହିତ ମନୋବଳ ଓ ବୁଦ୍ଧିବଳର ସମନ୍ୱୟ ଘଟାଇ ପ୍ରତିଷ୍ଠା ସ୍ଥାପନ କରିବେ। ପ୍ରତିଭା, ପରାକାଷ୍ଠା ପ୍ରଦର୍ଶନ କରି ଉପରିସ୍ଥ ମାନଙ୍କ ଶ୍ରଦ୍ଧାଭାଜନ ହେବାରେ ପ୍ରତିବନ୍ଧକ ନାହିଁ। ଶାରିରୀକ ଓ ମାନସିକ ଖଟଣୀର ପ୍ରାବଲ୍ୟତା ଯୋଗେ କ୍ଳାନ୍ତି ଅନୁଭୂତ ହେବ। କର୍ମକ୍ଷେତ୍ରରେ ତଥା କୌଶଳ ତଥା ବୁଦ୍ଧିମତ୍ତାକୁ ପ୍ରୟୋଗ କରି ନୂତନ ପଥ ଆବିଷ୍କାର କରିପାରନ୍ତି। ସାମାଜିକ ସ୍ତରରେ ଆଦୃତିର ଅଭାବ ପରିଲକ୍ଷିତ ହେବନାହିଁ। ବେପାର ବାଣିଜ୍ୟ ଆଶା ମୁତାବକ ହୋଇପାରେ। ଭ୍ରମଣ ଯୋଗେ ଶାନ୍ତି ମିଳିବ। ନିଜର ଦୂରଦୃଷ୍ଟି ପ୍ରୟୋଗ କରି ଅନ୍ୟର କଥାରେ ପରିଚାଳିତ ନହୋଇ ଅନେକ ବାଟ ଆଗେଇ ଯାଇପାରନ୍ତି। ଆର୍ଥୀକ ଦିଗରୁ ବ୍ୟଥିତ ହେବାର ଆଶଙ୍କା ନାହିଁ। ମଝିରେ ମଝିରେ ଆତୁରତା ବୃଦ୍ଧି ପାଇପାରେ। ବିନା ପରିଶ୍ରମରେ କିଛି ଅର୍ଥ ହାତେଇପାରନ୍ତି। ଶତ୍ରୁମାନେ ଦୁର୍ବଳ ହୋଇପଡ଼ିବା କାରଣରୁ ଗତିପଥ ସରଳ ହେବ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ରକ୍ତ ଓ ପିତ୍ତ ଜନିତ ରୋଗର ଶିକାର ହେବେ। ପାରିବାରିକ ସମସ୍ୟା ଉପୁଜିବ ନାହିଁ। ମହିଳାମାନେ ସେବା ମନୋବୃତ୍ତି ପୋଷଣ କରିବେ। ଭୋଗ ବିଳାସରେ ଉଣା ଘଟିବ ନାହିଁ। ସନ୍ତାନ ବତ୍ସଳା ହେବେ। ବିଦ୍ୟାର୍ଥୀମାନେ ଚଞ୍ଚଳ ମନା ହେବେ।

ଅଶୁଭ ଦିବସ:- ୨୦, ୨୧, ୨୨ ଅଷ୍ଟମଚନ୍ଦ୍ର:- ୧୮, ୧୯ ଘାତଚନ୍ଦ୍ର:- ୬, ୭ ବାକି ଦିବସ ଶୁଭ।



**ମକର:-** ଆପଣଙ୍କ ପକ୍ଷେ ମାସଟି ମଧ୍ୟମ ଶୁଭଦାୟକ ହେବ। ବିଶେଷ କରି ଦ୍ୱିତୀୟାର୍ଦ୍ଧ ଅପେକ୍ଷା ପ୍ରଥମାର୍ଦ୍ଧରେ ଆଶାଜନକ ଶୁଭଫଳ ଓ ସଫଳତା ଆଶା କରାଯାଇପାରେ। କର୍ମକ୍ଷେତ୍ରର ଗତି ବିନା ବାଧାରେ ଆଗେଇ ଚାଲିବ। କଠିନ କାମକୁ ପରିଶ୍ରମ ଓ ବୁଦ୍ଧିବଳ ସ୍ଥଳ ବିଶେଷରେ ଅର୍ଥବଳ ଖଟାଇ ଆୟତ୍ତ କରିବେ। କର୍ମକୁ ବ୍ରତ ଭାବେ ଗ୍ରହଣକରି ନିଜକୁ ଉତ୍ସର୍ଗ କଲେ ଫଳପ୍ରାପ୍ତିର ଆଶା ଅସମ୍ଭବ ହେବନାହିଁ। ନିନ୍ଦା ଓ ପ୍ରଶଂସାକୁ ସମାନଭାବେ ହଜମକରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସଂକଳ୍ପ ଗ୍ରହଣ କରି ଆଗେଇବେ। ବେଳେବେଳେ ଉପରିସ୍ଥ ମାନଙ୍କ ନିମିତ୍ତ ଦଳିତଚିତ୍ତ ହେଲେବି ପରିଣତି ଉତ୍ସାହପ୍ରଦ ହେବ। ଆଧାତ୍ମିକ ଚେତନାରେ ଉଦ୍‌ବୁଦ୍ଧ ହେବେ। ସାମାଜିକ କ୍ଷେତ୍ରରେ ସ୍ଥାନ ମାନ ସୁରକ୍ଷିତ ରହିବ। ବେପାର ବାଣିଜ୍ୟରେ ନୂତନ ବୁଦ୍ଧି ଓ କୌଶଳ ଖଟାଇ ଲାଭର ପରିମାଣକୁ ବୃଦ୍ଧି ଘଟାଇବେ। ସୃଜନଶୀଳ ଚିନ୍ତାଧାରାକୁ ଆଧାର କରି ଉଚ୍ଚମନ୍ୟତା ପ୍ରାପ୍ତ ହୋଇପାରନ୍ତି। ଭ୍ରମଣ ସୁଖକର ହେବ। ମୂଲ୍ୟବାନ ଦ୍ରବ୍ୟର ଅଧିକାର ମିଳିବ। ନିମ୍ନବର୍ଗକୁ ପ୍ରାୟୋଜିତ କରି କର୍ମ ସଂପାଦନ କରିବେ। ଆର୍ଥୀକ ଦିଗ ବିଗିଡ଼ିବାର ନାହିଁ। ବନ୍ଧୁବାନ୍ଧବମାନଙ୍କ ନିମିତ୍ତ ଖର୍ଚ୍ଚାନ୍ତ ହେବେ। ପିତ୍ତ ପ୍ରକୋପ ସାଙ୍ଗକୁ ଦୃଷ୍ଟିଦୋଷ ଦେଖାଦେବ। ପାରିବାରିକ ଜୀବନ ଦୁଃଖଦ ହେବନାହିଁ। ମହିଳାମାନେ ମର୍ଯ୍ୟାଦା ବର୍ଦ୍ଧକ ସ୍ଥିତିରେ ରହି କାର୍ଯ୍ୟ ସଂପାଦନ କରିବେ। ଭୌତିକ ସୁଖ ନିମିତ୍ତ ଆଗ୍ରହ ବୃଦ୍ଧିହେବ। ବିଦ୍ୟାର୍ଥୀମାନେ ଚେଷ୍ଟା ଚରିତ୍ରରେ ଅବହେଳା କରିବେ ନାହିଁ।

ଅଶୁଭ ଦିବସ:- ୨୩, ୨୪, ୮, ୯ ଅଷ୍ଟମଚନ୍ଦ୍ର:- ୨୦, ୨୧, ୨୨ ଘାତଚନ୍ଦ୍ର:- ୨୦, ୨୧, ୨୨ ବାକି ଦିବସ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କ ନିମିତ୍ତ ଜଂଜାଳମୟ ହେଲେବି ସୁଖମୟ ହେବ। କର୍ମକ୍ଷେତ୍ରରେ ସମସ୍ତ ବିପରୀତମୁଖି ଚିନ୍ତାଧାରାକୁ ପରାସ୍ତ କରି ଆଗକୁ ଆଗକୁ ମାଡ଼ିଚାଲିବେ। କର୍ମ ସାଧନ ଯୋଗେ ଆତ୍ମ ସନ୍ତୁଷ୍ଟି ପ୍ରାପ୍ତ ହେବ। ଶତ୍ରୁମାନେ ଚେଷ୍ଟାକରି ଅସଫଳ ହେବେ। ଦୃଢ଼ ମନୋବଳ ଓ ଅଦମ୍ୟ ସାହାସ ଯୋଗେ ସମସ୍ତ ପରିସ୍ଥିତିରେ ପଛଘୁଞ୍ଚା ନଦେଇ ନିଜର ଲକ୍ଷ୍ୟ ପଥରେ ଆଗୁସାର ହେବେ। ବଚନ କୁଶଳତା ଉତ୍ତମ କର୍ମରେ ମନୋନିବେଶ ତଥା ପରୋପକାର ଯୋଗେ ଲୋକାଦୃତିର ଅଭାବ ରହିବ ନାହିଁ। ପୁରୁଣା ଧାର କରଜର ପରିଶୋଧ କରିବାର ସାମର୍ଥ୍ୟ ଜୁଟିବ। ବେପାର ବାଣିଜ୍ୟରେ ନୂତନ ଉତ୍ସାହ ଭରିପାରେ। ଆର୍ଥୀକ ଦିଗ ସବଳ ରହିବ। ଯୋଜନା ବଦ୍ଧତା ଯୋଗେ ଶାନ୍ତି ପାଇବେ। ଗୃହରେ ବନ୍ଧୁବାନ୍ଧବମାନଙ୍କ ଆସର ଜମିବ। ଆନୁଷ୍ଠାନିକ କର୍ମ ଆଖିଦୃଶିଆ ହେବ। ଗୃହକୁ ଉତ୍ତମ ଦ୍ରବ୍ୟ ଆସିପାରେ। ମାଙ୍ଗଳିକ କାର୍ଯ୍ୟରେ ସକ୍ରୀୟ ଭୂମିକା ନିର୍ବାହ କରିବେ। ପଡ଼ୋଶୀମାନଙ୍କ ଯୋଗେ ଉପକୃତ ହୋଇପାରନ୍ତି। ମାତୃ କୃପା ପ୍ରାପ୍ତ ହେବ। ମାନସିକ ଓ ଶାରିରୀକ ଅବସ୍ଥାକୁ ନେଇ ଚିନ୍ତିତ ହୋଇପାରନ୍ତି। ପାରିବାରିକ ଅବସ୍ଥା ଅତି ଉନ୍ନତ ନହେଲେବି ଚଳନୀୟ ହେବ। ମହିଳାମାନେ ସମସ୍ତ କ୍ଷେତ୍ରରେ ଆଗୁଆ ହୋଇ ଦାୟିତ୍ୱ ନିର୍ବାହ କରିବେ। ବିଳାସ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ଅନ୍ୟମାନଙ୍କଠାରୁ ଆଦର ମିଳିବ। ବିଦ୍ୟାର୍ଥୀମାନେ ଯଥା ସମ୍ଭବ ଉନ୍ନତି କରିବେ।

ଅଶୁଭ ଦିବସ:- ୧୫, ୧୬, ୧୭, ୨୫, ୨୬, ୨୭, ୧, ୨, ୩, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୩୦, ୩୧ ବାକି ଦିବସ ଶୁଭ।



**ମୀନ:-** ଆପଣଙ୍କ ପକ୍ଷେ ମାସଟି ମିଶ୍ରଫଳ ଦାୟକ ହେବ। ପ୍ରଥମାର୍ଦ୍ଧଟି ଆପଣଙ୍କ କାର୍ଯ୍ୟାନୁସାରୀ ଫଳ ମିଳିବା ସ୍ଥଳେ ଶେଷାର୍ଦ୍ଧର ଫଳ ଆନନ୍ଦଦାୟକ ହେବ। ଗଡ଼ି ଚାଲିଥିବା ସମସ୍ୟା ଗୁଡ଼ିକୁ ଚେଷ୍ଟା ଓ ପରିଶ୍ରମ ବଳରେ ସମାଧାନ କରି କର୍ମ ପଥରେ ଆଗେଇବାର ସମ୍ଭାବନା ଅଧିକ। ଲକ୍ଷ୍ୟସ୍ଥଳକୁ ପହଞ୍ଚିବା ନିମିତ୍ତ ଯଥା ସମ୍ଭବ ଉଦ୍ୟମ ଜାରି ରଖି ସଫଳ ହେବେ। ବେଳେବେଳେ ବିପରୀତ ବୁଦ୍ଧିର କବଳିତ ହୋଇ ହନ୍ତସନ୍ତ ହୋଇପାରନ୍ତି। ନିଷ୍ଠା, ଉତ୍ତମ ଚିନ୍ତନ, ଆବଶ୍ୟକୀୟ ଧୈର୍ଯ୍ୟ ଧାରଣ ତଥା ଈଶ୍ୱରୀୟ ବିଶ୍ୱାସ ବଳରେ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରିବେ। ସାମାଜିକ ସ୍ତରରେ ମୂଲ୍ୟବୃଦ୍ଧି ଘଟିବ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ବେପାର ବାଣିଜ୍ୟରେ ଲାଭର ଆଶା ବ୍ୟର୍ଥ ହେବନାହିଁ। ବନ୍ଧୁ ମିଳନ ସାଙ୍ଗକୁ ମାଙ୍ଗଳିକ କାର୍ଯ୍ୟ ସାଧନ ଯୋଗେ ପ୍ରଫୁଲ୍ଲିତ ହେବେ। ଭ୍ରମଣ ଯୋଗର ସମ୍ଭାବନା ଅଧିକ। ସୌଖୀନ ଦ୍ରବ୍ୟର ଉପଭୋକ୍ତା ହେବେ। ନୀରବତା ଅବଲମ୍ବନ ଦ୍ୱାରା ସମ୍ମାନ ବୃଦ୍ଧି ଘଟିବ। ଥଣ୍ଡା ଶର୍ଦ୍ଦି ଓ ଶ୍ୱାସରୋଗର ଘେରରେ ପଡ଼ିପାରନ୍ତି। ପାରିବାରିକ ଜୀବନ ଅସାର ହେବନାହିଁ। ମହିଳାମାନେ ଶ୍ୱାସରୋଧକର ପରିବେଶରେ ଗତି କଲେବି ଆପତ୍ତି କରିବାକୁ ଉଚିତ ମଣିବେ ନାହିଁ। ସ୍ଥାନ ମାନ ତଳକୁ ହେବାର ନାହିଁ। ବିଦ୍ୟାର୍ଥୀମାନେ ନିଜକୁ ଆୟତ୍ତ କଲେ ପଥଭ୍ରଷ୍ଟ ହେବାର ଆଶଙ୍କା ରହିବ ନାହିଁ।

ଅଶୁଭ ଦିବସ:- ୧୮, ୧୯, ୨୮, ୨୯, ୧୨, ୧୩ ଅଷ୍ଟମଚନ୍ଦ୍ର:- ୨୫, ୨୬, ୨୭ ଘାତଚନ୍ଦ୍ର:- ୧, ୨, ୩ ବାକି ଦିବସ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

***We undertake***
***Auditing, Taxation, Consultancy outsourcing***

Postal Regd. No. CK (C)/91/2024-2026
The Samaroha December - 2024, Vol. - 34, Issue - 3
RNI Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

Our Strength is-
Unity &
Teamwork with





Commitment and
Dedication

Our Motto –
No Words but Deeds





Aiming for Excellence
in Achievement with
Customer Satisfaction

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

CORPORATE OFFICE
A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 20/-

Date of Publication : 12.12.2024
Facebook: The Samaroha
E-mail: thesamaroha@gmail.com, Website: www.samaroha.in